- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-332 ◆BHUBANESWAR ◆SATURDAY ◆31 MAY 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୨ ◆ସଂଖ୍ୟା-୩୩୨ ◆ଭୁବନେଶ୍ୱର ◆ଶନିବାର ◆୩୧ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦





## ଏସିଆନ୍ ଆଥଲେଟିକ୍ସରେ ପୂଜାଙ୍କୁ ସ୍ୱର୍ଣ୍ଣ

▶ପୃଷ୍ଠା ୧୨ ଦେଖନ୍ତୁ...


**We Offer :**
- Classroom Course
- Live/Online Classes
- SSC Technical Course
- Postal Study Package
- Online/Offline Test & Discussion
- Interview Guidance
- Skill Test
- Publication Books

# VANIK

National Helpline: 8093556677

● Best Faculty ● Best Study Material ● Best Test Series

VANIK Triumps over every challenges..!
Only Institute in Odisha with highest no. of selections.



Under the Guidance of
Subrat Chhatoi
Founder (Vanik Group)

## ADMISSION OPEN

New Batch Starts from 02nd June 2025

## IAS/OAS-2025
CRP BRANCH
(GENERAL STUDIES) (Prelims & Mains) Time-6.00pm-9.00pm
EXPERT FACULTIES FROM NEW DELHI

## EXCLUSIVE OAS-2025
(Prelims & Mains)
BERHAMPUR-Time : 7.00am-10.00am
CUTTACK-Time : 7.00am-10.00am
BALASORE-Time : 9.30am-1.45pm

Contact : 8093083555, 8984111101

**OCS SELECTIONS 2022**
- RANK 1 SWETASHREE MOHAPATRA
- RANK 2 PRINKIL PARBIN PARIDA
- RANK 4 PRAJNA PARANGAMA
- RANK 5 AZAD KUMAR SAHU

**OCS 2021 SELECTIONS**
- RANK 2 SUCHISMITA PANIGRAHY
- RANK 3 PRANAB RANJAN SAHU
- RANK 5 SWETALEENA MAHANA

**OCS 2020 SELECTIONS**
- RANK 1 TEJASWINI BEHERA
- RANK 2 SUBHANKARI SUDESHNA DASH
- RANK 4 DEBABRATA KAR
- RANK 5 DEBABRATA MAHARANA

**MENTORS OF VANIK-IAS**
- B.M. Panda — Geography & Disaster Management
- Abhaya Thakur — World & Indian History, International Relations
- Sunil Gupta — Gov. & Social Issues, Public Administration
- Saroj Samal — Sociology, Social Issue, Ethics
- Naman Jain — Indian Economics
- Jai Prakash Rou — Internal Security
- Pramod Padhi — Odisha Economy, Current Af fairs
- Vinay Tripathi — Environment & Ecology
- Mansiz Sharma — General Science & Technology
- Shantanu Roy — History, Polity

**OAS PRELIM TEST SERIES**
(PAPER-I & II) 47 Tests | 3 VSTs

**OPTIONAL SUBJECTS**
● Political Science ● Sociology ● Geography
● Public Administration ● Odia ● Home Science
Only Institute provide optional in physical mode.

## ADMISSION OPEN
# BANK, SSC, RAILWAY, ASO, OSSC
New Batch Starts from 05th June 2025

**NEW OFFLINE BATCH 2025**

| Centre | Time |
|---|---|
| CRP | 10.30am to 1.45pm |
| ACHARYA VIHAR | 7.00am to 10.30am |
| CUTTACK | 10.30am to 1.45pm |
| BERHAMPUR | 10.30am to 1.45pm |
| BALASORE | 7.00am to 10.30am |
| SAMBALPUR | 5.15pm to 08.30pm |
| ROURKELA | 5.15pm to 08.30pm |
| JEYPORE | 7.00am to 10.30am |

**MENTORS OF VANIK**
- GANESH KHATUA — Academic Director (Reasoning)
- PRAMOD KUMAR PADHI — Asst. Director (Current Affairs)
- TAPAN BEHERA — Asst. Director (English)
- ALOK JENA — Asst. Director (Math & Reasoning)
- BRAJA MOHAN — HOD (English)
- BIKASH RANJAN DAS — HOD (Computer)
- MANAS BEHURIA — HOD-TET (Reasoning)
- DEEPAK MOHAPATRA — HOD-Tech. (Phy,Che,Pol,Eco)
- ANJAN NAYAK — HOD (Reasoning)
- RAJAT KUMAR ROUT — HOD-GS (Phy, Che)
- DEEPAK SAHOO — HOD (Mathematics)
- PABITRA GAYA — HOD-Pub. (Reasoning,IT,GS)
- BIDYASAGAR DAS — HOD-IAS & OAS (Geography)
- SUMAN S. SUTAR — HOD-Soc.Media (Reasoning)
- VIJAY RAM — Sr. Faculty (Geography)
- NILAMADHABA SAHOO — Sr. Faculty (Computer)
- ABHILASH ROUT — Sr. Faculty (His,Geo)
- SANJAY NANDA — Sr. Faculty (Mathematics)
- SANDHYARANI PANDA — Sr. Faculty (Computer)
- SUSHANTA MUKHERJEE — Sr. Faculty (Mathematics)
- AMIT RAI — Sr. Faculty (Reasoning)
- AMIT KUMAR — Sr. Faculty (Mathematics)
- ARVIND SINGH — Sr. Faculty (Engish)
- SANDIP SAMMADER — Sr. Faculty (Mathematics)
- HARISAMBHU MISHRA — Sr. Faculty (His, Geo, Pol)
- SUBRAT PAUL — Sr. Faculty (Mathematics)
- RAHUL PRAKASH — Sr. Faculty (Reasoning)
- AVIJIT ADHIKARI — Sr. Faculty (Geo, Eco)
- SANJEEB DUBEY — Sr. Faculty (Geo,Pol)
- JAY PRAKASH RAI — Sr. Faculty (Economy)
- JANMEJAY SAHU — Sr. Faculty (His,Geo,Pol,Eco,Phy)
- BIJAYA MOHANTY — Faculty (Reasoning)
- BASANTA BHANJA — Faculty (Mathematics)
- SWADHIN MAHANA — Faculty (Science & Tech)
- ASUTOSH BEHERA — Faculty (English)
- SOMYA R. NANDA — Faculty (Computer)
- SASMITA MOHANTY — Faculty (Pedagogy, Odia)
- KARTIK PATRA — Faculty (History)
- SIDDHARTH TRIPATHY — Faculty (Polity)
- SOURAV MUKHERJEE — Faculty (CA,FA,ECO)
- CHANDRAMANI DAS — Faculty (History)
- ASWINI KU. DHALL — Faculty (His,Geo,Pol)
- NITISH PATRA — Faculty (His,Geo,Pol)
- ROJALIN SAHOO — Faculty (GS, Odia)
- SRIKANT SAHOO — Faculty (His,Geo,Pol)

| Centre | Address | Phone |
|---|---|---|
| CRP | Plot-1441, Opp. IOCL Petrol Pump, CRP Square, Bhubaneswar | 8093556677, 9040456677 |
| Acharya Vihar | Near Pani Tanki, Acharya Vihar, Bhubaneswar | 8093083565, 9937436677 |
| Cuttack | Near Yamaha Showroom, Link Road, Cuttack | 8984556677, 9040656677 |
| Berhampur | OSRTC Depo, Infornt of SBR Women's College, Near Khalikot College | 7992556677, 8018036677 |
| Sambalpur | Plot-266, Unit-7, Modipada Sambalpur-768001 | 7377556677, 8093083575 |
| Balasore | Angargadia Balasore-756001 | 8093136677, 8093146677 |
| Rourkela | Koel Nagar Rourkela-769014 | 9938836677, 8093083549 |
| Jeypore | JCN Heights, Above Patra Electronics, Dhepaguda | 720556677 |
| Kolkata | Sealdah Market Complex, 6th Floor, Beliaghata Main Road, Kolkata | 7449556677, 6293556677 |

www.vanik.org
vanikbbsr@gmail.com
www.facebook.com/vanikbbsr

### ଅଙ୍କିତା ଭଣ୍ଡାରୀ ହତ୍ୟା ମାମଲା

# ବିଜେପି ନେତାଙ୍କ ପୁଅ ସମେତ ତିନି ଜଣଙ୍କୁ ଆଜୀବନ ଜେଲ୍



- ଅଙ୍କିତାଙ୍କୁ ହତ୍ୟା କରି କେନାଲକୁ ଫୋପାଡ଼ି ଥିଲେ ମୃତଦେହ
- ଅତିଥିଙ୍କୁ ସ୍ୱତନ୍ତ୍ର ସୁବିଧା ଦେବାକୁ ରାଜି ନ ହେବାରୁ ମାରିଥିଲେ

**ଡେରାଡୁନ, ୩୦।୫ (ଏଜେନ୍ସି):** ଦୀର୍ଘ ୨ ବର୍ଷ ୮ ମାସ ପରେ ଉତ୍ତରାଖଣ୍ଡର ବହୁଚର୍ଚ୍ଚିତ ଅଙ୍କିତା ଭଣ୍ଡାରୀ (୧୯) ହତ୍ୟାକାଣ୍ଡ ମାମଲାର ରାୟ ଆସିଛି। ବିଜେପି ନେତା ତଥା ପୂର୍ବତନ ମନ୍ତ୍ରୀଙ୍କ ପୁଅ ପୁଲକିତ ଆର୍ଯ୍ୟ ବ୍ୟତୀତ ଦୁଇ କର୍ମଚାରୀ ସୌରଭ ଭାସ୍କର ଏବଂ ଅଙ୍କିତ ଗୁପ୍ତାକୁ କୋର୍ଟ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। କୋଟଦ୍ୱାର ଜିଲ୍ଲା କୋର୍ଟ ତିନି ଦୋଷୀଙ୍କ ଉପରେ ୫୦ ହଜାର ଟଙ୍କା ଲେଖାଏଁ ଜୋରିମାନା ମଧ୍ୟ ଲଗାଇଛନ୍ତି। ସୂଚନା ଅନୁଯାୟୀ ପୌରି ଗ୍ରହୱାଲ ଜିଲ୍ଲାର ଯମକେଶ୍ୱର ଅଞ୍ଚଳ ସ୍ଥିତ ପୁଲକିତଙ୍କ ବାନାନତାରା ରେସ୍ତୋରାଁରେ ଅଙ୍କିତା ଅଭ୍ୟର୍ଥନାକାରୀ (ରିସିପିଓନିଷ୍ଟ) ଭାବେ କାମ କରୁଥିଲେ। ୨୦୨୨ ସେପ୍ଟେମ୍ବର ୧୮ରେ ଅଙ୍କିତା ନିଖୋଜ ଥିବା ଖବର ସାମ୍ନାକୁ ଆସିଥିଲା। ଏହି ଖବର ସାରା ଦେଶରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ଏହି ଘଟଣାର କିଛି ଦିନ ପରେ ଚିଲ୍ଲା କେନାଲରୁ ଅଙ୍କିତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଅଭିଯୁକ୍ତ ପୁଲକିତର ବାପା ବିଜେପି ନେତା ହୋଇଥିବାରୁ ଘଟଣାକୁ ଚପାଇ ଦେବା ପାଇଁ ବେଶ୍ ଉଦ୍ୟମ ହୋଇଥିଲା। ଏହାକୁ ନେଇ ରାଜନୀତି ମଧ୍ୟ ଜୋର ଧରିଥିଲା। ବିଜେପି କ୍ଷମତାରେ ଥିବାରୁ ଅଭିଯୁକ୍ତଙ୍କୁ ପୁଲିସ୍ ଘଣ୍ଟ ଘୋଡ଼ାଉଥିବା ଅଭିଯୋଗ ହୋଇଥିଲା। ମାମଲା ଚାଲିଥିବାବେଳେ ଏହି ରେସ୍ତୋରାଁ ଭାଙ୍ଗିବାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଥିଲା। ପ୍ରମାଣ ନଷ୍ଟ କରିବା ପାଇଁ ଏପରି କରାଯାଉଥିବା ଅଭିଯୋଗ ହୋଇଥିଲା। ଶେଷରେ ବିଜେପି ପୁଲକିତର ବାପା ବିନୋଦ ଆର୍ଯ୍ୟଙ୍କୁ ଦଳରୁ ବହିଷ୍କାର କରିଥିଲା।

ଏହା ସତ୍ତ୍ୱେ ବିବାଦ ଥମି ନ ଥିଲା। ତେଣୁ ବାଧ ହୋଇ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ଏସଆଇଟି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏସଆଇଟି ଘଟଣାର ତଦନ୍ତ କରି ୫୦୦ ପୃଷ୍ଠାର ଆରୋପପତ୍ର ଦାଖଲ କରିଥିଲା। ଏଥିରେ ୯୭ ଜଣ ସାକ୍ଷୀଙ୍କ ନାମ ଥିବାବେଳେ ୪୭ ଜଣ ବୟାନ ରେକର୍ଡ କରିଥିଲେ। ଏହି ରିସୋର୍ଟରେ ରିସିପିଓନିଷ୍ଟ ଭାବେ କାମ କରୁଥିବା ଅଙ୍କିତାଙ୍କୁ ପୁଲକିତ ଓ ଆଉ ୨ ଜଣ କର୍ମଚାରୀ ବେଶ୍ୟାବୃତ୍ତିରେ ସାମିଲ ହେବାକୁ ବାରମ୍ବାର କହୁଥିଲେ। ଅତିଥିଙ୍କୁ ସ୍ୱତନ୍ତ୍ର ସୁବିଧା ଦେଲେ ୧୦ ହଜାର ଟଙ୍କା ଲେଖାଏ ମିଳିବ ବୋଲି ଅଙ୍କିତାଙ୍କୁ କହିଥିଲେ। ଏଥିରେ ସେ ରାଜି ନ ହେବାରୁ ପୁଲକିତ ଓ ତାଙ୍କର ଦୁଇ ସହଯୋଗୀ ତାଙ୍କୁ ହତ୍ୟା କରିଥିଲେ। ସେପ୍ଟେମ୍ବର ୧୮ରୁ ଅଙ୍କିତା ନିଖୋଜ ଥିଲେ। ଏହାର ୬ ଦିନ ପରେ ତାଙ୍କ ମୃତଦେହ ମିଳିଥିଲା। ୨୦୨୨ ସେପ୍ଟେମ୍ବର ୧୮ ରାତି ପ୍ରାୟ ୮ଟା ବେଳେ ପୁଲକିତ, ରିସର୍ଟ ମ୍ୟାନେଜର ସୌରଭ ଓ ଅନ୍ୟ ଜଣେ କର୍ମଚାରୀ ଅଙ୍କିତଙ୍କ ସହ ଅଙ୍କିତା ଋଷିକେଶ ଯାଇଥିଲେ। ସେଠାରୁ ଫେରୁଥିବା ବେଳେ ଚିଲ୍ଲା ରୋଡରେ ଥିବା କେନାଲ ନିକଟରେ ୩ ଜଣ ଗାଡ଼ି ରଖି ମଦ ପିଇଥିଲେ। ଅଙ୍କିତା ଗାଡ଼ିରେ ସେମାନଙ୍କୁ ଅପେକ୍ଷା କରିଥିଲେ। ମଦ ପିଇ ଆସିବା ପରେ ରିସୋର୍ଟରେ ଅତିଥିଙ୍କୁ ସ୍ୱତନ୍ତ୍ର ସୁବିଧା ଯୋଗାଇ ଦେବାକୁ ସେମାନେ ଅଙ୍କିତାଙ୍କୁ କହିଥିଲେ। ହେଲେ ଅଙ୍କିତା ଏଥିରେ ରାଜି ନ ହୋଇ ରିସୋର୍ଟରେ ଚାଲିଥିବା ଅନୈତିକ କାର୍ଯ୍ୟର ପର୍ଦ୍ଦାଫାସ କରିବାକୁ ଧମକ ଦେଇଥିଲେ। ଏଥିରେ ରାଗି ଯାଇ ୩ ଜଣ ଯାକ ତାଙ୍କୁ ନିକଟସ୍ଥ କେନାଲକୁ ଫିଙ୍ଗି ଦେଇଥିଲେ।

### ● କରୋନା ରୋଗୀଙ୍କୁ ମାରିବାକୁ କହିଥିଲେ ଡାକ୍ତର

## ଏତଲା ରୁଜୁକଲା ପୁଲିସ୍

**ମୁମ୍ବାଇ, ୩୦।୫ (ଏଜେନ୍ସି):** ମୁମ୍ବାଇରୁ ବିଚଳିତ କରିବା ଭଳି ଏକ ମାମଲା ସାମ୍‌ନାକୁ ଆସିଛି। କରୋନା ସମୟରେ ରୋଗୀଙ୍କ ସହ ଡାକ୍ତରଙ୍କ ବ୍ୟବହାର ସମ୍ବନ୍ଧିତ ସାଂଘାତିକ ତଥ୍ୟ ପୁଲିସ ଉଜାଗର କରିଛି। ୨୦୨୧ରେ ଜଣେ କରୋନା ରୋଗୀଙ୍କୁ ମାରିବାକୁ ନିର୍ଦ୍ଦେଶ ଦେଇଥିବା ସରକାରୀ ଡାକ୍ତରଖାନାର ବରିଷ୍ଠ ଡାକ୍ତରଙ୍କ ବିରୋଧରେ ଏତଲା ରୁଜୁ କରିଛି। ଲାଟୁର ଜିଲ୍ଲାର ଏହି ମାମଲାକୁ ନେଇ ଦେଶରେ ଚର୍ଚ୍ଚା ଜୋର ଧରିଛି। ଏହାର ଏକ ଅଡିଓ କ୍ଲିପ୍ ମଧ୍ୟ ଭାଇରାଲ ହେବାରେ ଲାଗିଛି। ଏଥିରେ ଅଭିଯୁକ୍ତ ଡାକ୍ତର ଶଶିକାନ୍ତ ଦେଶପାଣ୍ଡେ ମହିଳା ରୋଗୀ କୌସର ଫାତିମାଙ୍କୁ ମାରିବା ପାଇଁ ନିଜର ସହଯୋଗୀ ଡାକ୍ତର ଶଶିକାନ୍ତ ଡାଙ୍ଗେଙ୍କୁ କହୁଥିବା ଶୁଣାଯାଉଛି। ତେବେ ଏହି ମହିଳା ପରେ କରୋନାରୁ ସୁସ୍ଥ ହୋଇଯାଇଥିଲେ। ଏହାକୁ ନେଇ ଗତ ୨୪ ତାରିଖରେ ଉଦଗିର ପୁଲିସ ଏତଲା ରୁଜୁ କରିଥିଲା। ଡ.ଦେଶପାଣ୍ଡ ୨୦୨୧ରେ ଲାଟୁର ସ୍ଥିତ ଉଦଗିର ସରକାରୀ ହସ୍ପିଟାଲରେ ଅତିରିକ୍ତ ସର୍ଜନ ଭାବେ କାମ କରୁଥିଲେ। ସେହିପରି ଡାଙ୍ଗେ କୋଭିଡ କେୟାର ସେଣ୍ଟରରେ କାମ କରୁଥିଲେ। ଏବେ ଏହାକୁ ନେଇ ଅନ୍ୟ ଡାକ୍ତରଖାନାର ସ୍ଥିତି କଣ ହୋଇ ନ ଥିବ ବୋଲି ପ୍ରଶ୍ନ ଉଠୁଛି। ଅଭିଯୋଗକାରୀଙ୍କ ସ୍ୱାମୀ ଗୌସୋଦ୍ଦିନଙ୍କ ଅନୁଯାୟୀ ସେତେବେଳେ ସ୍ତ୍ରୀ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତେଣୁ ଚୁପ୍ ରହିବାକୁ ଉଚିତ ମଣିଥିଲେ। ଭାଇରାଲ ଅଡିଓ କ୍ଲିପରେ ଡ. ଦେଶପାଣ୍ଡେ କହୁଛନ୍ତି ଯେ ଭିତରକୁ କାହାକୁ ଛାଡ଼ନି। ସେ ମହିଳାଙ୍କୁ(ଫାତିମା) ମାରି ଦିଅ। ଏହା ଶୁଣି ଡାକ୍ତର ଡାଙ୍ଗେ ଅମ୍ଳଜାନ ସ୍ତରକୁ ପୂର୍ବରୁ ହିଁ ହ୍ରାସ କରି ଦିଆଯାଇଛି ବୋଲି କହୁଛନ୍ତି।

## ବ୍ରହ୍ମୋସ୍ ପାକିସ୍ତାନର ନିଦ ହଜାଇ ଦେଇଛି: ପ୍ରଧାନମନ୍ତ୍ରୀ

**କାନପୁର,୩୦।୫(ଏଜେନ୍ସି):** ଭାରତର ବ୍ରହ୍ମୋସ ମିସାଇଲ ପାକିସ୍ତାନର ନିଦ ହାଜାଇ ଦେଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଅପରେସନ ସିନ୍ଦୂରର ୩ ସପ୍ତାହ ପରେ କାନପୁରରେ ୫୦,୦୦୦ କୋଟି ଟଙ୍କାର ଏକ ଭିତ୍ତିଭୂମି ପ୍ରକଳ୍ପର ଶୁଭାରମ୍ଭ କରିବା ଅବସରରେ ସେ ଏହି କଥା କହିଛନ୍ତି। ଭାରତୀୟ ସେନାର ପରାକ୍ରମକୁ ସେ ପ୍ରଶଂସା କରିଥିଲେ। ପାକିସ୍ତାନରେ ଲୁଚିଥିବା ଶହ ଶହ ଆତଙ୍କବାଦୀଙ୍କ ଠିକଣା ଧ୍ୱଂସ କରିବାରେ ଭାରତ ସଫଳ ହୋଇଛି। ଆମ ସେନାବାହିନୀର ପରାକ୍ରମ ଓ ସାହସିକତା ଆଗରେ ପାକିସ୍ତାନ ହାର ମାନିଥିଲା ଓ ଯୁଦ୍ଧ ରୋକିବାକୁ ଅନୁରୋଧ କରିଥିଲା। ଅପରେସନ ସିନ୍ଦୂର ମାଧ୍ୟମରେ ଭାରତୀୟ ସେନାର ଶକ୍ତି ଓ ସାମର୍ଥ୍ୟକୁ ସାରା ବିଶ୍ୱ ଦେଖିଲା। ବ୍ରହ୍ମୋସ କ୍ଷେପଣାସ୍ତ୍ର ପାକିସ୍ତାନ ସେନାର ନିଦ ହଜାଇବାରେ ସଫଳ ହୋଇଛି ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ମେ ୯ ଓ ୧୦ ରାତିରେ ପାକିସ୍ତାନର ଏକାଧିକ ଠିକଣା ଉପରେ ଭାରତ ମିଶାଇଲ ମାଡ କରିଥିଲା। ଆଜରବୈଜାନରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହାବାଜ ସରିଫ୍ ମଧ୍ୟ ବ୍ରହ୍ମୋସ ମିସାଇଲ ମାଡ ହୋଇଥିବା କଥାକୁ ସ୍ୱୀକାର କରିଛନ୍ତି। ଭୋର୍ ନାମାଜ ପଢ଼ିବାପରେ ଆମେ ଆକ୍ରମଣ କରିବାକୁ ଯୋଜନା କରିଥିଲୁ। କିନ୍ତୁ ଏହା ପୂର୍ବରୁ ବ୍ରହ୍ମୋସ କ୍ଷେପଣାସ୍ତ୍ର ମାଡ ହୋଇଥିଲା ବୋଲି ସେ କହିଛନ୍ତି।



## ଭାରତର ବୈଦେଶିକ ନୀତି ବିଫଳ ହୋଇଛି: କଂଗ୍ରେସ

**ନୂଆଦିଲ୍ଲୀ,୩୦।୫(ଏଜେନ୍ସି):** ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ସେନାବାହିନୀ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଅପରେସନ ସିନ୍ଦୂର ପରେ ଭାରତର ବୈଦେଶିକ ନୀତି ବିଫଳ ହୋଇଛି ବୋଲି ମୁଖ୍ୟ ବିରୋଧୀ ଦଳ କଂଗ୍ରେସ କହିଛି। ଏହି ପ୍ରକ୍ରିୟାରେ ଭାରତକୁ କୌଣସି ଦେଶ ସମର୍ଥନ କରିନାହାନ୍ତି ବୋଲି କଂଗ୍ରେସ୍ ବରିଷ୍ଠ ନେତା ପବନ ଖେରା କହିଛନ୍ତି। କୌଣସି ଦେଶ ପାକିସ୍ତାନକୁ ଏକ ଆତଙ୍କବାଦୀ ରାଷ୍ଟ୍ର ବୋଲି ଅଭିହିତ କରିନାହାନ୍ତି। ଏହା ଆମର ବୈଦେଶିକ ନୀତିର ବିଫଳତାକୁ ଦର୍ଶାଉଛି। ଅପରେସନ ସିନ୍ଦୂରକୁ ସମର୍ଥନ କରି କୌଣସି ଦେଶ ଏପର୍ଯ୍ୟନ୍ତ ଭାରତକୁ ସମର୍ଥନ କରି ମନ୍ତବ୍ୟ ପ୍ରଦାନ କରିନାହାନ୍ତି। ପୂର୍ବରୁ ପାକିସ୍ତାନ ଉପରେ ଲାଗୁ କରିଥିବା ବିଭିନ୍ନ କଟକଣାକୁ କୁଏତ୍ ଏବେ ଉଠାଇ ଦେଇଛି। କେବଳ ସେତିକି ନୁହଁ ପାକିସ୍ତାନ ସହ ଇରାନ, ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ସମେତ ଅନ୍ୟ ମଧ୍ୟପ୍ରାଚ୍ୟ ଦେଶଗୁଡିକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛନ୍ତି। ଏପରିକି ରୁଷିଆ ମଧ୍ୟ ପାକିସ୍ତାନ ସହ ଏକ ଏମ୍‌ଓୟୁରେ ସ୍ୱାକ୍ଷର କରିଛି। ପାକିସ୍ତାନର ଏକ ପୁରଣା ଷ୍ଟିଲ ମିଲ୍‌ର ପୁନଃପ୍ରକ୍ରିୟାକରଣ ପାଇଁ ରୁଷିଆ ୨.୬ ମିଲିଅନ୍ ଡଲାର ରୁଷିଆକୁ ଦେବ। ଏହା ହେଉଛି ଆମ ବିଫଳ ବୈଦେଶିକ ନୀତିର ନକାରାତ୍ମକ ଫଳ ବୋଲି ପବନ କହିଛନ୍ତି। ଅନ୍ୟପଟେ ମେ ୭ରେ ଭାରତ ପାକିସ୍ତାନ ଉପରେ କରିଥିବା ମିଶାଇଲ ଷ୍ଟ୍ରାଇକ୍‌ରେ ମୃତାହତ ଲୋକଙ୍କ ପାଇଁ ଲାଟିନ ଆମେରିକୀୟ ଦେଶ କଲମ୍ବିଆ ଶୋକ ଜାହିର କରିଛି ଓ ଏ ନେଇ ବରିଷ୍ଠ କଂଗ୍ରେସ ନେତା ଶଶି ଥରୁର ଅସନ୍ତୋଷ ଜାହିର କରିଛନ୍ତି। ଭାରତ କେବଳ ଏପ୍ରିଲ ୨୨ରେ ଘଟିଥିବା ପହଲଗାମ ଆତଙ୍କବାଦୀ ଆକ୍ରମଣର ଜବାବ ସ୍ୱରୂପ ଆତ୍ମରକ୍ଷା ପାଇଁ ମିଶାଇଲ ଷ୍ଟ୍ରାଇକ୍ କରିଛି ବୋଲି ସେ କହିଛନ୍ତି।

ଅପରେସନ୍ ସିନ୍ଦୂର



### ● ମୋଦୀଙ୍କ ନାମ ଭୁଲିଲେ ନୀତୀଶ

## ୩୦ ସେକେଣ୍ଡରେ ୧୦ଥର କ୍ଷମା ମାଗିଲେ

**ପାଟନା,୩୦।୫(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିହାର ଗସ୍ତ ଶନିବାର ଦ୍ୱିତୀୟ ଦିନ ଥିଲା। ସାସାରାମଠାରେ ଆୟୋଜିତ ଏକ ଜନସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପସ୍ଥିତିରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଭୁଲରେ ମୋଦୀଙ୍କ ନାମ ନେବା ବଦଳରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନାମ ନେଇଥିଲେ। ଏଥିପାଇଁ ସେ ନିଜର ଭୁଲ ସ୍ୱୀକାର କରିଥିଲେ। ଭୁଲ ସ୍ୱୀକାର କରିବା ସହ ସେ ୩୦ ସେକେଣ୍ଡରେ ୧୦ଥର ହାତ ଯୋଡ଼ିଥିଲେ। ଏଥିପାଇଁ ସଭାରେ ଉପସ୍ଥିତ ସବୁ ଲୋକଙ୍କୁ ଛିଡା ହୋଇ ହାତଯୋଡି ପ୍ରଣାମ କରିବାକୁ ନିବେଦନ କରିଥିଲେ। ଏହାର ଭିଡିଓ ଇଣ୍ଟରନେଟ୍‌ରେ ବେଶ୍ ଭାଇରାଲ ହୋଇଛି। ଏହି ଘଟଣାରେ ଆରଜେଡି ଏମ୍‌ଏଲ୍‌ଏ ତେଜସ୍ୱୀ ଯାଦବ ନୀତୀଶଙ୍କ ମାନସିକ ସ୍ଥିତି ଓ ସ୍ୱାସ୍ଥ୍ୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି।



## ପାକିସ୍ତାନ ମନ୍ତ୍ରୀଙ୍କ ସହ ପହଲଗାମ ମାଷ୍ଟରମାଇଣ୍ଡ

**ନୂଆଦିଲ୍ଲୀ, ୩୦।୫ (ଏଜେନ୍ସି):** ପାକିସ୍ତାନ ନିଜ ପ୍ରକୃତିକୁ ଛାଡି ପାରୁନାହିଁ। ଏବେ ପୁଣି ଏକ କାର୍ଯ୍ୟକ୍ରମରେ ଆତଙ୍କବାଦୀଙ୍କ ସହ ପାକିସ୍ତାନ ନେତା ଏବଂ ମନ୍ତ୍ରୀଙ୍କୁ ଦେଖିବାକୁ ମିଳିଛି। ପହଲଗାମ ଆକ୍ରମଣର ମାଷ୍ଟରମାଇଣ୍ଡ ସୈଫୁଲ୍ଲାହ କସୁରୀ, ଲସ୍କରର ସହ ପ୍ରତିଷ୍ଠାତା ଆମିର ହମଜା ଏବଂ ହାଫିଜ ସୈଦର ପୁଅ ତହ୍ଲା ସୈଦକୁ ଦେଖାଯାଇଛି। ଏହି ଆତଙ୍କବାଦୀଙ୍କ ସହ ପାକିସ୍ତାନ ଖାଦ୍ୟମନ୍ତ୍ରୀ ମଲିକ ରାସିଦ ଅହମ୍ମଦ ଖାନ, ପଞ୍ଜାବ ବାଚସ୍ପତି ମଲିକ ମହମ୍ମଦ ଅହମ୍ମଦ ଖାନକୁ ଦେଖିବାକୁ ମିଳିଥିଲା। ଏଠାରେ କଶୁରୀ କହିଥିଲା ଯେ ସେ ଏବେ ପାକିସ୍ତାନରେ ଅଧିକ ପ୍ରସିଦ୍ଧ ହୋଇଛି। ଗତ ବୁଧବାର ଲାହୋର୍‌ରେ ହୋଇଥିବା ଏହି ରାଲିରେ ସେ ଭାରତ ବିରୋଧରେ ଉତ୍ତେଜନାପୂର୍ଣ୍ଣ ମନ୍ତବ୍ୟ ଦେଇଛି। ପାକସ୍ତାନର ନୀରାପତ୍ତାରକ୍ଷୀ ଓ ଗୋଇନ୍ଦା ବିଭାଗର ଅଧିକାରୀଙ୍କ ସୁରକ୍ଷା କବଚ ମଧ୍ୟରେ ତାକୁ ଦେଖିବାକୁ ମିଳିଥିଲା। ପହଲଗାମ ଘଟଣାରେ ମୋତେ ଅଭିଯୁକ୍ତ ଭାବେ ଅବିହିତ କରିବା ପରେ ଅଧିକ ପ୍ରସିଦ୍ଧ ହୋଇଯାଇଛି ବୋଲି ସେ କହିଛି। ଅବଶ୍ୟ ପୂର୍ବରୁ କଶୁରୀ ପହଲଗାମ ଆକ୍ରମଣରେ ତା'ର କୌଣସି ଭୂମିକା ନାହିଁ ବୋଲି ସେ ସ୍ପଷ୍ଟ କରିଥିଲା।



## ସୋମନାଥ ଜ୍ୟୋତିର୍ଲିଙ୍ଗଙ୍କୁ ନେଇ ବିବାଦ

**ସୋମନାଥ, ୩୦।୫ (ଏଜେନ୍ସି):** ପ୍ରଥମ ଜ୍ୟୋତିର୍ଲିଙ୍ଗ ସୋମନାଥ ମନ୍ଦିରର ଶିବଲିଙ୍ଗଙ୍କୁ ନେଇ ବିବାଦ ଆରମ୍ଭ ହୋଇଛି। ଆଧାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କର ସୋମନାଥ ମନ୍ଦିରରେ ଶିବଲିଙ୍ଗଙ୍କୁ ଦ୍ୱିତୀୟଥର ପାଇଁ ପ୍ରତିଷ୍ଠା ନିମନ୍ତେ କରିଥିବା ଘୋଷଣାକୁ ଶଙ୍କରାଚାର୍ଯ୍ୟ, ସନ୍ଥ, ମହନ୍ତମାନେ ବିରୋଧ କରିଛନ୍ତି। ରବିଶଙ୍କର ଏ ପର୍ଯ୍ୟନ୍ତ ଏ ସଂକ୍ରାନ୍ତରେ କାହିଁକି କଥା ହୋଇନଥିଲେ ବୋଲି ଜ୍ୟୋତିଷ ପୀଠର ଶଙ୍କରାଚାର୍ଯ୍ୟ ଅଭିମୁକ୍ତେଶ୍ୱେରାନନ୍ଦ ସରସ୍ୱତୀ ପ୍ରଶ୍ନ ଉଠାଇଛନ୍ତି। ସେହିପରି ଜ୍ୟୋର୍ତିଲିଙ୍ଗ ହେଉଛନ୍ତି ସ୍ୱୟଂ ଓ ତାଙ୍କୁ ଦ୍ୱିତୀୟଥର ପାଇଁ ପ୍ରତିଷ୍ଠା କରିବାର ଆବଶ୍ୟକତା ନାହିଁ ବୋଲି ଦ୍ୱାରକା ଶାରଦାପୀଠ ଶଙ୍କରାଚାର୍ଯ୍ୟ ସ୍ୱାମୀ ସଦାନନ୍ଦ ସରସ୍ୱତୀ କହିଛନ୍ତି। ଅଗ୍ନିଶିଖାକୁ କେବେବି ଦୁଇ ଭାଗ କରି ହେବନାହିଁ। ତେଣୁ ଜ୍ୟୋତିର୍ଲିଙ୍ଗଙ୍କୁ ଦ୍ୱିତୀୟଥର ପାଇଁ ପ୍ରତିଷ୍ଠା କରିବାର ପ୍ରଶ୍ନ ଉଠୁନାହିଁ ବୋଲି ହରିଗିରି ମହାରାଜ କହିଛନ୍ତି। ଶିବଲିଙ୍ଗର ଏକ ଅଂଶ ମୋ ପାଖରେ ରହିଛି ବୋଲି ରବିଶଙ୍କର କହିଥିଲେ। କିନ୍ତୁ ଏହାକୁ ସମସ୍ତେ ବିରୋଧ କରିଛନ୍ତି। ହଜାରହଜାର ବର୍ଷ ପୁରୁଣା ସୋମନାଥର ଶିବଲିଙ୍ଗ୍‌ଙ୍କ ଅଂଶ କାହା ପାଖରେ ରହିବା ଅସମ୍ଭବ ବୋଲି ଶିବ ଉପାସକ ନିଜାନନ୍ଦଜୀ ସ୍ୱାମୀ କହିଛନ୍ତି। ରବିଶଙ୍କର ପାଖରେ ଶିବଲିଙ୍ଗର ଏକ ଅଂଶ ରହିଛି ବୋଲି ପୂର୍ବରୁ କାହିଁକି କହି ନଥିଲେ ବୋଲି ଅଭିମୁକ୍ତେଶ୍ୱେରାନନ୍ଦ ସରସ୍ୱତୀ ପ୍ରଶ୍ନ କରିଛନ୍ତି।

ଶିବଲିଙ୍ଗର ଅଂଶ ମୋ ପାଖରେ ରହିଛି ବୋଲି କହି ରବିଶଙ୍କର ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତାଙ୍କ ପାଖରେ ସୋମନାଥ ଶିବଲିଙ୍ଗର ୪ଟି ଅଂଶ ରହିଛି ବୋଲି ରବିଶଙ୍କର କହିଥିଲେ। ୧,୦୦୦ ବର୍ଷ ପୂର୍ବେ ମହମ୍ମଦ ଗଜନୀ ଏହି ଶିବଲିଙ୍ଗକୁ ଭାଙ୍ଗି ଦେଇଥିଲେ। ଶିବଲିଙ୍ଗର ଦୁଇଟି ଅଂଶ କିଛି ଦିନ ତଳେ ସଂପନ୍ନ ହୋଇଥିବା ମହାକୁମ୍ଭରେ ମିଳିଥିଲା ବୋଲି ରବିଶଙ୍କର କହିଛନ୍ତି। କିନ୍ତୁ ଏହାକୁ ସନ୍ଥ ସମାଜ ସାମୂହିକ ଭାବେ ବିରୋଧ କରିଛନ୍ତି। ତାଙ୍କ ପାଖରେ ଶିବଲିଙ୍ଗର ଦୁଇଟି ଅଂଶ ରହିଛି ବୋଲି କିଛି ପ୍ରମାଣ ଅଛି କି ବୋଲି ସୋମନାଥ ଟ୍ରଷ୍ଟର ଟ୍ରଷ୍ଟି ପିକେ ଲହରୀ କହିଛନ୍ତି।

### ଏନ୍‌ଡିଏରୁ ମହିଳାଙ୍କ ପ୍ରଥମ ବ୍ୟାଚ୍ ପାସ୍

## ୧୪୭ତମ ପାସିଙ୍ଗଆଉଟ୍ ପରେଡ୍‌ରେ ୧୭ ଯୁବତୀ

**ନୂଆଦିଲ୍ଲୀ, ୩୦।୫ (ଏଜେନ୍ସି):** ପ୍ରଥମ ଥର ପାଇଁ ନ୍ୟାସନାଲ ଡିଫେନ୍ସ ଏକାଡେମି (ଏନଡିଏ)ରୁ ମହିଳା କ୍ୟାଡେଟ ପାସ୍ କରିଛନ୍ତି। ୧୭ ମହିଳା କ୍ୟାଡେଟଙ୍କ ସହ ୩୦୦ରୁ ଅଧିକ ପୁରୁଷଙ୍କ ସହିତ ଏନଡିଏରୁ ଗ୍ରାଜୁଏଟ ହୋଇଛନ୍ତି। ଏମାନେ ଭାରତୀୟ ସ୍ଥଳସେନା, ନୌସେନା ଏବଂ ବାୟୁସେନାରେ ସାମିଲ ହେବେ। ୨୦୨୧ରେ ଏ ନେଇ ଐତିହାସିକ ରାୟ ଦେଇଥିଲେ। ମହିଳାଙ୍କୁ ଏନ୍‌ଡିଏରେ ସାମିଲ ହେବାକୁ ଅନୁମତି ପ୍ରଦାନ କରିଥିଲେ। ଏହା ପୂର୍ବରୁ ଗତ ୭୫ ବର୍ଷ ଧରି ଟେରିଟୋରିଆଲ୍ ଆର୍ମୀର ଅଧିକାରୀ ପଦବୀରେ ମହିଳାମାନଙ୍କୁ ନିଯୁକ୍ତି ଦେବାର କୌଣସି ବ୍ୟବସ୍ଥା ନ ଥିଲା। ଏହା ବିରୋଧରେ କୁଶ କାଲରା ଦିଲ୍ଲୀ ହାଇକୋର୍ଟରେ ଆବେଦନ ଦାଖଲ କରିଥିଲେ। ପରେ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ୨୦୨୧ ଅଗଷ୍ଟ ୧୮ରେ କୋର୍ଟ ପ୍ରଥମ ଥର ପାଇଁ ମହିଳାଙ୍କ ନିମନ୍ତେ ଏନ୍‌ଡିଏର ଦ୍ୱାର ଖୋଲି ଦେଇଥିଲେ। ଏହି ନିଷ୍ପତ୍ତି ପରେ,୨୦୨୨ ରେ ପ୍ରଥମ ଥର ପାଇଁ ୧୭ ଜଣ ମହିଳା ପ୍ରାର୍ଥୀଙ୍କ ଏକ ବ୍ୟାଚ୍ ଏନ୍‌ଡିଏରେ ଯୋଗ ଦେଇଥିଲା। ସେମାନେ ଆଜି ଗ୍ରାଜୁଏଟ ହୋଇଛନ୍ତି। ଏଥିପାଇଁ ପୁନେର ଖଡକଭାସଲା ସ୍ଥିତ ଏନଡିଏ କ୍ୟାମ୍ପସରେ ପାସିଂ ଆଉଟ୍ ପରେଡ୍ ହୋଇଥିଲା। ଅବସରପ୍ରାପ୍ତ ସେନା ମୁଖ୍ୟ ଜେନେରାଲ ଭିକେ ସିଂହ ପରେଡର ଅଭିବାଦନ ଗ୍ରହଣ କରିଥିଲେ। ସେ କ୍ୟାଡେଟମାନଙ୍କୁ ରାଷ୍ଟ୍ରପତି ପୁରସ୍କାର ପ୍ରଦାନ କରିଥିଲେ।



### ● କନ୍ନଡ଼ ଉପରେ କମଲ ହାସନଙ୍କ ମନ୍ତବ୍ୟ ପ୍ରସଙ୍ଗ

## 'ଭୁଲ୍ କରିନି, କ୍ଷମା ମାଗିବିନି'

**ଚେନ୍ନାଇ,୩୦।୫(ଏଜେନ୍ସି):** ଲୋକପ୍ରିୟ ତାମିଲ ଅଭିନେତା କମଲ ହାସନ ନିକଟରେ କନ୍ନଡ ଭାଷା ଉପରେ ଆପତ୍ତିଜନକ ଟିପ୍ପଣୀ ଦେଇ ବିବାଦରେ ଛନ୍ଦି ହୋଇ ପଡିଛନ୍ତି। ନିଜ ବିବାଦୀୟ ମନ୍ତବ୍ୟ ପାଇଁ ସେ କ୍ଷମା ମାଗିବାକୁ ମନା କରିଦେଇଛନ୍ତି। ଯଦି ଭୁଲ୍ କରିନାହିଁ, ତେଣୁ କ୍ଷମା କାହିଁକି ମାଗିବି ବୋଲି ସେ ମୁକ୍ତିଲାଭ କରିବାକୁ ଯାଉଥିବା ନିଜ ସିନେମା 'ଠଗ୍ ଅଫ୍ ଲାଇଫ୍'ର ପ୍ରମୋଶନ ଅବସରରେ କହିଛନ୍ତି। ଭାରତ ଏକ ଗଣତାନ୍ତ୍ରିକ ଦେଶ। କାନୁନ ଓ ନ୍ୟାୟରେ ବିଶ୍ୱାସ କରେ।

କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଓ କେରଳ ପ୍ରତି ମୋର ଭଲପାଇବା ସତ ଓ ନିଷ୍କପଟ। ପ୍ରେମ ଓ ଭଲ ପାଇବା ସବୁବେଳେ ବିଜୟ ଲାଭ କରିଥାଏ। ପୂର୍ବରୁ ମୋତେ ଧମକ ଦିଆଯାଇଛି। କିନ୍ତୁ ଯଦି ଭୁଲ କରିଛି, ତେବେ କ୍ଷମା ମାଗିବି। କିନ୍ତୁ ଯଦି ଭୁଲ କରିନାହିଁ, ତେବେ କ୍ଷମା ମାଗିବି ନାହିଁ ବୋଲି ସେ କହିଛନ୍ତି। ସେପଟେ କର୍ଣ୍ଣାଟକ ଫିଲ୍ମ ଚାମ୍ବର ଓ କମର୍ସ (କେଏଫ୍‌ସିସି) କମଲଙ୍କ ସିନେମା 'ଠଗ୍ ଅଫ୍ ଲାଇଫ୍'ର ରିଲିଜ ଉପରେ କଟକଣା ଲଗାଇ ଦିଆଯାଇଛି। ଯଦି କମଲ ତାଙ୍କ ସିନେମାକୁ ରିଲିଜ କରିବାକୁ ଚାହୁଁଛନ୍ତି, ତେବେ ତାଙ୍କୁ କ୍ଷମା ମାଗିବାକୁ ହେବ ବୋଲି କେଏଫ୍‌ସିସି ଅଧ୍ୟକ୍ଷ ଲନ୍ ନରସିହ୍ମାଲୁ କହିଛନ୍ତି।

ଉଲ୍ଲେଖଥାଉ କି, ଗତ ୨୪ ତାରିଖରେ 'ଠଗ୍ ଅଫ୍ ଲାଇଫ୍'ର ଅଡିଓ ଲଞ୍ଚ୍ ଅବସରରେ କନ୍ନଡ ଭାଷା ତାମିଲ ଭାଷାରୁ ସୃଷ୍ଟି ହୋଇଥିଲା ବୋଲି କହି ବିବାଦ ସୃଷ୍ଟି କରିଥିଲେ। ସେପଟେ କମଲଙ୍କୁ କନ୍ନଡର ଇତିହାସ ବିଷୟରେ କିଛି ଜଣାନାହିଁ ବୋଲି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ସିଦ୍ଧରମୈୟା କହିଛନ୍ତି।

### ବିଆରଏସ୍‌ରେ ଉତ୍ତରାଧିକାରୀ ଲଢ଼େଇ

# ଭାଇ-ଭଉଣୀ ମୁହାଁମୁହିଁ

**ନୂଆଦିଲ୍ଲୀ,୩୦।୫(ଏଜେନ୍ସି):** ତେଲଙ୍ଗାନାର ଭାରତ ରାଷ୍ଟ୍ର ସମିତ (ବିଆରଏସ୍) ପାର୍ଟିରେ ଉତ୍ତରାଧିକାର ପାଇଁ ଭାଇ-ଭଉଣୀଙ୍କ ମଧ୍ୟରେ ଲଢ଼େଇ ଆରମ୍ଭ ହୋଇଛି। ବିଆରଏସ୍ ନେତା ତଥା ବିଧାନ ପରିଷଦ ସଦସ୍ୟ ତଥା ପାର୍ଟି ସୁପ୍ରିମୋ କେ ଚନ୍ଦ୍ରଶେଖର ରାଓଙ୍କ ଝିଅ କେ. କବିତା ନିଜ ଭାଇ ତଥା ପାର୍ଟି ଅଧ୍ୟକ୍ଷ କେଟି ରାମାରାଓ (କେଟିଆର) ଓ ଅନ୍ୟ ବରିଷ୍ଠ ନେତାମାନଙ୍କ ବିରୋଧରେ ଅଭିଯୋଗ ଆଣି ରାଜ୍ୟରେ ହଇଚଇ ସୃଷ୍ଟି କରିଛନ୍ତି।

ବିଆରଏସ୍‌କୁ ଭାରତୀୟ ଜନତା ପାର୍ଟି (ବିଜେପି) ସହ ମିଶାଇବାକୁ ଷଡ଼ଯନ୍ତ୍ର କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ପାର୍ଟି ସୁପ୍ରିମୋ ଚନ୍ଦ୍ରଶେଖର ରାଓ ଜଣେ ଭଗବାନ ସଦୃଶ ବ୍ୟକ୍ତି। କିନ୍ତୁ ତାଙ୍କୁ ବହୁ ସୈତାନ ଘେରି ରହିଛନ୍ତି। ପୁଣି ଭାଇ କେଟିଆର ତାଙ୍କ ବିରୋଧରେ ଷଡ଼ଯନ୍ତ୍ର କରୁଛନ୍ତି ଓ ତାଙ୍କ ଦଳରୁ ବାହର କରିବାକୁ ଚେଷ୍ଟା କରୁଛନ୍ତି। ପିତା ତଥା ପୂର୍ବତନ ତେଲଙ୍ଗାନା ମୁଖ୍ୟମନ୍ତ୍ରୀଙ୍କୁ ମୁଁ ଦେଇଥିବା ଏକ ବ୍ୟକ୍ତିଗତ ଚିଠିକୁ ପାର୍ଟିର କିଛି ନେତା ଜାଣିଶୁଣି ଭାଇରାଲ କରିଥିଲେ ବୋଲି କବିତା ଅଭିଯୋଗ କରିଛନ୍ତି। ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ଗତବର୍ଷ ଜେଲ ଯାଇଥିଲେ ମଧ୍ୟ ବିଜେପି ସହିତ ପାର୍ଟି ମିଶିବା ପ୍ରକ୍ରିୟାକୁ ବିରୋଧ କରିଥିଲି ବୋଲି ସେ କହିଛନ୍ତି। ପୁଣି ପାର୍ଟି ମଧ୍ୟରେ ଦେଖାଦେଇଥିବା ବିବାଦ ଓ ବିଦ୍ରୋହକୁ ସମାଧାନ କରିବାରେ ଓ କଂଗ୍ରେସ ତରଫରୁ ହେଉଥିବା ଆକ୍ରମଣକୁ ସାମ୍ନା କରିବାରେ ଭାଇ କେଟିଆର ବିଫଳ ହୋଇଛନ୍ତି ବୋଲି ସେ କହିଛନ୍ତି। ପାର୍ଟିରେ ମୋର ପ୍ରଭାବ କମାଇବାକୁ ଓ ମୋତେ ଅଣଦେଖା କରିବାକୁ ନିୟମିତ ଭାବେ ଷଡ଼ଯନ୍ତ୍ର କରାଯାଉଛି।

ମୋ ଚିଠି ଭାଇରାଲ କରିଥିବା ଓ ଦଳ ବିରୋଧୀ କାର୍ଯ୍ୟଭଳି ହୀନ କାର୍ଯ୍ୟ କରୁଥିବା ଲୋକଙ୍କୁ ଚିହ୍ନଟ କରାଯାଇ କାହିଁକି ଦଣ୍ଡିତ କରାଯାଉ ନାହିଁ ବୋଲି କବିତା ପ୍ରଶ୍ନ ଉଠାଇଛନ୍ତି। ମୋତେ ତଡ଼ି ନ ଦିଆଯିବା ପର୍ଯ୍ୟନ୍ତ ବିଆରଏସ୍ ଛାଡ଼ିବି ନାହିଁ। କେସିଆରଙ୍କ ଛଡ଼ା ଆଉ କାହା ଅଧିନରେ କାର୍ଯ୍ୟ କରିବି ନାହିଁ। ତେବେ ନୂଆ ପାର୍ଟି ଗଠନ କରିବା ନେଇ ଚାଲିଥିବା ଚର୍ଚ୍ଚା ନେଇ ସେ କୌଣସି ଉତ୍ତର ଦେଇନାହାନ୍ତି। ବିଆରଏସ୍‌ରେ ସ୍ୱଚ୍ଛତା ଓ ସଂସ୍କାର ଆଣିବା ନେଇ ମୋର ଲଢ଼େଇ ଜାରି ରହିବ। କଂଗ୍ରେସରେ ଯୋଗ ଦେଉଥିବା ନେଇ ପ୍ରଚାରିତ ଖବରକୁ ସେ ଖଣ୍ଡନ କରିଛନ୍ତି। ୨୦୧୩ ପରେ କୌଣସି କଂଗ୍ରେସ ନେତାଙ୍କ ସହ ସମ୍ପର୍କ ନାହିଁ। ତେଲଙ୍ଗାନା ରାଜ୍ୟ ଗଠନ ପାଇଁ ସେତେବେଳେ ସଂଗ୍ରାମ ଜାରି ରହିଥିଲା। ପାର୍ଟିରେ କୌଣସି ପଦ କିମ୍ବା କ୍ଷମତା ଲଢ଼େଇରେ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ତେବେ ଏ ସଂକ୍ରାନ୍ତରେ ଭାଇ କେଟିଆରଙ୍କ ତରଫରୁ କୌଣସି ପ୍ରତିକ୍ରିୟା ପ୍ରକାଶ କରାଯାଇନାହିଁ। ଉଲ୍ଲେଖଥାଉ କି, ୨୪ ବର୍ଷ ତଳେ କେ ଚନ୍ଦ୍ରଶେଖର ରାଓ ୨୦୦୧ ଏପ୍ରିଲ ୭ରେ ବିଆରଏସ୍ ପାର୍ଟି ପ୍ରତିଷ୍ଠା କରିଥିଲେ। ଏବେ ରାଜ୍ୟସଭାରେ ଦଳର ୩ ଜଣ ସଦସ୍ୟ ଓ ବିଧାନସଭାରେ ୨୮ ଜଣ ସଦସ୍ୟ ରହିଛନ୍ତି।





ଦୀପିକାଙ୍କ ଉପରେ ସନ୍ଦୀପ ଖପ୍ପା

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-332 ♦BHUBANESWAR ♦SATURDAY ♦31 MAY 2025 ♦PAGE-12 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୩୩୨ ♦ଭୁବନେଶ୍ୱର ♦ଶନିବାର ♦୩୧ ମେ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ସମ୍ପର୍କ ଛିନ୍ନ ପରେ ଦୁଷ୍କର୍ମ ଅଭିଯୋଗ ଭୁଲ୍

**ଏପରି ଅଭିଯୋଗ ଦ୍ୱାରା ଅଭିଯୁକ୍ତର ଛବି ଖରାପ ହୋଇଥାଏ**

**ନ୍ୟାୟ ବ୍ୟବସ୍ଥା ଉପରେ ମଧ୍ୟ ବୋଝ ବଢୁଛି**

■ **ନୂଆଦିଲ୍ଲୀ, ୩୦।୫ (ଏଜେନ୍ସି):** ସୁପ୍ରିମକୋର୍ଟ ଶୁକ୍ରବାର ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ ସମ୍ପର୍କ ଭାଙ୍ଗିବା ପରେ ଦୁଷ୍କର୍ମ ଅଭିଯୋଗ ଲଗାଇବା ଭୁଲ୍ ବୋଲି କହିଛନ୍ତି। ଦୁଇ ବୟସ୍କଙ୍କ ମଧ୍ୟରେ ସହମତିରେ ଗଢ଼ି ଉଠିଥିବା ସମ୍ପର୍କ ଭାଙ୍ଗିଯିବା ପରେ କିମ୍ବା ଉଭୟ ପରସ୍ପରଠାରୁ ଦୂରେଇ ଯିବା ପରେ ଏହାକୁ ଆଧାର କରି ବିବାହର ମିଥ୍ୟା ପ୍ରତିଶ୍ରୁତି ନାମରେ ଦୁଷ୍କର୍ମ ଅଭିଯୋଗ ଲଗାଯାଇପାରିବ ନାହିଁ। ଏଭଳି ମାମଲାରେ ଦ୍ୱାରା ନ୍ୟାୟ ବ୍ୟବସ୍ଥା ଉପରେ ଅନାବଶ୍ୟକ ବୋଝ ବଢୁଛି। ସମାଜରେ ଅଭିଯୁକ୍ତର ଛବି ମଧ୍ୟ ଖରାପ ହେଉଛି। କେବଳ ବିବାହ ପ୍ରତିଶ୍ରୁତି ଭାଙ୍ଗିବାକୁ ମିଥ୍ୟା ପ୍ରତିଶ୍ରୁତି କୁହାଯାଇପାରିବ ନାହିଁ। ଯଦି ସମ୍ପର୍କର ଆରମ୍ଭରୁ ଅଭିଯୁକ୍ତର ଆଭିମୁଖ୍ୟ ପ୍ରଥମରୁ ଠକିବା ଭଳି ରହିଥାଏ ତେବେ ଏଭଳି ମାମଲା ହୋଇପାରେ। ବିବାହ ପ୍ରତିଶ୍ରୁତି ଭାଙ୍ଗିବା ଦର୍ଶାଇ ଧାରା ୩୭୬ ଅନୁଯାୟୀ ଦୁଷ୍କର୍ମ ମାମଲା ଲଗାଇବା ଅନୁଚିତ। ଏହା ପୂର୍ବରୁ ମଧ୍ୟ ସୁପ୍ରିମକୋର୍ଟ ଏଭଳି ମାମଲା ଉପରେ ଚିନ୍ତା ପ୍ରକଟ କରିଥିଲେ ବୋଲି ଜଷ୍ଟିସ ବିଭି ନାଗରତ୍ନା ଏବଂ ଜଷ୍ଟିସ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ କହିଛନ୍ତି। ଏହି ରାୟ ଦେଇ ସୁପ୍ରିମକୋର୍ଟ ମହାରାଷ୍ଟ୍ରର ଅମୋଲ ଭଗବାନ ନେହୁଲଙ୍କ ବିରୋଧରେ ରୁଜୁ ଦୁଷ୍କର୍ମ ମାମଲାକୁ ରଦ୍ଦ କରିଦେଇଥିଲେ। ▶ପୃଷ୍ଠା-୭



## ଗୋଟିଏ ସିଫ୍ଟରେ ହେବ ନିଟ୍-ପିଜି ପରୀକ୍ଷା

**ଦୁଇ ସିଫ୍ଟ ବ୍ୟବସ୍ଥା ଉଚ୍ଛେଦ**

**ଅନୁଚିତ, ମନମୁତାଣିଆ କହିଲେ ସର୍ବୋଚ୍ଚ ନ୍ୟାୟାଳୟ**

■ **ନୂଆଦିଲ୍ଲୀ, ୩୦।୫ (ଏଜେନ୍ସି):** ସୁପ୍ରିମକୋର୍ଟ ଶୁକ୍ରବାର ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ସ୍ୱଚ୍ଛତା ଏବଂ ପାରଦର୍ଶିତାକୁ ସୁନିଶ୍ଚିତ କରିବା ପାଇଁ ନିଟ୍-ପିଜି ପ୍ରବେଶିକା ପରୀକ୍ଷା (୨୦୨୫)କୁ ଗୋଟିଏ ସିଫ୍ଟରେ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଏହି ପରୀକ୍ଷାକୁ ଦୁଇଟି ସିଫ୍ଟରେ କରିବାକୁ ଘୋଷଣା କରାଯାଇଥିଲା। ମାତ୍ର ଏହା ବିରୋଧରେ ଛାତ୍ରଛାତ୍ରୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏଭଳି ପରୀକ୍ଷାକୁ ଅନୁଚିତ ଏବଂ ଅସଙ୍ଗତି ଥିବା କହିଥିଲେ। ୨ଟି ସିଫ୍ଟରେ ପରୀକ୍ଷା ହେଲେ ପ୍ରଶ୍ନପତ୍ରର ଜଟିଳତା ସ୍ତରରେ ଫରକ ରହିଥାଏ। ଏହା ପରୀକ୍ଷାର୍ଥୀଙ୍କ ମଧ୍ୟରେ ଖାମଖିଆଲ ମନୋଭାବ ମଧ୍ୟ ସୃଷ୍ଟି କରିପାରେ। ତେଣୁ ଏହା କୌଣସି ଦୃଷ୍ଟିରୁ ବି ଉଚିତ ନୁହେଁ। ଏହା ଦ୍ୱାରା ସଠିକ୍ ମୂଲ୍ୟାଙ୍କନ ମଧ୍ୟ ହୋଇ ନ ଥାଏ। ପରୀକ୍ଷାରେ ମିଳିଥିବା ମାର୍କରେ ବି ଫରକ ଦେଖା ଦେଇଥାଏ ବୋଲି ଛାତ୍ରଛାତ୍ରୀ ଆବେଦନରେ କହିଥିଲେ। ଏହି ମାମଲାର ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟ ୨ଟି ସିଫ୍ଟ ବ୍ୟବସ୍ଥାକୁ ଅନୁଚିତ ଏବଂ ମନ ମୁତାଣିଆ କହି ଉଚ୍ଛେଦ କରିଦେଇଛନ୍ତି। ଜାତୀୟ ଗୁରୁତ୍ୱ ବହନ କରୁଥିବା ଏଭଳି ପରୀକ୍ଷାର ମାନଦଣ୍ଡରେ ସମାନତା ରହିବା ଆବଶ୍ୟକ। ପରୀକ୍ଷା ଆୟୋଜନ କରିବା ପାଇଁ ନ୍ୟାସନାଲ ବୋର୍ଡ ଅଫ୍ ▶ପୃଷ୍ଠା-୭

## ୨୦୨୪-୨୫ ଜିଡିପି ଅଭିବୃଦ୍ଧି ମନ୍ଥର

# ଥମିବ ବିକାଶର ଗତି

**ଜାତୀୟ ପରିସଂଖ୍ୟାନ ରିପୋର୍ଟ**




▶▶ ୬.୫%ରେ ସୀମିତ ରହିବ ଅଭିବୃଦ୍ଧି

▶▶ ୨୦୨୩-୨୪ରେ ୯.୨ ପ୍ରତିଶତ ଥିଲା

▶▶ ଚତୁର୍ଥ ତ୍ରୈମାସରେ ବି କମିଲା ଅଭିବୃଦ୍ଧି

■ **ନୂଆଦିଲ୍ଲୀ, ୩୦।୫ (ଏଜେନ୍ସି):** ଶିଥିଳ ଅର୍ଥନୀତି। କାରଣ ଧିମା ପଡିଛି ବିକାଶର ଗତି। ମାର୍ଚ୍ଚ ତ୍ରୈମାସିକରେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ହାର ୭.୪ ପ୍ରତିଶତକୁ ହ୍ରାସ ପାଇଛି। ଏହାଫଳରେ ୨୦୨୪-୨୫ରେ ବାର୍ଷିକ ଅଭିବୃଦ୍ଧି ହାର ୬.୫%ରେ ସୀମିତ ରହିବ ବୋଲି ସ୍ପଷ୍ଟ ହୋଇଗଲାଣି। ତେବେ ଜାନୁଆରୀ-ମାର୍ଚ୍ଚ ଅବଧିରେ ଅଭିବୃଦ୍ଧି ହାର ୭.୪% ରହିଛି, ଗତ ବର୍ଷର ପୂର୍ବ ସମାନ ତ୍ରୈମାସିକର ୮.୪% ଅଭିବୃଦ୍ଧି ହାର ତୁଳନାରେ ଏହା କମ୍। ଶୁକ୍ରବାର ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍ଏସ୍ଓ) ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ୨୦୨୪-୨୫ରେ ଅର୍ଥନୀତି ମାତ୍ର ୬.୫% ହାରରେ ବୃଦ୍ଧି ପାଇବ, ଯେତେବେଳେ କି ୨୦୨୩-୨୪ ପାଇଁ ସରକାରଙ୍କ ପକ୍ଷରୁ ୯.୨ ପ୍ରତିଶତ ଅଭିବୃଦ୍ଧି ହାର ଆକଳନ କରାଯାଇଛି।

ଜାତୀୟ ହିସାବର ଦ୍ୱିତୀୟ ଅଗ୍ରିମ ଆକଳନରେ ଏନ୍ଏସ୍ଓ ୨୦୨୪-୨୫ ପାଇଁ ଦେଶର ଜିଡିପି ଅଭିବୃଦ୍ଧି ହାର ୬.୫% ହେବ ବୋଲି ଆକଳନ କରିଥିଲା। ଉତ୍ପାଦନ କ୍ଷେତ୍ରରେ ମାନ୍ଦାବସ୍ଥା ମୁଖ୍ୟତଃ ଜିଡିପି ହ୍ରାସର ମୁଖ୍ୟ କାରଣ କୁହାଯାଉଛି। ଅନ୍ୟପକ୍ଷରେ, ଚୀନ୍ ଜାନୁଆରୀ-ମାର୍ଚ୍ଚ ତ୍ରୈମାସିକରେ ୫.୪% ଅର୍ଥନୈତିକ ଅଭିବୃଦ୍ଧି ହାର ରିପୋର୍ଟ କରିଛି। ପରିସଂଖ୍ୟାନ ରିପୋର୍ଟ ଅନୁସାରେ ନିର୍ମାଣ କ୍ଷେତ୍ର ୯.୪%ର ବାର୍ଷିକ ବୃଦ୍ଧି ସହ ସବୁଠୁ ଆଗରେ ରହିଛି। ଏହାପଛକୁ ଲୋକ ପ୍ରଶାସନ, ପ୍ରତିରକ୍ଷା ଓ ଅନ୍ୟ ସେବା ୮.୯% ଓ ଆର୍ଥିକ, ରିଅଲ ଇଷ୍ଟେଟ୍ ଓ କାରବାର ସେକ୍ଟରରେ ୭.୨% ବୃଦ୍ଧି ହୋଇଛି। ଚତୁର୍ଥ ତ୍ରୈମାସରେ ମେନ୍ୟୁଫ୍ୟାକ୍ଚରିଂ ସେକ୍ଟରରେ ଏହି ବୃଦ୍ଧି ୧୦.୮% ପହଞ୍ଚିଥିଲା। ଏନ୍ଏସ୍ଓ ଅନୁଯାୟୀ, ୨୦୨୪-୨୫ ଆର୍ଥିକବର୍ଷରେ ବାସ୍ତବ ଜିଡିପି କିମ୍ବା ସ୍ଥିର ମୂଲ୍ୟରେ ଜିଡିପି ୧୮୭.୯୭ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ୨୦୨୩-୨୪ ଆର୍ଥିକବର୍ଷ ପାଇଁ ଜିଡିପିର ପ୍ରଥମ ସଂଶୋଧିତ ଆକଳନ ୧୭୬.୫୧ ଲକ୍ଷ କୋଟି ଟଙ୍କା। ଏହି ଆଧାରରେ, ଅଭିବୃଦ୍ଧି ହାର ୬.୫ ପ୍ରତିଶତ ଥିଲା। ଏନ୍ଏସ୍ଓ କହିଛି, ୨୦୨୪-୨୫ ଆର୍ଥିକ ବର୍ଷରେ ନାମମାତ୍ର ଜିଡିପି କିମ୍ବା ବର୍ତ୍ତମାନର ମୂଲ୍ୟରେ ଜିଡିପି ୩୩୦.୬୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ତେବେ ଜିଡିପି ସଂଖ୍ୟା ଉପରେ ପ୍ରତିକ୍ରିୟା ଦେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଯେ ଭାରତ ଲଗାତାର ଚତୁର୍ଥ ବର୍ଷ ପାଇଁ ଦ୍ରୁତତମ ଅଭିବୃଦ୍ଧିଶୀଳ ଅର୍ଥନୀତି ଭାବରେ ଅଭିବୃଦ୍ଧିର ଗତି ବଜାୟ ରଖିଛି। ସେ କହିଛନ୍ତି ଯେ ଚତୁର୍ଥ ତ୍ରୈମାସିକରେ ଭାରତର ଉତ୍ପାଦନ କାର୍ଯ୍ୟକଳାପ ଭଲ ରହିଛି।

## ଜାତିଗତ ଜନଗଣନା ପୂର୍ବରୁ ପ୍ରସ୍ତୁତ ହେବ ଜାତି ତାଲିକା

■ **ନୂଆଦିଲ୍ଲୀ, ୩୦।୫ (ଏଜେନ୍ସି):** ଜାତିଗତ ଜନଗଣନା ପୂର୍ବରୁ କେନ୍ଦ୍ର ସରକାର ଜାତି ତାଲିକା ପ୍ରସ୍ତୁତ କରିବେ। ସଠିକ୍ ତଥ୍ୟ ସଂଗ୍ରହ ପାଇଁ ଏହି ପଦକ୍ଷେପ ନେଇଛନ୍ତି। ଜାତିକୁ ନେଇ ରାଜନୈତିକ ସହମତି ନିମନ୍ତେ ସର୍ବଦଳୀୟ ବୈଠକ ମଧ୍ୟ ଡକାଯିବ। ରାଜନୈତିକ ଦଳଙ୍କ ପ୍ରସ୍ତାବ ଏବଂ ଅଭିଯୋଗକୁ ଆଧାର କରି ତାଲିକା ଚୂଡ଼ାନ୍ତ କରାଯିବ। ନିକଟରେ ବସିଥିବା ସ୍ୱରାଷ୍ଟ୍ର ମନ୍ତ୍ରାଳୟ ଏବଂ ସାମାଜିକ ନ୍ୟାୟ ମନ୍ତ୍ରାଳୟର ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ଜନଗଣନା ପାଇଁ ସାମାଜିକ ନ୍ୟାୟ ମନ୍ତ୍ରାଳୟକୁ ସଂଯୋଜକ ରଖାଯିବାକୁ ଧାର୍ଯ୍ୟ ହୋଇଛି। ଅନୁସୂଚିତ ଜାତି ଏବଂ ଜନଜାତି ଗଣନା କରାଯାଉଥିବାରୁ ଏହାର ଏକ ବୈଧ ତାଲିକା ଆବଶ୍ୟକ। କିନ୍ତୁ ଅନ୍ୟାନ୍ୟ ପଛୁଆ ବର୍ଗର ଜାତିକୁ ନେଇ ଏବେ ବି ଦ୍ୱନ୍ଦ୍ୱ ରହିଛି। ୨୦୨୬ରେ ଦେଶରେ ଜନଗଣନା ପ୍ରକ୍ରିୟା ଆରମ୍ଭ ହେବାର ସମ୍ଭାବନା ରହିଛି।

୨୦୧୧ ଜନଗଣନାରେ ଜାତି-ଉପଜାତି ସଂଖ୍ୟା ୪୬.୭୩ ଲକ୍ଷ ଥିଲା। କିନ୍ତୁ ଏହାକୁ ଅବିଶ୍ୱସନୀୟ ବିବେଚନା କରାଯାଇଥିଲା। ଶେଷ ଥର ପାଇଁ ୧୯୩୧ରେ ଜାତି ଜନଗଣନା କରାଯାଇଥିଲା। ଏଥିରେ ୪,୧୪୭ ଜାତି ଥିବା କୁହାଯାଇଥିଲା। ୧୯୮୦ ମସିହାରେ ଦେଶରେ ୫୨%ଓବିସି ଅଛନ୍ତି ବୋଲି ମଣ୍ଡଳ କମିଶନ ଆକଳନ କରିଥିଲେ। ଅନୁସୂଚିତ ଜାତି ବର୍ଗରେ ୨୮ଟି ରାଜ୍ୟରେ ୧୧୦୯ ଜାତି ଅଛନ୍ତି। ଅନୁସୂଚିତ ଜନଜାତିରେ ୭୦୫ ଜାତି ଅଛନ୍ତି। ସାଧାରଣ ବର୍ଗର ଜାତି ସଂଖ୍ୟା ୩୦% ଏବଂ ଜାତି ବାହାରେ ମୁସଲମାନ, ଖ୍ରୀଷ୍ଟିଆନ ଏବଂ ଅନ୍ୟ ବର୍ଗର ଜନସଂଖ୍ୟା ୧୨.୫୬% ରହିଛି। ଏହି ସଂଖ୍ୟାଗୁଡ଼ିକ ଆକଳନ ଏବଂ ସର୍ଭେ ଉପରେ ଆଧାରିତ। ସୂଚନାଯୋଗ୍ୟ ଯେ ପୂର୍ବରୁ ଅନେକ ଦଳ ଜାତିଗତ ଜନଗଣନା ପାଇଁ ଦାବି କରି ଆସୁଥିଲେ। ଗତ ଏପ୍ରିଲ ୩୦ ତାରିଖରେ କେନ୍ଦ୍ର ସରକାର ଏହାକୁ ମଞ୍ଜୁରୀ ଦେଇଥିଲେ।

## ଜେଲ୍ ଗଲେ ଇଡି ଉପନିର୍ଦ୍ଦେଶକ



■ **ଭୁବନେଶ୍ୱର, ୩୦।୫ (ସମିସ):** ଖଣି ବ୍ୟବସାୟୀ ରତିକାନ୍ତ ରାଉତଙ୍କଠାରୁ ୨୦ଲକ୍ଷ ଲାଞ୍ଚ ନେବା ଅଭିଯୋଗରେ ଗିରଫ ହୋଇଛନ୍ତି ଇଡିର ଉପନିର୍ଦ୍ଦେଶକ ଚିନ୍ତନ ରଘୁବଂଶୀ ଏବଂ ତାଙ୍କ ସହଯୋଗୀ ଭକ୍ତି ବେହେରା। ଆଜି ସକାଳୁ ଗିରଫ ପରେ ସିବିଆଇ କ୍ୟାପିଟାଲ ହସ୍ପିଟାଲ୍‌ରେ ଉଭୟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପରେ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର କରିଥିଲେ। କୋର୍ଟ ଉଭୟଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଜୁନ୍ ୪ ତାରିଖରେ ପରବର୍ତ୍ତୀ ଶୁଣାଣି ହେବ। ଗତକାଲି ଉଭୟଙ୍କୁ ଜେରା ବେଳେ ଲାଞ୍ଚ ଟଙ୍କା ସମ୍ପର୍କରେ ସ୍ପଷ୍ଟ ସୂଚନା ଦେଇ ନ ପାରିବାରୁ ମାମଲା ରୁଜୁ କରି ଗିରଫ କରିଥିଲା ସିବିଆଇ। ରାତି ତମାମ୍ ସିବିଆଇ ଚିନ୍ତନ ରଘୁବଂଶୀ ଓ ଜଣେ ମଧ୍ୟସ୍ଥିଙ୍କୁ ମୁହାଁମୁହିଁ ଜେରା କରିଥିଲା।

ଖଣି ମାଲିକ ରତିକାନ୍ତ ରାଉତଙ୍କ ଅଭିଯୋଗ ଅନୁସାରେ, ଢେଙ୍କାନାଳରେ ତାଙ୍କର ଏକ ପଥର ଖଣି ବ୍ୟବସାୟ ରହିଥିଲା। ଗତ ୨୦୨୪ରେ ତାଙ୍କୁ ଇଡି ପକ୍ଷରୁ ଏକ ସମନ୍ ଆସିବା ପରେ ସେ ▶ପୃଷ୍ଠା-୭

## ସିକିମ୍‌ରେ ନଦୀକୁ ବସ୍ ଖସି ଜଣେ ମୃତ

**ଓଡ଼ିଶାର ବିଜେପି ନେତ୍ରୀଙ୍କ ସମେତ ୮ ନିଖୋଜ**

■ **ଗ୍ୟାଙ୍ଗଟକ/ବ୍ୟାସନଗର, ୩୦।୫ (ସମିସ):** ଉତ୍ତର ସିକିମରେ ଗୁରୁବାର ରାତିରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଲାଚେନରୁ ଲାଚୁଙ୍ଗ ଯାଉଥିବା ଏକ ବସ୍ ବିପଦପୂର୍ଣ୍ଣ ବୁଲାଣିରେ ନିୟନ୍ତ୍ରଣ ହରାଇ ହଜାରେ ଫୁଟ ତଳେ ଥିବା ତିସ୍ତା ନଦୀକୁ ଖସି ପଡ଼ିଛି। ଏହି ଦୁର୍ଘଟଣାରେ ଜଣେ ପ୍ରାଣ ହରାଇଛନ୍ତି। ତାଙ୍କର ମୃତଦେହ ଉଦ୍ଧାର କରାଯାଇଛି। ସେହିପରି ନଦୀର ପ୍ରଖର ସ୍ରୋତରେ ଭାସି ଯାଇ ୮ଜଣ ନିଖୋଜ ଅଛନ୍ତି। ନିଖୋଜଙ୍କ ମଧ୍ୟରେ ଓଡ଼ିଶା ବିଜେପି ମହିଳା ସଂପାଦିକା ଇତିଶ୍ରୀ ନାୟକ ଜେନା (୪୬)ଙ୍କୁ ମିଶାଇ ତାଙ୍କ ପରିବାରର ୪ ସଦସ୍ୟ ରହିଛନ୍ତି। ଅନ୍ୟମାନେ ହେଲେ ଇତିଶ୍ରୀଙ୍କ ଭାଇ ଅଜିତ କୁମାର ନାୟକ(୪୫), ସାହିଲ ଜେନା (୨୧), ଭାଉଜ ସୁନୀତା ନାୟକ (୪୨)। ଅନ୍ୟପକ୍ଷରେ, ତାଙ୍କ ପୁତୁରା ସାଇରାଜ ଜେନା (୧୭) ଓ ପୁଅ ସ୍ୱୟଂ ସୁପ୍ରିତମ ନାୟକ (୧୬)ଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି।

ସୂଚନାନୁଯାୟୀ, ଗତ ୨୫ ତାରିଖରେ ଯାଜପୁର ବ୍ୟାସନଗର ପୌରାଞ୍ଚଳ ଉମାପଦା ଅଞ୍ଚଳର ନାୟକ ଓ ଜେନା ଭାଇଭଉଣୀଙ୍କ ଚାରୋଟି ପରିବାର ଗାଙ୍ଗଟକକୁ ବୁଲି ଯାଇଥିଲେ। ସେମାନେ ଗତ ଗୁରୁବାର ଦୁଇଟି ଗାଡ଼ିରେ ସିକିମର ଏକ ହିଲ୍ ଟପ୍ ଜିରୋ ପଏଣ୍ଟକୁ ବୁଲିବାକୁ ଯାଇଥିଲେ। ସେଠାରୁ ଦୁଇଟି ▶ପୃଷ୍ଠା-୭





### ଦୁଃଖ ପ୍ରକାଶ କଲେ ମୋହନ, ନବୀନ

■ **ଭୁବନେଶ୍ୱର, ୩୦।୫ (ସମିସ):** ସିକ୍କିମର ତିସ୍ତା ନଦୀରେ ଟୁରିଷ୍ଟ ବସ୍ ବହୁ ଗଭୀରକୁ ଖସି ପଡ଼ିବା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏହି ବସ୍‌ରେ ଓଡ଼ିଶାର ଅନେକ ଯାତ୍ରୀ ଥିବାର ସୂଚନା ମିଳିଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସିକ୍କିମ୍ ମୁଖ୍ୟମନ୍ତ୍ରୀ ପ୍ରେମ ସିଂହ ତମାଙ୍ଗଙ୍କ ସହ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ପରିବହନ ଆୟୁକ୍ତ ଦୀପ୍ତି ରଞ୍ଜନ ପାତ୍ର ଓ ଯୁଗ୍ମ ପରିବହନ ଆୟୁକ୍ତ ବିକାଶ ଚୌଧୁରୀ ସିକ୍କିମ୍ ଗସ୍ତ କରିଥିବା ଜଣାପଡ଼ିଛି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏକ୍ସ ମାଧ୍ୟମରେ ଦୁଃଖ ପ୍ରକାଶ କରିଛନ୍ତି। ନିଜ ଏକ୍ସ ଏକାଉଣ୍ଟରେ ନବୀନ ଦୁର୍ଘଟଣାଗ୍ରସ୍ତଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ଏପରି ପ୍ରତିକୂଳ ସମୟକୁ ସାମ୍ନା କରିବା ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥ ସେମାନଙ୍କ ପରିବାରବର୍ଗଙ୍କୁ ଧୈର୍ଯ୍ୟ ଦିଅନ୍ତୁ ବୋଲି ଉଲ୍ଲେଖ କରିଛନ୍ତି।

**ଅବସରର ଦିନକ ପୂର୍ବରୁ ଭିଜିଲାନ୍ସ ଚଢ଼ଉ**

## ଆର୍‌ଡି ମୁଖ୍ୟଯନ୍ତ୍ରୀଙ୍କ ଅଚଳାଚଳ ସମ୍ପତ୍ତି ଠାବ

**ଘରୁ ମିଳିଲା ନଗଦ ୨.୫୬ କୋଟି ଟଙ୍କା**

**ଆକାଉଣ୍ଟରେ ୧.୫ କୋଟି ଜମାରାଶି, ସେୟାରରେ ଲାଗିଛି ୨.୮ କୋଟି**

**ଦୁଇଟି ବହୁତଳ କୋଠା, ୨ଟି ଫ୍ଲାଟ୍, ବିଭିନ୍ନ ସ୍ଥାନରେ ୭ ଦାମୀ ପ୍ଲଟ୍ ଠାବ**

**୧.୧କେଜି ଓଜନର ସୁନା ଅଳଙ୍କାର, ୧୫ଟି ଦାମୀ ଘଣ୍ଟା ଜବତ**

■ **ଭୁବନେଶ୍ୱର/ଅନୁଗୁଳ, ୩୦।୫ (ସମିସ):** ଅବସରର ଦିନକ ପୂର୍ବରୁ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟଯନ୍ତ୍ରୀ ବୈକୁଣ୍ଠନାଥ ଷଡ଼ଙ୍ଗୀ। ତାଙ୍କ ବାସଭବନରେ ଚଢ଼ଉ ବେଳେ ଭିଜିଲାନ୍ସ ବିପୁଳ ସମ୍ପତ୍ତି ଠାବ କରିଛି। ନଗଦ ୨.୫୬ କୋଟି ଟଙ୍କା ସହ ବ୍ୟାଙ୍କ ଓ ସେୟାରରେ ଶ୍ରୀ ଷଡ଼ଙ୍ଗୀ ବିପୁଳ ପରିମାଣର ଅର୍ଥ ଜମା କରିଛନ୍ତି । ଅନୁରୂପ ଭାବରେ ଦୁଇ ଦୁଇଟି ବହୁତଳ ବିଶିଷ୍ଟ ଅଟ୍ଟାଳିକା, ୨ଟି ଫ୍ଲାଟ, ରାଜ୍ୟର ବିଭିନ୍ନ ସ୍ଥାନରେ ୭ଟି ଦାମୀ ପ୍ଲଟର ଠିକଣା ପାଇଛନ୍ତି ଭିଜିଲାନ୍ସ ଅଧିକାରୀ। କୌତୂହଳ କଥା ହେଉଛି, ଚଢ଼ଉ ସୂଚନା ପାଇ ଶ୍ରୀ ଷଡ଼ଙ୍ଗୀଙ୍କ ସମ୍ପର୍କୀୟ ୫୦୦ ଟଙ୍କା ବିଡ଼ାକୁ ଝରକା ଦେଇ ବାହାରକୁ ଫିଙ୍ଗି ଦେଇଥିଲେ ହେଁ ତାହାକୁ ଭିଜିଲାନ୍ସ ଅଧିକାରୀମାନେ ଜବତ କରିଛନ୍ତି। ▶ପୃଷ୍ଠା-୭


Vikash Bargarh
Vikash Higher Educational Institutions

Vikash Institute of Technology:
• MBA (2 Years)
• B.Tech (4 Years) CSE, EEE, Civil, Mech.

Vikash Polytechnic:
• Diploma (3 Years) Civil, CSE, ECE, Mech., Electrical
• Diploma (Working Professionals) Mechanical Engg., Electrical Engg.

Vikash Law School:
• B.A. LL.B (H) 5 Years Int. Law

Vikash School of Business Management:
• BBA / BCA (3 Years)

Vikash Degree College:
• B.A. (Hons.) English, Economics, Education, Political Science, Psychology
• B.Com. (Hons.) Accountancy (Hons.)
• B.Sc. (Hons.) Physics, Chemistry, Math. Botany, Zoology, Comp.Sc.
• M.Sc. (2 Years) Chemistry
• M.Com. (2 Years) Accountancy
• M.A. (2 Years) English

Vikash Nursing College:
• ANM (2 Years),
• GNM (3 Years)
• B.Sc. Nursing (4 Years)
• P.B. B.Sc. Nursing (2 Years)

Vikash College of Paramedical Science:
• DMLT (2 Years)
• DMRT (2 Years)

Vikash Pharmacy College:
"MOVE TOWARDS YOUR DREAM CAREER IN PHARMACY"
• B. PHARM Bachelor in Pharmacy (4 YRS) Eligibility: +2 Science & OJEE Rank
• D. PHARM Diploma in Pharmacy (2 YRS) Eligibility: +2 Science



AWARDED As the Best Higher Educational Institutions in Western Odisha by OTV.

ADMISSIONS | Open for 2025-26
Courses Offered: PG | UG | Diploma
94380 85817 / 82800 08111
70087 81518 / 94393 49333
Vikash Knowledge Hub, Barahaguda,Bargarh

Visit us @ www.odishavikash.com
Email: vheicampus@gmail.com

Grooming Talent
Vikash
Higher Educational Institutions


## ପୁଲିସ-ମାଓବାଦୀ ଗୁଳିବିନିମୟ

# ସରଣ୍ଡାରୁ ମିଳିଲା ବିସ୍ଫୋରକ!

### ମାଓ କ୍ୟାମ୍ପ ଧ୍ୱସ୍ତ: ବିପୁଳ ମାରଣାସ୍ତ୍ର, ମାଓ ସାମଗ୍ରୀ ଜବତ

■ **ରାଉରକେଲା, ୩୦।୫(ସମିସ):** ସୁନ୍ଦରଗଡ଼ ଜିଲ୍ଲା କେ. ବଲାଙ୍ଗ ଥାନା ଅଧୀନ ଓଡ଼ିଶା - ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ବାଙ୍କୋରୁ ଗତ ୨୭ତାରିଖ ଦିନ ମାଓବାଦୀଙ୍କ ଦ୍ୱାରା ୫ ଟନ୍ ବିସ୍ଫୋରକ ସାମଗ୍ରୀ ଲୁଟ୍ ହେବା ପରେ ଆକ୍ସନ ମୁଡ୍‌ରେ ଝାଡ଼ଖଣ୍ଡ ପୁଲିସ। ଏହି କ୍ରମରେ ମଧ୍ୟାହ୍ନରେ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ଝାଡ଼ଖଣ୍ଡ ପୁଲିସ ଓ ସିଆରପିଏଫ ପକ୍ଷରୁ କମ୍ବିଂ ଅପରେସନକୁ ଜୋରଦାର କରାଯାଇଛି। ଏହି ସମୟରେ ସରଣ୍ଡା ଜଙ୍ଗଲ ତିରିଲପୋଷିରେ ସୁରକ୍ଷା ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ସୁରକ୍ଷା ଯବାନଙ୍କର ଆକ୍ରମଣ ସମ୍ମୁଖୀନ କରି ନପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ଫେରାର୍ ହୋଇଯାଇଛନ୍ତି। ଏହି ଅପରେସନବେଳେ ଏକ ମାଓ କ୍ୟାମ୍ପକୁ ଠାବ କରିଛି ଝାଡ଼ଖଣ୍ଡ ପୁଲିସ। କ୍ୟାମ୍ପରୁ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ, ମାରଣାସ୍ତ୍ର ଏବଂ ମାଓ ସାମଗ୍ରୀ ଜବତ ହୋଇଥିବା ସୂଚନା ମିଳିଛି। ତେବେ ଉକ୍ତ ସରଣ୍ଡା ଜଙ୍ଗଲିଆ ରାସ୍ତାରେ ମାଓବାଦୀଙ୍କ ଦ୍ୱାରା ପୂର୍ବରୁ ଖଞ୍ଜାଯାଇଥିବା ଏକ ଆଇଇଡି ବିସ୍ଫୋରଣରେ ଜଣେ ସିଆରପିଏଫ୍ ଯବାନ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ତେବେ ମାଓ କ୍ୟାମ୍ପରୁ ଜବତ ବିସ୍ଫୋରକ ଗତ ୨୭ ତାରିଖ ଦିନ ବାଙ୍କୋରୁ ଲୁଟ ବିସ୍ଫୋରକ କି ନାହିଁ, ସେନେଇ ଓଡ଼ିଶା କି ଝାଡ଼ଖଣ୍ଡ ପୁଲିସ ସ୍ପଷ୍ଟ କରିନାହିଁ।

ସୂଚନାଯୋଗ୍ୟ, ମାଓ ସଂଗଠନର କୁଖ୍ୟାତ ମାଓବାଦୀ ନେତା ମିଶିରି ବେସ୍ରା, ଅନମୋଲ ମୋଚ୍ଛୁ, ଅନଳ, ଅସୀମ ମଣ୍ଡଳ, ସାଗେନ ଅଙ୍ଗେରିଆ, ଅଜୟ ମାହାତୋ, ଅଶ୍ୱିନୀ, ପିଣ୍ଟୁ ଲୋହେରା, ଚନ୍ଦନ ଲୋହାରା, ଅମିତ ହାଁଜଦା ଓରଫ ଅପଟନ, ଜୟକାନ୍ତ, ରାପା ମୁଣ୍ଡାଙ୍କ ସମେତ ସେମାନଙ୍କ ▶ପୃଷ୍ଠା-୭



ଆଇଇଡି ବିସ୍ଫୋରଣରେ ସିଆର୍‌ପିଏଫ୍ ଯବାନ ଗୁରୁତର

■ ପଟ୍ଟାଙ୍ଗି ବ୍ଲକ୍ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପ୍ରସଙ୍ଗ

# ଉପ ଜିଲ୍ଲାପାଳଙ୍କୁ ଭେଟିଲେ ସରପଞ୍ଚ, ସମିତି ସଭ୍ୟ



ପଟ୍ଟାଙ୍ଗି,୩୦।୫(ସମିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକର ଅଧ୍ୟକ୍ଷା କଳ୍ପନା ପାଙ୍ଗିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବର ତଦନ୍ତ ଦାବି କଲେ ବ୍ଲକର କିଛି ସରପଞ୍ଚ ଏବଂ ସମିତି ସଭ୍ୟ। ବ୍ଲକ୍ ଅଧିନରେ ରହିଥିବା ୧୪ଟି ପଞ୍ଚାୟତର ୯ଟି ସମିତି ସଭ୍ୟା ସଭ୍ୟ ଏବଂ ୫ ସରପଞ୍ଚ ଏକତ୍ରିତ ହୋଇ ଗତ ଶୁକ୍ରବାର ଉପଜିଲ୍ଲାପାଳ ପ୍ରେମ ଲାଲ୍ ହିଆଲଙ୍କୁ ଭେଟିଥିଲେ। ସାକ୍ଷାତ କରି ବ୍ଲକ୍ ଅଧ୍ୟକ୍ଷା କଳ୍ପନା ପାଙ୍ଗିଙ୍କ ବିରୋଧରେ ଲିଖିତ ଦାବିପତ୍ର ଦେଇ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଦାବି କରିଥିଲେ। ଉକ୍ତ ଅଭିଯୋଗରେ ସରପଞ୍ଚ ସମିତି ସଭ୍ୟା ସଭ୍ୟଙ୍କ ପକ୍ଷରୁ ଉପଜିଲ୍ଲାପାଳ ପ୍ରେମ ଲାଲ୍ ହିଆଲଙ୍କୁ ବ୍ଲକ୍ ଅଧ୍ୟକ୍ଷା ପାଙ୍ଗି ଜନ ପ୍ରତିନିଧି ମାନଙ୍କ ପକ୍ଷରୁ ବ୍ଲକ୍‌କୁ ଆସୁଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କିତ ପ୍ରସ୍ତୁତ ପ୍ରକଳ୍ପକୁ ଅଣଦେଖା କରିବା, ପ୍ରସ୍ତାବକୁ ନିଜ ମନ ମୁତାବକ ବଦଳାଇ ଯନ୍ତ୍ରୀ ମାନଙ୍କୁ ନିଜେ ପସନ୍ଦ ଓ ବାଛିଥିବା କାର୍ଯ୍ୟକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ପ୍ରତିନିଧି ମାନେ ଅଧ୍ୟକ୍ଷା ପାଙ୍ଗିଙ୍କୁ ସାକ୍ଷାତ କରି ପଚାରିବାରୁ ସେ ବ୍ଲକ୍ ଅଧ୍ୟକ୍ଷା, ତାଙ୍କ ଇଚ୍ଛାରେ କାମ ହେବ ବୋଲି କହିଥିଲେ। ପିସି ନେଇ ସେମାନେ ରାଜି ନ ହେବାରୁ ଅଧ୍ୟକ୍ଷା ଓ ତାଙ୍କ ସ୍ୱାମୀ ଗାଳି ଗୁଲଜ କରିଥିଲେ। ଗତ ୨୭ ତାରିଖ ଦିନ ଏନେଇ ଆପୋଷ ବୁଝାମଣା ହୋଇଥିଲା। କିନ୍ତୁ ଆଜି ପୁଣି କିଛି ସରପଞ୍ଚ,ସମିତି ସଭ୍ୟ ସଭ୍ୟା ଏକତ୍ରିତ ହୋଇ ପୁନର୍ବାର ଏହାର ତଦନ୍ତ କରାଯାଉନାହିଁ କାହିଁକି ବୋଲି ପ୍ରଶ୍ନ କରିଛନ୍ତି। ସେମାନେ ବ୍ଲକରେ ଆୟୋଜିତ ବୈଠକ ଛାଡ଼ି ଚାଲିଯାଇଥିବା ଦେଖିବାକୁ ମିଳିଥିଲା।

● ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ଦାବି

# ସାମ୍ବାଦିକଙ୍କୁ ସୁରକ୍ଷା ପାଇଁ ଡିଆଇଜିଙ୍କୁ ଦାବିପତ୍ର ପ୍ରଦାନ




କୋରାପୁଟ,୩୦।୫(ସମିସ): ଓଡିଶା ସାମ୍ବାଦିକ ସଂଘ(ଓଜେୟୁ) କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୋରାପୁଟ ଡିଆଇଜିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଓଜେୟୁ କୋରାପୁଟ ଜିଲ୍ଲା ଶାଖା ର ସଭାପତି ରବି ନାୟକଙ୍କ ନେତୃତ୍ୱରେ ଆଜି ଓଜେୟୁର ପାଞ୍ଚ ଜଣିଆ ଟିମ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଅଖିଳେଶ୍ୱର ସିଂଙ୍କୁ ଭେଟି ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ଦାବିନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ରେ ଉଲ୍ଲେଖ କରାଯାଇଛି ଯେ ରାଜ୍ୟ ତଥା ଦେଶର ଜନସାଧାରଣ ଙ୍କୁ ସମ୍ବାଦ ତଥା ସମସ୍ତ ସୂଚନା ଯୋଗାଇବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ସାମ୍ବାଦିକ ମାନେ ଆଜି ତାଙ୍କ ନ୍ୟାର୍ଯ୍ୟ ଅଧିକାରରୁ ବଞ୍ଚିତ ହେବା ସହ ଅସାମାଜିକ ତତ୍ତ୍ୱର ଟାର୍ଗେଟ ସାଜିଥିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ। ସାମ୍ବାଦିକ ସୁରକ୍ଷା ଆଇନର ଅଭାବରୁ ହଜାର ହଜାର ଗଣମାଧ୍ୟମ ପ୍ରତିନିଧି ଆଜି ନିର୍ଯ୍ୟାତିତ, ଅପମାନିତ । ବଲାଙ୍ଗିର ଜିଲ୍ଲାର ଜଣେ ସାମ୍ବାଦିକଙ୍କୁ ଦୁଇ ଘଣ୍ଟା ଧରି ବାନ୍ଧି ରଖି ଶାରୀରିକ ନିର୍ଯ୍ୟାତନା ଦିଆଯାଇଛି। ତୁରନ୍ତ ରାଜ୍ୟ ସରକାର ଏକ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରି ଗଣତନ୍ତ୍ରକୁ ସୁରକ୍ଷିତ କରିବା ପାଇଁ ଓଡିଶା ସାମ୍ବାଦିକ ସଙ୍ଘ(ଓଜେୟୁ) କୋରାପୁଟ ଜିଲ୍ଲା ଶାଖା ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ ଓଜେୟୁ କୋରାପୁଟ ଜିଲ୍ଲା ଶାଖା ସାଧାରଣ ସମ୍ପାଦକ ରବିଶଙ୍କର ମହାପାତ୍ର, କୋଷାଧ୍ୟକ୍ଷ ସୁଶୀଲ କୁମାର ଷଡଙ୍ଗୀ, ଉପ ସଭାପତି ତ୍ରିନାଥ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କେ.ସାକିଲି ଦୋରା ପ୍ରମୁଖ ଉପସ୍ଥିତ ଥିଲେ।

# ଇଂରାଜୀ ଉପନ୍ୟାସ ଲେଖି ଚର୍ଚ୍ଚାରେ ଛାତ୍ରୀ

## ବହି ଉନ୍ମୋଚନ କଲେ ଜିଲ୍ଲାପାଳ



କୋରାପୁଟ,୩୦।୫(ସମିସ): ମାତ୍ର ୧୫ ବର୍ଷ ବୟସରେ ଇଂରାଜୀ ଉପନ୍ୟାସ ଲେଖି ଚର୍ଚ୍ଚାର ଶିରୋନାମା ପାଲଟିଛନ୍ତି ସେମିଲିଗୁଡ଼ା ସହର କୈଳାଶ ନଗର ପ୍ରଥମ ଲାଇନ୍ ବାସିନ୍ଦା ଶିକ୍ଷକ ଦମ୍ପତି ଶାନ୍ତିଲତା ମଲ୍ଲିକ ଓ ଶାନ୍ତନୁ ମଲ୍ଲିକଙ୍କ ଝିଅ ବିଶ୍ୱଜିତା ମଲ୍ଲିକ। ବିଶ୍ୱଜିତାଙ୍କ ପ୍ରଥମ ଉପନ୍ୟାସ 'ଆୱାର ଅନ୍‌ଫିନିସଡ ଚାପ୍ଟର' ନାମକ ଇଂରାଜୀ ଉପନ୍ୟାସକୁ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ଶୁକ୍ରବାର ଅପରାହ୍ନରେ ଉନ୍ମୋଚନ କରି ଛାତ୍ରୀଙ୍କ ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ସେ ଚତୁର୍ଥ ଶ୍ରେଣୀରେ ପଢ଼ିବା ସମୟରୁ କବିତା ଲେଖିବାକୁ ମନ ବଳାଇଥିଲେ ଓ ଉଦ୍ୟମ ଆରମ୍ଭ କରିଥିଲେ। କିନ୍ତୁ ଏ କଥା ବାପା ମାଙ୍କ ନିକଟରେ ପ୍ରକାଶ କରିଥିଲେ। ପରବର୍ତ୍ତୀ ସମୟରେ ସେ କୈଶୋର ବୟସର ପୁଅ ଝିଅଙ୍କ ମାନସିକତା ଓ ଚିନ୍ତାଧାରାକୁ ନେଇ ଉପନ୍ୟାସ ଲେଖିବାକୁ ଯୋଜନା କରି ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷା ପରେ ବିଶ୍ୱଜିତା ବହିଲେଖା ଆରମ୍ଭ କରି ମାତ୍ର ଦୁଇ ମାସରେ ଲେଖା ଶେଷ କରିଥିବା ତାଙ୍କ ମା ଶାନ୍ତିଲତା ମଲ୍ଲିକ କହିଛନ୍ତି। ଝିଅର ଏପରି ରୁଚି ଦେଖି ସେମାନେ ମଧ୍ୟ ସହଯୋଗ କରୁଥିବା କହିଛନ୍ତି। ଅନ୍ୟ ପକ୍ଷରେ କବିତା ଓ ଉପନ୍ୟାସ ଲେଖିବା ତାଙ୍କର ଛୋଟବେଳୁ ଇଚ୍ଛା ଥିଲା, ଯାହା ଆଜି ସାକାର ହୋଇଛି ବୋଲି ବିଶ୍ୱଜିତା କହିଛନ୍ତି। ତାଙ୍କ ବହି ଉନ୍ମୋଚନ ପାଇଁ ଜିଲ୍ଲାପାଳ ସମୟ ଦେଇଥିବାରୁ ସେ ଜିଲ୍ଲାପାଳ ଭି କୀର୍ତ୍ତି ଭାସନଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେମିଲିଗୁଡା ଦେଓମାଳି ପବ୍ଲିକ ସ୍କୁଲରୁ କୃତିତ୍ୱର ସହ ଚଳିତ ବର୍ଷ ଦଶମ ଶ୍ରେଣୀ ପାସ୍ କରିଛନ୍ତି। ଭବିଷ୍ୟତରେ ଜଣେ ଡାକ୍ତର ହେବାକୁ ସେ ଲକ୍ଷ୍ୟ ରଖିଛନ୍ତି, ହେଲେ ସେ ଉପନ୍ୟାସ ଓ କବିତା ଲେଖା ମଧ୍ୟ ଜାରି ରଖିବେ ବୋଲି କହିଛନ୍ତି। ଆଉ କିଛି ଦିନ ମଧ୍ୟରେ ତାଙ୍କର ଏକ କବିତା ସଙ୍କଳନ ଉନ୍ମୋଚନ ହେବ। ଏତେ କମ୍ ବୟସରେ ବିଶ୍ୱଜିତା ଇଂରାଜୀ ଉପନ୍ୟାସ ଲେଖି ଯୁବପିଢ଼ିଙ୍କୁ ଯେଉଁ ବାର୍ତ୍ତା ଦେଇଛନ୍ତି ତାହା ପ୍ରତ୍ୟେକଙ୍କ ପାଇଁ ଏକ ଉଦାହରଣ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

ଗୁନେଇପଡ଼ା ଛାତ୍ରୀଙ୍କୁ ଦୁଷ୍କର୍ମ ମାମଲା

# ଜେଲ୍ ଗଲେ ଖୁଡ଼ି ଓ ପୁତୁରା

ନନ୍ଦପୁର,୩୦।୫ (ସମିସ): ବହୁ ଚର୍ଚ୍ଚିତ ଗୁନେଇପଡ଼ା ନାବାଳିକା ଦୁଷ୍କର୍ମ ଘଟଣାରେ ମାଛକୁଣ୍ଡ ପୁଲିସ ଦୁଇ ଜଣ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏହାର ତଦନ୍ତ ମାଛ କୁଣ୍ଡ ପୁଲିସ ସହ କୋରାପୁଟ ଅତିରିକ୍ତ ଏସ୍‌ପି, ନନ୍ଦପୁର ଏସ୍‌ଡିପିଓଙ୍କ ସମେତ ଅନ୍ୟ ପୁଲିସ ଅଧିକାରୀ କରୁଥିଲେ। ବିଳମ୍ବ ରେ ହେଉ ପଛେ ଅପରାଧୀକୁ ଧରିବାରେସଫଳ ହୋଇଛି ମାଛକୁଣ୍ଡ ପୁଲିସ। ଏହି ମାମଲାରେ ଛାତ୍ରୀ ନିବାସର ଜଣେ ମହିଳା ସେବାୟତ ବତି ମୁଦୁଲି ଓ ସମ୍ପର୍କୀୟ ପୁତୁରା ପ୍ରହ୍ଲାଦ ମୁଦୁଲିକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସୂଚିତ ଚଳିତ ବର୍ଷ ଏପ୍ରିଲ ମାସ ୧୩ ତାରିଖ ରାତିରେ ଛାତ୍ରୀବାସରେ ପସି ନାବାଳିକାଙ୍କୁ ଦୁଷ୍କର୍ମ କରିଥିଲା ପ୍ରହ୍ଲାଦ। କାହାକୁ ନ କହିବାକୁ ସେ ଧମକ ଦେଇଥିଲା । ନନ୍ଦପୁର ଏସ୍‌ଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକଙ୍କ ସୂଚନା ମୁତାବକ ଘଟଣା ପରଦିନ ସକାଳୁ ସବୁ କଥା ମହିଳା ସେବାୟତ ବତି ମୁଦୁଲିକୁ ପୀଡିତା ଜଣାଇଥିଲେ। ହେଲେ ଅଭିଯୁକ୍ତ ସମ୍ପର୍କୀୟ ହୋଇଥିବାରୁ କଥାକୁ ଚାପି ଦେବା ପାଇଁ ନିରବ ରହିଥିଲେ। ହେଲେ ଗ୍ରୀଷ୍ମ ଛୁଟିରେ ଛାତ୍ରୀ ଘରକୁ ଯିବା ପରେ ଘଟଣା ପଦାକୁ ଆସିଥିଲା। ଏ ମାମଲା ଥାନାରେ ପହଞ୍ଚିଲା। ଅଭିଯୁକ୍ତକୁ ଧରିବାକୁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପୁଲିସ ଉପରେ ଚାପ ସୃଷ୍ଟି ହୋଇଥିଲା। ଶେଷରେ ପୁଲିସ ହାତରେ ଉଭୟ ଧରାପଡ଼ିଥିଲେ।



# 'ସକାଳ' ପ୍ରଭାବ, ହଟିଲା ହମ୍ପ୍‌ସ

କୋଷାଗୁମୁଡା,୩୦।୫(ସମିସ): କୋଷାଗୁମୁଡାଠାରୁ ଛେଳିପଦର, ରାଜୋଡା, ତୁର୍ଚ୍ଚୁଣ୍ଡା, ବେହେରା ଗୁଡା ହୋଇ ନବରଙ୍ଗପୁର ଜିଲ୍ଲା ସଦର ମହକୁମାକୁ ଯୋଗାଯୋଗ କରୁଥିବା ପୂର୍ତ୍ତ ବିଭାଗର ମୁଖ୍ୟ ରାସ୍ତା ୪୦କିଲୋମିଟର ଉପରେ ପ୍ରାୟ ୪୪ ଗୋଟି ପ୍ଲାଷ୍ଟିକ୍ ହମ୍ପ୍‌ସ ରହିଥିଲା। ସ୍ଥାନୀୟ ଜନସାଧାରଣ ଅସନ୍ତୋଷ ସହ ତୁରନ୍ତ ପ୍ଲାଷ୍ଟିକ ହମ୍ପ୍‌ସ ହଟାଇବା ପାଇଁ ଦାବି କରିଥିଲେ। ଏହି ଅଭିଯୋଗକୁ ଭିତ୍ତି କରି "ସକାଳ"ରେ ୨୩ ମେ'ରେ ଖବର ପ୍ରକାଶିତ ହୋଇଥିଲା। ଏହା ପରେ ପୂର୍ତ୍ତ ବିଭାଗ ତତ୍ପରତା ପ୍ରକାଶ କରି ୪୪ଗୋଟି ପ୍ଲାଷ୍ଟିକ ହମ୍ପ୍‌ସକୁ ହଟାଇବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଉଛନ୍ତି। ୨୧ ପ୍ଲାଷ୍ଟିକ ହମ୍ପ୍‌ସ ରାସ୍ତା ଉପରୁ ହଟା ଯାଇଥିବା ସାଧାରଣରେ ଦେଖିବାକୁ ମିଳିଛି। ବର୍ତ୍ତମାନ କୋଷାଗୁମୁଡା, ଛେଳିପଦର,ରାଜୋଡା, ତୁର୍ଚ୍ଚୁଣ୍ଡା, କର୍ଚ୍ଚା ମାଳ, ମଦେଇଗାଁର ଜନସାଧାରଣ "ସକାଳ"କୁ କୃତ୍ୟଜ୍ଞତା ଜଣାଇଛନ୍ତି।



# ନଦୀରେ ଭାସିଯାଇ ଯୁବକ ନିଖୋଜ

କାଳିମେଳା,୩୦।୫(ସମିସ): ମାଲକାନଗିରି ଜିଲ୍ଲା କାଳିମେଳା ଥାନା ଅନ୍ତର୍ଗତ ପୋଟେରୁ କନ୍ୟାସରମ ନଦୀରେ ଗାଧେଇବାକୁ ଯାଇ ଯୁବକ ଭାସି ନିଖୋଜ ହୋଇଥିବା ଜଣାପଡ଼ିଛି। ୁବକ ହେଲେ ଟିଙ୍ଗିଡି ଚୁଆ ଜୟପୁର ଅଞ୍ଚଳର ମାଧବ ଗୌଡଙ୍କ ପୁଅ ଅରୁଣ ଗୌଡ (୧୮) । ଯୁବକ ଜଣକ କାଳିମେଳା ତାଙ୍କ ସମ୍ପର୍କୀୟଙ୍କ ଘରେ ବୁଲିବାକୁ ଆସିଥିଲେ। ତେବେ ସୂଚନା ମୁତାବକ ସେ ଏବଂ ତାଙ୍କର କିଛି ସମ୍ପର୍କୀୟ ପୋଟେରୁ ନଦୀରେ ଗାଧୋଇବାକୁ ଯାଇଥିଲେ। ସେଠାରେ ଯୁବକଙ୍କ ହଠାତ୍ ଗୋଡ଼ ଖସିବାରୁ ପାଣିରେ ଭାସି ନିଖୋଜ ହୋଇଥିବା ଜଣାପଡ଼ିଛି। ଖବର ପାଇ କାଳିମେଳା ପୁଲିସ୍ ଘଟଣା ସ୍ଥାନରେ ପହଞ୍ଚି ଯୁବକଙ୍କୁ ଖୋଜିବା ପ୍ରୟାସ ଜାରି ରଖିଥିବା କାଳିମେଳା ଥାନା ଅଧିକାରୀ ମୁକୁନ୍ଦ ମେଲକା ସୂଚନା ଦେଇଛନ୍ତି।

# ମଦ ବନ୍ଦ ପାଇଁ ପୁଲିସ ଦ୍ୱାରସ୍ଥ ହେଲେ ମହିଳା



ନନ୍ଦାହାଣ୍ଡି, ୩୦।୫(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଡ଼ଙ୍ଗାରଭେଜା ପୁଲିସ ଫାଣ୍ଡିକୁ ଯାଇ ଶତାଧିକ ମହିଳା ନିଜ ଗାଁକୁ ମଦରୁ ମୁକ୍ତ କରିବା ପାଇଁ ଗୁହାରି କରିଛନ୍ତି। ତେନ୍ତୁଳିଖୁଣ୍ଟି ବ୍ଲକ କୁକୁଡ଼ା ବାଇ ଗ୍ରାମପଞ୍ଚାୟତର କବାଗୁଡା ଗ୍ରାମର ମହିଳା ଏହି ଦାବି ଉପସ୍ଥାପନ କରିଛନ୍ତି। ଗାଁରେ ମଦ ବିକ୍ରି ପାଇଁ ଅନେକ ସମସ୍ୟା ଦେଖାଦେଉଛି। ଗାଁର ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ମଦ ପିଉଛନ୍ତିସ। ଏହି ପରିପେକ୍ଷୀରେ ଡ଼ଙ୍ଗାରଭେଜା ପୁଲିସ ଫାଣ୍ଡି ଏସ୍‌ଆଇ ଗୁଣନିଧି ବାଘଙ୍କୁ ଯୋଗାଯୋଗ କରାଯିବାରେ ମହିଳା ମାନେ କୌଣସି ଲିଖିତ ଅଭିଯୋଗ କରି ନଥିବା କହିଛନ୍ତି। ତେବେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ମହିଳା ମାନଙ୍କ ଅଭିଯୋଗ ପରେ ଗାଁର ଦୁଇ ଜଣ ମଦ ବେପାରୀଙ୍କୁ ଫାଣ୍ଡିରେ ଅଟକ ରଖାଯାଇ ପଚରା ଉଚରା କରାଯାଉଛି। କିନ୍ତୁ ପୁଲିସ ଏ ନେଇ କୌଣସି ସୂଚନା ଦେଇନାହିଁ।

# କେନ୍ଦ୍ରୀୟ ବିଦ୍ୟାଳୟରେ ଗ୍ରୀଷ୍ମକାଳୀନ ଭାଷା ଶିବିର



ରାୟଗଡ଼ା,୩୦।୫(ସମିସ ): ରାୟଗଡା ସ୍ଥିତ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଗ୍ରୀଷ୍ମକାଳୀନ ଭାଷା ଶିବିର ଅନୁଷ୍ଠିତ ହେଉଛି। ଏହ ସାତ ଦିନ ଧରି ଚାଲିବ। ଆଜି ଏହି ଶିବିରକୁ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ରାଜାରାମ ଶ୍ୱଛଓ ଜିଲ୍ଲା ଜାତୀୟ ସୂଚନା କେନ୍ଦ୍ର(ଏନଆଇସି) ଯୁଗ୍ମ ନିର୍ଦ୍ଦେଶକ ଗୋନା ଶେଖର ନେଥେଟି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଛନ୍ତି। ବିଭିନ୍ନ ଶ୍ରେଣୀର ଛାତ୍ର ଛାତ୍ରୀ ଏହି ଶିବିରରେ ଯୋଗ ଦେଇ ବିଭିନ୍ନ ଭାଷା ଶିକ୍ଷା ସହ ତେଲୁଗୁ ଭାଷା ଶିକ୍ଷା ଉପରେ ପ୍ରାଧାନ୍ୟ ଦେଇ ଶିଖିଥିଲେଫ ମୁଖ୍ୟ ଅତିଥି ଶ୍ରୀ ଗୋନା ଶେଖର ପଡୋଶୀ ରାଜ୍ୟର ମାତୃଭାଷା ତେଲୁଗୁ ଭାଷା ଶିକ୍ଷା କରିବା ସହ ନିଜ ପଡୋଶୀ ଓ ନିଜ ସାଙ୍ଗସାଥି ମାନଙ୍କ ସହ ନିଜ ଭାବର ଆଦାନ ପ୍ରଦାନ କରିପାରିବେ ବୋଲି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ତେଲୁଗୁ ଶିକ୍ଷୟିତ୍ରୀ ବୋଟୁ ସରନ୍ୟା ଏବଂ ପ୍ରାଥମିକ ଶିକ୍ଷକ ଜୟଦେବ ମହାନ୍ତି ପରିଚାଳନା କରୁଛନ୍ତି। ଏହି ଶିବିର ଆଜି ଠାରୁ ଆସନ୍ତା ୬ ତାରିଖ ଯାଏ ଚାଲିବ। ଏହି କାର୍ଯକ୍ରମକୁ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ପ୍ରଶଂସା କରିଛନ୍ତି।

# ଅବିଭକ୍ତ କୋରାପୁଟ ଜିଲ୍ଲାକୁ ନୂତନ ରାଜ୍ୟ ଗଠନ ଦାବି



ନବରଙ୍ଗପୁର,୩୦।୫(ସମିସ): ଅବିଭକ୍ତ କୋରାପୁଟ ଜିଲ୍ଲାକୁ ନୂତନ ରାଜ୍ୟ ଗଠନ କରିବାକୁ ଦାବି କରିଛି କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି। ଏନେଇ ଶୁକ୍ରବାର ନବରଙ୍ଗପୁର ଅମଲା ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ନବରଙ୍ଗପୁର ଜିଲ୍ଲା ସମ୍ପାଦକ ଭଗବାନ ବୈରାଗୀ। ସୂଚନା ଅନୁଯାୟୀ ଅବିଭକ୍ତ କୋରାପୁଟ ଜିଲ୍ଲା ଯଥା- ନବରଙ୍ଗପୁର, କୋରାପୁଟ, ରାୟଗଡ଼ା, ମାଲକାନଗିରି ଜିଲ୍ଲାକୁ ଅଲଗା ସ୍ୱତନ୍ତ୍ର ରାଜ୍ୟ ଗଠନ କରିବା ସକାଶେ ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାସ୍ତରିୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ୪ ଜିଲ୍ଲାର ବୁଦ୍ଧିଜିବୀ, ବିଭିନ୍ନ ସମାଜିକ ସଂଗଠନର ମୁଖିଆ, ଲେଖକ, ଆଇନଜୀବୀ, ଛାତ୍ରସଂଗଠନ ମାନେ ଯୋଗ ଦେଇଥିଲେ। ଅବିଭକ୍ତ କୋରାପୁଟ ଜିଲ୍ଲା ଏକ ଐତିହାସିକ ଗୌରବମୟ ଜିଲ୍ଲା ଅଟେ। ଓଡ଼ିଶା ରାଜ୍ୟ ଗଠନ ୮୯ ବର୍ଷ ବିତି ଯାଇଥିବା ବେଳେ ଏହି ୪ ଗୋଟି ଜିଲ୍ଲା ସବୁ କ୍ଷେତ୍ରରେ ପଛୁଆ ହୋଇରହିଛି। ଜିଲ୍ଲାରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳସେଚନ, କଳକାରଖାନା, ନିଯୁକ୍ତି, ଭାଷା, ସଂସ୍କୃତି ଇତ୍ୟାଦିର ଉନ୍ନତି ପାଇଁ ବାରମ୍ବାର ସରକାରଙ୍କୁ ଦାବି ଜଣାଇବା ସତ୍ତ୍ୱେ ମଧ୍ୟ ଜିଲ୍ଲାଗୁଡ଼ିକୁ ଅବହେଳା କରାଯାଇଛି। ଯଦି ରାଜସ୍ୱ ଆଦାୟ ଭାବରେ ଦେଖାଯାଏ ତା ହେଲେ ଓଡ଼ିଶା ସରକାର ବର୍ଷକୁ ରାଜସ୍ୱ ଅବିଭକ୍ତ କୋରାପୁଟ ଜିଲ୍ଲାରୁ ସର୍ବାଧିକ ପାଉଛନ୍ତି। କିନ୍ତୁ ଏହି ଜିଲ୍ଲା ଗୁଡ଼ିକ ସବୁବେଳେ ଗରିବ ଏବଂ ପଛୁଆ ଜିଲ୍ଲା ଭାବେ ରହିଛି। ସଂଗଠନ ପକ୍ଷରୁ କୁହାଯାଇଛି ଯେ, ୬ ମାସ ତଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲ୍ଲା ମାଟିରେ ଲୋକ ମହୋତ୍ସବ ମଣ୍ଡେଇ, ପରବ, ମାଲ୍ୟବନ୍ତ କାର୍ଯ୍ୟକ୍ରମରେ ହଜାର ହଜାର ଲୋକଙ୍କ ସମ୍ମୁଖରେ ଜିଲ୍ଲା ଭିତ୍ତିକ ନିଯୁକ୍ତି କରିବା ପାଇଁ ପ୍ରତିଶ୍ରୁତି ଦେଲେ । କିନ୍ତୁ ଦୁଃଖର ପ୍ରତିଶ୍ରୁତି ରଖି ପରିଲେନି ମୁଖ୍ୟମନ୍ତ୍ରୀ। ତେଣୁ ସ୍ୱତନ୍ତ୍ର ରାଜ୍ୟ ଗଠନ ପାଇଁ ଦାବି କରାଯାଇଛି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟକ୍ଷ ଲଳିତ ମୋହନ ନାୟକ , ଅଗ୍ନିପୂର୍ ସରପଞ୍ଚ ଦିବାକର ପୂଜାରୀ , ରାଜେଶ୍ ଜାନି , ମାନସ୍ମିତ ଟାକ୍ରୀ ,ପ୍ରବୀର୍ ପାତ୍ର , ଶିଶିର ପରିଛା , ଦେବରାଜ ନାଗ ପ୍ରମୁଖଙ୍କ ସମେତ ବହୁ କର୍ମକର୍ତ୍ତା ଏବଂ ସଦସ୍ୟ ଯୋଗ ଦେଇଥିଲେ।

# ସତନାମୀ ସମାଜର ବୈଠକ



ପାପଡାହାଣ୍ଡି, ୩୦।୫ (ସମିସ): ଓଡ଼ିଶା ପ୍ରଦେଶ ସତନାମୀ ସମାଜର ରାଜ୍ୟସ୍ତରୀୟ ବୈଠକ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ସତନାମୀ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ବୈଠକର ଶୁଭାରମ୍ଭ ସନ୍ଥ ଶିରୋମଣି ସତ୍‌ଗୁରୁ ଘାସି ଦାସଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଏବଂ ଆଳତି ଦେଇ କରାଯାଇଥିଲା । ଓଡ଼ିଶା ପ୍ରଦେଶ କୁଳପତି କ୍ଷେତ୍ର ମୋହନ ସତନାମୀଙ୍କ ଆହ୍ୱାନ କ୍ରମେ ଏହି କାର୍ଯ୍ୟକ୍ରମକୁ ପ୍ରଦେଶ ସଭାପତି ଜୋତିଲାଲ ବଞ୍ଜାରେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡିଶା ପ୍ରଦେଶର ବଲାଙ୍ଗୀର ଜିଲ୍ଲା, ନୂଆପଡ଼ା ଜିଲ୍ଲା , କଳାହାଣ୍ଡି ଜିଲ୍ଲା, ନବରଙ୍ଗପୁର ଜିଲ୍ଲା ୯ ଗୋଟି ଗ୍ରାମର କର୍ମକର୍ତ୍ତା ଏବଂ ବରଗଡ ଜିଲ୍ଲାର ଜିଲ୍ଲା ସ୍ତରୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ସନ୍ଥ ଶିରୋମଣି ଗୁରୁ ଘାଷି ଦାସଙ୍କ ଜୀବନୀ ଉପରେ ଆଧାରିତ ଓଡ଼ିଆ ଭାଷାରେ ବର୍ଣ୍ଣିତ 'କ୍ରାନ୍ତିବୀର ସତ୍‌ଗୁରୁ ଘାଷିଦାସ' ପୁସ୍ତକ ପ୍ରଦେଶ କୁଳପତି କ୍ଷେତ୍ରମୋହନ ସତନାମୀଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ଏହି ପୁସ୍ତକର ଲେଖକ ଅଭିରାମ ମଲ୍ଲିକ। ଏହାପରେ ନବରଙ୍ଗପୁର ଜିଲ୍ଲା ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ନବରଙ୍ଗପୁର ଜିଲ୍ଲା ସତନାମୀ ସମାଜ ଜିଲ୍ଲା ସଭାପତି ଭାବେ ସୁରେଶ ଭାରତୀ, ଉପ ସଭାପତି ଭାବେ ମନୋହର ଚତୁର୍ବେଦୀ, ସମ୍ପାଦକ ଭାବେ ପ୍ରବୀଣ କୁମାର ସତନାମୀ, ସହ ସମ୍ପାଦକ ଚନ୍ଦନ ବାନ୍ଧେ, କୋଷାଧ୍ୟକ୍ଷ ଭାବେ ନେନ୍ଧୁ ମୀରଝା ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ। ଏହି ନିର୍ବାଚନ ପ୍ରକ୍ରିୟାକୁ କୁଳପତି ଏବଂ ରାଜ୍ୟ ସଭାପତିଙ୍କ ପ୍ରତେକ୍ଷ ତତ୍ତ୍ୱାବଧାନ ରେ ଅନୁଷ୍ଠିତ କରାଯାଇଥିଲା। ଏହାପରେ କୁଳପତି ନୂତନ ଭାବେ ନିର୍ବାଚିତ ସଦସ୍ୟଙ୍କୁ ଶପଥ ପାଠ କରାଇ ସମାଜର ଉନ୍ନତି ଦିଗରେ କାର୍ଯ୍ୟ କରିବାକୁ ଦିଗଦର୍ଶନ କରାଇଥିଲେ। ଏହି ବୈଠକରେ ରାଜ୍ୟସ୍ତରୀୟ ଗୁରୁ ଘାଷି ଦାସଙ୍କ ଜନ୍ମଦିନ ରାଇଘର ସତ୍‌ନାମୀ ସମାଜ କରିବ ବୋଲି ସର୍ବସମ୍ମତି କ୍ରମେ ପାରିତ କରାଯାଇଥିଲା। ବୈଠକରେ ରାଜ୍ୟ ସ୍ତରୀୟ ସତନାମୀ ସମାଜରେ ନୂତନ ଭାବେ ବରଗଡ ଜିଲ୍ଲାକୁ ସର୍ବ ସମ୍ମତି କ୍ରମେ ସାମିଲ କରାଗଲା। ଏହି ଅବସରରେ ଓଡିଶା ପ୍ରଦେଶ କୁଳପତି କ୍ଷେତ୍ରମୋହନ ସତନାମୀ, ରାଜ୍ୟ ସଭାପତି ଜୋତିଲାଲ ବଞ୍ଜାରେ, ରାଜ୍ୟ ଉପ ସଭାପତି ଚୁନିଲାଲ ମୀରଝା, ଉପ ସଭାପତି ହରିରାମ ଆଣ୍ଡିଲ, ସମ୍ପାଦକ ମିନିକେତନ ଡ଼ିଣ୍ଡି, ଯୁଗ୍ମ ସମ୍ପାଦକ ଗୋପାଳ ଡ଼ିଣ୍ଡି, କଷାଧକ୍ଷ ମାର୍କଣ୍ଡ ସତନାମୀ, ମିଡ଼ିଆ ପ୍ରଭାରୀ ଲୋକେଶ ସତନାମୀ, ସତନାମୀ ସମାଜ ପ୍ରବକ୍ତା ଶଙ୍କର ବଞ୍ଜାରେ, କଳାହାଣ୍ଡି ସଭାପତି ଶତ୍ରୁଘ୍ନ ସତନାମୀ ରାଜମୋହନ୍ତ, ପୂର୍ବତନ ନୂଆପଡା ଜିଲ୍ଲା ସଭାପତି ଈଶ୍ୱର ମୋନହରେ, ବରଗଡ ଜିଲ୍ଲା ସଭାପତି ରାମପ୍ରସାଦ ଓଗେର , ରାଇଘର ଗୋଣ୍ଡ଼ୱାନା ସମାଜ ସଭାପତି ମଣିରାମ ଗଣ୍ଡ, ରାଇଘର ଗୋଣ୍ଡ଼ୱାନା ସମାଜ ସମ୍ପାଦକ ଫଗୁନୁ ଗଣ୍ଡ , ଏସ୍‌ସି ସେଲ ସମ୍ପାଦକ ସନ୍ତୁରାମ ନାଗ ପ୍ରମୁଖ ଉପସ୍ଥିତ ଥିଲେ।

# ବାଲ୍ୟ ବିବାହ ରୋକିଲେ ସିଡିପିଓ



ବୈପାରିଗୁଡ଼ା, ୩୦।୫(ସମିସ): ବାଲ୍ୟବିବାହ ରୋକିବାରେ ସଫଳ ହେଲେ ସିଡିପିଓ । ବୈପାରିଗୁଡା ଥାନା ଅନ୍ତର୍ଗତ କୋଲନୀଗୁଡାରେ ଏକ ବାଲ୍ୟବିବାହ ପାଇଁ ପ୍ରସ୍ତୁତି ଚାଲିଥିବା ଖବର ପାଇ ଘଟଣା ସ୍ଥଳରେ ବ୍ଲକ ପ୍ରଶାସନ ସିଡିପିଓ ଏବଂ ପୁଲିସ ପହଞ୍ଚି ଏହି ବାଲ୍ୟ ବିବାହ ରୋକିଥିଲେ। ସୂଚନା ଅନୁଯାୟୀ, ବୈପାରିଗୁଡା ଥାନା କେନ୍ଦୁପଡା ଅଞ୍ଚଳର ଯୁକ୍ତ ଦୁଇ ପଢୁଥିବା ଜଣେ ନାବାଳକ ସହ ବୈପାରିଗୁଡା ଅଞ୍ଚଳର ୧୭ ବର୍ଷର ନାବାଳିକାଙ୍କ ବାଲ୍ୟ ବିବାହ ପାଇଁ ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି ଚାଲିଥିଲା । କିଛି ଦିନ ତଳେ ନାବାଳକ ଉକ୍ତ ନାବାଳିକାକୁ ଉଦୁଲିଆ ଆଣି ନିଜ ଘରେ ରଖିଥିଲା। ଆଦିବାସୀ ସମ୍ପ୍ରଦାୟ ଅନୁଯାଇ କିଛି ଦିନ ପରେ ଉଦୁଲିଆ ଆଣିଥିବା ନାବାଳିକାଙ୍କୁ ବିବାହ କରିଥାନ୍ତେ। ସିଡିପିଓ ସବିତା ବ୍ରହ୍ମାଙ୍କୁ କୌଣସି ସୂତ୍ରରୁ ଖବର ପାଇବା ପରେ ଘଟଣା ସ୍ଥଳକୁ ଯାଇ ଦୁଇ ପରିବାରକୁ ବୁଝାଇବାକୁ ଚେଷ୍ଟା କରିଥିଲେ। ଦୁହିଁଙ୍କ ପ୍ରାପ୍ତ ବୟସ ହେବାପରେ ବିବାହ କରାଯିବ ବୋଲି ଦୁଇ ପରିବାର ରାଜି ହୋଇଥିଲେ। ଶେଷରେ ଦୁଇ ପରିବାରଙ୍କ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷର କରାଯାଇ ଝିଅ ୧୮ ବର୍ଷ ଏବଂ ପୁଅ ୨୧ ବର୍ଷ ହେଲେ ବିବାହ କରାଯିବ ବୋଲି ନିଷ୍ପତି ନିଆଯାଇଥିଲା। ଏଥିରେ ଅଙ୍ଗନବାଡ଼ି ସୁପରଭାଇଜର ନନ୍ଦିନୀ ସ୍ୱାଇଁ, କେନ୍ଦୁପଡା ଅଙ୍ଗନବାଡ଼ି କର୍ମୀ ମଧୁସ୍ମିତା ଧଳ ଏବଂ ସ୍ଥାନୀୟ ବୈପାରୀଗୁଡା ଅଙ୍ଗନବାଡ଼ି କର୍ମୀ ତୁଳସୀ ଚଲାଣ ବୈପାରିଗୁଡା ପୁଲିସ କନଷ୍ଟେବଳ କୌଶଲ୍ୟା ରନ୍ଧାରୀ ପ୍ରମୁଖ ଉପସ୍ଥିତିରେ ଦୁଇ ପରିବାରକୁ ବୁଝାସୁଝା କରାଯାଇଥିଲା।

## ମସିପୁଟ -କହ୍ନେଇପୁଟ ରାସ୍ତା ଅବସ୍ଥା ସୁଧୁରିଲାନି

# ନିଜ ଖର୍ଚ୍ଚରେ ରାସ୍ତା ନିର୍ମାଣ କଲେ ୬ଟି ଗାଁ ବାସିନ୍ଦା

କୋରାପୁଟ,୩୦।୫ (ସମିସ):



କୋରାପୁଟ ପୌର ପରିଷଦ ଅନ୍ତର୍ଗତ ୧୮ ନମ୍ବର ୱାର୍ଡରେ ଥିବା ୬ଖଣ୍ଡ ଗ୍ରାମର ଗ୍ରାମବାସୀ ନିଜ ଖର୍ଚ୍ଚରେ ରାସ୍ତା କାମ ଆରମ୍ଭ କରିଛନ୍ତି। ଏହି ୬ ଖଣ୍ଡ ଗ୍ରାମରେ ବାସ କରନ୍ତି ପାଖାପାଖି ୨୦୦ ପରିବାର। ଗ୍ରାମବାସୀ ମାନେ ନିଜର ଦୈନନ୍ଦିନ ଗୁଜୁରାଣ ପାଇଁ ସମ୍ପୂର୍ଣ୍ଣ ରୂପେ କୋରାପୁଟ ସହର ଉପରେ ନିର୍ଭର କରିଥାନ୍ତି। କୋରାପୁଟ ସହର ଠାରୁ ମାତ୍ର ୪ କିମି ପରିଧି ମଧ୍ୟରେ ରହିଛି ଏହି ସବୁ ଗ୍ରାମ। କିନ୍ତୁ ଗାଁ ଗୁଡିକୁ ଯିବା ଆସିବା ପାଇଁ ରାସ୍ତାଟିଏ ନଥିବାରୁ ଏହିସବୁ ଗ୍ରାମବାସୀ ବହୁବାର ପ୍ରଶାସନ ଠାରୁ ଆରମ୍ଭ କରି ନେତା ମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇ କେବଳ ପ୍ରତିଶୃତି ଛଡ଼ା କିଛି ପାଇନାହାନ୍ତି। ତେଣୁ ବାଧ୍ୟ ହୋଇ ନିଜ ହାତରୁ ୩୦ ହଜାର ଖର୍ଚ୍ଚ କରି ଜେସିବି ଲଗାଇ ରାସ୍ତା କାମ ଆରମ୍ଭ କରାଯାଇଛି। ଏହି ୬ ଖଣ୍ଡ ଗ୍ରାମ ହେଲା ମସିପୁଟ , ଡୁମୁରିଗୁଡା , ଚଣ୍ଡାଳଗୁଡା , କୋଲାବ ,ଠାଟୁଗୁଡା ଓ ଗୁଡା । ଏହି ସବୁ ଗାଁ ଲୋକେ ନିଜ ନିଜ ଗାଁରେ ରହି ରାତିରେ କୋରାପୁଟ ସହରର ଆଲୋକ ଦେଖି ପାରନ୍ତି। କିନ୍ତୁ ଗାଁକୁ ଯାଇପାରେନି ଗାଡ଼ି ମୋଟର। କୌଣସି ଲୋକଙ୍କ ଦେହ ଖରାପ ହେଲେ ଯାଇପାରେନି ଆମ୍ବୁଲାନ୍ସ। ରାସ୍ତା ନଥିବାରୁ ପ୍ରାଥମିକ ଶିକ୍ଷା ପରେ ପିଲା ପାଠ ଛାଡି ଦେଉଥିବା କହିଛନ୍ତି ଗ୍ରାମବାସୀ। ଶେଷରେ ନିରାଶ ହୋଇ ଏହି ସବୁ ଗାଁ ଲୋକେ ପରିବାର ପିଛା ୨୦୦ ଟଙ୍କା ଲେଖାଏଁ ଆଦାୟ କରି ମେସିନ ଲଗାଇ କାମ ଆରମ୍ଭ କରିଛନ୍ତି । ସରକାର ଲୋକଙ୍କ ପାଇଁ ଯୋଜନା ଉପରେ ଯୋଜନା କରୁଥିବା କହି ଡିଣ୍ଡିମ ପିଟୁଥିବା ବେଳେ ଏହି ସବୁ ଗ୍ରାମର ଲୋକଙ୍କ ଦୁଃଖକୁ ବୁଝିଲେ ସହଜରେ ଜଣାପଡୁଛି। ରାସ୍ତା ଅବସ୍ଥା ଅତ୍ୟନ୍ତ ଖରାପ ହୋଇଥିବାବେଳେ ବହୁବାର ପ୍ରଶାସନକୁ ଏନେଇ ଅବଗତ କରାଯାଇଥିବା ଗ୍ରାମବାସୀ କହିଛନ୍ତି। ଏନେଇ କୋରାପୁଟ ପୌର ପରିଷଦର ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ କହିଛନ୍ତି ଯେ ଏହି ସମସ୍ୟା ଆଜି ନୁହେଁ, ଦୀର୍ଘ ବର୍ଷର। ବିଗତ ଦିନରେ ୧୯ ନମ୍ବର ୱାର୍ଡ ଅଧୀନରେ ରହିଥିବା ମସିପୁଟ ବାସିନ୍ଦା କିଛିଦିନ ତଳେ କାର୍ଯ୍ୟାଳୟକୁ ଆସି ତାଙ୍କୁ ଭେଟି ଦୁଃଖ ଜଣାଇଥିଲେ। ହେଲେ ଏହି ଗାଁକୁ ଯୋଡୁଥିବା ରାସ୍ତାରେ ଘରୋଇ ଲୋକଙ୍କର ଜମି ହୋଇଥିବାରୁ ସେଠାରେ ରାସ୍ତା ନିର୍ମାଣ କରାଯାଇପାରିବ ନାହିଁ । ଉଭୟଙ୍କ ମଧ୍ୟରେ ଆପୋଷ ବୁଝାବଣା ହେବା ପରେ ରାସ୍ତା ନିର୍ମାଣ ହୋଇପାରିବ ବୋଲି ସେ କହିଛନ୍ତି। ପୌର ପରିଷଦ ତରଫରୁ ସେହି ଗାଁ ଗୁଡ଼ିକର ବିକାଶ ହୋଇଛି, କିନ୍ତୁ ସରକାରୀ ଜାଗା ନଥିବାରୁ ରାସ୍ତା ହୋଇପାରିନାହିଁ ବୋଲି ସେ କହିଛନ୍ତି।

## ■ ପଞ୍ଚାୟତ ସମିତି ବୈଠକକୁ ସରପଞ୍ଚ ଓ ସମିତି ସଭ୍ୟଙ୍କ ବର୍ଜନ

# ବିକଶିତ ଗାଁ, ବିକଶିତ ଓଡ଼ିଶା ପ୍ରକଳ୍ପରେ ଅଣଦେଖା ଅଭିଯୋଗ

ଖଇରପୁଟ, ୩୦।୫(ସମିସ):



ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକ୍‌ରେ ଆୟୋଜିତ ପଞ୍ଚାୟତ ସମିତି ବୈଠକକୁ ଅନେକ ସରପଞ୍ଚ ଓ ସମିତି ସଭ୍ୟ ବୈଠକ ବର୍ଜନ କରିଛନ୍ତି। ସେମାନଙ୍କ ଅଭିଯୋଗ ଥିଲା ଯେ, ବିକଶିତ ଗାଁ ଓ ବିକଶିତ ଓଡ଼ିଶା ପ୍ରକଳ୍ପରେ ସ୍ଥାନୀୟ ପ୍ରତିନିଧି ଭାବରେ ସେମାନଙ୍କୁ ଅଣଦେଖା କରାଯାଉଛି। ବ୍ଲକ୍ କାର୍ଯ୍ୟାଳୟକୁ ବୈଠକ ପାଇଁ ଆସିଥିବା ସରପଞ୍ଚ ଓ ସମିତି ସଭ୍ୟମାନେ ବୈଠକ ଆରମ୍ଭର କିଛି ସମୟ ପରେ ବୈଠକରୁ ବାହାରି ଆସିଥିଲେ। ତାଙ୍କର ଅଭିଯୋଗ ଅନୁଯାୟୀ, ବ୍ଲକ୍ ଅଧ୍ୟକ୍ଷ, ବିଧାୟକ ଓ ସାଂସଦମାନେ ନିଜ ମନ ମୁତାବକ କାମ ବଣ୍ଟନ କରୁଛନ୍ତି। ଯାହା ଅନ୍ୟାୟ ଓ ଲୋକତନ୍ତ୍ର ବିରୋଧୀ। ଜିଲ୍ଲା ସରପଞ୍ଚ ସଂଘର ସଭାପତି ତଥା ଗୋବିନ୍ଦପାଲି ସରପଞ୍ଚ ଶ୍ରୀନିବାସ ମୁଦୁଲି କହିଛନ୍ତି, ଆମେ ବୈଠକରୁ ଫେରି ଆସିଥିଲେ ମଧ୍ୟ ବୁଝାଇ ସୁଝାଇ ପୁଣି ବୈଠକକୁ ଡାକି ନିଆଯାଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ସମାଧାନ ହୋଇନାହିଁ। ଯଦି ଲୋକ ପ୍ରତିନିଧିଙ୍କୁ ଏଭଳି ଅଣଦେଖା କରାଯାଏ, ତେବେ ବ୍ଲକ୍ ଘେରିବାକୁ ମଧ୍ୟ ଆମେ ପଛାଇବୁ ନାହିଁ ବୋଲି ମତ ରଖିଥିଲେ। ଏହି ବୈଠକରେ ଗଣମାଧ୍ୟମ କର୍ମୀମାନେ ପ୍ରବେଶ କରି ପାରିନଥିଲେ। କାରଣ ବୈଠକ ବିଷୟରେ ସାମ୍ବାଦିକମାନଙ୍କୁ କୌଣସି ସୂଚନା ମଧ୍ୟ ଉପଲବ୍ଧ କରାଯାଇ ନଥିଲା। ବ୍ଲକ୍ ପକ୍ଷରୁ ପରେ ସରପଞ୍ଚ ଓ ସମିତି ସଭ୍ୟମାନଙ୍କୁ ବୁଝାଇ ସୁଝାଇ ବୈଠକରେ ସାମିଲ କରାଯାଇଥିଲା। ବ୍ଲକ୍ ଅଧ୍ୟକ୍ଷଙ୍କ ଦ୍ୱାରା ଆଶ୍ୱାସନ ଦିଆଯାଇଛି ଯେ, ଆଗାମୀ ଦିନରେ ଗ୍ରାମ ପଞ୍ଚାୟତମାନଙ୍କୁ ମଧ୍ୟ ଉନ୍ନୟନ କାର୍ଯ୍ୟରେ ସମ୍ପୃକ୍ତ କରାଯିବ। କାମ ବଣ୍ଟନରେ ସମସ୍ତଙ୍କୁ ସମ୍ମାନ ଅଧିକାର ଦିଆଯିବ। ଏହି ଘଟଣା ଏକ ବଡ଼ ପ୍ରଶ୍ନ ଉଠାଇଛି। ଗ୍ରାମ ଓ ପଞ୍ଚାୟତ ସ୍ତରର ନିର୍ବାଚିତ ପ୍ରତିନିଧିଙ୍କ ଉନ୍ନୟନମୂଳକ କାର୍ଯ୍ୟରେ ଉପେକ୍ଷା କରାଯିବା ନେଇ ଉଦ୍‌ବେଗ ପ୍ରକାଶ ପାଇଛି।

## ■ ବିଲାପୁଟ ନୂଆ ରଥଯାତ୍ରା

# ଜିଲ୍ଲାପାଳଙ୍କୁ ନିମନ୍ତ୍ରଣ କଲେ ଗ୍ରାମବାସୀ

କୋରାପୁଟ,୩୦।୫ (ସମିସ):



ବିଲାପୁଟରେ ନୂତନ ଭାବେ ନିର୍ମିତ ଶ୍ରୀ ଶ୍ରୀ ଶବରୀ ନାରାୟଣ ଜଗନ୍ନାଥ ମନ୍ଦିରର ପ୍ରଥମ ରଥ ଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଆଜି ଗ୍ରାମବାସୀ ଓ କମିଟିର ସଦସ୍ୟମାନେ ଜିଲ୍ଲାପାଳ ଭି କୀର୍ତ୍ତି ୱାସନଙ୍କୁ ଭେଟି ଉପଢୌକନ ଦେବା ସହ ରଥଯାତ୍ରାରେ ଯୋଗ ଦେବାକୁ ନିମନ୍ତ୍ରଣ କରିଛନ୍ତି। ଏଥି ନିମନ୍ତେ ଆବଶ୍ୟକ ସରଞ୍ଜାମ ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି। ଏହି ଉପାନ୍ତ ଅଞ୍ଚଳରେ ଗଢ଼ିଉଠିଥିବା ଶ୍ରୀ ଶ୍ରୀ ଶବରୀ ନାରାୟଣ ଜଗନ୍ନାଥ ମନ୍ଦିରର ଶ୍ରୀ ଜିଉ ମାନଙ୍କର ରଥଯାତ୍ରାରେ ପ୍ରଥମ କରି କାଙ୍ଗୁ ଚାଉଳରେ ପ୍ରସ୍ତୁତି ଖିରି ଜିଲ୍ଲାପାଳ ସ୍ୱ ହସ୍ତରେ ଭୋଗ ଲାଗି କରିବେ ବୋଲି ପ୍ରତିଶୃତି ଦେଇଥିବା ମୁଖ୍ୟ ସଂପାଦକ ଲଳିତ ମୋହନ ପଟ୍ଟନାୟକ କହିଛନ୍ତି। ରାସ୍ତା, ପାଣି ଏବଂ ଭକ୍ତମାନେ ପ୍ରସାଦ ସେବନ କରିବା ପାଇଁ ପ୍ରସାଦ ସେବନ ଗୃହ ଓ କଲ୍ୟାଣ ମଣ୍ଡପ ଆଦି ତିଆରି ନିମନ୍ତେ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିବା ସେ କହିଛନ୍ତି। ମୁଖ୍ୟ ସଂପାଦକ ଲଳିତ ମୋହନ ପଟ୍ଟନାୟକଙ୍କ ସହ ନାରାୟଣ ପ୍ରଧାନ, ବିଶ୍ୱନାଥ ପ୍ରଧାନ, ସଂଜୟ କୁମାର ପରିଡା, ଅର୍ଜୁନ ମାରିଆ , ସୁନାକର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରିବାକୁ ଦାବିପତ୍ର ପ୍ରଦାନ



ରାମନାଗୁଡ଼ା,୩୦।୫(ସମିସ): ରାଜ୍ୟରେ ଅସୁରକ୍ଷିତ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ। କାରଣ ସାମ୍ବାଦିକମାନଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ବଲାଙ୍ଗିର ଅଞ୍ଚଳରେ ଜଣେ ଠିକାଦାର ଜଣେ ବରିଷ୍ଠ ସାମ୍ବାଦିକଙ୍କୁ କଙ୍ଗାରୁ କୋର୍ଟ କରି ମାଡ଼ମାରିବା ଘଟଣା ଅତ୍ୟନ୍ତ ନିନ୍ଦନୀୟ। ତଥାପି ରାଜ୍ୟ ସରକାର ସାମ୍ବାଦିକ ସୁରକ୍ଷା ପ୍ରତି କୌଣସି ଚରମ ପଦକ୍ଷେପ ନ ନେବା ଅତି ଦୁଃଖର କଥା। ତେଣୁ ରାଜ୍ୟରେ ସାମ୍ବାଦିକ ସୁରକ୍ଷା ପାଇଁ ପଦକ୍ଷେପ ନେବା ନିମନ୍ତେ ରାୟଗଡା ଜିଲ୍ଲା ରାମନାଗୁଡା ବ୍ଲକର ବରିଷ୍ଠ ସାମ୍ବାଦିକ ନବୀନ ନାୟକ ବେହେରାଙ୍କ ନେତୃତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ ରାଜ୍ୟରେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭର ସୁରକ୍ଷା ପାଇଁ ଦାବି କରାଯାଇଛି। ରାଜ୍ୟ ସରକାରଙ୍କୁ ଏକପତ୍ର ମାଧ୍ୟମରେ ଶୁଭଜିତ ପଟ୍ଟନାୟକ, ଆନନ୍ଦ ପରିଛା, ସଞ୍ଜୟ କୁମାର ପ୍ରଧାନ, ଶିବ ପ୍ରସାଦ ବ୍ରହ୍ମା, ରାମ ଶଙ୍କର ପଟ୍ଟନାୟକ, ହୃଷିକେଶ ପାତ୍ର, ନିର୍ମଳ ଖାମ୍ବା, ରଞ୍ଜନ ନାୟକ ବେହେରା, ଶିବ ଶଙ୍କର ପଣ୍ଡା, ଧବଳେଶ୍ୱର ପାତ୍ରୀ ପ୍ରମୁଖ ରାମନାଗୁଡା ଅତିରିକ୍ତ ତହସିଲଦାର ଡମ୍ବରୁ ଗୟାଧର ବେହେରାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ଅବସର ପୂର୍ବଦିନ ପିଇଓଙ୍କ ପରଲୋକ



କୋଷାଗୁମୁଡା,୩୦।୫(ସମିସ): ଶୁକ୍ରବାର ସକାଳେ କୋଷାଗୁମୁଡା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭୀମସେନ ପ୍ରଧାନୀଙ୍କ ଅକାଳ ବିୟୋଗ ଘଟିଛି। ସୂଚନା ପ୍ରକାରେ ଭୀମସେନ ଆଜି ସକାଳୁ ଉଠି ପ୍ରତିଦିନ ଭଳି ସକାଳ ଭ୍ରମଣକୁ ଯାଇ ଫେରୁଥିବା ବେଳେ ରାସ୍ତାରେ ହିଁ ଅସୁସ୍ଥତା ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ କୋଷାଗୁମୁଡ଼ା ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଅବସ୍ଥା ଅତି ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଜଗଦଲପୁର ଡାକ୍ତରଖାନାକୁ ପଠେଇ ଦେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଆସନ୍ତା କାଲି ତଥା ଶନିବାର ସେ ଚାକିରିକୁ ଅବସର ନେଇଥାନ୍ତେ। ଏହା ପୂର୍ବରୁ ତାଙ୍କର ମୃତ୍ୟୁ କୋଷାଗୁମୁଡ଼ାରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ନିଜ ଘର ମାଥିଲି ହୋଇଥିବାରୁ ତାଙ୍କ ଶେଷକୃତ୍ୟ ମାଲକାନଗିରି ଜିଲ୍ଲାର ମାଥିଲିରେ ହେବା ନେଇ ସୂଚନା ମିଳିଛି।

# କୋଷାଗୁମୁଡ଼ା-ପାପଡ଼ାହାଣ୍ଡି ରାସ୍ତା କାମ ନିମ୍ନମାନର

କୋଷାଗୁମୁଡ଼ା,୩୦।୫ (ସମିସ):



ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଚାଲିଛି ଉନ୍ନୟନମୂଳକ କାମ। ବଢ଼ିଚାଲିଛି ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀଙ୍କ ଠିକାଦାର ପ୍ରୀତି। କୋଟି କୋଟି ଟଙ୍କା ଖର୍ଚ୍ଚରେ ନିର୍ମାଣ ହେଉଛି ଅତି ନିମ୍ନମାନର କାମ। ଅଭିଯୋଗ ପରେ ଅଭିଯୋଗ, ହେଲେ କାର୍ଯ୍ୟାନୁଷ୍ଠାନ ଶୂନ୍। ନିର୍ମାଣକୁ ମାତ୍ର ୨ମାସ ଠିକ୍ ଭାବେ ହୋଇନି, ଅଥଚ ପିଚୁ ଉଠିଗଲାଣି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ କୋଷାଗୁମୁଡା-ପାପଡାହାଣ୍ଡି ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାରେ। କୋଷାଗୁମୁଡା-କୋଡିଙ୍ଗା-ପାପଡାହାଣ୍ଡି ୩୨.୬୦୦କିମି ପୂର୍ତ୍ତ ବିଭାଗର ମୁଖ୍ୟରାସ୍ତା। ଉକ୍ତ ରାସ୍ତା ଉପରେ ନବରଙ୍ଗପୁର, ପାପଡାହାଣ୍ଡି, କୋଷାଗୁମୁଡା ବ୍ଲକ ପଡୋଶୀ ବସ୍ତର ଓ କଳାହାଣ୍ଡି ଜିଲ୍ଲାର ସମସ୍ତ ଲୋକ ସବୁ କାର୍ଯ୍ୟ ପାଇଁ ଏହି ରାସ୍ତା ଉପରେ ବର୍ଷ ସାରା ନିର୍ଭର କରିଥାନ୍ତି। ଏପରିକି ରାସ୍ତାଟି ଭାରତମାଳାକୁ ସଂଯୋଗ କରୁଥିବା ହେତୁ ଅତି ଗୁରୁତ୍ୱପୂର୍ଣ୍ଣ । ମୁଖ୍ୟ ରାସ୍ତାର ସଂପ୍ରସାରଣ ଓ ନିର୍ମାଣ ନବରଙ୍ଗପୁର ପୂର୍ତ୍ତ ବିଭାଗ ଦ୍ୱାରା ହେଉଛି। ୨୦୨୪-୨୫ ବର୍ଷରେ ପ୍ରାୟ ୨୮ କୋଟି ଟଙ୍କା ବ୍ୟୟରେ ମାଁ ଭଣ୍ଡାର ଘରଣୀ ଠିକା ସଂସ୍ଥା ଦ୍ୱାରା ନିର୍ମାଣ କାର୍ଯ୍ୟ ଆରମ୍ଭ କରଯାଇଥିଲା। ପ୍ରାୟ ୨ ମାସ ପୂର୍ବେ ରାସ୍ତାରେ ଜିଏସପି. ପକାଇ ପରେ ଡବ୍ଲୁଏମଏମ ପକାଇ ରାସ୍ତାକୁ ସମ୍ପ୍ରସାରିତ କରି ପିଚୁ ପକାଇ ଦିଆଯାଇଥିଲା। ତେବେ ନିର୍ମାଣର ମାତ୍ର ଦୁଇ ମାସ ମଧ୍ୟରେ ମାଲେକୋଟ-ଭଣ୍ଡିଆ, କୋଡିଙ୍ଗା-ଡାଲଖାଇ ନିକଟରେ ରାସ୍ତାରୁ ପିଚୁ ସବୁ ଉଠିଯାଇଥିବା ଲୋକେ ଅଭିଯୋଗ କରିଛନ୍ତି। ଅନୁମୋଦନ ନଥିବା ଛତିଶଗଡ଼ ରାଜ୍ୟର ଖଡିପଥର ବହୁ ପରିମାଣର ଜିଏସପି ଓ ଡବ୍ଲୁଏମଏମରେ ପକାଇ ନିମ୍ନମାନର ମେଟେରିଆଲ ନେଇ କାମ ହୋଇଥିବା ଯୋଗୁଁ ସମସ୍ତ ପିଚୁ ରାସ୍ତାରୁ ବାହାରି ପଡୁଥିବା ଲୋକେ ଅଭିଯୋଗ କରିଛନ୍ତି। ରାସ୍ତାର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଲୋକେ। ଜିଲ୍ଲା ପ୍ରଶାସନ ଅଭିଯୋଗ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଭିଜିଲାନ୍ସ ତଦନ୍ତ କରାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ଆରମ୍ଭ

ଉମରକୋଟ,୩୦।୫ (ସମିସ): ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌରାଞ୍ଚଳ ଅଧୀନ ଝରିଗାଁ ରୋଡ଼ ମୁଖ୍ୟ ରାସ୍ତା କଡ଼ରେ ଥିବା ସରକାରୀ ଜମିରେ ଜବରଦଖଲ କରି ଘର ନିର୍ମାଣ କରିଥିବା ୧୮ ଟି ଘରକୁ ଭାଙ୍ଗି ବାକୁ ଉଚ୍ଛେଦ ଆରମ୍ଭ ହୋଇଛି। ସକାଳ ୮ ଘଣ୍ଟା ସମୟରେ ତହସିଲଦାର, ପୁଲିସ ଅଧିକାରୀ ଉପସ୍ଥିତ ରହି ଏହି ଉଚ୍ଛେଦ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଥବା ଦେଖିବାକୁ ମିଳିଛି। ଝରୀଗାଁ ରୋଡ଼ ସ୍ଥିତ ମେନ୍ଦାବେଡା ମୌଜାରେ ପ୍ରାୟ ୧୯ଟି ଘର ସରକାରୀ ଜମିରେ ରହିଛି। କିନ୍ତୁ ଗୋଟିଏ ଘର ମାଲିକ ଉଚ୍ଚତମ ନ୍ୟାୟାଳୟରୁ ସ୍ଥଗିତାଦେଶ ଅଣିଥିବାରୁ ଉକ୍ତ ଗୋଟିଏ ଘରକୁ ଛାଡି ସମସ୍ତ ୧୮ ଟି ଘରକୁ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି। ଆଜି ସକାଳୁ ଆରମ୍ଭ ହୋଇଥିବା ଉଚ୍ଛେଦ ପ୍ରକ୍ରିୟାରେ ରାସ୍ତାର ବାମ ପାଶ୍ୱର୍ରେ ଥିବା ଦୋକାନ ଏବଂ ଘର ଗୁଡିକୁ ଜେସିଭି ମେସିନ୍ ସାହାଯ୍ୟରେ ଭଙ୍ଗା ଯାଉଥିବାବେଳେ ଘଟଣା ସ୍ଥଳରେ ସ୍ଥାନୀୟ ତହସିଲଦାର ମେଗବାନ ବାଗ, ଅତିରିକ୍ତ ତହସିଲଦାର ନୀଳାମ୍ବର ପୂଜାରୀ, ଉପଖଣ୍ଡ ଥାନା ଅଧିକାରୀ ଶୁଭେନ୍ଦୁ ସବର, ଥାନା ଅଧିକାରୀ ରମାକାନ୍ତ ସାଇ, ଏସ୍‌ଆଇ ଶିବାଜୀ ପଣ୍ଡା, ଅକ୍ଷୟ ମିଶ୍ର ଏବଂ ଏକ ପ୍ଲାଟୁନ୍ ପୁଲିସ ଫୋର୍ସ ଉପସ୍ଥିତ ରହି ଉଚ୍ଛେଦ କାର୍ଯ୍ୟକୁ ତଦାରଖ କରୁଥିବା ଦେଖିବାକୁ ମିଳିଛି। ସେପଟେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଉମରକୋଟ ଏସ୍‌ଡିପିଓ ସୁବେନ୍ଦୁ କୁମାର ସବର ନିଜେ ଉପସ୍ଥିତ ରହିଥିବା ଦେଖିବାକୁ ମିଳିଛି। ଉମରକୋଟ ତହସିଲ ପ୍ରଶାସନ ପକ୍ଷରୁ ରାସ୍ତା କଡ଼ ସରକାରୀ ଜମିରେ ଘର କରିଥିବା ଲୋକଙ୍କୁ ପୂର୍ବରୁ ସୂଚନା ଦିଆଯାଇଥିଲା। ସେହିଭଳି ଆଗାମୀ ଦିନରେ ମେନ୍ଦାବେଡା ମୌଜା ସମ୍ମୁଖରେ ଥିବା ଗୁଳିବଡ଼ନା ମୌଜାରେ ମଧ୍ୟ ସରକାରୀ ଜମିରେ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି।



# ସୁନାବେଡ଼ା ପୌର ପରିଷଦ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା



ସୁନାବେଡା,୩୦।୫ (ସମିସ): ଶୁକ୍ରବାର ଦିନ ସୁନାବେଡ଼ା ପୌର ପରିଷଦର ପୂର୍ବତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ନାରାୟଣ ନାୟକ, ପୂର୍ବତନ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଭୁଦତ୍ତ ସାହୁ, ପ୍ରତିଷ୍ଠାନ ବିଭାଗର ଦୀପାରାଣୀ ସେଠୀଙ୍କ ବଦଳି ହୋଇଥିବାରୁ ପୌର ପରିଷଦ ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସେହିପରି ସୁନାବେଡା ପୌରପାଳିକାର ୱାର୍କ ସୁପରଭାଇଜର ଲାବଣ୍ୟ ନିଧି ରାଣା ଚାକିରିରୁ ଅବସର ଗ୍ରହଣ କରିଥିବା ଯୋଗୁଁ ଶ୍ରୀ ରଣାଙ୍କୁ ଅବସରକାଳୀନ ବିଦାୟସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ , ପୌରାଧ୍ୟକ୍ଷ ଡଃ.ରାଜେନ୍ଦ୍ର କୁମାର ପାତ୍ର, ଉପାଧ୍ୟକ୍ଷା ରିତୁ କଣ୍ଟାଙ୍କ ସମେତ ପୌର ପରିଷଦର ସମସ୍ତ କାଉନସିଲର, କର୍ମଚାରୀ ଯୋଗ ଦେଇ ବିଦାୟୀ ଅଧିକାରୀ ଓ କର୍ମଚାରୀ କର୍ମ କୁଶଳତା ତଥା ସଦ୍‌ଗୁଣ ସମ୍ପର୍କରେ ଆଲୋକପାତ କରିବା ସହ ଉପଢୌକନ ଓ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପୂର୍ବରୁ ପରିଷଦର ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ସହକାରୀ ଯନ୍ତ୍ରୀ ମନୋଜ କୁମାର ପାତ୍ର ଏବଂ ବରିଷ୍ଠ କର୍ମଚାରୀ ଲକ୍ଷ୍ମୀଧର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କଳିଙ୍ଗ ବୈଶ୍ୟ ଯୁବକ ସେବା ସଂଘର ବୈଠକ



ସେମିଳିଗୁଡ଼ା, ୩୦।୫ (ସମିସ):

କୋରାପୁଟ ଜିଲ୍ଲା ମିଗ୍ ଅଞ୍ଚଳର କଳିଙ୍ଗ ବୈଶ୍ୟ ଯୁବକ ସେବା ସଂଘର ବୈଠକ ସଂଘର ସଭାପତି ଶଙ୍କର ପାତ୍ରଙ୍କ ସଭାପତିତ୍ୱରେ ସେମିଳିଗୁଡା ଠାରେ କଳିଙ୍ଗ ବୈଶ୍ୟ ସଂଘ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ରାଜ୍ୟ କଳିଙ୍ଗ ବୈଶ୍ୟ ଯୁବକ ସେବା ସଂଘର ଯୁଗ୍ମ ସମ୍ପାଦକ ଡଃ ରାଜେନ୍ଦ୍ର କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କଳିଙ୍ଗ ବୈଶ୍ୟ ଯୁବକ ସେବା ସଂଘର ସଦସ୍ୟ ମାନେ ଆଗାମୀ ଦିନରେ ବିଭିନ୍ନ ଜନ ହିତକର କାର୍ଯ୍ୟ କରିବା ପାଇଁ ସଂଗଠନକୁ ସୁଦୃଢ କରିବା ପାଇଁ ପରାମର୍ଶ ଦେଇଥିଲେ। ଆଗାମୀ ରାଜ୍ୟସ୍ତରୀୟ ନିର୍ବାଚନକୁ ଠିକ୍‌ରେ କରିବା ପାଇଁ ଆଲୋଚନା ହେଇଥିଲା। ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଏଥିରେ ଆଲୋଚନା ହୋଇଥିଲା। ବୈଠକରେ ସୁନାବେଡା, ଦାମନଯୋଡି, ଲମତାପୁଟ, ବୈପାରିଗୁଡା, ବାଲିମେଳା, ସେମିଳିଗୁଡା ଯୁବକ ସେବା ସଂଘର ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ ବୈଠକରେ ଯୋଗ ଦେଇଥିଲେ।

# ଜୟପୁର ସ୍ୱାଭିମାନ ମଞ୍ଚର ଦୀର୍ଘ ଦିନର ସଂଘର୍ଷରୁ ମିଳିଲା ସୁଫଳ

ଜୟପୁର,୩୦।୫ (ସମିସ) :


କୋରାପୁଟ ଜିଲ୍ଲା ଜୟପୁର ଠାରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ନେଇ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା ଜୟପୁର ସ୍ୱାଭିମାନ ମଞ୍ଚ ଏବଂ ଏହାକୁ ସମର୍ଥନ ଜଣାଇ ଅନ୍ୟାନ୍ୟ ସଂଗଠନ ଏବଂ ବ୍ୟକ୍ତି ବିଶେଷ ପକ୍ଷରୁ ମଧ୍ୟ ସହାୟତା କରାଯାଇଥିଲା। ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ସ୍ୱାଭିମାନ ମଞ୍ଚକୁ ସମର୍ଥନ ଏବଂ ବାରମ୍ବାର ଏଥିନେଇ ଜିଲ୍ଲାପାଳଙ୍କ ଠାରୁ ରାଜ୍ୟ ଓ କେନ୍ଦ୍ରୀୟ ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀ ଓ ଉଚ୍ଚ ଅଧିକାରୀଙ୍କୁ ସାକ୍ଷାତ କରିବା ସହ ଦାବିଉପସ୍ଥାପନ କରିଥିଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜମି ପ୍ରଦାନ ଏବଂ ଅସ୍ଥାୟୀ ଭବନ ଠାରେ ଆରମ୍ଭ ନେଇ ପ୍ରକ୍ରିୟା । ତେବେ ଏହି ଉପସ୍ଥାପନ କରିବାର ମୁଖ୍ୟ ପୁରୋଧା ତଥା ଜୟପୁର ସ୍ୱାଭିମାନ ମଞ୍ଚର ପୂର୍ବତନ ସଭାପତି ଡଃ. ଗଙ୍ଗାଧର ନନ୍ଦ ଆଉ ନାହାଁନ୍ତି। ଜୟପୁର ସ୍ୱାଭିମାନ ମଞ୍ଚ ପକ୍ଷରୁ ତତ୍କାଳୀନ ସ୍ୱର୍ଗତ ସଭାପତି ଡଃ. ନନ୍ଦ ଏବଂ ସମ୍ପାଦକ କିରଣ କୁମାର ମିଶ୍ର ପ୍ରଥମେ ଜୟପୁର ଠାରେ କେନ୍ଦ୍ରୀୟ ବିଦ୍ୟାଳୟ ଆବଶ୍ୟକତା ଏବଂ ଏହାର ପ୍ରତିଷ୍ଠା ନେଇ ଗତ ୨୦୧୭ ମସିହା ଜୁଲାଇ ୧୪ ତାରିଖରେ ପ୍ରଥମେ କେନ୍ଦ୍ରୀୟ ମାନବ ସମ୍ବଳ ବିକାଶ ମନ୍ତ୍ରୀଙ୍କୁ ଚିଠି ପ୍ରେରଣ କରିଥିଲେ। ପରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ସଚିବ. ଜିଲ୍ଲାପାଳ, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର, ଅତିରିକ୍ତ ସଚିବଙ୍କୁ ପତ୍ର ମାଧ୍ୟମରେ ଦାବି ଉପସ୍ଥାପନ କରିଥିଲେ। ଏହାପରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନା ନେଇ ସ୍ୱାଭିମାନ ମଞ୍ଚ ପକ୍ଷରୁ ବାରମ୍ବାର ଦାବିପତ୍ର ପ୍ରେରଣ କରାଯାଇଥିଲା। ଏହିପରି ଗତ ୨୦୧୭ ମସିହା ନଭେମ୍ବର ୫ ତାରିଖରେ ସ୍ୱାଭିମାନ ମଞ୍ଚ ପକ୍ଷରୁ ତତ୍କାଳୀନ ସଭାପତି ସ୍ୱର୍ଗତ ଡଃ. ନନ୍ଦ ଏବଂ ସମ୍ପାଦକ ଶ୍ରୀ ମିଶ୍ରଙ୍କ ସମେତ ସଦସ୍ୟ ମାନେ ସ୍ଥାନୀୟ ସହିଦ ଲକ୍ଷ୍ମଣ ନାୟକ ପ୍ରତିମୂର୍ତ୍ତି ନିକଟରେ ମୌନଧାରଣା ଦେଇଥିଲେ। ଏହାକୁ ସମର୍ଥନ ଜଣାଇ ଜୟପୁର ବିଧାୟକ ଶ୍ରୀ ବାହିନୀପତି ମଧ୍ୟ ଧାରଣାରେ ସାମିଲ ହୋଇଥିଲେ। ଶେଷରେ ଗତ ୨୦୨୦ ମସିହା ଡିସେମ୍ବର ମାସରେ ଜୟପୁର ଠାରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ନେଇ ନିଷ୍ପତି ହୋଇଥିଲା। ଏହାପରେ ସୁନାବେଡ଼ା କେନ୍ଦ୍ରୀୟ ବିଦ୍ୟାଳୟର ତତ୍କାଳୀନ ଅଧ୍ୟକ୍ଷଙ୍କୁ ନୋଡାଲ ଅଧିକାରୀ ଭାବେ ଦାୟୀତ୍ୱ ପ୍ରଦାନ କରାଯାଇ ଜୟପୁର ଠାରେ ଜମି ଖୋଜା ଆରମ୍ଭ ହୋଇଥିଲା। ଜୟପୁର ସହର ନିକଟସ୍ଥ ସ୍ଥାନୀୟ ତହସିଲର ଏଲ.ଆର ମୌଜାର ୮ ଏକର ଜମି ପ୍ରଦାନ ନେଇ ଜିଲ୍ଲାପାଳଙ୍କ ନିଷ୍ପତି କ୍ରମେ ତହସିଲଦାର ପ୍ରଦାନ କରିଥିଲେ। କିନ୍ତୁ ଜମିରେ ୧୧ କେଭିର ବିଦ୍ୟୁତ୍ ଲାଇନ ରହିଥିବା ଯୋଗୁଁ ସମୁଦାୟ



## ■ ଖୋଲିବ କେନ୍ଦ୍ରୀୟ ବିଦ୍ୟାଳୟ

୮ଟି ଖୁଣ୍ଟ ଘୁଞ୍ଚାଇବା ପାଇଁ ପ୍ରାୟ ୩ରୁ ୫ ଲକ୍ଷ ଟଙ୍କା ଖର୍ଚ୍ଚ ନେଇ ବିଦ୍ୟୁତ ବିଭାଗ ଅଟକଳ କରିଥିଲେ। ତତ୍କାଳୀନ ଜିଲ୍ଲାପାଳଙ୍କ ଅନୁରୋଧ କ୍ରମେ ନାଲ୍‌କୋ ପକ୍ଷରୁ ଖୁଣ୍ଟ ଘୁଞ୍ଚାଇବା ସହ ଅନ୍ୟାନ୍ୟ ଆନୁସଙ୍ଗିକ ଉନ୍ନତୀକରଣ ପାଇଁ ୧୦ରୁ ୧୨ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ପ୍ରତିଶୃତି ଦେଇଥିଲେ। ସ୍ୱାଭିମାନ ମଞ୍ଚ ପକ୍ଷରୁ ପ୍ରସ୍ତାବ ଅନୁଯାୟୀ ଗତ ୨୦୨୧-୨୨ ମସିହା ପାଠ୍ୟକ୍ରମ ଆରମ୍ଭ ନେଇ ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟସ୍ଥ ଖାଲି ରହିଥିବା ଅନ୍ୱେଷା ଭବନ ଠାରେ ଆରମ୍ଭ ନେଇ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ପୁଣି ବିଭିନ୍ନ କାରଣରୁ ଏହାକୁ ସ୍ଥଗିତ ରଖାଯାଇଥିଲା। କିନ୍ତୁ ସ୍ୱାଭିମାନ ମଞ୍ଚ ପକ୍ଷରୁ ତାଙ୍କ ଦାବିପତ୍ର ମାଧ୍ୟମରେ ଉପସ୍ଥାପନା କରିଥିଲେ। ସ୍ଥାନୀୟ ବିଜେପି ନେତା ଗୌତମ ସାମନ୍ତରାୟଙ୍କ ମାଧ୍ୟମରେ କେନ୍ଦ୍ରୀୟ ମାନବ ସମ୍ବଳ ବିକାଶ ବିଭାଗିୟ ମନ୍ତ୍ରାଳୟକୁ ଏକ ଦାବୀ ପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଗତ ୨୦୨୪ ମସିହା ମେ ୬ ତାରିଖରେ ସ୍ୱାଭିମାନ ମଞ୍ଚ ପକ୍ଷରୁ ପୁଣି ଦାବୀ ପତ୍ର ପ୍ରଦାନ କରାଯାଇଥିଲା। ଏହିପରି ଗତ ୨୦୧୫ ଫେବୃୟାରୀ ୧୯ ତାରିଖରେ ଜୟପୁର ଠାରେ ବିଦ୍ୟାଳୟ ସ୍ଥାପନ ସହ ଆସନ୍ତା ୨୦୨୫-୨୬ ପାଠ୍ୟକ୍ରମ ବର୍ଷରେ ବିଦ୍ୟାଳୟ ଅସ୍ଥାୟୀ ଭବନ ଭାବେ ପୁରାତନ ଅନ୍ୱେଷା ଭବନ ତଥା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଧିନରେ ରହିଥିବା ୧୫ କକ୍ଷ ଭବନରେ ଆରମ୍ଭ ନେଇ ନିଷ୍ପତି ହୋଇଥିଲା। ଶେଷରେ ଗତକାଲି ଜୟପୁର ନୂତନ ଭାବେ ସ୍ଥାପନ ହୋଇଥିବା କେନ୍ଦ୍ରୀୟ ବିଦ୍ୟାଳୟ କାର୍ଯ୍ୟକାରୀତା ନେଇ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ପକ୍ଷରୁ ଚିଠି ମାଧ୍ୟମରେ ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କୁ ସୂଚନା ଦିଆଯାଇଛି। ଏହାକୁ ନେଇ ଜୟପୁରବାସୀ ଉତ୍ସାହିତ ହୋଇଛନ୍ତି।

# ସମ୍ପାଦକୀୟ



ମାନବ ବିକାଶ ଲକ୍ଷ୍ୟରେ ସାମର୍ଥ୍ୟ ନିବେଶ ବିନା ଅର୍ଥନୈତିକ ଅଭିବୃଦ୍ଧି ଦୀର୍ଘସ୍ଥାୟୀ ଓ ନୀତିଗତ ହୋଇପାରେନାହିଁ।
-ଅମର୍ତ୍ତ୍ୟ ସେନ୍

ସକାଳ
THE SAKALA

## ଟ୍ରମ୍ପଙ୍କୁ ପାନେ

କ୍ଷମତା ସହ ରାଜନୈତିକ ଆଦର୍ଶ, ନୀତି ଓ ବିଚାରବୋଧର କୌଣସି ସମ୍ପର୍କ ନାହିଁ। କାରଣ ଆର୍ଥିକ ଶକ୍ତି ଓ ସାମର୍ଥ୍ୟ ମାଧ୍ୟମରେ ପ୍ରତିଷ୍ଠା ଓ ପ୍ରଭୁତ୍ୱ ଜାହିର କରିବା ଏକ ଗ୍ରହଣଯୋଗ୍ୟ ବ୍ୟବସ୍ଥାରେ ପରିଣତ ହୋଇଛି। ତେଣୁ ଯୁଦ୍ଧମୁକ୍ତ ବିଶ୍ୱ ସମ୍ଭାବନା କ୍ରମେ ଊଣା ହେବାରେ ଲାଗିଛି। ଏଭଳି ପରିସ୍ଥିତିରେ ନିଜେ ପ୍ରତ୍ୟକ୍ଷ ସମ୍ପୃକ୍ତ ହେବା ଅପେକ୍ଷା ଅନୁଗତଙ୍କୁ ଲଢ଼େଇ ଦେଇ ଯୁଦ୍ଧାସ୍ତ୍ରର ବେପାର ସକାଶେ କ୍ଷେତ୍ର ପ୍ରସ୍ତୁତ କରିବା ହେଉଛି ପ୍ରଚଳିତ ବାଣିଜ୍ୟ ନୀତିର ଅଂଶବିଶେଷ। ଆର୍ଥିକ ଦୃଷ୍ଟିରୁ ବିଶ୍ୱର ସର୍ବଶକ୍ତିମାନ ରାଷ୍ଟ୍ର ଆମେରିକା ଓ ଚୀନ ପରସ୍ପରର ପ୍ରତିଯୋଗୀ ହେଲେ ମଧ୍ୟ ପ୍ରତ୍ୟକ୍ଷ ଭାବେ ଯୁଦ୍ଧ ଲଢୁନାହାନ୍ତି। ଅଥଚ ସେମାନଙ୍କ ଅସ୍ତ୍ରଶସ୍ତ୍ର ବେପାର ବଢ଼ି ଚାଲିଛି। ଅନ୍ୟପକ୍ଷରେ ଆର୍ଥିକ ଶକ୍ତି, ସାମର୍ଥ୍ୟ ଓ ସମୃଦ୍ଧି ହାସଲ ସକାଶେ ଯେଉଁ ରାଷ୍ଟ୍ର ନିରବଚ୍ଛିନ୍ନ ପ୍ରୟାସ ଜାରି ରଖିଛନ୍ତି ସେମାନଙ୍କ ଅତିକ୍ରମଣ ଓ ଅଗ୍ରଗତିକୁ ବାଧା ଦେବାକୁ ଏହି ଦୁଇରାଷ୍ଟ୍ର ତତ୍ପର। ଏମାନଙ୍କ ବିଚିତ୍ର ଭୂମିକାକୁ ଦେଖିଲେ ମନେହୁଏ, ଉଭୟ ଭୂତ ଓ ଗୁଣିଆ ହୋଇ ଅନ୍ୟମାନଙ୍କ ଅଗ୍ରସରକୁ ଗତିରୋଧ କରୁଛନ୍ତି। ଟ୍ରମ୍ପଙ୍କ କର୍ପୋରେଟ ସହଯୋଗୀ ଏଲନ ମସ୍କ ନୂଆ ପ୍ରଶାସନିକ ବ୍ୟବସ୍ଥାରେ ସବୁଠାରୁ କ୍ଷମତା ସମ୍ପନ୍ନ ଥିଲେ। ଏପରିକି ଟାରିଫ ଯୁଦ୍ଧରେ ସମସ୍ତଙ୍କୁ ନାଲିଆଖି ଦେଖାଇ ନିଜ ଫାଇଦା ହାସଲ କରିଚାଲିଥିଲେ। ସରକାରୀ ଦକ୍ଷତା ବିଭାଗ ଦାୟିତ୍ୱରେ ରହି ସେ ଏପରି କିଛି କାମକଲେ, ଯାହା ତାଙ୍କୁ ସାଧାରଣରେ ନିନ୍ଦିତ କଲା। କ୍ଷମତା ଓ ବେପାର ଏକାସାଙ୍ଗେ ଚାଲେନି। ଏକଥା ବୁଝିବାକୁ ତାଙ୍କୁ ୪ମାସ ଲାଗିଗଲା। ଶେଷରେ ସେ ଦେଇଥିବା ଇସ୍ତଫା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ ଟ୍ରମ୍ପ ବାଣିଜ୍ୟଯୁଦ୍ଧ ମାଧ୍ୟମରେ ସମସ୍ତଙ୍କୁ ନାଲିଆଖି ଦେଖାଉଥିବା ବେଳେ ଚୀନ ଆର୍ଥିକ ଦୃଷ୍ଟିରୁ ଦୁର୍ବଳରାଷ୍ଟ୍ରଙ୍କୁ ଆର୍ଥିକ ସହାୟତା ଯୋଗାଇ ଶୋଷଣ କରିଚାଲିଛି। ଏହି ବିଚିତ୍ର ପରିସ୍ଥିତିରେ ଭାରତ – ପାକିସ୍ତାନ ଯୁଦ୍ଧ ବିରତି ସ୍ୱତନ୍ତ୍ର ଆଲୋଚନା ଦାବି କରେ।

ବାଣିଜ୍ୟ ସମ୍ପର୍କ ଛିନ୍ନ କରିବାର ନାଲି ଆଖି ଦେଖାଇ ଉଭୟ ଭାରତ ଓ ପାକିସ୍ତାକୁ ଯୁଦ୍ଧ ବିରତି ସକାଶେ ରାଜି କରାଇଛନ୍ତି ବୋଲି ଟ୍ରମ୍ପ ଯେଉଁ ଦାବି କରିଛନ୍ତି ତାହା ଆମେରିକାର ଆନ୍ତର୍ଜାତିକ ବାଣିଜ୍ୟ ଅଦାଲତ କ୍ଷମତା ବହିର୍ଭୂତ କାର୍ଯ୍ୟ ବୋଲି ଦର୍ଶାଇଛନ୍ତି। ଏହା ସଂଘୀୟ ସାମ୍ବିଧାନିକ ବ୍ୟବସ୍ଥାର ଅତିକ୍ରମଣ ବୋଲି ଦିଆଯାଇଥିବା ମନ୍ତବ୍ୟକୁ ଉଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରିବା ବ୍ୟତୀତ ଟ୍ରମ୍ପ ପ୍ରଶାସନ ପାଖରେ ଅନ୍ୟ କୌଣସି ପନ୍ଥା ନଥିଲା। ତାହା ହିଁ ଟ୍ରମ୍ପଙ୍କ ପକ୍ଷରୁ କରାଯାଇଛି ଏବଂ ସାମୟିକ ଆଶ୍ୱସ୍ତି ମିଳିଛି। ଆନ୍ତର୍ଜାତିକ ବାଣିଜ୍ୟ ଅଦାଲତଙ୍କ ନିର୍ଦ୍ଦେଶ ଉପରେ ୟୁଏସ୍ କୋର୍ଟ ଅଫ୍ ଆପିଲ୍ ରହିତାଦେଶ ଜାରି କରିଛନ୍ତି। ଅର୍ଥାତ୍ ଟ୍ରମ୍ପଙ୍କ ତାରିଫ୍ ନୀତି ବଳବତ୍ତର ରହିବ। ଅଦାଲତରେ ଟ୍ରମ୍ପଙ୍କ ଶାସନତନ୍ତ୍ର ମିଳିତ ଭାବେ ଏହି ପଦକ୍ଷମତାକୁ ଜାହିର କରୁଥିବା ବେଳେ ଆମପକ୍ଷରୁ ଯେଉଁ ଢଙ୍ଗରେ ଖଣ୍ଡନ କରାଯିବା କଥା ତାହା ଏ ପର୍ଯ୍ୟନ୍ତ ହୋଇନି। କେବଳ ବୈଦେଶିକ ସଚିବ ବିକ୍ରମ ମିଶ୍ରି ସରକାରଙ୍କ ପକ୍ଷରୁ ସ୍ପଷ୍ଟୀକରଣ ଦେଇ କହିଛନ୍ତି ଯେ ଦୁଇ ରାଷ୍ଟ୍ରର ଡିଜିଏମ୍‌ଓ ସ୍ତରରେ ଯୁଦ୍ଧ ବିରତି ପ୍ରସ୍ତାବ ସ୍ୱୀକୃତ ହୋଇଛି। ଏ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିରବତାକୁ ସମାଲୋଚନା କରାଯାଉଥିବା ବେଳେ ଆମକୁ ଏଠାରେ କିନ୍ତୁ କହିବାକୁ ପଡ଼ିବ ଯେ ରାଷ୍ଟ୍ରର ବୃହତ୍ତର ସ୍ୱାର୍ଥକୁ ପରାହତ କରିବା ଭଳି କିଛି ଉଚ୍ଚାରଣରୁ ନିବୃତ୍ତ ରହିବା ହେଉଛି ଜଣେ ଦୂରଦୃଷ୍ଟି ସଂପନ୍ନ ନେତାଙ୍କ କର୍ତ୍ତବ୍ୟ। ହୋଇପାରେ ଭାରତ ଓ ପାକିସ୍ତାନ ପ୍ରସଙ୍ଗରେ ତୃତୀୟ ରାଷ୍ଟ୍ର ହସ୍ତକ୍ଷେପ ବା ମଧ୍ୟସ୍ଥତାର ସୁଯୋଗ ନାହିଁ। ଏ ଦିଗରେ ସିମ୍‌ଲା ରାଜିନାମାର କଟକଣା ଆନ୍ତର୍ଜାତିକ ସ୍ତରରେ ସ୍ୱୀକୃତି ହାସଲ କରିଥିଲେ ମଧ୍ୟ ଟ୍ରମ୍ପଙ୍କୁ ଉତ୍ତର ଦେବା ସକାଶେ ସଠିକ୍ ସମୟ ଉପୁଜି ନାହିଁ।

ଭାରତ ଓ ପାକିସ୍ତାନ ମଧ୍ୟରେ ଏହା ଥିଲା ଅଘୋଷିତ ଯୁଦ୍ଧ। ଅଣୁଅସ୍ତ୍ର କ୍ଷମତାସଂପନ୍ନ ଦୁଇରାଷ୍ଟ୍ର ମଧ୍ୟରେ ପୂର୍ଣ୍ଣକାଳୀନ ଯୁଦ୍ଧ ହେଲେ ଲକ୍ଷ ଲକ୍ଷ ଲୋକଙ୍କ ପ୍ରାଣହାନି ଘଟିବାର ଆଶଙ୍କା ଥିବାରୁ ଟ୍ରମ୍ପ ହସ୍ତକ୍ଷେପ କରିବାକୁ ବାଧ୍ୟ ହୋଇଥିଲେ ବୋଲି ଶାସନତନ୍ତ୍ର ପକ୍ଷରୁ ଅଦାଲତରେ ଦର୍ଶାଇଥିଲା। ଏକଥା ସତ ଯେ ଟ୍ରମ୍ପଙ୍କ ବାଣିଜ୍ୟ ଯୁଦ୍ଧ କେବଳ ଭାରତ ଓ ପାକିସ୍ତାନ ପ୍ରସଙ୍ଗରେ ସୀମିତ ନଥିଲା। ସେ ଜାନୁଆରୀରେ କ୍ଷମତାସୀନ ହେବା ମାତ୍ରେ ଚୀନ୍, ମେକ୍ସିକୋ ଓ କାନାଡ଼ା ବିରୋଧରେ ଏକତରଫା ଅତିରିକ୍ତ ତାରିଫ୍ ଲାଗୁ କରିଥିଲେ। ଆନ୍ତର୍ଜାତିକ ବାଣିଜ୍ୟ ଅଦାଲତରେ ଦର୍ଶାଯାଇଛି ଯେ ୧୯୭୭ରେ ଆନ୍ତର୍ଜାତିକ ଜରୁରୀ ଅର୍ଥନୀତି କ୍ଷମତା ଆଇନ(ଆଇପା)ର ଏ କ୍ଷେତ୍ରରେ ଦୁରୁପଯୋଗ କରିଛନ୍ତି ଟ୍ରମ୍ପ। ରାଷ୍ଟ୍ରପତିଙ୍କ ଏକତରଫା ତାରିଫ ଲାଗୁ କରିବାର କ୍ଷମତା ନାହିଁ। ଅତୀତରେ ରାଷ୍ଟ୍ରପତି ଜନ୍‌ସନ ମଧ୍ୟ ଅନୁରୂପ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ। ଆମେରିକାର କଂଗ୍ରେସ ସହମତିରେ ରାଷ୍ଟ୍ରପତି ଏଦିଗରେ କିଛି ପଦକ୍ଷେପ ଗ୍ରହଣ କରିପାରିବେ। ବିଶ୍ୱ ଅର୍ଥନୀତି ଉପରେ ଟ୍ରମ୍ପଙ୍କ ଏହି ଅନମନୀୟ ଆଚରଣ ପ୍ରତିକୂଳ ପ୍ରଭାବ ପକାଇଛି। ଏହା ଆମେରିକା ସାଂବିଧାନିକ ବ୍ୟବସ୍ଥାର ପରିପନ୍ଥୀ। ଏକଥା ମଧ୍ୟ ଦର୍ଶାଯାଇଛି ଯେ ଟ୍ରମ୍ପଙ୍କ ଚାପ ଯୋଗୁଁ ଚୀନ ଆପୋସ ଆଲୋଚନା ସ୍ତରକୁ ଓହ୍ଲାଇବାକୁ ବାଧ୍ୟ ହେଇଛି। ତେବେ ତାରିଫ ଆତଙ୍କରାଜ ସୃଷ୍ଟି ଯେ ଗ୍ରହଣୀୟ ନୁହେଁ ତାହା ଆନ୍ତର୍ଜାତିକ ବାଣିଜ୍ୟ ଅଦାଲତ ମତାମତରୁ ସ୍ପଷ୍ଟ ହୋଇଛି। ଏ ନେଇ ଟ୍ରମ୍ପ ପ୍ରଶାସନ ସଂଘୀୟ ଅଦାଲତରେ ଯେଉଁ ପ୍ରତିକୂଳ ରାୟର ସମ୍ମୁଖୀନ ହୋଇଛନ୍ତି ତାହା ବିରୋଧରେ ଉଚ୍ଚ ଅଦାଲତରେ ଆବେଦନ କରି ସାମୟିକ ଆଶ୍ୱସ୍ତି ଲାଭ କରିଛନ୍ତି।

ଘଟଣାକ୍ରମର ଗତି ଓ ପ୍ରକୃତି ଯେଉଁ ଦିଗକୁ ଯାଉଛି ତାହାକୁ ବିଶ୍ଳେଷଣ କଲେ ମନେ ହୁଏ କିଛି ନା କିଛି ରହସ୍ୟ ରହିଯାଇଛି, ଯାହା ଏପର୍ଯ୍ୟନ୍ତ ଉନ୍ମୋଚନ ହୋଇପାରିନାହିଁ। ଭାରତ ପକ୍ଷରୁ ଦିଆଯାଇଥବା ସ୍ପଷ୍ଟୀକରଣର ବିଶ୍ୱସନୀୟତା ନେଇ ବିଭିନ୍ନ ମହଲରେ ସନ୍ଦେହ ଉଙ୍କିମାରିଛି। ଉଭୟ ପ୍ରଧାନମନ୍ତ୍ରୀ ଓ ବୈଦେଶିକ ମନ୍ତ୍ରୀଙ୍କ ଭୂମିକା ଅସ୍ପଷ୍ଟ। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ 'ଅପରେସନ ସିନ୍ଦୂର'ର ସଫଳତାରେ ସମଗ୍ର ଦେଶବାସୀଙ୍କୁ ସିନ୍ଦୂରିମା କରିପକାଇଲେଣି। ଏକଥା ସତ ଯେ ଉଭୟ ପକ୍ଷର ସ୍ୱାର୍ଥ ଦୃଷ୍ଟିରୁ ଯୁଦ୍ଧ ବିରତିର ଆବଶ୍ୟକତା ଥିଲା। ଯୁଦ୍ଧ ବଦଳରେ ଶାନ୍ତି ଚାହୁଁଥିବା ଲୋକଙ୍କ ସକାରାତ୍ମକ ଅଭିବ୍ୟକ୍ତି ଯେଭଳି ପ୍ରଶଂସନୀୟ ସେହିଭଳି ବିଜୟର ନିକଟବର୍ତ୍ତୀ ହୋଇଥିବା ଭାରତର ଦେଶପ୍ରେମୀ ଯୁଦ୍ଧବିରତି ଘୋଷଣାରେ ଭୟଙ୍କର ଅସନ୍ତୁଷ୍ଟ। ଏତଦ୍‌ବ୍ୟତୀତ କୂଟନୈତିକ ସ୍ତରରେ ଆମର ଅସଫଳତା ବାରି ହୋଇପଡୁଛି। ବହୁଦଳୀୟ ଦୂତଙ୍କୁ ପଠାଯାଇଥିଲେ ମଧ୍ୟ ଏହି ପ୍ରୟାସରୁ ଆକାଂକ୍ଷିତ ସୁଫଳ ମିଳିନାହିଁ। ଆମକୁ ଏଠାରେ କହିବାକୁ ପଡ଼ିବ ଯେ ଏଭଳି ଏକ ସଂକଟ ସମୟରେ ବୈଦେଶିକ ନୀତି ମଧ୍ୟ କଠୋର ପରୀକ୍ଷାର ସମ୍ମୁଖୀନ ହୋଇଛି।

## ଜ୍ଞାନ-ବିଜ୍ଞାନ-ଆତ୍ମଜ୍ଞାନ

ମନୋରଞ୍ଜନ ମହାନ୍ତି

ବହି ପଢ଼ି ଯେଉଁ ସୂଚନା ସଂଗ୍ରହ କରାଯାଏ, ତାହା 'ଜ୍ଞାନ'। ପରୀକ୍ଷାଲବ୍ଧ ପ୍ରଣାଳୀବଦ୍ଧ ବ୍ୟାପକ ଜ୍ଞାନ ହେଉଛି 'ବିଜ୍ଞାନ'। ନିଜ ଭିତରେ ଯେଉଁ ଅନନ୍ତ ଶକ୍ତି, ଅସୀମ ସମ୍ଭାବନା ରୂପରେ ଐଶ୍ୱରିକ ଐଶ୍ୱର୍ଯ୍ୟ ଭରି ରହିଛି ତା'କୁ ଉପଲବ୍ଧି କରି ଉପଯୋଗ କରିବା ଅର୍ଥାତ୍ ନିଜେ ବ୍ରହ୍ମାନୁଭବରେ ପ୍ରତିଷ୍ଠିତ ହୋଇ ସର୍ବତ୍ର ବ୍ରହ୍ମଦର୍ଶନ କରିବା ହେଉଛି 'ଆତ୍ମଜ୍ଞାନ'। ଜଣେ ଜ୍ଞାନୀ ସରଳ ହେଇପାରେ, ଜଟିଳ ବି ହେଇପାରେ; ବିନୟୀ ହେଇପାରେ, ଅହଂକାରୀ ବି ହେଇପାରେ। କିନ୍ତୁ ଜଣେ ଆତ୍ମଜ୍ଞାନୀ ସ୍ୱାଭାବିକ ଭାବରେ ସରଳ ଓ ବିନୟୀ।

ଐତିହାସିକ ଆବୁଲ୍‌ଫଜଲ୍ କାଶ୍ମୀର ଉପତ୍ୟକାରେ ସାକ୍ଷାତ କରିଛନ୍ତି ସୁଫି ସନ୍ଥ ୱାହିଦ୍‌ଙ୍କୁ, ଯାହାଙ୍କ ସମ୍ପର୍କରେ ସେ ଲେଖିଛନ୍ତି:- 'ସୁଫି ୱାହିଦ୍ ତିରିଶ ବର୍ଷ ଧରି ଗୋଟେ ପୁରୁଣା ଚଟ ବା ଆସନକୁ ବ୍ୟବହାର କରୁଛନ୍ତି, ଖୁସି ବି ଅଛନ୍ତି, ସୁଖ-ଦୁଃଖରୁ ଅଲଗା ରହୁଛନ୍ତି। କାହାରିଠାରୁ ଟୁକୁଡ଼ା ରୁଟି ବ୍ୟତୀତ ଅନ୍ୟ କିଛି ଗ୍ରହଣ କରୁନାହାନ୍ତି। ତାଙ୍କ ମିତାଚାର, ମିତାହାର, ସ୍ଥିତପ୍ରଜ୍ଞ ସ୍ୱଭାବକୁ ଦେଖିଲେ ବୋଧ ହେଉଛି ସେ ଜଣେ ଆତ୍ମଜ୍ଞାନୀ।' ମୋଗଲ ସମ୍ରାଟ ଜାହାଙ୍ଗୀର ନିଜର ଆତ୍ମଚରିତରେ ଲେଖିଛନ୍ତି, 'ସୁଫିମାନେ ସରଳ ଓ ଛଳନାଶୂନ୍ୟ, କାହାକୁ ଗାଳିଦିଅନ୍ତି ନାହିଁ, କାହା ପ୍ରତି ଦୁର୍ବ୍ୟବହାର କରନ୍ତି ନାହିଁ, ଇଚ୍ଛାର ଜିଭରେ ଲଗାମ ଲଗାନ୍ତି, ଖୋଜିବାର ପାଦକୁ ରୋକନ୍ତି, ଫଳ ଧାରଣ କରୁଥିବା ଗଛର ଚାରାରୋପଣ କରନ୍ତି, ଯେପରି ଅନ୍ୟମାନେ ସେଥିରୁ ଉପକାର ପାଇବେ। ସେମାନଙ୍କର ନିଜର କୌଣସି ଲାଭର ଆଶା ନଥାଏ। ଯାକୁ ହିଁ କହନ୍ତି ଆତ୍ମଜ୍ଞାନ।'

ପ୍ରସିଦ୍ଧ ସୁଫି ସନ୍ଥ ହମ୍‌ଦାନ୍ ଇରାନ୍‌ରୁ ସାତଶହ ସୁଫିଙ୍କୁ ସାଥିରେ ଆଣି ଶ୍ରୀନଗରକୁ ଆସିଥିଲେ। ସେ ଥିଲେ ଜଣେ ଲେଖକ, କବି। ସେ ଓ ତାଙ୍କର ଶିଷ୍ୟ, ଅନୁଗାମୀମାନେ ସାଧାରଣ ଲୋକଙ୍କ ପାଇଁ ଧର୍ମଶାଳା ନିର୍ମାଣ କରିଥିଲେ। ଉପତ୍ୟକାର ତତ୍କାଳୀନ ସୁଲ୍‌ତାନ୍ କୁତବ୍-ଉଦ୍ଦିନ୍ ତାଙ୍କର ମହାନତାକୁ ସ୍ୱୀକାର କରି କହିଥିଲେ, 'ଆତ୍ମଜ୍ଞାନୀମାନଙ୍କର ମହାନତା ସେମାନଙ୍କ ମହାନୁଭବତାରେ ଥାଏ। ହମ୍‌ଦାନ୍ କେବଳ କବିତା ରଚନା କରୁନଥିଲେ, ସମସ୍ତଙ୍କଠାରେ ପରମେଶ୍ୱର ଦର୍ଶନ କରି ପରୋପକାରରେ ମନୋନିବେଶ କରିଥିଲେ।

ଗତ ଶତାବ୍ଦୀର ଦୁଇଜଣ ପାଶ୍ଚାତ୍ୟ ବିଦ୍ୱାନ, ପ୍ରାଚ୍ୟବିଦ୍ୟାବିଶାରଦ, ଆଧ୍ୟାତ୍ମିକ ରୂପରେ ଇଚ୍ଛୁକ ବ୍ୟକ୍ତି ଆଲ୍‌ଡସ୍ ହକ୍ସ୍‌ଲେ ଓ କାର୍ଲ୍ ଗୁସ୍ତାଭ୍ ଜଙ୍ଗ୍ ସେମାନଙ୍କ ଫଳପ୍ରଦ ଜୀବନର ଅନ୍ତିମଚରଣରେ ଆତ୍ମଜ୍ଞାନ ସମ୍ବନ୍ଧରେ ସନ୍ଦେହ ପୋଷଣ କରିଥିଲେ। ଜଣେ ଯଶସ୍ୱୀ ମନୋଚିକିତ୍ସକ ଭାବରେ ଜଙ୍ଗ୍‌ଙ୍କ ମନରେ ଆତ୍ମଜ୍ଞାନର ସମ୍ପୂର୍ଣ୍ଣ ସଂଜ୍ଞା ସମ୍ବନ୍ଧରେ ପ୍ରବଳ ସନ୍ଦେହ ଥିଲା। ପ୍ରଥମତଃ, ଆତ୍ମଜ୍ଞାନର ସମ୍ପୂର୍ଣ୍ଣ ଅବଧାରଣା ବା ସଂକଳ୍ପନା ହେଉଛି ଏକ ବ୍ୟକ୍ତିନିଷ୍ଠ ପ୍ରକ୍ରିୟା। ବାସ୍ତବରେ ଆତ୍ମଜ୍ଞାନ ହେଉଛି ସର୍ବୋତ୍କୃଷ୍ଟ, ସାରମୟ ଆଧ୍ୟାତ୍ମିକ ଆତ୍ମବାଦ ବା 'ଅହଂବ୍ରହ୍ମୋସ୍ମି'ବାଦ। ଏଇଟା ପୂର୍ଣ୍ଣତଃ ଗୋଟେ ବ୍ୟକ୍ତିନିଷ୍ଠ ଅନୁଭୂତି, ଯାହା ଏତେ ତରଳ ଓ ଅଣାକାର ଯେ ତାକୁ ମାପିବାକୁ, ଆକଳନ କରିବାକୁ କୌଣସି ପଦ୍ଧତି ନାହିଁ। ଆମେରିକାର ଦାର୍ଶନିକ, କବି ୱାଲ୍ଟ ହ୍ୱିଟ୍‌ମ୍ୟାନ୍ କହନ୍ତି, ଆମେ ମଣିଷମାନେ ହେଉଛୁ ଆତ୍ମବୋଧ ବା ଆତ୍ମାନୁଭୂତିର ପଥରେ ଶାଶ୍ୱତ ସାଧକ। ଆମର ଅସ୍ତିତ୍ୱ ଅଛି ବୋଲି ଭଗବାନଙ୍କର ଅସ୍ତିତ୍ୱ ଅଛି !

ସେହିଭଳି ଜଣେ ଆତ୍ମଜ୍ଞାନୀ ଥିଲେ ଶୁଦ୍ଧ ବା ସୈଦ୍ଧାନ୍ତିକ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନ୍। ଜଣେ ଆତ୍ମଜ୍ଞାନୀର ସକଳ ଲକ୍ଷଣ: ସରଳତା, ବିନୟ, ସମଦର୍ଶିତା, ଭଗବତ୍ ବିଶ୍ୱାସ, ଅଧ୍ୟାତ୍ମ ସାଧନା, ଆତ୍ମୋପଲବ୍ଧି, ସର୍ବତ୍ର ବ୍ରହ୍ମାନୁଭବ ତାଙ୍କଠାରେ ପ୍ରକାଶ ପାଇଥିଲା। ତ୍ୟାଗରାଜ ଓ ବିସ୍‌ମିଲ୍ଲା ଖାଁଙ୍କର ସଙ୍ଗୀତ ମାର୍ଗରେ, ମୀରାବାଈଙ୍କର ଭଜନ ମାର୍ଗରେ, ଆଦି ଶଙ୍କରଙ୍କର ଦର୍ଶନ, ମୋହନଦାସ କରମଚାନ୍ଦ ଗାନ୍ଧୀଙ୍କର କର୍ମବାଦ ବା ସକ୍ରିୟତାବାଦ ମାର୍ଗରେ ଈଶ୍ୱରାନୁଭବ ହୋଇଥିଲା। ସେହି ଈଶ୍ୱର ସର୍ବବ୍ୟାପୀ ଓ ଅନନ୍ତ। ପୁଣି ସୂକ୍ଷ୍ମ ଓ ଅଦୃଶ୍ୟ। ସେ ଏକ, ଅନନ୍ତ ଓ ଶୂନ୍ୟ ମଧ୍ୟ। ତତ୍କାଳୀନ ମହୀଶୂର ଷ୍ଟେଟ୍ (ଏବେର ତାମିଲନାଡୁ)ର ଇରୋଡ୍‌ଠାରେ ୧୮୮୭ ମସିହାରେ ଜନ୍ମଗ୍ରହଣ କରିଥିବା ଶ୍ରୀନିବାସ ରାମାନୁଜନ୍ ଗଣିତ ମାର୍ଗରେ ଈଶ୍ୱରାନୁଭବ ପ୍ରାପ୍ତ ହୋଇଥିଲେ। ବିଜ୍ଞାନ ଭଳି ଗଣିତ ଦୁଇ ପ୍ରକାର: ଶୁଦ୍ଧ ବା ସୈଦ୍ଧାନ୍ତିକ ଓ ବ୍ୟାବହାରିକ। ରାମାନୁଜନ୍‌ଙ୍କର ବ୍ୟାବହାରିକ ଗଣିତରେ ରୁଚି ନଥିଲା, ସେ ଶୁଦ୍ଧ ଗଣିତ ପ୍ରତି ସମର୍ପିତ ଥିଲେ।

ମାନବ-ଗଣକମାନେ ଏପରି ବ୍ୟକ୍ତି, ଯେଉଁମାନେ କୌଣସି ଉପକରଣ ବିନା ସହାୟତାରେ ଜଟିଳ ଗଣନା କରିପାରନ୍ତି। ପରନ୍ତୁ ସଚ୍ଚା ଗଣିତଜ୍ଞମାନେ ସୃଷ୍ଟିରେ ପ୍ୟାଟର୍ଣ୍ଣ ଯାଞ୍ଚ୍ କରନ୍ତି, ଯାହାକୁ ପରବର୍ତ୍ତୀ ସମୟରେ ଗଣିତୀୟ ପ୍ରମେୟ(ଥିଓରମ୍) ଆକାରରେ ପ୍ରକାଶ କରନ୍ତି। ସେମାନଙ୍କ ଗଣିତରେ ଗୋଟେ ଆଧ୍ୟାତ୍ମିକ ଅନ୍ତର୍ଧାରା ଥାଏ। ପିଥାଗୋରାସ୍, ନିଉଟନ୍, ଆଇନ୍‌ଷ୍ଟାଇନ୍, ଶ୍ରୀନିବାସ ରାମାନୁଜନ୍ ପ୍ରମୁଖ ସେହିପରି ଗଣିତଜ୍ଞ ଥିଲେ। ସେମାନେ ଏକାଧାରରେ ବିଜ୍ଞାନୀ, ଆତ୍ମଜ୍ଞାନୀ।

ଶୁଦ୍ଧ ଗଣିତଜ୍ଞମାନେ ଅନନ୍ତ (ଇନ୍‌ଫିନିଟି) ସହିତ ଯୋଡ଼ି ହୋଇରହନ୍ତି। ପାରମ୍ପରିକ ଅର୍ଥରେ ସେମାନେ ଧର୍ମନିଷ୍ଠ ହୋଇପାରନ୍ତି ବା ନ ପାରନ୍ତି। କିନ୍ତୁ ରାମାନୁଜନ୍‌ଙ୍କର ଧାର୍ମିକତା, ପୁଣ୍ୟଶୀଳତା ଅତ୍ୟନ୍ତ ସ୍ପଷ୍ଟ ଥିଲା। ସେ ନିଜ କୁଳଦେବତା 'ନାମଗିରି'ଙ୍କ ପ୍ରତି ସମର୍ପିତ ଥିଲେ। ନାମଗିରି ନରସିଂହଙ୍କ ପତ୍ନୀ। ନରସିଂହ ହେଉଛନ୍ତି ମହାବିଷ୍ଣୁଙ୍କର ଅବତାର। ରାମାନୁଜନ୍‌ଙ୍କର କୌଣସି ଔପଚାରିକ ଡିଗ୍ରୀ ନଥିଲା ଏବଂ ୧୯୧୦ ମସିହାରେ ସେ ଥିଲେ ବେରୋଜଗାର୍। ସେତିକିବେଳେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରୁ ତାଙ୍କୁ ନିମନ୍ତ୍ରଣ ମିଳିଲା। ରାମାନୁଜନ୍ ବ୍ରାହ୍ମଣ ହୋଇଥିବାରୁ ସମୁଦ୍ର ଅତିକ୍ରମ କରି ପାଠ ପଢ଼ିବା ପାଇଁ ଯିବା (ସେତେବେଳେ ସମୁଦ୍ର ଅତିକ୍ରମ କରି ବିଦେଶକୁ ଯିବା 'ଆଧ୍ୟାତ୍ମିକ ପ୍ରଦୂଷଣ' ରୂପେ ବିଚାର କରାଯାଉଥିଲା) ଉଚିତ୍ ହେବ କି ନାହିଁ, ଏହି ମାର୍ଗଦର୍ଶନ ନିମିତ୍ତ ନାମକ୍କଲ୍‌ସ୍ଥିତ ଦେବୀ ମନ୍ଦିର ପ୍ରାଙ୍ଗଣରେ ତିନିରାତି ଜାଗ୍ରତ ହୋଇ ବିତାଇଲେ। ତୃତୀୟ ଦିନର ମଧ୍ୟରାତ୍ରିରେ ଉଜ୍ଜ୍ୱଳ ଆଲୋକର ଏକ ସ୍ତମ୍ଭ ଚମକିଉଠିଲା, ଯାହାକୁ ସେ ଦେବୀଙ୍କ ସହମତି ରୂପରେ ଗ୍ରହଣ କଲେ, ଜଳଯାତ୍ରା କରି କେମ୍ବ୍ରିଜ୍‌ରେ ପହଞ୍ଚିଲେ। ପରବର୍ତ୍ତୀ ସମୟରେ ଗଣିତଶାସ୍ତ୍ର ଇତିହାସରେ ସେ ହେଲେ ଜଣେ ଯୁଗପୁରୁଷ, ଏକାଧାରରେ ଜ୍ଞାନୀ, ବିଜ୍ଞାନୀ, ଆତ୍ମଜ୍ଞାନୀ, ଯିଏ ଗଣିତୀୟ ସତ୍ୟ ପ୍ରତି ନିଜ ଅନ୍ତର୍ଜ୍ଞାନର ଶ୍ରେୟ ଈଶ୍ୱରଙ୍କୁ ହିଁ ଦେଉଥିଲେ। ବାଳକ ରାମାନୁଜନ୍ ଗଣିତ ସହିତ ଯୁକ୍ତ ରହସ୍ୟମୟ ଏକାଳାପ (ମନୋଲଗ୍)ରେ ଲିପ୍ତ ରହୁଥିଲେ, ଯାହାକୁ ତାଙ୍କର ଶ୍ରୋତାମାନେ ବିଚିତ୍ର ବା ଅଜବ ବୋଲି ଭାବୁଥିଲେ। ଥରେ କୁମ୍ଭକୋନମ୍‌ରେ ସ୍ଥାନୀୟ ଶ୍ରୋତାମାନଙ୍କ ଆଗରେ 'ଈଶ୍ୱର', 'ଶୂନ୍ୟ' ଓ 'ଅନନ୍ତ' ମଧ୍ୟରେ ସମ୍ବନ୍ଧ ଆଧାରିତ ତାଙ୍କର ଏକାଳାପ ବିଷୟରେ କହି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ସେ କହୁଥିଲେ, କୌଣସି ସମୀକରଣର ସେପର୍ଯ୍ୟନ୍ତ କିଛି ମୂଲ୍ୟ ନାହିଁ ଯେପର୍ଯ୍ୟନ୍ତ ତାହା ଈଶ୍ୱରଙ୍କ ବିଚାରକୁ ବ୍ୟକ୍ତ କରୁନାହିଁ।

'ବିଷ୍ଣୁ ସହସ୍ରନାମମ୍'ରେ ମହାବିଷ୍ଣୁଙ୍କର ୧ ହଜାର ନାମ ମଧ୍ୟରେ 'ଅନନ୍ତ' (ଇନ୍‌ଫିନିଟି) ଗୋଟିଏ ନାମ। ଗଣିତରେ ରାମାନୁଜନ୍‌ଙ୍କ ଅଧିକାଂଶ ଆବିଷ୍କାର 'ଅନନ୍ତ-ଶୃଙ୍ଖଳା' (ଇନ୍‌ଫିନିଟି ସିରିଜ୍) ସହିତ ସମ୍ବନ୍ଧିତ। ଯେତେବେଳେ ସେ କହୁଥିଲେ ତାଙ୍କର ଅନେକ ନିଷ୍କର୍ଷକୁ ଈଶ୍ୱର ତାଙ୍କୁ ସ୍ୱପ୍ନରେ କହିଦେଉଥିଲେ, ତାହା ତାଙ୍କ ପାଶ୍ଚାତ୍ୟର ତର୍କସଙ୍ଗତ ମିତ୍ରମାନଙ୍କ ପାଇଁ ଚିତ୍ତାକର୍ଷକ, ପ୍ରାୟତଃ ସଙ୍କୋଚଶୀଳ ଥିଲା। ତାଙ୍କର ପ୍ରମେୟଗୁଡ଼ିକ ଅନେକ ସମୟରେ ସୋପାନ ଡେଇଁ ଯାଉଥିଲେ। ବେଦାନ୍ତର ସୂତ୍ର ଭଳି ସେଗୁଡ଼ିକ ଗୁପ୍ତ ବା ଅପ୍ରକଟ ଥିଲା, ଗୂଢ଼ ଥିବାରୁ ଅବ୍ୟକ୍ତ ବୋଧ ହେଉଥିଲା। ପାଶ୍ଚାତ୍ୟ ଗଣିତଜ୍ଞମାନେ ରାମାନୁଜନ୍‌ଙ୍କ ପ୍ରମେୟଗୁଡ଼ିକୁ ଶୈକ୍ଷଣିକ ଅନୁଶାସନର ଅନୁରୂପ କରିବା ପାଇଁ ପ୍ରମାଣ କରିବାକୁ କଠିନ ପରିଶ୍ରମ କରୁଥିଲେ। ସେମାନେ ରାମାନୁଜନ୍‌ଙ୍କ ପ୍ରତିଭାରେ ଆଶ୍ଚର୍ଯ୍ୟଚକିତ ହେଉଥିଲେ, ଚିନ୍ତା କରୁଥିଲେ ଅତି ସାଧାରଣ ଭଳି ଦୃଶ୍ୟ ହେଉଥିବା ଜଣେ ମଣିଷଠାରେ ଈଶ୍ୱର ସତରେ ଏପରି ଅନ୍ତର୍ଜ୍ଞାନକୁ ପ୍ରେରିତ କରିଥିଲେ, ଯାହା ଥିଲା ତାଙ୍କର ଆତ୍ମଜ୍ଞାନ, ଯେଉଁ ଆତ୍ମଜ୍ଞାନ ଥିଲା ଜ୍ଞାନ ଓ ବିଜ୍ଞାନର ବହୁ ଊର୍ଦ୍ଧ୍ୱରେ, ଅକଳ୍ପନୀୟ ଦୂରତାରେ।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
ଧର୍ମଶାଳା(ଯାଜପୁର), ମୋ: ୯୮୫୩୨୮୨୯୬୨

## ଭାଷା-ବିନ୍ୟାସର ଆହ୍ୱାନ

ଅଧ୍ୟାପକ ଅଶୋକ ମହାରଣା

ଛାତ୍ରଛାତ୍ରୀ ଓଡ଼ିଆ ଭାଷାରେ ଏତେ ଦୁର୍ବଳ ହେବା ଆମ ଭାଷା ପ୍ରତି ନିଶ୍ଚିତ ଭାବରେ ଲଜ୍ଜାର ବିଷୟ। କାହିଁକି ଛାତ୍ରଛାତ୍ରୀମାନେ ଓଡ଼ିଆ ଭାଷାର ବ୍ୟବହାର, ଉଚ୍ଚାରଣ, ଲିଖନ, ପଠନରେ ଏତେ ଦୁର୍ବଳ? ଆମ ମାତୃଭାଷା ଓଡ଼ିଆ। ତା' ପରେ ବି ଆମେ ଓଡ଼ିଆରେ ଦୁର୍ବଳ- ଏ କଥାଟି ଯେତିକି ମର୍ମାହତ କରେ ସେତିକି ବୁଦ୍ଧିଜୀବୀ, ଶିକ୍ଷକ/ଶିକ୍ଷୟିତ୍ରୀ, ଅଭିଭାବକ ସର୍ବୋପରି ସରକାରଙ୍କ ପାଇଁ ଆହ୍ୱାନ ସୃଷ୍ଟି କରେ।

ମନୁଷ୍ୟର ଭାଷା ବିନ୍ୟାସ ହିଁ ତା'ର ପରିଚୟ। ଭାଷା ବ୍ୟକ୍ତିକୁ ଶାଳୀନତା ପ୍ରଦାନ କରେ ଏବଂ ବ୍ୟକ୍ତିତ୍ୱକୁ ମାର୍ଜିତ କରେ। ଭାଷା ଏକ ପୋଷାକ ପରି। ସଠିକ ଭାବରେ ପିନ୍ଧି ନ ପାରିଲେ ବ୍ୟକ୍ତିତ୍ୱ ଉଲଗ୍ନ ହୋଇଯାଏ, ଶରବ୍ୟର ଶିକାର ହେବାକୁ ପଡ଼େ। ଓଡ଼ିଆ ଭାଷା ମୋ ମାଆ ମାଟିର ଭାଷା। ମାଆ ମାଟିର ଭାଷାକୁ କରାଗତ କରିବାରେ ଆମେ ବିଫଳ। ଏହା ଜଣେ ସଚ୍ଚା ଓଡ଼ିଆକୁ ବିଚଳିତ କରିବାରେ ଯଥାର୍ଥ। ସଙ୍ଗୀତର ସୁମଧୁର ମୂର୍ଚ୍ଛନା - 'କେଡ଼େ ସୁନ୍ଦର ରାଇଜ ମୋର କେଡେ ମିଠା ମୋ ଭାଷା, ଓଡ଼ିଶା ମୋ ଓଡ଼ିଶା' ଯେତେବେଳେ ଝଙ୍କୃତ ହୁଏ ସେତେବେଳେ ଓଡ଼ିଆର ଛାତି ଗର୍ବରେ ଫୁଲିଉଠେ। ପ୍ରତିଟି ଓଡ଼ିଆର ହୃଦୟକୁ ଆନ୍ଦୋଳିତ କରେ। ଓଡ଼ିଶାକୁ ଓଡ଼ିଆ ଭାଷାକୁ ଭଲ ପାଉଥିବା ମହାମନୀଷୀଙ୍କର ଉଦ୍ୟମ ଯୋଗୁଁ ଆଜି ଓଡ଼ିଶା ଏକ ଭାଷାଭିତ୍ତିକ ରାଜ୍ୟରେ ପରିଣତ ହୋଇଛି। ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମଧ୍ୟ ମିଳିଛି। କିନ୍ତୁ ଆମେ ଓଡ଼ିଆ ଭାଷାରେ ଦୁର୍ବଳ - ଏକଥା ଚିନ୍ତନ କରିବା ମାତ୍ରକେ ନିଜର ସ୍ୱପ୍ରୀତି କେତେ ତାହା ସ୍ପଷ୍ଟ ପ୍ରତୀୟମାନ ହେଉଛି।

ମାଟି ମାଆର ଭାଷାରେ ଆମେ ଏତେ ଦୁର୍ବଳ କାହିଁକି? ଜନ୍ମଠାରୁ ଆମେ ଆମ ମାତୃଭାଷା ସହିତ ପରିଚିତ। କିନ୍ତୁ ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ସାମାଜିକ ଚାଲିଚଳଣିରେ ଭାଷାଗତ ଜ୍ଞାନର ଅଭାବ ପରିଲକ୍ଷିତ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାଷା ଜ୍ଞାନ, ବନାନ ଶୁଦ୍ଧତାର ଲେଶମାତ୍ର ଚିହ୍ନନାହିଁ। କାରଣ ପିଲାଟି ଦିନରୁ ଛାତ୍ରଛାତ୍ରୀଙ୍କର ଶ୍ରୁତଲିଖନ, ସଂଶୋଧନ, ବର୍ଣ୍ଣବୋଧ ପାଠ, ପୁସ୍ତକ ପଠନ, ହସ୍ତାକ୍ଷର ମଧ୍ୟରେ ସୁନ୍ଦର ଅକ୍ଷର ଲିଖନ, ଉଚ୍ଚାରଣ ଆଦିର ଘୋର ଅଭାବ ରହିଛି। ଉଚ୍ଚାରଣରେ ଭାଷାର ଶୁଦ୍ଧତା ନାହିଁ। ବ୍ୟାକରଣ ଶୁଦ୍ଧତା ଆଦୌ ନାହିଁ କହିଲେ ଚଳେ। ଧୀରେ ଧୀରେ ଓଡ଼ିଆ ଭାଷାର ଶାଳୀନତା ହ୍ରାସ ପାଉଛି। ଭାଷାର ବର୍ଣ୍ଣ ଶୁଦ୍ଧି/ଅଶୁଦ୍ଧି ବି ଦେଖାଯାଉ ନାହିଁ।

ବର୍ଣ୍ଣବୋଧ ପଢ଼ିଥିବା ଏବଂ ସ୍ୱରବର୍ଣ୍ଣ ବ୍ୟଞ୍ଜନବର୍ଣ୍ଣ ସହିତ ମାତ୍ରା, ଫଳାକୁ ଯେ ସଠିକ ଭାବରେ ହାସଲ କରିଛି ସେ କେବେ ମାତୃଭାଷାରେ ଦୁର୍ବଳ ନୁହଁ। ଯେ ଲେଖିବାର ଅଭ୍ୟାସ ବଳବତ୍ତର ରଖିଛି, ଖବରକାଗଜଠାରୁ ଆରମ୍ଭ କରି ଉପନ୍ୟାସ, ଗଳ୍ପ, କାହାଣୀ, ପତ୍ରପତ୍ରିକା ପଠନରେ ମନୋନିବେଶ କରିଛି ସେ ନିଶ୍ଚିତ ଭାଷାର ବ୍ୟବହାର ଜାଣିଛି। ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ଶିକ୍ଷକ/ଶିକ୍ଷୟିତ୍ରୀ ଯଦି ମୂଳରୁ ପିଲାମାନଙ୍କୁ ବର୍ଣ୍ଣବୋଧର ବର୍ଣ୍ଣକୁ ସଠିକ ଭାବରେ ଶିକ୍ଷା ଦେଇଥିବେ, ହସ୍ତାକ୍ଷର ଠାରୁ ଆରମ୍ଭ କରି ସଂଶୋଧନ କାର୍ଯ୍ୟ କରିଥିବେ, ତେବେ ଭାଷାରେ ଛାତ୍ରଛାତ୍ରୀ ଦୁର୍ବଳ ହେବେ କାହିଁକି? କିନ୍ତୁ ଯଦି ମୂଳରୁ 'ମାନେବହି'ର ସାହାରା ଏକମାତ୍ର ଲକ୍ଷ୍ୟ ହୁଏ, ତେବେ ଭାଷାର ବିକାଶ ହେବ କେମିତି! ଘରର ମୂଳଦୁଆ ଯେଉଁଠି ଦୁର୍ବଳ, ତା' ଉପରେ କୋଠାଘରର ସ୍ୱପ୍ନ କଳ୍ପନା କରିବା ଅବାସ୍ତବ। ପ୍ରାଥମିକ ସ୍ତରରୁ ହିଁ ଏହି ଦୁର୍ବଳତା ଏବର ପିଢ଼ିଙ୍କୁ କବଳିତ କରିରଖିଛି।

ସ୍ମରଣ ରଖିବା ଉଚିତ ଯେ ଜାତିର ପରିଚୟ ହିଁ ତା'ର ଭାଷା। ଭାଷା ନାହିଁ ତ ମଣିଷ ନାହିଁ। ଭାଷା ମରିଗଲେ ମଣିଷ ବଞ୍ଚିବା କଷ୍ଟକର ହୋଇପଡ଼ିବ। ପ୍ରାୟ ଦଶହଜାର ବର୍ଷ ତଳର ଓଡ଼ିଆ ଭାଷା ଲିଖିତ ଭାବରେ ଦୁଇ ହଜାର ପାଞ୍ଚଶହ ବର୍ଷ ତଳର। ଯେତେବେଳେ ଲିଖିତ ଭାଷା ନ ଥିଲା, ଅର୍ଥାତ୍ ଯେ ନିରକ୍ଷର ଥିଲା, ସେ ବି ଭାଷା ଜାଣିଥିଲା। ଓଡ଼ିଆ ଭାଗବତ ହେଉ କି ପୁରାଣ, ରାମାୟଣ ହେଉ କି ମହାଭାରତ ଶୁଣି ଶୁଣି ମନେ ରଖୁଥିଲା। ଭାବକୁ ପରିବ୍ୟାପ୍ତ କରି ନିଜର ଆବଶ୍ୟକତାକୁ ପରିପ୍ରକାଶ କରିବା ଥିଲା ମୂଳଲକ୍ଷ୍ୟ। ଓଡ଼ିଆ ଭାଷାର ପ୍ରକୃତ ବିକାଶ ଗଙ୍ଗବଂଶୀ ରାଜାମାନଙ୍କ ସମୟରେ ଘଟିଥିବାର ଜଣାଯାଏ। ଚୋଡ଼ଗଙ୍ଗଙ୍କ ସମୟରେ ମାଦଳା ପାଞ୍ଜିକୁ ବି ଓଡ଼ିଆ ଭାଷା ବିକାଶର ବାହକ ଭାବରେ ଗ୍ରହଣ କରାଯାଏ। ଏହାସହିତ ବିଭିନ୍ନ ସ୍ଥାନରେ ରହିଥିବା ଲୋକଗୀତ, ଲୋକନୃତ୍ୟରେ ବୋଲା ଯାଉଥିବା ସଙ୍ଗୀତ ଭାଷାର ବିକାଶରେ ସହାୟକ ହୋଇଥିଲା। ଖନା ବଚନ କୃଷି ଏବଂ ଜ୍ୟୋତିଷ ଶାସ୍ତ୍ର ସମ୍ପର୍କରେ ବିସ୍ତୃତ ଭାବରେ ଲିଖିତ ହୋଇଥିବା ବେଳେ ଏହା ଥିଲା ଓଡ଼ିଆ ଭାଷା ବିକାଶର ଅନ୍ୟ ଏକ ସାହାରା। ଓଡ଼ିଆ ଭାଷାର ପ୍ରକୃତ ଉତ୍ପତ୍ତି ସାରଳା ଦାସଙ୍କ ଲିଖିତ ମହାଭାରତଙ୍କୁ ହିଁ ଅୟମାରମ୍ଭ ବୋଲି କୁହାଯାଏ। ବିଲଙ୍କା ରାମାୟଣ, ଅଠର ଖଣ୍ଡ ମହାଭାରତ ଏବଂ ଚଣ୍ଡିପୁରାଣ ଓଡ଼ିଆ ଭାଷାର ବିକାଶ ସମ୍ପର୍କରେ ଉଲ୍ଲେଖ କରିଥାଏ। ଜଗନ୍ନାଥ ଦାସଙ୍କ 'ଓଡ଼ିଆ ଭାଗବତ' ଏବଂ ବତ୍ସଦାଶଙ୍କ 'କଳସ ଚଉତିଶା', ମାର୍କଣ୍ଡଦାସଙ୍କ 'କେଶବ କୋଇଲି', ନାରାୟଣ ନନ୍ଦ ଅବଧୂତ ସ୍ୱାମୀଙ୍କର 'ରୁଦ୍ରସୁଧାନିଧି' ବି ଓଡ଼ିଆ ଭାଷାର ବିକାଶର ସହାୟକ। ସବୁଠାରୁ ଅଧିକ ଲୋକପ୍ରିୟ ଏବଂ ପ୍ରସାର-ପ୍ରଚାର କରିବାରେ ସହାୟକ ହୋଇଥିଲା ଆଞ୍ଚଳିକ ଭିତ୍ତିରେ ଅନୁଷ୍ଠିତ ସାଂସ୍କୃତିକ ଓ ପାରମ୍ପରିକ କଥାକୁ ନେଇ ପ୍ରଚଳିତ ଲୋକଗୀତ, ବୋଲି, ଲୋକନୃତ୍ୟ, ଦଣ୍ଡ, ବଣ୍ଡି, ଘୋଡ଼ା ନାଚ, ଦାସକାଠିଆ ପ୍ରଭୃତି। ସବୁକିଛି ଏବେ ସ୍ୱପ୍ନ ପାଲଟି ଯାଇଛି।


ଓଡ଼ିଶା ମାଟିରେ ଓଡ଼ିଆ ଭାଷା କ୍ରମଶଃ ଲୁକ୍କାୟିତ ହେବାରେ ଲାଗିଛି। ମାତୃଭାଷା ଦୁର୍ବଳ ହେବାରେ ଲାଗିଛି। ପ୍ରଶ୍ନ ସବଳ ହେବ କିପରି? କୁମ୍ଭକାର କର୍ମ ଯଦି ତ୍ରୁଟିପୂର୍ଣ୍ଣ ହୁଏ, ମାଟିପାତ୍ର ଭାଙ୍ଗିବା ସାର। ମାଟିରେ ଗୋଡ଼ି କିମ୍ବା ଅଦରକାରୀ ପଦାର୍ଥ ମିଶିଲେ ପାତ୍ରରେ ପାଣି ଗଳିବା ସାର। ମାଟିପାତ୍ର ଭଲରେ ପୋଡ଼ା ନଗଲେ ଭାଙ୍ଗିବା ସାର। ଏଠି ଦୋଷ କାହାର? ମାଟିର ନା କୁମ୍ଭାରର? ମୂର୍ତ୍ତି ଗଢ଼ିବାର ମଣିଷଟି ମାଟିର ପାତ୍ରଟି ଗଢ଼ିବା ପୂର୍ବରୁ ବାରମ୍ବାର ମାଟିକୁ ଚକଟି ପ୍ରସ୍ତୁତ କରିବା ଦରକାର। ନଚେତ ମାଟିର ପାତ୍ରରେ ପାଣିଗଳିବା ସାର। ହୁଏତ ଷ୍ଟିଲ ପାତ୍ର ବ୍ୟବହାର କରାଯାଇପାରେ। କିନ୍ତୁ ଷ୍ଟିଲପାତ୍ରରେ 'ପଣ୍ଡା' ନୁହଁ କେବଳ ଅନୁସାର ଦେଇ 'ପଂଡା' ଲେଖିହେବ। ସେତେବେଳେ ଓଡ଼ିଆ ଭାଷା ବିନ୍ୟାସ କେବଳ ପୋଥିରେ ରହିବା ସାର। ତେଣୁ ଏବେଠୁ ସଚେତନ ହେବା ଦରକାର।

ଢେଙ୍କାନାଳ, ମୋ: ୯୪୩୭୨୯୦୮୧

## ପଦ୍ମସମ୍ଭବଙ୍କ ତିବ୍ବତ ଯାତ୍ରା

ପ୍ରବୀର କୁମାର ପଟ୍ଟନାୟକ

(ପୂର୍ବପ୍ରକାଶିତ ଉତ୍ତାରୁ...)



ଦ୍ୱିତୀୟ-ବୁଦ୍ଧ କଥା

ଶାନ୍ତରକ୍ଷିତ ରାଜାଙ୍କ ନିମନ୍ତ୍ରଣ ରକ୍ଷା କରି ତିବ୍ବତ ଯାଇ ବୌଦ୍ଧ ଧର୍ମର ପ୍ରଚାର ପ୍ରସାର କାର୍ଯ୍ୟ ଆରମ୍ଭ କରିଥିଲେ। ସେ ମହାଯାନ ଶାଖାର ମାଧ୍ୟମିକ ସମ୍ପ୍ରଦାୟର ଆଚାର୍ଯ୍ୟ ଥିବାରୁ ସମ୍ଭବତଃ ଅତ୍ୟନ୍ତ କଠିନ ଶୂନ୍ୟବାଦୀ ବୌଦ୍ଧଧର୍ମର ବାଣୀ ତଥା ରୀତିନୀତିର ପ୍ରଚାର କରିବାରୁ ତାହା ଲୋକମାନଙ୍କୁ ଆକର୍ଷିତ କରିପାରିଲା ନାହିଁ। ଏଣେ ସେ ସମୟକୁ ତିବ୍ବତ ଏକ ପ୍ରାକୃତିକ ଦୁର୍ବିପାକରେ ସମ୍ମୁଖୀନ ହେଲା। ଏହି ସବୁ ନକାରାତ୍ମକ ପରିବେଶରେ ଶାନ୍ତରକ୍ଷିତଙ୍କ ଉଦ୍ୟମ ବିଫଳ ହେଲା। ଅନ୍ୟପକ୍ଷରେ ଶାନ୍ତରକ୍ଷିତ ରାଜାଙ୍କୁ ତାନ୍ତ୍ରିକ ବୌଦ୍ଧଧର୍ମ ବଜ୍ରଯାନର ବିଚକ୍ଷଣ ଆଚାର୍ଯ୍ୟ ତଥା ତାଙ୍କର ଶ୍ୟାଳକ ପଦ୍ମସମ୍ଭବଙ୍କୁ ଏହି ଧର୍ମପ୍ରଚାର କାର୍ଯ୍ୟ ପାଇଁ ନିମନ୍ତ୍ରଣ ଜଣାଇବାକୁ ପରାମର୍ଶ ଦେଲେ। ରାଜା ଏହି ପରାମର୍ଶ ଗ୍ରହଣ କରି ପଦ୍ମସମ୍ଭବଙ୍କୁ ନିମନ୍ତ୍ରଣ କରିବା ନିମନ୍ତେ ତିନିଜଣିଆ ପ୍ରତିନିଧି ଦଳକୁ ବିନୀତ ନିବେଦନ ସହ ପଦ୍ମସମ୍ଭବଙ୍କ ନିକଟକୁ ପଠାଇଲେ। ସେତେବେଳେ ପଦ୍ମସମ୍ଭବ ନାଳନ୍ଦା ବିଶ୍ୱବିଦ୍ୟାଳୟରେ ତନ୍ତ୍ର ବିଭାଗର ଆଚାର୍ଯ୍ୟ ଭାବେ ଅଧିଷ୍ଠିତ ଥିଲେ। ସେ ଅତ୍ୟନ୍ତ ଆଦରର ସହ ନିମନ୍ତ୍ରଣକୁ ସ୍ୱୀକାର କଲେ।

ତିବ୍ବତୀୟ ପଞ୍ଜିକା ଅନୁଯାୟୀ ପୁରୁଷ-ବ୍ୟାଘ୍ର ବର୍ଷର ଏକାଦଶ ମାସର ପଞ୍ଚଦଶ ଦିବସରେ ପଦ୍ମସମ୍ଭବ ତିବ୍ବତ ଯାତ୍ରାରମ୍ଭ କଲେ। ଏହାଥିଲା ଖ୍ରୀ୭୪୬ର ଘଟଣାକ୍ରମ। ସେହି ମାସର ତ୍ରୟୋଦଶ ଦିବସରେ ସେ ନେପାଳରେ ପହଞ୍ଚିଲେ ଏବଂ ସେଠାକାର ରାଜା ବସୁଧରଙ୍କ ଆତିଥ୍ୟରେ ସେଠାରେ ତିନିମାସ ରହିଲେ। ଏହି ସମୟରେ ତାଙ୍କ ସହିତ ଯାଇଥିବା ପ୍ରତିନିଧି ଦଳଙ୍କୁ ରକ୍ଷାକବଚସୂଚକ ଆଶୀର୍ବାଦ ସହ ଆଗୁଆ ତିବ୍ବତ ପଠାଇଦେଲେ। ନେପାଳରେ ରହଣି ସମୟରେ ବିଭିନ୍ନ ବୌଦ୍ଧବିହାର ପରିଦର୍ଶନ ସହ ବୌଦ୍ଧଧର୍ମର ପ୍ରଚାର ପ୍ରସାର କଲେ। ଏହାପରେ ସେ ତିବ୍ବତ ଯାତ୍ରା ଆରମ୍ଭ କଲେ।

ତାଙ୍କର ପ୍ରଥମ ବିଶ୍ରାମସ୍ଥଳ ଥିଲା ଲାସାଠାରୁ ବାର ମାଇଲ ଦୂର ତୋଡ୍-ଲୁଙ୍ଗ ନାମକ ସ୍ଥାନ। ତିବ୍ବତ ରାଜା ସେଠାରୁ ପାଞ୍ଚଶହ ଘୋଡ଼ା ସବାର ସହ ଦୁଇଜଣ ମନ୍ତ୍ରୀଙ୍କୁ ପଦ୍ମସମ୍ଭବଙ୍କୁ ସ୍ୱାଗତ ଜଣାଇବା ପାଇଁ ଆବଶ୍ୟକ ସ୍ୱାଗତପତ୍ର ଓ ଉପହାର ସହ ସେଠାକୁ ପଠାଇଥିଲେ। ରାଜା ପଦ୍ମସମ୍ଭବଙ୍କୁ ତୋଡ୍-ଲୁଙ୍ଗ ଠାରୁ ଲାସା ନେବା ପାଇଁ ସାଜସଜା ସହକାରେ ନିଜର ଅଶ୍ୱକୁ ମଧ୍ୟ ପଠାଇଥିଲେ। ସେହିସ୍ଥାନରେ ପାନୀୟ ଜଳ ଉପଲବ୍ଧ ନଥିବାରୁ ସ୍ୱାଗତକାରୀ ଦଳ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। କୁହାଯାଏ ପଦ୍ମସମ୍ଭବ ଗୋଟିଏ ବାଡ଼ି ଉଠାଇ ପଥରଟିଏକୁ ଠୁକି ଦେବାରୁ ସଙ୍ଗେସଙ୍ଗେ ସେଠାରୁ ସ୍ୱଚ୍ଛ ଜଳର ଉତ୍ସଟିଏ ସୃଷ୍ଟି ହୋଇ ସମସ୍ତଙ୍କର ତୃଷା ମେଣ୍ଟାଇଥିଲା।

ରାଜା ନିଜେ ପଦ୍ମସମ୍ଭବଙ୍କୁ ସ୍ୱାଗତ ଜଣାଇବା ନିମନ୍ତେ ଲାସାଠାରୁ ସାତ/ଆଠ ମାଇଲ ଦୂରସ୍ଥ ହାଓପୋରି ଗିରସଙ୍କଟ ସନ୍ନିକଟ ଜୁଙ୍ଗ-କର ନାମକ ସ୍ଥାନ ନିକଟକୁ ଆସିଥିଲେ। ସେଠାରେ ସ୍ଥାନୀୟ ଅଧିବାସୀମାନେ ମଧ୍ୟ ଆଚାର୍ଯ୍ୟଙ୍କୁ ସ୍ୱାଗତ ସମ୍ମାନ ଜଣାଇବା ସକାଶେ ବହୁସଂଖ୍ୟାରେ ରୁଣ୍ଡ ହୋଇଥିଲେ। ଆଚାର୍ଯ୍ୟ ପଦ୍ମସମ୍ଭବଙ୍କୁ ସେଠାରେ ରାଜା-ମନ୍ତ୍ରୀ-ପ୍ରଜା ସମସ୍ତେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଇବା ସହ ଏକ ବିଶାଳ ତଥା ଆଡ଼ମ୍ବରପୂର୍ଣ୍ଣ ଶୋଭାଯାତ୍ରାରେ ଲାସାକୁ ନିଆଯାଇଥିଲା। ଏହିଭଳି ଭାବେ ପଦ୍ମସମ୍ଭବ ତିବ୍ବତରେ ଖ୍ରୀ୭୪୭ ବସନ୍ତ ଋତୁ ଆରମ୍ଭ ବେଳକୁ ପହଞ୍ଚିଥିଲେ।(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରକାଶ ପାଇଲା ମାତୃତ୍ୱ ଛୁଟି ବିଜ୍ଞପ୍ତି

- **ସେବାରେ ଯୋଗଦେବା ପରେ ଶିଶୁକୁ ଛଅ ମାସ ହେବା ପର୍ଯ୍ୟନ୍ତ ନେଇପାରିବେ ଛୁଟି**
- **ଯେକୌଣସି ସରକାରୀ ସ୍ୱୀକୃତିପ୍ରାପ୍ତ ଚିକିତ୍ସାଳୟରେ ପ୍ରସବ ହୋଇଥିବା ଆବଶ୍ୟକ**

**ଭୁବନେଶ୍ୱର,୩୦।୫(ସମିସ):** ଜଣେ ମହିଳା ସରକାରୀ କର୍ମଚାରୀ ଦୁଇଟିରୁ କମ୍ ଜୀବିତ ପିଲାଙ୍କ ପାଇଁ, ମାତୃତ୍ୱ ସମୟରେ ୧୮୦ ଦିନ ପର୍ଯ୍ୟନ୍ତ ଛୁଟି ପାଇବାର ନିୟମ ରହିଥିବା ବେଳେ ଏହାର ଅବଧି, ଜଣେ ମହିଳା ସରକାରୀ କର୍ମଚାରୀ ଶିଶୁ ଜନ୍ମ ସମୟରେ ସରକାରୀ ସେବାରେ ନ ଥାଇ ପରବର୍ତ୍ତୀ ସମୟରେ ମାତୃତ୍ୱ ଛୁଟି ନେଇପାରିବେ କି ନାହିଁ ସେ ବିଷୟରେ ରହିଥିବା ଦ୍ୱନ୍ଦ୍ୱକୁ ଦୂର କରିଛନ୍ତି ରାଜ୍ୟ ସରକାର। ମାତୃତ୍ୱ ଛୁଟି ସମ୍ପର୍କିତ ନୂତନ ପ୍ରାବଧାନ ଆଣିବା ପାଇଁ ସରକାର ସ୍ପଷ୍ଟୀକରଣ ଓ ମାର୍ଗଦର୍ଶିକା ଜାରୀ କରିଛନ୍ତି।

ଏହି ମାର୍ଗଦର୍ଶିକା ଅନୁସାରେ, ଜଣେ ମହିଳା କର୍ମଚାରୀ ପ୍ରସବ ତାରିଖର ତିନି ମାସ ପୂର୍ବରୁ ଏବଂ ପ୍ରସବ ତାରିଖର ଛଅମାସ ମଧ୍ୟରେ ୧୮୦ଦିନର ମାତୃତ୍ୱ ଛୁଟି ନେଇପାରିବେ। କିନ୍ତୁ ଜଣେ ସରକାରୀ କର୍ମଚାରୀ ଯଦି ଶିଶୁ ଜନ୍ମ ହେବା ସମୟରେ ସରକାରୀ ସେବାରେ ନ ଥିବେ, ତେବେ ସେବାରେ ଯୋଗଦେବା ପରେ ଶିଶୁଟିକୁ ଛଅ ମାସ ହେବା ପର୍ଯ୍ୟନ୍ତ ମାତୃତ୍ୱ ଛୁଟି ନେଇପାରିବେ। ତେଣୁ ଏକ୍ଷେତ୍ରରେ ଛୁଟିର ଅବଧି ୧୮୦ ଦିନରୁ କମ୍ ରହିବ। ସେହିପରି ମାତୃତ୍ୱ ଛୁଟିରେ ଥିବା ସମୟରେ ଯଦି ଗର୍ଭପାତ କିମ୍ବା ଜନ୍ମିତ ଶିଶୁର ମୃତ୍ୟୁ (ଜନ୍ମର ୨୮ ଦିନ ମଧ୍ୟରେ) ହୁଏ କିମ୍ବା ମୃତ ଶିଶୁ ଜନ୍ମ ହୁଏ, ତେବେ ତାଙ୍କର ମାତୃତ୍ୱ ଛୁଟିର ଅବଧି ସେହି ଦୁର୍ଘଟଣା ଦିନଠାରୁ ୪୨ଦିନ ପର୍ଯ୍ୟନ୍ତ ରହିବ। ଯଦି ଶିଶୁର ମୃତ୍ୟୁ ଜନ୍ମର ୨୯ ଦିନରୁ ୧୨୦ ଦିନ ମଧ୍ୟରେ ହୁଏ, ତେବେ ସେହି ଦିନଠାରୁ ୧୪ଦିନ ପର୍ଯ୍ୟନ୍ତ ଛୁଟି ରହିବ। ଯଦି ମାତୃତ୍ୱ ଛୁଟି ଅବଧି ଶେଷ ହୋଇଯାଇଥିବ, ତେବେ ସେ ଅଧିକ ୧୪ ଦିନର ଛୁଟି ପାଇବେ କିମ୍ବା ମାତୃତ୍ୱ ଛୁଟିର ଅବଧି ଦୁର୍ଘଟଣା ଦିନଠାରୁ ୧୪ ଦିନ ଭିତରେ ଶେଷ ହୋଇଯାଇଥିବ, ତେବେ ୧୪ ଦିନରୁ ବଳକା ରହିଥିବା ଦିନର ଅଧିକ ମାତୃତ୍ୱ ଛୁଟି ପାଇବେ। ପୂର୍ବରୁ ଯେତେଥର ମାତୃତ୍ୱ ଛୁଟି ନେଇଥିଲେ ବି ଜଣେ ମହିଳା ସରକାରୀ କର୍ମଚାରୀ ତାଙ୍କର ଦ୍ୱିତୀୟ ଜୀବିତ ସନ୍ତାନ ରଖିବା ପାଇଁ ବାରମ୍ବାର ଛୁଟି ନେଇପାରିବେ। ଏହାସହ ମାତୃତ୍ୱ ଛୁଟି ସମୟରେ ଉଚ୍ଚ ପଦବୀକୁ ପଦୋନ୍ନତି ଦିଆଯାଏ, ତେବେ ସେ ଉଚ୍ଚ ପଦବୀରେ ଯୋଗଦେଲେ ବୋଲି ସଂପୃକ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଚିଠି ମାଧ୍ୟମରେ ଜଣାଇବେ। ଅର୍ଥାତ୍ ସେହିଦିନରୁ ସେ ଉଚ୍ଚ ପଦବୀରେ ଯୋଗଦେଲେ ବୋଲି ଧରାଯିବ। ଏହାସହ ତାଙ୍କର ମାତୃତ୍ୱ ଛୁଟିର ଅବଶିଷ୍ଟ ଅବଧି ନିରବଚ୍ଛିନ୍ନ ଭାବେ ନେଇପାରିବେ ଏବଂ ମାତୃତ୍ୱ ଛୁଟି ଏକକାଳୀନ ଅବା ବିଭିନ୍ନ ପର୍ଯ୍ୟାୟରେ ନେଇପାରିବେ। ତେବେ ମାତୃତ୍ୱ ଛୁଟି ଲାଭ କରିବା ପାଇଁ ସନ୍ତାନ ପ୍ରସବ ଯେକୌଣସି ସରକାରୀ ସ୍ୱୀକୃତିପ୍ରାପ୍ତ ଚିକିତ୍ସାଳୟରେ ହେବା ଆବଶ୍ୟକ ବୋଲି ମାର୍ଗଦର୍ଶିକାରେ ଉଲ୍ଲେଖ କରାଯାଇଛି।

# ବିପଦ ବଢ଼ାଇବ ମୌସୁମୀ ବ୍ରେକ୍

**ରାଜ୍ୟରେ ହେବ ଭୀଷଣ ବଜ୍ରପାତ ● ଚାଷୀଙ୍କୁ ସୁରକ୍ଷିତ ରହିବାକୁ ସତର୍କ ସୂଚନା**

**ଭୁବନେଶ୍ୱର, ୩୦।୫(ସମିସ):** ଅଟକିଗଲା ମୌସୁମୀ। ଯେଉଁ ଗତିରେ ଓଡ଼ିଶାକୁ ମାଡ଼ି ମାଡ଼ି ଆସିଥିଲା, ସେଥିରେ ଏବେ ବ୍ରେକ୍ ଲାଗିଛି। ଆଉ ଆଗକୁ ବଢୁନି। ପ୍ରାୟ ଦୁଇ ସପ୍ତାହ ଧରି ଏମିତି ସ୍ଥାଣୁ ହୋଇ ରହିବ ମୌସୁମୀ। ଫଳରେ, ଆଗକୁ ରାଜ୍ୟରେ ବର୍ଷା କମିବ ଓ ପାଗ ଶୁଖିଲା ରହିବ। ଗଲା କିଛି ବର୍ଷ ହେବ, ମୌସୁମୀ ଓଡ଼ିଶା ଛୁଇଁବାର ମାସେରୁ ଦେଢ଼ମାସ ପରେ ଏପରି ସ୍ଥିତି ଅର୍ଥାତ୍ 'ମୌସୁମୀ ବ୍ରେକ୍' ହେଉଥିବା ବେଳେ ଚଳିତ ବର୍ଷ ଆରମ୍ଭରୁ ଏଭଳି ସ୍ଥିତି ସୃଷ୍ଟି ହେବା ରାଜ୍ୟ ପାଇଁ ଶୁଭଙ୍କର ନୁହେଁ ବୋଲି ପାଣିପାଗ ବିଜ୍ଞାନୀମାନେ ଚେତାଇ ଦେଲେଣି।

ସେମାନଙ୍କ କହିବା କଥା, ମୌସୁମୀ ବିରତି ସମୟରେ ବିଜୁଳି ଘଡ଼ିଘଡ଼ି ପାଇଁ ସ୍ଥିତି ଅନୁକୂଳ ରହିଥାଏ ଓ ଏହାର ମାତ୍ରା ବୃଦ୍ଧି ପାଏ। ମୌସୁମୀ ଦୁର୍ବଳ ଯୋଗୁଁ ବର୍ଷାର ପରିମାଣ କମିଥାଏ ଓ ତାପମାତ୍ରା ବୃଦ୍ଧି ହୁଏ। ଏହି ସମୟରେ ବଙ୍ଗୋପସାଗରରୁ ରାଜ୍ୟକୁ ଆସୁଥିବା ଜଳୀୟବାଷ୍ପପୂର୍ଣ୍ଣ ବାୟୁ ଉତ୍ତପ୍ତ ବାୟୁମଣ୍ଡଳ ସଂସ୍ପର୍ଶରେ ଆସି ବଜ୍ରପାତ ସୃଷ୍ଟି କରିଥାଏ। ଯେହେତୁ ରାଜ୍ୟରେ ଗଲା କିଛି ଦିନ ମଧ୍ୟରେ ଭଲ ବର୍ଷା ହୋଇଛି, ତେଣୁ ଚାଷ କାମ ପାଇଁ ଚାଷୀମାନେ କ୍ଷେତରେ ରହିବାର ସମ୍ଭାବନା ରହିଛି। ତେଣୁ ଏହି ସମୟରେ ଚାଷୀଙ୍କ ପାଇଁ ବଜ୍ରପାତର ଅଧିକ ବିପଦ ଆଶଙ୍କା ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ଚାଷୀମାନଙ୍କୁ ଯଥେଷ୍ଟ ସତର୍କତାମୂଳକ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି।

ସାଧାରଣତଃ ମୌସୁମୀ ସହ ଜଡ଼ିତ ନିମ୍ନଚାପରେଖା ଉତ୍ତରମୁହାଁ ହେଲେ ଓଡ଼ିଶା ସମେତ କେନ୍ଦ୍ରୀୟ ଭାରତରେ ବର୍ଷା କମିଥାଏ। ନିମ୍ନଚାପ ରେଖା ଏହି ସମୟରେ ଉତ୍ତରମୁହାଁ ହୋଇ ହିମାଳୟ ପାଦଦେଶରେ ସକ୍ରିୟ ରହିବା ସହ ସେଠାରେ ବର୍ଷା କରାଏ। ସେହିପରି ମୌସୁମୀ ବିରତି ସମୟରେ ପଶ୍ଚିମାଝଡ଼ର ପ୍ରଭାବ ରହିଲେ, ଏହି ବିରତି ଅବଧି ବୃଦ୍ଧି ହେବାକୁ ସହାୟକ ହୋଇଥାଏ। ତେବେ ଚଳିତ ବର୍ଷ ସାରା ଦେଶକୁ ମୌସୁମୀ ଅଗ୍ରସର ହୋଇ ନ ଥିବା ସତ୍ତ୍ୱେ ମୌସୁମୀ ବିରତି ଆରମ୍ଭ ହୋଇଯାଇଛି। ମୁଖ୍ୟତଃ ଆରବସାଗର ଓ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଦୁଇଟି ଲଘୁଚାପ ସ୍ୱାଭାବିକଠୁ ଯଥେଷ୍ଟ ଆଗରୁ ମୌସୁମୀକୁ ଟାଣି ଆଣିଥିଲେ ମଧ୍ୟ ଏହାର କ୍ରମାଗତ ପ୍ରଭାବ ଜାରି ରହିବାରେ ଆହ୍ୱାନ ସୃଷ୍ଟି ହୋଇଛି। ଚଳିତ ବର୍ଷ ଉତ୍ତର ଆଫଗାନିସ୍ତାନରେ ପଶ୍ଚିମା ଝଡ଼ ଓ ଏହା ପଛକୁ ସୃଷ୍ଟି ହେବାକୁ ଥିବା ଆଉ ଏକ ପଶ୍ଚିମା ଝଡ଼ ମୌସୁମୀକୁ ଆଗରେ ପ୍ରତିବନ୍ଧକ ହୋଇଛି। ଏହି ସ୍ଥିତି ଯୋଗୁଁ ମୌସୁମୀ ଆଗକୁ ଅଗ୍ରସର ହୋଇପାରୁ ନଥିବାରୁ ରାଜ୍ୟ ତଥା ଦେଶର ପ୍ରମୁଖ ସ୍ଥାନମାନଙ୍କରେ ପାଗ ଶୁଖିଲା ରହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ତେଣୁ ଶନିବାରଠାରୁ ରାଜ୍ୟର ଆଉ କୌଣସି ଜିଲ୍ଲା ପାଇଁ ବର୍ଷା ଜନିତ ସତର୍କ ସୂଚନା ଜାରି କରାଯାଇନାହିଁ।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ୩୦ତାରିଖ ସୁଦ୍ଧା ରାଜ୍ୟରେ ୨୨୧.୫ମିମି ବର୍ଷା ହୋଇସାରିଛି। କିଛି ଜିଲ୍ଲାରେ ସ୍ୱାଭାବିକଠୁ ଯଥେଷ୍ଟ ଅଧିକ ହୋଇଥିବା ବେଳେ କିଛିରେ ସ୍ୱାଭାବିକଠୁ ଅଧିକ ଓ ବାକି ଜିଲ୍ଲାରେ ସ୍ୱାଭାବିକ ବର୍ଷା ରହିଛି। ବର୍ଷା ୪୭୬.୮ ମିମି ତୁଳନାରେ ୨ ପ୍ରତିଶତ ଅଧିକ ରହିଛି। ଅନ୍ୟପଟେ, ଶନିବାରଠାରୁ ରାଜ୍ୟର ପ୍ରାୟ ସବୁ ଅଞ୍ଚଳରେ ବିଜୁଳି ଘଡ଼ଘଡ଼ିଜନିତ ସ୍ଥିତି ନେଇ ସତର୍କ ରହିବା ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଦିଆଯାଇଛି।

## ଅବଶିଷ୍ଟାଂଶ

### ସମ୍ପର୍କ ଛିନ୍ନ ପରେ...

ଏହା ପୂର୍ବରୁ ବମ୍ବେ ହାଇକୋର୍ଟ ତାଙ୍କ ବିରୋଧରେ ରୁଜୁ ମାମଲାକୁ ରଦ୍ଦ କରିବାକୁ ମନା କରି ଦେଇଥିଲେ। ପରେ ସେ ଏହା ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏବେ ହାଇକୋର୍ଟଙ୍କ ନିଷ୍ପତ୍ତିକୁ ପଲଟାଇ ସର୍ବୋଚ୍ଚ ନ୍ୟାୟାଳୟ ଆପରାଧିକ କାର୍ଯ୍ୟାନୁଷ୍ଠାନକୁ ବନ୍ଦ କରିଦେଇଛନ୍ତି। ଶୁଣାଣି ସମୟରେ ସୁପ୍ରିମକୋର୍ଟ ଅନୁଧ୍ୟାନ କରିଥିଲେ ଯେ ମାମଲାର ଏତଲା ୧୩ ମାସ ପରେ ରୁଜୁ ହୋଇଥିଲା। ଏତେ ବିଳମ୍ବରେ ରୁଜୁ ଏତଲାର ସତ୍ୟତା ଉପରେ ସନ୍ଦେହ ସୃଷ୍ଟି ହେଉଛି। ମହିଳାଙ୍କ ମେଡ଼ିକାଲ ରିପୋର୍ଟରେ ମଧ୍ୟ ଜୋର ଜବରଦସ୍ତି ଯୌନ ସମ୍ବନ୍ଧ କିମ୍ବା ଅପ୍ରାକୃତିକ ସମ୍ବନ୍ଧର ପ୍ରମାଣ ମିଳିନାହିଁ। ଅଭିଯୁକ୍ତ ଏବଂ ପୀଡ଼ିତା ବର୍ଷେରୁ ଅଧିକ ସମୟ ପର୍ଯ୍ୟନ୍ତ ସମ୍ବନ୍ଧରେ ଥିଲେ। ମହିଳା ତାଙ୍କ ସହ ଦୁଇ ଥର ଲଜ୍‌କୁ ମଧ୍ୟ ଯାଇଥିଲେ।

### ଗୋଟିଏ ସିଫ୍ଟରେ...

ଏକ୍ସାମିନେସନ (ଏନବିଇ)କୁ ପର୍ଯ୍ୟାପ୍ତ କେନ୍ଦ୍ର ମିଳି ନାହିଁ କହିବା ଅନୁଚିତ। ଏହି ତର୍କକୁ ଗ୍ରହଣ କରାଯିବ ନାହିଁ। ୨ଟି ପ୍ରଶ୍ନପତ୍ରର ଜଟିଳତା ସ୍ତର ମଧ୍ୟ ସମାନ ହୋଇପାରିବ ନାହିଁ। କେବଳ ଜଟିଳ ମାମଲାରେ ନର୍ମାଲାଇଜେସନକୁ ବ୍ୟବହାର କରାଯିବା ଉଚିତ। ନିୟମିତ ପରୀକ୍ଷାରେ ଏହାକୁ ବ୍ୟବହାର କରା ନ ଯିବା ଆବଶ୍ୟକ। ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ନିଟ୍-ପିଜି ପରୀକ୍ଷା ଜୁନ୍ ୧୫ରେ ହେବ। ଏବେ ବି ପରୀକ୍ଷା କେନ୍ଦ୍ର ଆଦି ଚୟନ କରିବା ପାଇଁ ୨ ସପ୍ତାହରୁ ଅଧିକ ସମୟ ରହିଛି। ଏହା ସତ୍ତ୍ୱେ ଯଦି ଅଧିକ ସମୟ ଦରକାର ତେବେ ଆବେଦନ କରିବାକୁ ସୁପ୍ରିମକୋର୍ଟ କହିଛନ୍ତି।

### ଜେଲ୍ ଗଲେ ଇଡି...

ଜାଣିବାକୁ ପାଇଲେ ତାଙ୍କ ନାମରେ ଏକ କେସ୍ ପଞ୍ଜୀକୃତ ହୋଇଛି। ଏପରିକି ୨୦୨୫ ଜାନୁଆରୀ ୮ ତାରିଖରେ ତାଙ୍କ ଅଫିସରେ ମଧ୍ୟ ଇଡି ଚଢ଼ଉ କରିଥିଲା। ଏହି ମାମଲାରେ ଗତ ମାର୍ଚ୍ଚ ମାସରେ ସମନ୍ ପାଇ ସେ ଇଡି କାର୍ଯ୍ୟାଳୟରେ ହାଜର ହୋଇଥିଲେ। ସେ ଡେପୁଟି ଡାଇରେକ୍ଟରଙ୍କ ଚାମ୍ବରରେ ପହଞ୍ଚିବା ପରେ ତାଙ୍କୁ ମଧ୍ୟ ପଚରାଉଚରା କରାଯାଇଥିଲା। ପରେ ତାଙ୍କୁ ଇଡି କାର୍ଯ୍ୟାଳୟରେ ଭକ୍ତି ବେହେରାଙ୍କ ସହ ପରିଚିତ କରାଯାଇଥିଲା। ଭକ୍ତିଙ୍କ ସହ ଘଟଣା ସମ୍ପର୍କରେ ଯୋଗାଯୋଗରେ ରହିବାକୁ ତାଙ୍କୁ କୁହାଯାଇଥିଲା। ସେବେଠୁ ସେହି ତୃତୀୟ ବ୍ୟକ୍ତିଙ୍କ ଜରିଆରେ ଗତ ମେ ମାସ ୨୬ ତାରିଖରେ ସେ ଏକ ହୋଟେଲରେ ଭେଟଘାଟ ହୋଇଥିଲେ। କେସ୍‌ରୁ ମୁକାଳିବା ଓ ଅଯଥା ସମନ୍‌ରୁ ବର୍ତ୍ତିବାକୁ ତାଙ୍କୁ ଇଡି ଅଧିକାରୀ ଜଣକ ୫ କୋଟି ଟଙ୍କାର ଲାଞ୍ଚ ମାଗିଥିଲେ ବୋଲି ରତିକାନ୍ତ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଫୋନ ଯୋଗେ ସେହି ତୃତୀୟ ବ୍ୟକ୍ତି ଚିନ୍ତନ ରଘୁବଂଶୀଙ୍କ ସହ କଥା କରାଇଥିଲେ। ପରେ ୨ କୋଟି ଦେବା ପାଇଁ ସେ ରାଜି ହୋଇଥିଲେ। ଅଗ୍ରୀମ ଭାବେ ୫୦ ଲକ୍ଷ ଟଙ୍କା ଓ ପରେ ଦେବା ପାଇଁ ବିଲ୍ ଅନୁସାରେ କଥା ଛିଡ଼ିଥିଲା। ଗତ ୨୮ ମେ'ରେ ତାଙ୍କୁ ଲାଞ୍ଚ ଟଙ୍କା ଦେବା ପାଇଁ କୁହାଯାଇଥିଲା। ଯାହାକୁ ଆଧାର କରି ସେ ସିବିଆଇକୁ ଜଣାଇବା ପରେ ସିବିଆଇ ପଦକ୍ଷେପ ନେଇଥିଲା। ଭୁବନେଶ୍ୱରରେ ସିବିଆଇର ଜଣେ ଅଫିସରଙ୍କ ନେତୃତ୍ୱରେ ଏପରି ଲାଞ୍ଚ କାରବାର ଧରପଗଡ଼ ପାଇଁ ପୂର୍ବରୁ ଯୋଜନା ହୋଇଥିଲା। ଯୋଜନା ମୁତାବକ ରତିକାନ୍ତ ଗତକାଲି ରଙ୍ଗବୋଳା ଟଙ୍କା ନେଇ ଭୁବନେଶ୍ୱର ନୟାପଲ୍ଲୀ ଇଡି ଅଫିସରେ ଉପନିର୍ଦ୍ଦେଶକଙ୍କୁ ଦେବା ପାଇଁ ଯାଇଥିବା ବେଳେ ସିବିଆଇ ଟିମ୍ ଜଗି ରହିଥିଲେ। ସେଠାରେ ଲାଞ୍ଚ ଟଙ୍କା ନେବା ସମୟରେ ସିବିଆଇ ଅଧିକାରୀ ମାଡ଼ି ବସିଥିଲେ। ଉପନିର୍ଦ୍ଦେଶକ ରଘୁବଂଶୀ ଏବଂ ମଧ୍ୟସ୍ଥି ଭକ୍ତିଙ୍କ ଘର ସମେତ ଅଫିସ ଓ ଅନେକ ସ୍ଥାନରେ ମଧ୍ୟ ସିବିଆଇ ପକ୍ଷରୁ ଚଢ଼ଉ କରାଯାଇଛି।

### ସିକିମ୍‌ରେ ନଦୀକୁ...

ଗାଡ଼ିରେ ଆଗପଛ ହୋଇ ଫେରୁଥିଲେ। ପଛ ଗାଡ଼ିଟି ରାତ୍ରିରେ ଘାଟିରୁ ତଳକୁ ଖସିବା ସମୟରେ ଭାରସାମ୍ୟ ହରାଇ ଖାଇକୁ ଖସି ତିସ୍ତା ନଦୀରେ ପଡ଼ିଥିଲା। ଅନ୍ୟ ଗାଡ଼ିଟି ଆଉ ୫ଜଣଙ୍କୁ ନେଇ ଆଗକୁ ଚାଲିଯାଇଥିବାରୁ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲା। ଏହି ପର୍ଯ୍ୟଟକ ଦଳରେ ପଶ୍ଚିମବଙ୍ଗର ମଧ୍ୟ କିଛି ଯାତ୍ରୀ ଥିବା ସୂଚନା ମିଳିଛି।

ଦୁର୍ଘଟଣାର ସୂଚନା ପାଇବା ପରେ ଭାରତୀୟ ସେନା, ଆଇଟିବିପି, ସିକିମ ପୁଲିସ ଏବଂ ସ୍ଥାନୀୟ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ରାତାରାତି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ବୁଡାଳି ଏବଂ ଦକ୍ଷ ଉଦ୍ଧାରକାରୀ ଦଳକୁ ମଧ୍ୟ ମୁତୟନ କରାଯାଇଛି। ଦୁର୍ଘଟଣାଗ୍ରସ୍ତ ଅଞ୍ଚଳକୁ କର୍ଡନ କରି ଦିଆଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଲାଚେନ-ଲାଚୁଙ୍ଗ ମାର୍ଗରେ ନଆସିବା ପାଇଁ ଯାତ୍ରୀଙ୍କୁ ପରାମର୍ଶ ଦିଆଯାଇଛି।

ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ସ୍ୱତନ୍ତ୍ର ଟିମ୍‌କୁ ଘଟଣାସ୍ଥଳକୁ ଯିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେ ସିକିମ ମୁଖ୍ୟମନ୍ତ୍ରୀ ପ୍ରେମସିଂହ ତମାଙ୍ଗ ସହ ମଧ୍ୟ କଥା ହୋଇଛନ୍ତି। ଓଡ଼ିଶା ଯାତ୍ରୀଙ୍କ ବିଷୟରେ ପଚାରି ବୁଝିଛନ୍ତି। ଶ୍ରୀ ମାଝୀ ଯାତ୍ରୀଙ୍କ ସୁରକ୍ଷା ଏବଂ ଚିକିତ୍ସାକୁ ଗୁରୁତ୍ୱ ଦେଇଛନ୍ତି। ସିକିମ ଯାତ୍ରୀ କରିଥିବା ଓଡ଼ିଶା ପର୍ଯ୍ୟଟକଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ବ୍ୟବସ୍ଥା କରିବାକୁ ଶ୍ରୀ ମାଝୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ଆରଡି ମୁଖ୍ୟଯନ୍ତ୍ରୀଙ୍କ...

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୈକୁଣ୍ଠଙ୍କ ଅନୁଗୋଳ ଜିଲ୍ଲାରେ ଥିବା ଘର ସମେତ ଭୁବନେଶ୍ୱର, ପୁରୀର ୭ଟି ସ୍ଥାନରେ ଏକକାଳୀନ ଚଢାଉ କରାଯାଇଛି। ଅନୁଗୋଳ କାରଡ଼ାଗାଡ଼ିଆ ସ୍ଥିତ ବାସଭବନ, ଲୋକେଇପଶି ପୈତୃକ ବାସ ଭବନ, ମାଟିଆସାହି ଓ ଶିକ୍ଷକପଡ଼ାରେ ଥିବା ସମ୍ପର୍କୀୟଙ୍କ ଘରେ ଭିଜିଲାନ୍ସ ଚଢ଼ଉ କରିଛି। ଏହା ସହ ଭୁବନେଶ୍ୱରରେ ଥିବା ଅଫିସ, ଡୁମୁଡୁମାରେ ଥିବା ଫ୍ଲାଟ୍ ସମେତ ପୁରୀ ଜିଲ୍ଲା ପିପିଲିର ଶିଉଳାରେ ଫ୍ଲାଟରେ ଚଢ଼ାଉ କରାଯାଇଛି। ଅନୁଗୁଳ କରଡ଼ାଗାଡ଼ିଆ ଘରୁ ନଗଦ ୧କୋଟି ୩୪ଲକ୍ଷ ୩୪ ହଜାର ଟଙ୍କା ଜବତ କରାଯାଇଥିବା ବେଳେ ଭୁବନେଶ୍ୱର ଡୁମୁଡୁମା ଫ୍ଲାଟରୁ ୧କୋଟି ୨୧ଲକ୍ଷ ୯୫ ହଜାର ଟଙ୍କା ଜବତ କରାଯାଇଛି।

ତାଙ୍କ ନାମରେ କାରଡ଼ାଗାଡ଼ିଆରେ ଦୁଇ ତାଲା କୋଠା ରହିଥିବା ବେଳେ ଅନୁଗୁଳ ମାଟିଆସାହିରେ ଅନ୍ୟ ଏକ ଦୁଇ ତାଲା କୋଠା ରହିଛି। ସେହିପରି ଡୁମୁଡୁମା ଓ ସିଉଳାରେ ଫ୍ଲାଟ, ଭୁବନେଶ୍ୱର ଏବଂ ଅନୁଗୋଳରେ ୭ଟି ଦାମୀ ପ୍ଲଟ ରହିଛି। ୩ଟି ପ୍ଲଟ ଅନୁଗୋଳରେ ଥିବା ବେଳେ ୪ଟି ପ୍ଲଟ ପିପିଲିରେ ଅଛି। ଏହା ସହିତ ଘରୁ୧.୧କେଜିର ସୁନା ଗହଣା ଠାବ କରାଯାଇଥିବା ବେଳେ ବାବୁ ସେୟାର ମାର୍କେଟ ଏବଂ ଏମ୍‌ଏଫରେ ୨.୭୦କୋଟି ଟଙ୍କା ଲଗାଇଛନ୍ତି। ଏଥିସହ ବ୍ୟାଙ୍କ୍ ଆକାଉଣ୍ଟ ଏବଂ ଇନ୍ସ୍ୟୁରାନ୍ସରେ ୧.୫କୋଟି ଟଙ୍କା ଜମା ରହିଥିବା ବେଳେ କୋଟିଏ ଚାରି ଚକିଆ ଯାନ ଏବଂ ଗୋଟିଏ ଦୁଇ ଚକିଆ ଏବଂ ୧୫.୪୪ଲକ୍ଷର ଘରର ଆସବାବପତ୍ର ରହିଛି। ବଡ଼ କଥା ହେଲା ବାବୁ ଦାମୀ ଘଣ୍ଟା ପିନ୍ଧିବାକୁ ଭଲ ପାଉଥିଲେ। ତାଙ୍କ ଘରୁ ୧୫ଟି ଦାମୀ ଘଣ୍ଟାକୁ ଜବତ କରାଯାଇଛି। ବୈକୁଣ୍ଠନାଥ ଷଡ଼ଙ୍ଗୀଙ୍କ ପତ୍ନୀଙ୍କ ନାଁରେ ଅନୁଗୋଳ ସ୍ଥିତ ଆକ୍ସିସ୍ ବ୍ୟାଙ୍କରେ ଗୋଟିଏ ଲକର ଅଛି।

ବୈକୁଣ୍ଠନାଥ ମୁଖ୍ୟଯନ୍ତ୍ରୀ ଭାବେ ୧୯୯୧ ସେପ୍ଟେମ୍ବର ୩୦ ତାରିଖରେ ସରକାରୀ ଚାକିରି ଆରମ୍ଭ କରିଥିଲେ। କଣିହା ବ୍ଲକରେ ପଞ୍ଚାୟତରାଜ ବିଭାଗରେ ଷ୍ଟାଇପେଣ୍ଡାରୀ ଯନ୍ତ୍ରୀ ଥିଲେ। ସେତବେଳେ ସେ ୨ହଜାର ପ୍ରତି ମାସରେ ଦରମା ପାଉଥିଲେ। ୧୯୯୯ ଅକ୍ଟୋବର ୧୫ ପର୍ଯ୍ୟନ୍ତ ବିଭିନ୍ନ ବ୍ଲକ୍‌ରେ ସେ ଯନ୍ତ୍ରୀ ଭାବେ କାମ କରିଥିଲେ। ପରେ ସୁନ୍ଦରଗଡ଼ ପିଡବ୍ଲ୍ୟୁଡି ଡିଭିଜନରେ ସହକାରୀ ଯନ୍ତ୍ରୀ(ନିୟମିତ) କାର୍ଯ୍ୟ କରିଥିଲେ। ୨୦୧୨ରେ ତାଳଚେର ଏବଂ ଅନୁଗୁଳରେ କାମ କରିଥିଲେ। ୨୦୧୬ରେ ଆଠମଲ୍ଲିକରେ ସହାକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭାବେ ଆରଡି ଡିଭିଜନରେ କାମ କରୁଥିଲେ। ୨୦୨୩ରେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ। ଏ ସମ୍ପର୍କରେ ଭିଜିଲାନ୍ସ ନିର୍ଦ୍ଦେଶକ ଯଶବନ୍ତ ସିଂ ଜେଠୱା କହିଛନ୍ତି ଯେ, ଦୁର୍ନୀତି କରି ଅବସର ନେଇଗଲେ ଭିଜିଲାନ୍ସ ନଜର ପଡ଼ିବନି। ଅବସର ନେଲେ ବି ଭିଜିଲାନ୍ସ ଗୋଡାଇ ଧରିବ। ତେଣୁ ସେଭଳି କିଛି ସୀମା ଭିଜିଲାନ୍ସର ନାହିଁ। ଦୁର୍ନୀତି କଲେ ଭିଜିଲାନ୍ସ ଛାଡ଼ିବ ନାହିଁ। ବୈକୁଣ୍ଠ ଚାକିରି କାଳରେ ଏହି କଳାଧନ ଅର୍ଜନ କରିଥିବା ଜଣାପଡ଼ିଛି। ତେଣୁ ସବୁ ଦିନକୁ ନେଇ ତଦନ୍ତ କରାଯାଉଛି ବୋଲି ସେ କହିଛନ୍ତି।

### ସରଣ୍ଡାରୁ ମିଳିଲା...

ସହଯୋଗୀମାନେ ସରେଣ୍ଡା ଜଙ୍ଗଲ ଅନ୍ତର୍ଗତ କୋଲେହାନ ଅଞ୍ଚଳରେ ବଡ଼ଧରଣର ମାଓ ହିଂସା କରିବା ପାଇଁ ସେମାନଙ୍କର ଗତିବିଧି ରଖିଥିବାରୁ ଝାଡ଼ଖଣ୍ଡର ଚାଇଁବାସା ପୁଲିସ, କୋବ୍ରା ୨୦୩ ବାଟାଲିୟନ ପୁଲିସ, ୨୦୯ ବାଟାଲିୟନ ଜାଗୁଆର ପୁଲିସ, ସିଆରପିଏଫର ୨୬, ୬୦, ୧୩୪, ୧୭୪, ୧୯୩, ୧୯୭ ବାଟାଲିଅନ୍ ପକ୍ଷରୁ ନିୟମିତ ଭାବେ କମ୍ବିଂ ଅପରେସନ ଜାରି ରହି ଆସିଛି। ଗତ ମାର୍ଚ୍ଚ ୩ରେ ଛୋଟାନାଗରା ଏବଂ ଜରେଇକେଲା ଥାନା ସୀମାବର୍ତ୍ତୀ ଇଲାକାଗୁଡ଼ିକରେ ଏକ ବଡ଼ଧରଣର ଅପରେସନ ମଧ୍ୟ କରାଯାଇଥିଲା। ତେବେ ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା ଅଧୀନ ବାଙ୍କୋ ନିକଟରୁ ୫ ଟନ୍ ବିସ୍ଫୋରକ ସାମଗ୍ରୀ ଲୁଟ ପରେ ଶୁକ୍ରବାର ମଧ୍ୟାହ୍ନରେ ସୀମାନ୍ତବର୍ତ୍ତୀ ଜରେଇକେଲା ଥାନା ଅଧୀନ ତିରିଲପୋଷିର ଜଙ୍ଗଲ ଭିତରେ ଥିବା ଏକ ମାଓ କ୍ୟାମ୍ପ ଉପରେ ଝାଡ଼ଖଣ୍ଡ ପୁଲିସ, ସିଆରପିଏଫ, ଜାଗୁଆର ପୁଲିସ ଓ କୋବ୍ରା ପୁଲିସ ପକ୍ଷରୁ ମିଳିତ ଭାବେ ଚଢ଼ଉ କରାଯାଇ ଥିଲା। ଏହାପରେ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା।

ଏହାପରେ ପୁଲିସକୁ ମିଳିଥିଲା ଏକ ବଡ଼ ସଫଳତା। ସେଠାରେ ଚାଲୁଥିବା ମାଓକ୍ୟାମ୍ପରୁ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ, ଜିଲେଟିନ ଷ୍ଟିକ୍ ସମେତ ମାଓବାଦୀଙ୍କ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ, ମାଓ ପୋଷାକ ଆଦି ଜବତ କରାଯାଇଥିଲା। ତେବେ ମାଓକ୍ୟାମ୍ପରୁ ଜବତ ବିସ୍ଫୋରକ ଗତ ୨୭ ତାରିଖ ଦିନ ବାଙ୍କୋରୁ ଲୁଟ ବିସ୍ଫୋରକ କି ନାହିଁ, ସେନେଇ ଓଡ଼ିଶା କି ଝାଡ଼ଖଣ୍ଡ ପୁଲିସ ସ୍ପଷ୍ଟ କରିନାହାନ୍ତି। ଏତଦ୍‌ବ୍ୟତୀତ ପୁଲିସର ମିଳିତ ଅପରେସନ ବେଳେ ତିରିଲପୋଷିର ଜଙ୍ଗଲିଆ ରାସ୍ତାରେ ଏକ ଭୟଙ୍କର ଆଇଇଡି ବିସ୍ଫୋରଣ ଘଟିଥିଲା। ଯାହାକୁ କି ପୂର୍ବରୁ ମାଓବାଦୀମାନେ ପୁଲିସ ଯବାନମାନଙ୍କ ପ୍ରାଣହାନୀ ନିମନ୍ତେ ଖଞ୍ଜି ଥିଲେ। ଏହି ବିସ୍ଫୋରଣରେ କୋବ୍ରା ୨୦୯ ବାଟାଲିୟନର ଜଣେ ଯବାନ ଅମିତ କୁମାର ଗୁରୁତର ଭାବେ ଆହତ ହୋଇଥିବା ସୂଚନା ମିଳିଛି।

ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି ଯେ ଗତ ୨୭ ତାରିଖ ଦିନ ରାତି ସାଢ଼େ ୮ଟାରେ ବାଙ୍କୋଷ୍ଟୋନ କ୍ୱାରି ନିକଟରେ ୨୦୦ ପ୍ୟାକେଟ ବିସ୍ଫୋରକ ସାମଗ୍ରୀ ଅନଲୋଡ଼ିଂ ବେଳେ ମାଓବାଦୀମାନେ ଲୁଟି ନେଇଥିଲେ। ୨୭ ତାରିଖ ରାତିରୁ ଆଜି ପର୍ଯ୍ୟନ୍ତ ସରଣ୍ଡା ଜଙ୍ଗଲରେ ମିଳିତ ଏସଓଜି, ସିଆରପିଏଫ, କୋବ୍ରା, ଜାଗୁଆର ପକ୍ଷରୁ କମ୍ବିଂ ଅପରେସନ ଜାରି ରହିଥିବା ବେଳେ ଆଜି ତିରିଲପୋଷି ଜଙ୍ଗଲ ଭିତରେ ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଏହି ସମୟରେ ସୁରକ୍ଷା କର୍ମୀମାନେ ବିପୁଳ ମାତ୍ରାରେ ବିସ୍ଫୋରକ ସାମଗ୍ରୀ ଜବତ କରିଛନ୍ତି।

# ହମ୍ପସରେ ବାଇକ୍‌ରୁ ପଡ଼ି ମହିଳାଙ୍କ ମୃତ୍ୟୁ

**ବାରିପଦା, ୩୦।୫(ସମିସ):** ଝିଅ ଘରକୁ ଯିବା ରାସ୍ତାରେ ପୁଅର ବାଇକରୁ ପଡ଼ିଯିବାରୁ ତାଙ୍କ ମା'ଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ, ବଡ଼ସାହି ଥାନା ଖାନୁଆ ଗ୍ରାମର କୁମୁଦିନି ଗିରି (୫୪)। ଶୁକ୍ରବାର ପୂର୍ବାହ୍ନରେ କୁମୁଦିନୀ ଖାନୁଆସ୍ଥିତ ଘରୁ ପୁଅ ସହ ବାଇକ୍‌ରେ ଝିଅଘର ବାଙ୍ଗିରିପୋଷିକୁ ଯାଉଥିଲେ। ବାରିପଦାରେ ପହଞ୍ଚିବା ପୂର୍ବରୁ ୧୯ ନଂ ରାଜ୍ୟ ରାଜପଥର ନୁରୁଡିହି ଛକ ନିକଟ ଏକ ହମ୍ପସରେ ସେ ବାଇକରୁ ପଡ଼ିଯାଇଥିଲେ। ଏଥିରେ ତାଙ୍କ ମୁଣ୍ଡ ପଛପଟରେ ଶକ୍ତ ଆଘାତ ଲାଗିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ପିଆରଏମ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରିଛି ପୁଲିସ।

# ପାରିବାରିକ କଳହରୁ ସ୍ତ୍ରୀକୁ ଛୁରାମାଡ଼

**ବାରିପଦା, ୩୦।୫(ସମିସ):** ପାରିବାରିକ କଳହରୁ ପତ୍ନୀଙ୍କୁ ମଦ୍ୟପ ସ୍ୱାମୀ ଛୁରାମାଡ଼ କରିଛି। ଏଭଳି ଏକ ଘଟଣା ବାରିପଦା ଟାଉନ୍ ଥାନା ଅନ୍ତର୍ଗତ ଲାଲବଜାର ଅଞ୍ଚଳରେ ଘଟିଛି। ଛୁରାମାଡ଼ରେ ସ୍ତ୍ରୀ ଗୁରୁତର ଅବସ୍ଥାରେ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଆହତ ମହିଳା ଜଣକ ହେଲେ, ପୋଡ଼ାଅସ୍ତିଆ ଅଞ୍ଚଳର କବିତା ଦିଗାର। ଅଭିଯୁକ୍ତ ସ୍ୱାମୀ ରବୀନ୍ଦ୍ର ଦିଗାରକୁ ବାରିପଦା ଟାଉନ ଥାନା ପୁଲିସ ଗିରଫ କରିଛି।

ଶୁକ୍ରବାର ପୂର୍ବାହ୍ନ ୧୦ଟା ବେଳେ ବାରିପଦା ଏମକେସି ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଏହି ଘଟଣା ଘଟିଛି। ପୂର୍ବରୁ ପାରିବାରିକ କଳହ ଯୋଗୁଁ କବିତା ବାଙ୍କିଶୋଳସ୍ଥିତ ନିଜ ବାପଘରେ ରହୁଥିଲେ। ତାଙ୍କ ସ୍ୱାମୀ ରବୀନ୍ଦ୍ର କୌଣସି କାମ ପାଇଁ ବାରିପଦା ଆସିଥିବା ବେଳେ ସ୍ୱାମୀଙ୍କ ସହିତ ରାସ୍ତାରେ ମୁହାଁମୁହିଁ ହୋଇଥିଲେ। ସାମାନ୍ୟ ବଚସାରୁ ରବୀନ୍ଦ୍ର ରାସ୍ତାରେ କବିତାଙ୍କୁ ଏକ ଧାରୁଆ ଛୁରିରେ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ବେକରେ ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଆହତ ଅବସ୍ଥାରେ ସ୍ଥାନୀୟଲୋକେ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ସ୍ଥାନୀୟ ଲୋକେ ରବୀନ୍ଦ୍ରଙ୍କୁ ଉତ୍ତମ ମଧ୍ୟମ ଦେଇ ପୁଲିସ ଜିମା ଦେଇଥିଲେ।

E-132

OFFICE OF THE DEAN & PRINCIPAL
PANDIT RAGHUNATH MURMU MEDICAL COLLEGE & HOSPITAL, BARIPADA, MAYURBHANJ
AT-RANGAMATIA, PO-LAXMIPOSI, PIN-757 107, MAYURBHANJ, ODISHA
Ph. No.: 06792 240401, E-mail: prmmchbaripada@gmail.com / officeprmmch@gmail.com

NOTICE INVITING TENDER
Reference No. 2919 / I-33-PRMMCH-2025 / Dated. 29-05-2025

Sealed tender are invited in the prescribed format from interested reputed Contractors / Caterers and firms having experience of running a mess or a canteen of more than 100 persons in renowned institution or public places, which must confirm to the terms and conditions for running the staff canteen in PRMMCH, Rangamatia, Baripada. The Tender can be downloaded from the PRM medical college official website (www.dmetodisha.gov.in & www.prmmch.nic.in ) from dt.02-06-2025. The last date of submission of bid documents is dt.23-06-2025 by 5.30 PM.

Sd/-
Dean & Principal, PRMMCH, Baripada
OIPR - 10120/11/0019/2526

SISHU SEVA ASHRAM
ADVERTISEMENT

Applications are invited from eligible candidates for filling of following vacant posts for Children's Home of SISHU SEVA ASHRAM. The posts are purely contractual and co-terminus with the project. Bio-data along with educational qualification certificates and marksheet should be sent via speed post/ registered post to the Secretary, Sishu Seva Ashram, At-Balijori, Po-Kiakachhar, Ps- Sadar, Dist- Sundargarh(Odisha) Pin-770020 on or beforedt. 15.06.2025 positively. The candidate applying for different posts should apply separately for each category of post. No other mode of application will be accepted.

Indicative Qualification of Human Resources for Sishu Seva Ashram(CCI) under Mission Vatshalya

| Sl.No. | Name of the Post | Qualification | Age Limit | No. of vacant post | Remuneration per month |
|---|---|---|---|---|---|
| 1. | Paramedical Staff | Compounder/Pharmacist/having Diploma in Ayurvedic Homeopathic/ Unani from institutions recognized by Govt. of India. | Lower Age Limit 21 years Upper Age Limit 45 years as on dt. 01-04-2025 | One (Male) | Rs.11,916/- |
| 2. | Housefather | Arts and Science Graduate from a recognized University | | One (Male) | Rs. 14,564/- |
| 3. | Cook | Under Matric (8th-10th) | | One (Male) | Rs.9,930/- |
| 4. | Helper-Cum-Night Watchman | Under Matric (8th-10th) | | One (Male) | Rs.7,944/- |
| 5. | Housekeeper | Under Matric (8th-10th) | | One (Female) | Rs.7,944/- |

Sd/- Secretary
Sishu Seva Ashram, Balijori

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI
ବ୍ୟାଙ୍କ ଅଫ୍ ଇଣ୍ଡିଆ
ଆଞ୍ଚଳିକ କାର୍ଯ୍ୟାଳୟ: ଭୁବନେଶ୍ୱର ଅଞ୍ଚଳ, ୧/୧ଡ଼ି, ଷ୍ଟାର ହାଉସ୍, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଫୋନ୍-୦୬୭୪-୨୩୬୨୨୪୯
ସୁନା ନିଲାମ ବିଜ୍ଞପ୍ତି

ଏତଦ୍ୱାରା ନିମ୍ନଲିଖିତ ସୁନା ଋଣଗ୍ରହୀତା, ସେମାନଙ୍କର ଆଇନଗତ ଉତ୍ତରାଧିକାରୀ ଓ ସୁନା ଅଳଙ୍କାର ବ୍ୟବସାୟରେ ଜଡ଼ିତ ଥିବା ବ୍ୟକ୍ତି ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି, ବ୍ୟାଙ୍କ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ନିମ୍ନଲିଖିତ ଋଣଗ୍ରହୀତାମାନେ ସେମାନଙ୍କର ବକେୟା ଦେୟ ପଇଠ କରୁନାହାନ୍ତି। ଏହି ନୋଟିସ୍ ପ୍ରକାଶନ ମାଧ୍ୟମରେ ଜଣାଇ ଦିଆଯାଉଅଛି କି, ଯଦି ସେମାନେ ସେମାନଙ୍କର ସମ୍ପୃକ୍ତ ସୁନା ଋଣ ଆକାଉଣ୍ଟ ବାବଦ ବକେୟା ଦେୟ (ଅଦ୍ୟାବଧି ସମସ୍ତ ସୁଧ ଏବଂ ଦେୟ/ଆଇନଗତ ଖର୍ଚ୍ଚ ଅନ୍ତର୍ଭୁକ୍ତ କରି) ତା.୧୭.୦୬.୨୦୨୫ରିଖ ସୁଦ୍ଧା ପଇଠ କରିବାରେ ବିଫଳ ହୁଅନ୍ତି ତେବେ ବ୍ୟାଙ୍କରେ ବନ୍ଧକ ଥିବା ସେମାନଙ୍କର ସୁନା ଅଳଙ୍କାରଗୁଡ଼ିକୁ ତା.୧୮.୦୬.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ବ୍ୟାଙ୍କରେ ବନ୍ଧକ ଥିବା ସେମାନଙ୍କର ସୁନା ଅଳଙ୍କାରଗୁଡ଼ିକୁ ନିମ୍ନରେ ଦର୍ଶାଯାଇଥିବା **ସମ୍ପୃକ୍ତ ଶାଖା ପରିସରରେ** ସର୍ବସାଧାରଣରେ ନିଲାମ କରାଯିବ। ବ୍ୟାଙ୍କ ସମ୍ପୃକ୍ତ ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା କିମ୍ବା କ୍ଷତି ନିମନ୍ତେ ଦାୟୀ ହେବ ନାହିଁ ଏବଂ କୌଣସି ଋଣଗ୍ରହୀତାଙ୍କ ପକ୍ଷରୁ ଏ ବାବଦ କୌଣସି ଅଭିଯୋଗ କିମ୍ବା ପ୍ରତିନିଧିତ୍ୱକୁ ପ୍ରଶ୍ରୟ ଦେବ ନାହିଁ। ଯଦି ନିଲାମ ରାଶି ଅପର୍ଯ୍ୟାପ୍ତ କିମ୍ବା କମ୍ ହୋଇଥାଏ ତେବେ କୌଣସି କାରଣ ନଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଅଛି। ପୁନଶ୍ଚ ଆବଶ୍ୟକସ୍ଥଳେ ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଉପରୋକ୍ତ ସ୍ଥିରିକୃତ ନିଲାମର ତାରିଖ, ସମୟ ଏବଂ ସ୍ଥାନକୁ ପରିବର୍ତ୍ତନ କିମ୍ବା ନିଲାମକୁ ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଅଛି। ସୁନା ଅଳଙ୍କାର / କଏନ୍ ଗୁଡ଼ିକର ଶୁଦ୍ଧତା ଓ ନେଟ୍ ଓଜନ ଏବଂ ସଂରକ୍ଷିତ ମୂଲ୍ୟ ଇତ୍ୟାଦି ଇଚ୍ଛୁକ ନିଲାମଧାରୀମାନଙ୍କ ନିମନ୍ତେ ନିଲାମ ତାରିଖ ଦିନ ଏବଂ ନିଲାମର ସାଇଟ୍ / ନିଲାମ ପୋର୍ଟାଲରେ ଉପଲବ୍ଧ ହେବ।

| କ୍ର. ନଂ. | ଆକାଉଣ୍ଟ ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ମୋଟ ଓଜନ (ଗ୍ରାମରେ) | ନେଟ୍ ଓଜନ (ଗ୍ରାମରେ) | ୩୦.୦୪.୨୦୨୫ ସୁଦ୍ଧା ମୋଟ ବକେୟା ଦେୟ (ଲାଗୁ ହୋଇନଥିବା ସୁଧ, ଖର୍ଚ୍ଚ ଓ ଦେୟ ଇତ୍ୟାଦି ବ୍ୟତିତ) |
|---|---|---|---|---|---|
| ବ୍ୟାଙ୍କ ଅଫ୍ ଇଣ୍ଡିଆ, ଚନ୍ଦନପୁର ଶାଖା, ଚନ୍ଦନପୁର ବଜାର, ଚନ୍ଦନପୁର, ପୁରୀ-୭୫୨୦୧୨, ମୋ.: ୭୦୨୦୭୭୧୨୭୧ | | | | | |
| ୧. | ୫୧୬୪୭୭୬୧୦୦୦୨୮୯୨ | ଜୟନ୍ତ କୁମାର ପ୍ରଧାନ, ସା: କୁରୁଣ୍ଟି, ପୋ: ହଳଦୁକ, ଜିଲ୍ଲା: ପୁରୀ, ପିନ୍-୭୫୨୦୧୨ | ୭.୪୫୦ | ୪.୯୫୦ | ଟ.୨୫,୬୨୭.୦୦ |
| ବ୍ୟାଙ୍କ ଅଫ୍ ଇଣ୍ଡିଆ, ନିମପୁର ଶାଖା, ଆଇବି ରୋଡ୍, କେନାମଣୀ ମଣ୍ଡପ, ଜଗତପୁର, କଟକ-୭୫୪୦୨୧, ମୋ.: ୭୦୦୮୩୯୦୯୮୬ | | | | | |
| ୧. | ୫୧୧୭୭୭୬୧୦୦୦୦୬୨୬ | ରେଣୁକା ସାହୁ, ମାର୍ଫତ: ଅଶୋକ ସ୍ୱାଇଁ, ସା: ଶିକାରୀପୁର, ଜଗତପୁର, କଟକ-୭୫୪୦୨୧ | ୬.୧୯୦ | ୩.୮୦୦ | ଟ.୧୩,୪୮୨.୦୦ |

ସ୍ଥାନ: ଭୁବନେଶ୍ୱର, ତାରିଖ: ୩୦.୦୫.୨୦୨୫ — ଆଞ୍ଚଳିକ ପ୍ରବନ୍ଧକ, ବ୍ୟାଙ୍କ ଅଫ୍ ଇଣ୍ଡିଆ

AFFIDAVIT
By virtue of an affidavit sworn before Executive Magistrate, Jagatsinghpur, dated 30.05.2025, Sl. No.9464, I Samir Kumar Nayak, Address At- Manijang, Po- Tyandakura, Ps.-Kishannagar, Dist-Cuttack declare that I have changed the name of my son from **Asutosh Nayak** to **Ashutosh Nayak.** Henceforth, he shall be known as **Ashutosh Nayak** for all purposes.
Sd/- Samir Kumar Nayak

AFFIDAVIT
I, Smt. Kanchan Manjari Routray, W/o- Anjan Kumar Routray resident of Plot No. 56(P), Kanchan Nivas, Basundhara Lane, Bidanasi, Cuttack, Pin- 753014, Dist.- Cuttack declare by this affidavit no.124(A) dt.13.3.25 that, now onwards I shall be known as **Smt. Kanchan Manjari Jena** for all future purposes.

AFFIDAVIT
By Virtue of an affidavit SL. No: 2595, Dtd 29.05.2025 before the Notary Public, Umerkote, Dist: Nabarangpur, I, Dahana Santa have changed my name from Dahana Paraja to Dahana Santa. Henceforth I shall be Known as Dahana Santa for all Purpose.
Sd/- Dahana Santa

AFFIDAVIT
By virtue of an affidavit sworn before the Executive Magistrate, Tangi, Dist- Khordha on dated 22/05/2025, I **NIRANJAN MAJHI**, S/o Maguni Majhi resident of Village At-Bhagabatipada, Po/Ps-Nirakarpur, Dist- Khordha, Odisha declare that I have changed my name from **NIRANJANA MAJHI** to **NIRANJAN MAJHI.** Henceforth, I shall be known as **NIRANJAN MAJHI** for all future purposes.
Sd- NIRANJAN MAJHI

AFFIDAVIT
By virture of an affidavit before The Executive Magistrate, Padampur. I, **Prashant Sahu,** S/o- Ujal Sahu, resident of Gourenmunda, PO-Gourenmunda, Dist- Bargarh, Odisha that my son actual name is **Santosh Sahu** as per her Aadhaar Card (No-373750795370), her name has been wrongly mentioned as **Kirttichandra Sahu.** Santosh Sahu and Kirttichandra Sahu are same and one Person, Henceforth, he will be known as **Santosh Sahu** in all future purpose.
Prashant Sahu

AFFIDAVIT
I, Sk sahajad s/o sk kasim, resident of at/po-poda astia, Ps- Baripada town, Dist-Mayurbhanj, Pin-757049, Odisha, declare by this dtd. 28/05/2025 affidavit no.3438 that now onwards his minor son **sk md sahid raza** shall be known as **sk sahid raza** for all future purposes.

AFFIDAVIT
By Virtue of an affidavit No: 44, Dtd 30.05.2025 in the court of Executive magistrate, Nandapur, Dist: Koraput, I, Samaru muduli have changed my Minor Son's name from Sonu Muduli to Ajit Muduli. Henceforth he will be known as Ajit Muduli instead of Sonu Muduli for all purpose .
Sd/- Samaru Muduli

LOST
ମୁଁ ଶ୍ରୀ ସମୀର ବିଶ୍ୱାଳ ପିତା- ସ୍ୱ ବାଉରୀବନ୍ଧୁ ବିଶ୍ୱାଳ, ଗ୍ରାମ/ପୋଷ୍ଟ- ଦେଉଳିଆ, ଥାନା- ଅସ୍ତରଙ୍ଗ, ଜିଲ୍ଲା- ପୁରୀ ମୋର ଏକ ଦଲିଲ ତା ୨୨.୦୮.୨୦୦୨ ରିଖ କାକଟପୁର ସବରେଜିଷ୍ଟ୍ରାରରେ ହୋଇଥିଲା। ଏଥିରେ ଖାତା ନମ୍ବର ୪୨୬/୧୩୧ ରୁ ତିନିଗୋଟି ପ୍ଲଟ ଯଥା ୭୪୧ ଏ.ଡି, ୭୪୨ ଏ.୨୨ଡି ୧୭୪୫ ଏ.୧୧ଡି ଓ ଖାତା ନମ୍ବର ୪୦୪ରୁ ଏକଗୋଟି ପ୍ଲଟ ୧୭୪୯ ଏ.୦୪ଡି ଏହିପରି ଦୁଇଗୋଟି ଖାତାରୁ ଚାରିଗୋଟି ପ୍ଲଟ୍ ସନ୍ତୋଷ କୁମାର ରାଉତ ପିତା ବ୍ରଜବନ୍ଧୁ ରାଉତ ଙ୍କ ଠାରୁ ସମୀର ବିଶ୍ୱାଳ ଓ ମାନସ କୁମାର ବିଶ୍ୱାଳ ପିତା- ବାଉରୀବନ୍ଧୁ ବିଶ୍ୱାଳଙ୍କ ନାମରେ କ୍ରୟ କରାଯାଇଥିଲା କିନ୍ତୁ ଉକ୍ତ ଦଲିଲ (ଦଲିଲ) ଗୁଡ଼ିକ କେଉଁଠାରେ ଅଜାଣତରେ ହଜିଯାଇ ଅଛି। ଯାହାକୁ ଖୋଜାଖୋଜି କଲେ ମଧ୍ୟ ମିଳୁନାହିଁ।

SALE
Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.
Contact
GADHWAL GROUP
Mob.: 9437015112

## ରାୟଗଡ଼ାରେ ବୃଦ୍ଧି ପାଉଛି ଚୋରି ମାମଲା

# ହୋଟେଲ ମାଲିକଙ୍କ ଘରୁ ସୁନା ରୁପା ଗହଣା ଚୋରି

**ରାୟଗଡ଼ା,୩୦।୫(ସମିସ):**

ରାୟଗଡ଼ା ସହରର ନିୟୁ କଲୋନୀରେ ରହୁଥିବା ହୋଟେଲ କୈଳାଶର ମାଲିକ ସୁବ୍ରତ ପତିଙ୍କ ଘରେ ଗତ ବିଳମ୍ବିତ ରାତିରେ ବଡ଼ ଧରଣରେ ଚୋରି ହୋଇଛି। ସେ ତାଙ୍କ ମା' ନିଶାମଣିଙ୍କ ସହ ଆଗ ଘରେ ଶୋଇଥିବା ବେଳେ ପଛ ପଟ ତାଲା ପଡି ଥିବା ଆଉ ଏକ ଘରେ ଚୋରି କରିଛନ୍ତି ଦୁର୍ବୃତ୍ତ। ପଛ ଘର ମୁଖ୍ୟ କବାଟରେ ତାଲା ଲାଗିଥିବା ଗେଡା କାଟି ପଶିଛନ୍ତି ଲୁଟେରା। ଭିତରେ ଥିବା ଦୁଇଟି ଆଲମିରା ଭାଙ୍ଗି ନଗଦ ପ୍ରାୟ ୧୦ ଲକ୍ଷ ଟଙ୍କା, ସୁନା ଗହଣା ଏବଂ ୧କେଜିରୁ ଅଧିକ ରୁପା ସାମଗ୍ରୀ ଚୋରି କରି ନେଇ ଯାଇଛନ୍ତି। ଆଜି ସକାଳୁ ଉଠି ପଛ ଘରକୁ



### ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି ଦୁର୍ବୃତ୍ତ

ଯିବା ସମୟରେ ଘର କବାଟ ଖୋଲା ଥିବା ଦେଖିବାକୁ ପାଇଥିଲେ ସୁବ୍ରତ ଓ ତାଙ୍କ ମା'। ସହରରେ ଅନ୍ୟ ଜାଗାରେ ଘର କାମ ଚାଲି ଥିବାରୁ ଘର ମାଲିକ ସୁବ୍ରତ ନଗଦ ଟଙ୍କା ଘରେ ରଖିଥିଲେ। ଚୋରି ସମ୍ପର୍କରେ ଏ ନେଇ ସ୍ଥାନୀୟ ପୁଲିସକୁ ଖବର ଦେବା ପରେ ଘଟଣା ସ୍ଥଳରେ ଏସ୍‌ଡିପିଓ ଗୌରହରି ସାହୁ, ଆଇଆଇସି କେକେବିକେ କହଁରଙ୍କ ସମେତ ସାଇଣ୍ଟିଫିକ୍ ଟିମ ଓ ଡଗ୍ ସ୍କ୍ୱାର୍ଡ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଦୁର୍ବୃତ୍ତମାନେ ଘର ପଛପଟରୁ ଆସିଥିବା ନେଇ ପୁଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି। ଘରେ ଲାଗିଥିବା ସିସିଟିଭି ଫୁଟେଜରେ ଦୁର୍ବୃତ୍ତମାନଙ୍କର କିଛି ଦୃଶ୍ୟ କଏଦ ହୋଇଛି। ରାୟଗଡ଼ାରେ ଦିନକୁ ଦିନ ଚୋରି ମାମଲା ବୃଦ୍ଧି ପାଉଥିବା ବେଳେ ପୁଲିସର ପାଟ୍ରୋଲିଙ୍ଗ ବ୍ୟବସ୍ଥା ଓ ସିସିଟିଭି ବ୍ୟବସ୍ଥାକୁ ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି ଦୁର୍ବୃତ୍ତ। ଯାହା ଜନସାଧାରଣଙ୍କ ଧନଜୀବନ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଜଗନ୍ନାଥ ସେନା ପକ୍ଷରୁ ଉପଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

**ଗୁଣୁପୁର, ୩୦।୫(ସମିସ):** ପୁରୁଣା ଗୁଣୁପୁରର ଶ୍ରୀଜଗନ୍ନାଥ ସେନାର ସଦସ୍ୟ ମାନଙ୍କ ପକ୍ଷରୁ ଗୁଣୁପୁର ଉପ ଜିଲ୍ଲାପାଳ ତଥା ଦେବୋତ୍ତର ବିଭାଗର ଅଧ୍ୟକ୍ଷ କିରଣ ଦୀପ କୌର ଏବଂ ଗୁଣୁପୁର ତହସିଲଦାର ତଥା ଦେବୋତ୍ତର ଅଧିକାରୀଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ ଅଛି ଯେ ରଥଯାତ୍ରା ପ୍ରସ୍ତୁତି ବୈଠକ ଓ ମିନାବଜାର ଟେଣ୍ଡର ପ୍ରକ୍ରିୟାକୁ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ରେ କରାଯାଉ। ବର୍ଷସାରା ଠାକୁରଙ୍କ ସବୁ ଯାନିଯାତ୍ରା ଉତ୍ସବରେ ସେବା କରି ଆସୁଥିବା ସ୍ଥାନୀୟ ଜଗନ୍ନାଥ ସେନାକୁ ସମସ୍ତ ବୈଠକରେ ସାମିଲ କରାଯାଉ। ରଥଯାତ୍ରାରେ ମୀନା ବଜାରରେ ଆଦାୟ ବଳକା ଅର୍ଥରାଶିକୁ କେବଳ ଜଗନ୍ନାଥ ମନ୍ଦିର ପରିଚାଳନା ନିମନ୍ତେ ବିନିଯୋଗ କରାଯାଉ, ନଚେତ କମିଟିକୁ ହସ୍ତାନ୍ତର କରାଯାଉ। ରଥଯାତ୍ରା ଉଦ୍ଦେଶ୍ୟରେ ବ୍ୟୟ ହେଉଥିବା ଅର୍ଥରାଶିକୁ ସର୍ବସମ୍ମତି କ୍ରମେ ସବ୍ କମିଟି ମାଧ୍ୟମରେ ବ୍ୟୟ କରାଯାଉ। ମୀନାବଜାର ବ୍ୟତୀତ ଯେଉଁ ଅନ୍ୟ ସବୁ ଦୋକାନ ଗୁଡିକୁ ଟେଣ୍ଡର ପ୍ରକ୍ରିୟାରେ ସାମିଲ କରାଯାଉ ବୋଲି ଦାବିପତ୍ର ମାଧ୍ୟମରେ ଅନୁରୋଧ କରାଯିବା ସହ ଚଳିତ ବର୍ଷ ହେବାକୁ ଥିବା ରଥଯାତ୍ରାକୁ ସୁପରିଚାଳନା କରିବା ପାଇଁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ସେନା, ପୁରୁଣା ଗୁଣୁପୁରର ଆବାହକ ତିରୁପତି ମହାନ୍ତି, ବିଜେପି ନଗର ସଭାପତି ବଦ୍ରି ମହାନ୍ତି, ଜିତୁ ନାୟକ, ଗୌତମ ବିଶୋଇ, ରାମ ମହାନ୍ତି, ରବି ନାରାୟଣ ପଣ୍ଡା, ଦିଲୀପ ବୀର୍ ଦଳାଇ, ଫକୀର ନାୟକ ଓ ମୁନ୍ନା ଶବର ପ୍ରମୁଖ ଉପସ୍ଥିତ ଥିଲେ।



# 'ସାଥୀ କ୍ୟାମ୍ପେନ୍' ପାଇଁ ସଚେତନତା

**ରାୟଗଡ଼ା, ୩୦।୫(ସମିସ):**

ରାୟଗଡ଼ା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ୍ ସତ୍ୟନାରାୟଣ ଷଡଙ୍ଗୀଙ୍କ ପରାମର୍ଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସାଥୀ କ୍ୟାମ୍ପେନ୍ ୟୁନିଟ୍‌ର ସଫଳ ରୂପାୟନ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆଜି ସ୍ଥାନୀୟ ରାୟଗଡ଼ା ସିଭିଲ୍ କୋର୍ଟ ପରିସରରେ ଥିବା ଭିସି ହଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟ ପ୍ରମୁଖ ଅତିଥି ମାନଙ୍କ ମଧ୍ୟରେ ରାୟଗଡ଼ା ଜିଲ୍ଲାର ସମସ୍ତ ତହସିଲଦାର, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କିଶୋର ନ୍ୟାୟ ଆଇନ ସମ୍ପର୍କିତ ମାମଲା ପରିଚାଳନା କରୁଥିବା ପୁଲିସ ଅଧିକାରୀ, ବିଭିନ୍ନ ଶିଶୁଯତ୍ନ ଅନୁଷ୍ଠାନର ଅଧିକ୍ଷକ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ପ୍ୟାନେଲ ଲୟର ଏବଂ ପାରା ଲିଗାଲ ଭଲ୍ୟୁଣ୍ଟରମାନେ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି, ଜାତୀୟ ଆଇନ୍ ସେବା ପ୍ରାଧିକରଣ ଦ୍ୱାରା ଶୁଭାରମ୍ଭ କରାଯାଇଥିବା "ସାଥୀ କ୍ୟାମ୍ପେନ୍' ମାଧ୍ୟମରେ ୧୮ ବର୍ଷରୁ କମ୍ ବୟସର ନିରାଶ୍ରୟ ଶିଶୁଙ୍କୁ ଚିହ୍ନଟ ସହ ସେମାନଙ୍କର ଆଧାର ସଂଯୋଗୀକରଣ କରାଯିବା, ଯୋଗ୍ୟ ହିତାଧିକାରୀଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରିବା ଏବଂ ଆବଶ୍ୟକ ସ୍ଥଳେ ସମସ୍ତ ପ୍ରକାରର ନିଶୁଳ୍କ ଆଇନ ସେବା ପ୍ରଦାନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାଥୀ ୟୁନିଟ୍‌ର ସମସ୍ତ ସଦସ୍ୟ ମାନଙ୍କର ଉପସ୍ଥିତି ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ଆଚାର୍ଯ୍ୟଙ୍କ ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସଫଳତାର ସହିତ ଶେଷ ହୋଇଛି।

# ବୃଦ୍ଧାଙ୍କୁ ମିଳୁନି ସରକାରୀ ସହାୟତା

**କଲ୍ୟାଣସିଂହପୁର,୩୦।୫(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସଦର ପଞ୍ଚାୟତ (ବାକିଟି) କେଉଟ ସାହିରେ ରହି ଆସୁଥିବା ଜଣେ ବୃଦ୍ଧାଙ୍କୁ ସରକାରୀ ସହାୟତା ମିଳୁନଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ବେଗ୍ରେ ରତ୍ନଙ୍କ ବୟସ ଶହେ ହୋଇଥିବା ନାତି କହୁଥିବା ବେଳେ ଆଧାର କାର୍ଡରେ ଜନ୍ମ ତାରିଖ ୧୯୩୬ ମସିହା ଉଲ୍ଲେଖ ରହିଛି। ଆଧାର କାର୍ଡ ଅନୁସାରେ ଦେଖିଲେ ତାଙ୍କ ବୟସ ୮୯ବର୍ଷ। ଉକ୍ତ ଶତାୟୁ ମହିଳାଙ୍କୁ ପ୍ରଥମେ ପ୍ରତ୍ୟେକ ମାସରେ ୭୦୦ ଟଙ୍କା ଲେଖାଏଁ ମଧୁବାବୁ ପେନ୍‌ସନ ଯୋଜନାରେ ଅନ୍ତର୍ଭୁକ୍ତ କରି ଭତ୍ତା ଦିଆଯାଉଥିଲା। ପାଞ୍ଚ ଶହ ଟଙ୍କା ବୃଦ୍ଧି ପାଇବା ପରେ ସମୁଦାୟ ୧୨୦୦ ଟଙ୍କା ଲେଖାଏଁ ୨୦୨୪ ମସିହା ଫେବ୍ରୁୟାରୀ ମାସଠାରୁ ଆଜି ପର୍ଯ୍ୟନ୍ତ ଭତ୍ତା ହାତରେ ଦିଆଯାଉଛି। କିନ୍ତୁ ରତ୍ନସହ ନାତି ନାତୁଣୀ ଭଙ୍ଗା କୁଡ଼ିଆରେ ଭାଗ୍ୟକୁ ଆଦରି ପଡ଼ିରହିଛନ୍ତି। ଏମାନଙ୍କୁ ଆଜି ପର୍ଯ୍ୟନ୍ତ ପକ୍କା ଘର ଖଣ୍ଡିଏ ମିଳି ପାରିନାହିଁ। ବୃଦ୍ଧା ଜଣଙ୍କ ଚାଲିବୁଲି ପାରୁ ନାହାନ୍ତି। ତାଙ୍କୁ ବସିରହିଥିବା ଗଣ୍ଟା ଦ୍ୱାରା ଦୁଇଜଣ ଟେକା ରଖା କରୁଛନ୍ତି। ୧୨୦୦ ଟଙ୍କାରେ ତାଙ୍କ ପରିବାର ଚଳିବା କଷ୍ଟକର ହୋଇପଡୁଛି। ପିଡିଏଫ୍ ଚାଉଳ କେବଳ ୫ କିଲୋ ହିଁ ପାଉଥିବା ନାତି ଟୁକୁନା ବେଗ୍ରେ କହିଛନ୍ତି। ସରକାର ତରଫରୁ ବୃଦ୍ଧାଙ୍କୁ ୩୫୦୦ଟଙ୍କା ଓ ପିଡିଏଫ ଚାଉଳ ଯୋଗାଇ ଦେବ ପାଇଁ ସାହି ବାସିନ୍ଦା ଗୁହାରି କରୁଛନ୍ତି। ଏ ସମ୍ପର୍କରେ ସାମାଜିକ ସୁରକ୍ଷା ଅଧିକାରୀ ବିଶ୍ୱଜିତ ସାମନ୍ତରା ସିଂଙ୍କୁ ପଚାରିବାରୁ ରତ୍ନ ବେଗ୍ରେଙ୍କ ସମସ୍ତ ତଥ୍ୟ ସରକାରଙ୍କ ନିକଟକୁ ପଠାଯାଇଛି। ଅନୁମୋଦନ ହୋଇ ଆସିଲେ ତାଙ୍କୁ ତାଙ୍କ ପ୍ରାପ୍ୟ ପ୍ରଦାନ କରାଯିବ।



# ରାସ୍ତା କଡ଼ରୁ ହଟିଲା ଶୁଖିଲା ଗଛ

**ପଦ୍ମପୁର,୩୦।୫(ସମିସ):** ରାୟଗଡ଼ା ଜିଲ୍ଲାର ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଗେଟ୍ ସମ୍ମୁଖରେ ଏକ ବିରାଟକାୟ ଶୁଷ୍କ ଗଛ ଝୁଲନ୍ତା ଅବସ୍ଥାରେ ରହିଥିବା ନେଇ ଗତ ୨୫ ତାରିଖ ଦିନ 'ସକାଳ'ରେ ପ୍ରକାଶିତ ହୋଇଥିଲା। ପ୍ରଶାସନ ତରଫରୁ ଏହି ଖବରକୁ ଗୁରୁତ୍ୱ ଦିଆଯାଇ ଗୁଣପୁର ସବ୍ କଲେକ୍ଟର କିରନଦୀପ୍ କୌର ସହେଟାଙ୍କ ନିର୍ଦ୍ଦେଶ କ୍ରମେ ପଦ୍ମପୁର ତହସିଲଦାର ସ୍ନେହଲତା ଆଦଲ୍ ପରିସ୍ଥିତି ଅନୁଧ୍ୟାନ କରି ଆଜି ପଦ୍ମପୁର ଅତିରିକ୍ତ ତହସିଲଦାର ସଂଜୟକୁମାରଙ୍କ ଉପସ୍ଥିତିରେ ପଦ୍ମପୁର ଦମକଳ ବାହିନୀ ଓ ବିଦ୍ୟୁତ୍ ବିଭାଗରେ କମଚାରୀ ମାନଙ୍କ ସହାୟତାରେ ବିପଦସଙ୍କୁଳ ଗଛକୁ ହଟାଇଥିଲ। ତେବେ ପ୍ରଶାସନର ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।



'ସକାଳ' ପ୍ରଭାବ

# ଶ୍ରୀଜଗନ୍ନାଥ ପଞ୍ଚରାତ୍ର କଥାମୃତ ମହୋତ୍ସବ



**ପଦ୍ମପୁର,୩୦।୫(ସମିସ):** ରାୟଗଡ଼ା ଜିଲ୍ଲାର ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ଯୁଗୋଳ କିଶୋର ମହାପ୍ରଭୁଙ୍କ ଦୋଳଯାତ୍ରା ପଡ଼ିଆ ଠାରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପଞ୍ଚରାତ୍ର କଥାମୃତ ମହୋତ୍ସବ ଓ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ବିଭିନ୍ନ ବେଶ ପ୍ରଦର୍ଶନୀ କରାଯାଇଥିଲା। ଏହାକୁ ଦେଖିବା ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି। ଏଥିନିମନ୍ତେ ଗତ ୨୪ ତାରିଖ ଠାରୁ ବ୍ୟାପକ ଆୟୋଜନ କରାଯାଇଥିଲା। ଅନ୍ତିମ ଦିବସରେ ଗତକାଲି ଶ୍ରୀ ଜଗନ୍ନାଥଙ୍କ ନାମକୀର୍ତ୍ତନ ମଧ୍ୟ ସହର ପରିକ୍ରମା କରିଥିଲା। ଏଥିପାଇଁ ଜଗନ୍ନାଥ ସଂସ୍କୃତି ରାଷ୍ଟ୍ରୀୟ ପ୍ରବକ୍ତା ସତ୍ୟାନନ୍ଦ ଦାସଜୀ ମହାରାଜାଙ୍କ ମୁଖନିସୃତ ବାଣୀ ଶ୍ରଦ୍ଧାଳୁମାନଙ୍କର ହୃଦୟ ଜିଣିଥିଲା। ପ୍ରତ୍ୟେକ ଦିନ ସାଧୁସନ୍ଥଙ୍କ ଦ୍ୱାରା ପାରାୟଣ ଓ ଯଜ୍ଞ ଆଦି କାର୍ଯ୍ୟ କରାଯିବା ସହ ସନ୍ଥଙ୍କ ଦ୍ୱାରା ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଦିବ୍ୟ ଲୀଳା ଓ ଜନ୍ମ ଚରିତ ସହ ସ୍କନ୍ଦ ପୁରାଣ ଅନ୍ତର୍ଗତ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ଉପରେ ଆଲୋକପାତ କରାଯାଇଥିଲା। ପଦ୍ମପୁର ଶ୍ରୀ ଜଗନ୍ନାଥ ପ୍ରଚାର ପ୍ରସାର କମିଟି ତରଫରୁ ଠାକୁରଙ୍କୁ ଦର୍ଶନ, ପ୍ରସାଦ ସେବନ ପାଇଁ ଶୃଙ୍ଖଳିତ ବ୍ୟବସ୍ଥା କରାଯାଇଥିଲା।

# ସମବାୟ ବର୍ଷରେ ଚାଷୀ ତାଲିମ ଶିବିର

**ମାଲକାନଗିରି, ୩୦।୫(ସମିସ):**

ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଅବସରରେ ମାଲକାନଗିରି ଜିଲ୍ଲା ସମବାୟ ବିଭାଗ ଓ ନିୟନ୍ତ୍ରିତ ବଜାର କମିଟିର ମିଳିତ ଆନୁକୁଲ୍ୟରେ ବଳକା ଅଣଧାନ ଶସ୍ୟର ବିକ୍ରି ସୂଚନା ଓ ସଚେତନତା ପାଇଁ ଉଦ୍ଦିଷ୍ଟ ଏକ ଚାଷୀ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ସମବାୟ ଉପ ନିବନ୍ଧକ ଥିଓଫିଲ୍ ଶବର ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ଦେବୀ ପ୍ରସାଦ ତ୍ରିପାଠୀ, କେସିସି ଡାଇରେକ୍ଟୋର ଗୋପୀ ପାଙ୍ଗୀ, କେସିସି ଶାଖା ପରିଚାଳକ ଦୀପକ କୁମାର ଖରା, ଉପ ସହକାରୀ ନିବନ୍ଧକ ଚନ୍ଦ୍ର ସେଠୀଆ ଓ ସଞ୍ଜୟ କୁମାର ଦାସ, ମାର୍କଫେଡ୍ ଅଧିକାରୀ ଦଧିବାମନ ସାହୁ, କୃଷି ଅଧିକାରୀ ଜି.ରାମକୃଷ୍ଣ ପ୍ରମୁଖ ଉପସ୍ଥିତ ଥିଲେ। ସମାଜସେବୀ ଭଗବାନ ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ ମାଲକାନଗିରି ଜିଲ୍ଲାର ଆଠ ଗୋଟି ଲ୍ୟାମ୍ପ୍‌ର ସଭାପତି, ପରିଚାଳନା ନିର୍ଦ୍ଦେଶକ ଓ ପରିଚାଳନା ପରିଷଦର ସଦସ୍ୟ ତଥା ୭୦ରୁ ଅଧିକ ଚାଷୀ ଉପସ୍ଥିତ ରହି ସମ୍ପୃକ୍ତ ତାଲିମ୍ ପ୍ରକ୍ରିୟାରେ ଭାଗ ନେଇଥିଲେ। ଆଗରୁ ଭାରପ୍ରାପ୍ତ ଦାୟିତ୍ୱରେ ଥିବା ଜିଲ୍ଲା ଉପ ନିବନ୍ଧକ ଥିଓଫିଲ୍ ଶବର ବର୍ତ୍ତମାନ ପୂର୍ଣ୍ଣକାଳୀନ ପଦଭାର ଗ୍ରହଣ କରିଥିବାରୁ ସମସ୍ତେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହାପରେ ଆରଏମସି ତରଫରୁ ବିଭିନ୍ନ ମଣ୍ଡି ଗୁଡ଼ିକର ସୁପରିଚାଳନା ପାଇଁ ମାର୍କେଟ ସେଡ୍ ଓ ଏହାର ପାଚେରୀ ନିର୍ମାଣ କାର୍ଯ୍ୟ ଉପରେ ସମ୍ପାଦକ ଶ୍ରୀ ତ୍ରିପାଠୀ ସୂଚନା ଦେଇଥିଲେ। ଆରଏମ୍‌ସି ଡେମୋନ୍‌ଷ୍ଟ୍ରେଟର ଖରିଫ୍ ଧାନର ମାନ ଓ ଗୁଣବତ୍ତାକୁ ବିଭିନ୍ନ ଯନ୍ତ୍ରପାତି ମାଧ୍ୟମରେ ପରୀକ୍ଷଣ କରି ଦେଖାଇଥିଲେ। କୃଷି ଅଧିକାରୀ ବିଭାଗର ବିଭିନ୍ନ ସରକାରୀ ଯୋଜନା ଯଥା ବିହନ ବିତରଣ, କୃଷି ରିହାତି ଅନ୍ତର୍ଗତ ବିଭିନ୍ନ କୃଷି ଉପକରଣ ଉପରେ ସୂଚନା ପ୍ରଦାନ କରିଥିଲେ। ସମବାୟ ବିଭାଗ ତରଫରୁ ଚାଷୀ ପଞ୍ଜିକରଣ, ବିଭିନ୍ନ ପ୍ରକାରର ଚାଷୀ ଋଣ ଯୋଜନା, ସ୍ୱୟଂ ସହାୟିକ ଗୋଷ୍ଠୀ ମାନଙ୍କୁ ସ୍ୱରୋଜଗାର ଋଣ ପ୍ରଦାନ, କିଷାନ କ୍ରେଡିଟ କାର୍ଡ, ବିହନ, ସାର, କୀଟନାଶକ ବଣ୍ଟନ ପ୍ରକ୍ରିୟା ଉପରେ ଏମ୍‌ଡି ଶ୍ରୀ ରାଉତ ସୂଚନା ଦେଇଥିଲେ। ତତ୍ ସହିତ ମାର୍କଫେଡ୍ ଜରିଆରେ ମୂଲ୍ୟ ସହାୟକ ଯୋଜନାରେ ମୁଗ ବିରି ସୋରିଷ ସୂର୍ଯ୍ୟମୁଖି ଶସ୍ୟ ଓ ଚିନାବାଦାମ ଚାଷ ଓ ଏହାର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଶ୍ରୀ ସାହୁ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଚାଷୀ ମାନେ ସେମାନଙ୍କ ଅଞ୍ଚଳର ବିଭିନ୍ନ ସମସ୍ୟା ବିଷୟରେ ଅଧିକାରୀ ମାନଙ୍କୁ ଜଣାଇଥିଲେ। ଜିଲ୍ଲା ସମବାୟ ଉପ ନିବନ୍ଧକ ଶ୍ରୀ ଶବର ଧନ୍ୟବାଦ ଅର୍ପଣ କରିଥିଲେ।




# ନନ୍ଦାହାଣ୍ଡି ବିଡିଓଙ୍କୁ କୃତଜ୍ଞତା ଜଣାଇଲେ ସରୁଗୁଡା ଗ୍ରାମବାସୀ

**ନନ୍ଦାହାଣ୍ଡି,୩୦।୫(ସମିସ):** ଗତକାଲି ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଡଙ୍ଗରଭେଜା ପଞ୍ଚାୟତ ମହକୁମାର ସରୁଗୁଡା ଗ୍ରାମରେ ପ୍ରାୟ ୨୦୦ଜଣ ଗ୍ରାମବାସୀ , ନିଜ ଗ୍ରାମପାଖ ଆଦର୍ଶ ବିଦ୍ୟାଳୟର ପଛପଟେ ଥିବା ମିନି ଷ୍ଟାଡିୟମ ଭିତରେ ଏକ କରେଣ୍ଟ ପୋଲ ପଡିଆ ମଝିରେ ଥିବାର ସୂଚନା ଦେଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସାହୁ ଟାଟା ପାୱାର ଯନ୍ତ୍ରୀଙ୍କୁ ତୁରନ୍ତ ଡକାଇ ଏହି ପୋଲକୁ ଯଥାଶୀଘ୍ର ପଡ଼ିଆରୁ କାଢ଼ିବାକୁ ନିର୍ଦ୍ଦେଶ ଦେଇଥିଲେ। ଡଙ୍ଗରଭେଜା ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଭିଶେଖ ବାଘ ପ୍ରମୁଖ ଉକ୍ତ ସ୍ଥାନ ଗ୍ରସ୍ତ କରି ଟାଟା ପାୱାର ଯନ୍ତ୍ରୀଙ୍କୁ ଡକାଇ ୱାର୍କ ଅଡର ଓ ଏଷ୍ଟିମେଟ କରି ଏହାକୁ ଶୀଘ୍ର ଉଚ୍ଛେଦ କରିବାକୁ ପ୍ରସ୍ତୁତ ଥିବା ଟାଟା ପାୱାର ଯନ୍ତ୍ରୀ କହିଥିଲେ। ଏହାର ସମାଧାନ ହୋଇଥିବାରୁ ଗ୍ରାମର ଈଶ୍ୱର ଗୌଡ଼, ଭୁବନେଶ୍ୱର ଦାସ, ଦୟାନିଧି ମାଳି, ଅର୍ଜନ ଗୌଡ଼ ଓ ସରୁଗୁଡା ଗ୍ରାମବାସୀ ବିଡ଼ିଓ କ୍ଷୀରଦ ଚନ୍ଦ୍ର ସାହୁ ଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଘର ବାରଣ୍ଡାରୁ ବୁଲେଟ୍ ଚୋରି

**● ପୁଣି ସକ୍ରିୟ ହେଲେ ମୋଟର ସାଇକଲ୍ ଚୋର**

**ବିଷମକଟକ,୩୦।୫ (ସମିସ):** ରାୟଗଡ଼ା ଜିଲ୍ଲା ବିଷମ କଟକ ଥାନା ଅଞ୍ଚଳରେ ପୁଣି ସକ୍ରୀୟ ହେଲେ ମଟର ସାଇକଲ୍ ଚୋର। କିଛି ମାସ ବ୍ୟବଧାନରେ ଗତ ଗୁରୁବାର ରାତିରେ ବିଷମ କଟକ ସଦର ମୁଖ୍ୟ ବଜାରର ଢୁକୁମ୍ ଛକ ସମ୍ମୁଖରେ ଜଣେ ଅଇନଜୀବୀଙ୍କ ବାସଭବନ ବାରଣ୍ଡାରୁ ତାଙ୍କ ବୁଲେଟ୍ ଚୋରି ହୋଇଯାଇଛି। ଖବରରୁ ପ୍ରକାଶ ଯେ ବିଷମ କଟକ ସହରର ଆଇନଜୀବୀ ରାଜକିଶୋର ସାହୁ ଗତକାଲି ରାତିରେ ତାଙ୍କ ଘର ବାରଣ୍ଡାରେ ନିଜର ବୁଲେଟ୍ ଓଡି ୦୭ଟି ୧୯୩୬ ଗାଡ଼ି ରଖିଥିଲେ। ହେଲେ ଆଜି ସକାଳେ ବୁଲେଟ୍ ଗାଡିଟି ବାରଣ୍ଡାରେ ନଥିବା ଦେଖିବାକୁ ପାଇଲେ। ଏ ନେଇ ବିଷମ କଟକ ଥାନାରେ ଶ୍ରୀ ସାହୁ ଗାଡିଟି ଚୋରି ହୋଇଥିବା ନେଇ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ୍ ଗାଡିଟିକୁ ଠାବ କରିବା ପାଇଁ ଚେଷ୍ଟା ଚଳାଇଛି। ବିଭିନ୍ନ ସମୟରେ ବିଷମ କଟକ ଅଞ୍ଚଳରୁ ବହୁ ମୋଟର ସାଇକଲ୍ ନିୟମିତ ବ୍ୟବଧାନରେ ଚୋରି ହୋଇ ଆସୁଥିବା ବେଳେ କିଛି ମାସ ହେବ ଗାଡି ଚୋରି ବନ୍ଦ ରହିଥିଲା। ପୁଣି ଗତକାଲି ରାତିରୁ ବାଇକ ଚୋର ସକ୍ରିୟ ହୋଇଛନ୍ତି। ବିଷମ କଟକ ସହରରେ ରାତ୍ରିକାଳୀନ ପେଟ୍ରୋଲିଙ୍ଗ ଚାଲିଥିବା ସତ୍ତ୍ୱେ ଚୋର ମାନେ ବୁଲେଟ୍ ଚୋରି କରି ନେଇଯିବା ସମସ୍ତଙ୍କୁ ଚକିତ କରିବା ସହ ପୁଲିସ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ମା' ଦଣ୍ଡକାଳୀଙ୍କ ତୃତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ

**ମାଲକାନଗିରି, ୩୦।୫(ସମିସ):** ମାଲକାନଗିରି ଜିଲ୍ଲା ସଦର ମହାକୁମା ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଶ୍ରୀ ଶ୍ରୀ ମା ଦଣ୍ଡକାଳୀଙ୍କ ତୃତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଓ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ଉପଲକ୍ଷେ ବୁଧବାର ସନ୍ଧ୍ୟାରେ ସହରରେ ମହିଳା ମାନଙ୍କ ଦ୍ୱାରା ବିରାଟ କଳସ ଶୋଭା ଯାତ୍ରା ହୋଇ ମା' ଦଣ୍ଡକାଳୀଙ୍କ ମନ୍ଦିର ନିକଟକୁ ଆସିଥିଲା। ପୂର୍ଣ୍ଣ ଜଳ କଳସ ଗୁଡିକୁ ମା'ଙ୍କ ପୀଠରେ ସ୍ଥାପନ କରାଯାଇ ପୂଜା ହୋଇଥିଲା। ଆଜି ସକାଳେ ମା'ଙ୍କ ନୀତି ରୀତି ଅନୁଯାଇ ପୂଜା ହେବା ସହ ହୋମଯଜ୍ଞ କରାଯାଇଛି। ଏହି ପୂଜାରେ ଅଜିତ ପାଢ଼ୀ ଓ ତାଙ୍କ ସହଧର୍ମିଣୀ ରଞ୍ଜିତା ପାଢ଼ୀ କର୍ତ୍ତା ଭାବେ ଉପସ୍ଥିତ ରହି ପୂଜାରେ ସଂକଳ୍ପ କରିଥିଲେ। ଏହି ଉତ୍ସବରେ ସହରର ଶତାଧିକ ଭକ୍ତ ମାନେ ଉପସ୍ଥିତ ରହି ମା'ଙ୍କ ପୂଜା କରିଥିଲେ। ଚିତ୍ରସେନ ନାହକ, ହେମନ୍ତ କୁମାର ମହାରଣାଙ୍କ ସହିତ ପୂଜା କମିଟିର ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



**● ମୁଖ୍ୟମନ୍ତ୍ରୀ ଫୁଟବଲ୍ କପ୍‌ର ଜୋନ୍‌ସ୍ତରୀୟ ମ୍ୟାଚ**

# ଗଜପତିକୁ ହରାଇଲା ମାଲକାନଗିରି

**ମାଲକାନଗିରି, ୩୦।୫(ସମିସ):**

ମୁଖ୍ୟମନ୍ତ୍ରୀ ଫୁଟବଲ କପର ଜୋନାଲ ସ୍ତରୀୟ ମ୍ୟାଚରେ ଗଜପତିକୁ୧୮/୦ ଗୋଲରେ ହରାଇଲା ମାଲକାନଗିରି। ଗତ ୨୭ ତାରିଖ ଠାରୁ ୧୫ବର୍ଷରୁ କମ୍ ଜୋନାଲ ସ୍ତରୀୟ ମୁଖ୍ୟମନ୍ତ୍ରୀ କପ୍ ଖେଳ ବ୍ରହ୍ମପୁର ଠାରେ ଆରମ୍ଭ ହୋଇଥିବା ବେଳେ ୨୮ ତାରିଖ ଦିନ ପ୍ରଥମ ମ୍ୟାଚରେ ମାଲକାନଗିରି ଓ କଳାହାଣ୍ଡି ଦଳ ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ୨/୪ ଗୋଲରେ ମାଲକାନଗିରି ହାରି ଯାଇଥିବା ବେଳେ ଆଜି କିନ୍ତୁ ଜିଲ୍ଲାର ଖେଳାଳି ଉତ୍ତମ ପ୍ରଦର୍ଶନ କରିଛନ୍ତି। ଦ୍ୱିତୀୟ ମ୍ୟାଚରେ ଗଜପତି ଦଳ ବିପକ୍ଷରେ ୧୮ଟି ଗୋଲ କରି ବାଜିମାତ କରିଛି। ତେବେ ଏହି ମ୍ୟାଚ ଜିତିବା ପରେ ଦଳର ମନୋବଳ ବଢିଥିବା ସହ ଜିଲ୍ଲାରେ ଖୁସିର ଲହରୀ ଖେଳି ଯାଇଛି। ଆଜିର ଏହି ମ୍ୟାଚରେ ଉତ୍ତମ ଖେଳାଳି ଭାବେ ଇନ୍ଦ୍ରଜିତ ମଣ୍ଡଳ ମ୍ୟାନ ଅଫ ଦି ମ୍ୟାଚ ପାଇଛନ୍ତି। କେ ଜେମ୍ସ ପୋଲ କୋଚ ଭାବେ ଓ ମ୍ୟାନେଜର ଭାବେ ଭୀମା ପଡିଆମୀ ମାଲକାନଗିରି ଦଳର ଦାୟିତ୍ୱ ନେଇଥିବା ବେଳେ ଆଗାମୀ ୧ ତାରିଖ ଦିନ ଦଳର ରାୟଗଡ଼ାସହ ମୁକାବିଲା ରହିଛି। ଯଦି ମାଲକାନଗିରି ଦଳ ଏହି ମ୍ୟାଚ ଜିତେ ତେବେ ନକ୍ ଆଉଟ ରାଉଣ୍ଡ ମଧ୍ୟକୁ ପ୍ରବେଶ କରିବ। ଆଜିର ଏହି ସଫଳତାକୁ ନେଇ ଜିଲ୍ଲା ଆଥଲେଟିକ ସଂଘର ସମ୍ପାଦକ ରାମ ହରି ପଣ୍ଡା ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଗକୁ ଆହୁରି ଅଧିକ ସଫଳତା ପାଇବା ପାଇଁ ଉତ୍ସାହିତ କରିଥିଲେ।




# ଡ୍ରେନ୍ ଉପରୁ ଘର ଉଚ୍ଛେଦ କେବେ ?


**କଲ୍ୟାଣସିଂହପୁର, ୩୦।୫(ସମିସ):**

ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସଦରରେ ଡ୍ରେନ୍ ଉପରେ ହୋଇଥିବା ଘର ଉଚ୍ଛେଦ ପାଇଁ ଦାବି ହେଉଛି। କଲ୍ୟାଣସିଂହପୁରଠାରୁ ରାୟଗଡା ପର୍ଯ୍ୟନ୍ତ ୪୫ ନମ୍ବର ରାଜ୍ୟରାଜ ପଥ ନିର୍ମାଣ କରାଯାଇଛି। କଲ୍ୟାଣସିଂହପୁର ସଦରରେ ରାସ୍ତା ନିର୍ମାଣ କରିବା ସହ ଉଭୟ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କରି ତା ଉପରେ ପ୍ଲେଟ ପକାଇଥିଲେ। ଉକ୍ତ ଡ୍ରେନ୍ ଉପରେ କିଛି ଲୋକ ଘର ତିଆରି କରି ଦୋକାନ ଖୋଲି ଥିବା ଓ ମୁଖ୍ୟ ରାସ୍ତା ଉପରେ ଉଠା ଦୋକାନୀ ମାନେ ରହୁଥିବା ଯୋଗୁଁ ଟ୍ରାଫିକ ସମସ୍ୟା ଦେଖା ଦେଉଛି। ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ଗ୍ରାମବାସୀ ଅଭିଯୋଗ କରିବା ସହ ଉକ୍ତ ଖବର ବାରମ୍ବାର ବିଭିନ୍ନ ଖବରକାଗଜରେ ପ୍ରକାଶ ପାଇବା ପରେ ପିଡବ୍ଲୁଡି ଅଧିକାରୀଙ୍କ ନିର୍ଦ୍ଦେଶରେ କନିଷ୍ଠ ଯନ୍ତ୍ରୀ ରାଜୀବ ବେହେରାଙ୍କ ସମେତ ତହସିଲଦାର ରଞ୍ଜନକୁମାର ମାନସେଠ, ଥାନା ଅଧିକାରୀ ନୀଳକଣ୍ଠ ବେହେରା, ରାଜସ୍ୱ ନିରୀକ୍ଷକ ପ୍ରମୁଖ ଉପସ୍ଥିତ ରହି ସଦର ହନୁମାନ ମନ୍ଦିର ଠାରୁ ବ୍ଲକ ପର୍ଯ୍ୟନ୍ତ ଡ୍ରେନ ଉପରେ କରିଥିବା ଦୋକାନ ଗୁଡିକୁ ଡ୍ରେନର କିଛି ଦୂରରେ ରଖିବା ପାଇଁ କହି ଚିହ୍ନଟ ଦେଇଥିଲେ। ଚିହ୍ନଟ କରିଥିବା ଦୋକାନ ଗୁଡିକ ୭ଦିନ ମଧ୍ୟରେ ଭାଙ୍ଗିବା ପାଇଁ ପ୍ରଶାସନ କହିଥିଲେ। ଉଠା ଦୋକାନୀ ମାନେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ରାୟଗଡା ଜନଜାତି ଗ୍ରାମୀଣ ହାଟ ଠାରେ ଦୋକାନ ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପ୍ରଶାସନର କଥାକୁ ବେଖାତିରି କରି ବ୍ୟବସାୟୀ ମାନେ ରାସ୍ତା ଉପରେ ପସରା ମେଲାଇ ବସି ରହିଛନ୍ତି। ଫଳରେ ଗାଈଗୋରୁ, କୁକୁର ରାସ୍ତା ଉପରେ ଆଡ୍ଡା ଜମାଇଥିବାରୁ ଟ୍ରାଫିକ୍ ସମସ୍ୟା ଦେଖାଦେଉଛି। ରାସ୍ତା ଚିହ୍ନଟ କରି ପ୍ରାୟ ୪୦ ଦିନ ବିତି ଯାଇଥିଲେ ସୁଦ୍ଧା ପ୍ରଶାସନ ହାତବାନ୍ଧି ବସିଛି। ପ୍ରଶାସନ ଓ ବ୍ୟବସାୟୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ କାର୍ଯ୍ୟ ଅଟକି ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି। ଏ ନେଇ ତୁରନ୍ତ ପଦକ୍ଷପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।



## ନାବାଳିକାଙ୍କୁ ଦୁଷ୍କର୍ମ ଓ ଗର୍ଭବତୀ ମାମଲା

# ଫେରାର ଅଭିଯୁକ୍ତଙ୍କ ଘରେ ଚଢ଼ଉ; ୨ଟି କାର, ବୁଲେଟ୍ ଜବତ





ଜୟପୁର,୩୦।୫ (ସମିସ) : କୋରାପୁଟ ଜିଲ୍ଲା ବୋରିଗୁମ୍ମା ଥାନା ଅଞ୍ଚଳରେ ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ଦୁଷ୍କର୍ମ କରିବା ସହ ୫ ମାସ ଗର୍ଭବତୀ କରିଥିବା ମାମଲା ନେଇ ପୁଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଗତକାଲି ରାଜ୍ୟ ବିଜେଡି ଦଳର ମହିଳା ଶାଖା ପକ୍ଷରୁ ତଥ୍ୟ ଅନୁସନ୍ଧାନକାରୀ ଦଳ ପୀଡିତାଙ୍କୁ ଜୟପୁରରେ ସାକ୍ଷାତ କରିବା ପରେ କୋରାପୁଟ ଠାରେ ଜିଲ୍ଲା ଏସ୍ପିଙ୍କ ସାକ୍ଷାତ କରିବା ସହ ତୁରନ୍ତ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବା ନେଇ ଏକ ଦାବିପତ୍ର ପ୍ରଦାନ କରିଥିଲେ। ତେଣୁ ପୁଲିସ ଉପରେ ପ୍ରବଳ ଚାପ ପଡ଼ିବାରୁ ଆଜି ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବା ନେଇ ଜିଲ୍ଲା ଏସ୍ପି ରୋହିତ ବର୍ମାଙ୍କ ନିର୍ଦ୍ଦେଶକ୍ରମେ ଜୟପୁର ସଦରଥାନା ପୁଲିସ ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ଏବଂ ମହିଳା ଥାନା ଅଧିକାରୀ ଆଶ୍ରିତା ଖାଲ୍କୋଙ୍କ ନେତୃତ୍ୱରେ ପୁଲିସ ଦଳ ଚଢଉ କରିଥିଲେ । କିନ୍ତୁ ଅଭିଯୁକ୍ତ ଯୁବକ ରାଜେନ୍ଦ୍ର ଭତ୍ରା ଫେରାର ରହିଥିବା ବେଳେ ଅଭିଯୁକ୍ତଙ୍କ ପରିବାର ପକ୍ଷରୁ ତାଙ୍କ ସମ୍ପର୍କରେ କୌଣସି ସୂଚନା ନଥିବା ନେଇ ପୁଲିସ ନିକଟରେ ପ୍ରକାଶ କରିଥିଲେ। ତେଣୁ ଶେଷରେ ପୁଲିସ ପକ୍ଷରୁ ଅଭିଯୁକ୍ତ ଯେଉଁ ଗାଡ଼ି ଗୁଡିକ ବ୍ୟବହାର କରି ନାବାଳିକାଙ୍କ ନିକଟକୁ ଯାଉଥିଲା ଏବଂ ଗାଡିରେ ବସାଇ ବାହାରକୁ ନେଉଥିଲା , ସେଥିମଧ୍ୟରୁ ଓଡି ୧୦ଏକ୍ସ ୦୭୦୪ ଏବଂ ଓଡି ୧୦ଏନ ୦୭୦୪ ନମ୍ବର କାର, ଗୋଟିଏ ବୁଲେଟ ଓଡି ୧୦ ଜି ୬୬୯୯ କୁ ଜବତ କରାଯାଇ ଥାନାକୁ ଅଣାଯାଇଛି।

ସୂଚନା ଯୋଗ୍ୟ ବୋରିଗୁମ୍ମା ଥାନା ଜୈନିକ ୧୬ ବର୍ଷୀୟା ନାବାଳିକାଙ୍କୁ ଦୁଷ୍କର୍ମ ସହ ୫ମାସର ଗର୍ଭବତୀ ଅଭିଯୋଗରେ କୋଟପାଡ ବିଧାୟକ ପ୍ରତିନିଧି ତଥା ସାଉନିଗୁଡା ଗ୍ରାମପଞ୍ଚାୟତର ସଦର ଗ୍ରାମର ରାମକୃଷ୍ଣ ଭତ୍ରାଙ୍କ ପୁଅ ଅଭିଯୁକ୍ତ ରାଜେନ୍ଦ୍ରଙ୍କ ନାମରେ ଜୟପୁର ମହିଳା ଥାନାରେ ଗତ ୨୩ ତାରିଖରେ ଏକ ମାମଲା ରୁଜୁ ହୋଇଥିଲା। ସ୍ଥାନୀୟ ବୋରିଗୁମ୍ମା ଥାନା ଅଞ୍ଚଳର ଜଣେ ବିଧବା ମହିଳାଙ୍କ ୧୬ ବର୍ଷୀୟା ନାବାଳିକା ଝିଅକୁ ବିବାହ ପ୍ରତିଶ୍ରୁତି ଦେଇ ଗତ ୨ ବର୍ଷ ହେଲାଣି ଦୁଷ୍କର୍ମ ଏବଂ ଶାରୀରିକ ସମ୍ପର୍କ ରଖି ଗର୍ଭବତୀ କରିଥିବା ଅଭିଯୋଗ ହୋଇଥିଲା। ପୀଡିତାଙ୍କ ପରିବାର ଜଣାଇବା ପରେ ଗ୍ରାମରେ ଏକ ବୈଠକ କରାଯାଇ ଅଭିଯୁକ୍ତ ରାଜେନ୍ଦ୍ରକୁ ଗାଁକୁ ଡକାଇଥିଲେ। କିନ୍ତୁ ଅଭିଯୁକ୍ତ ଉକ୍ତ ଗ୍ରାମ ବୈଠକକୁ ଆସିନଥିଲେ। ପାଲଟା ତାଙ୍କ ବାପା ରାଜନୈତିକ ବ୍ୟକ୍ତି ହୋଇଥିବା ଯୋଗୁଁ ଘଟଣାକୁ ଚପାଇବା ପାଇଁ ପୀଡିତାଙ୍କ ପରିବାର ଓ ମାଙ୍କ ଉପରେ ଚାପ ସୃଷ୍ଟି କରୁଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ୧୬ ତାରିଖ ପ୍ରଘଟ ହୋଇଥିଲେ ସୁଦ୍ଧା ବୋରିଗୁମ୍ମା ଥାନାକୁ ଯାଇ ପୀଡ଼ିତା ନିରାଶ ହୋଇ ଜୟପୁର ମହିଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ କାର୍ଯ୍ୟାନୁଷ୍ଠାନ ନେବା ପୂର୍ବରୁ ଅଭିଯୁକ୍ତ ଯୁବକ ଫେରାର ହୋଇଯାଇଛି। ପୀଡ଼ିତା ଏବଂ ତାଙ୍କ ମାଆଙ୍କ ଉପରେ ଏତଲା ଫେରସ୍ତ ନେବାକୁ ଚାପ ଓ ଧମକ ଦିଆଯାଉଛି। ତେଣୁ ପୀଡିତାଙ୍କ ପରିବାର ଭୟଭୀତ ହୋଇ ଜୟପୁର ଜୟନଗର ଅଞ୍ଚଳରେ ଜଣେ ସମ୍ପର୍କୀୟଙ୍କ ଗୃହରେ ରହୁଛନ୍ତି। ଏଥିନେଇ ଗତକାଲି ବିଜେଡିର ରାଜ୍ୟ ମହିଳା ସଭାପତି ସ୍ନେହାଙ୍ଗିନୀ ଛୁରିଆଙ୍କ ନେତୃତ୍ୱରେ ଏକଟିମ୍ ପୀଡିତା ଏବଂ ତାଙ୍କ ମାଆଙ୍କୁ ସାକ୍ଷାତ କରିବା ସହ ସୁରକ୍ଷା ପ୍ରଦାନ କରିବା ନେଇ ଆଶ୍ୱସନା ଦେବା ସହ ଅଭିଯୁକ୍ତଙ୍କ ତୁରନ୍ତ ଗିରଫ କରିବା ନେଇ ଦାବି କରିଥିଲେ।

# ୧୭ ମାଓବାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି, ୩୦।୫(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲେଙ୍ଗାନାର ଭଦ୍ରାଦି କୋଥାଗୁଡେମ ଠାରେ ମାଓ ସଂଗଠନ ଛାଡି ୧୭ ଜଣ ମାଓବାଦୀ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏହି ଆତ୍ମ ସମର୍ପଣ କାରୀ ମାଓବାଦୀଙ୍କ ମଧ୍ୟରେ ୨ଜଣ ଏସିଏମ୍ କ୍ୟାଡର ମାଓବାଦୀ ରହିଥିବା ବେଳେ ୪ ଜଣ ପାର୍ଟି ସଦସ୍ୟ ଓ ୧୧ ଜଣ ମିଲିସିଆ ସଦସ୍ୟ ରହିଛନ୍ତି। ଦୀର୍ଘ ବର୍ଷ ଧରି ଏମାନେ ମାଓ ସଂଗଠନରେ ରହି ଅନେକ ହିଂସାକାଣ୍ଡରେ ଜଡ଼ିତ ଥିଲେ। ମାଓବାଦୀଙ୍କୁ ଆତ୍ମସମର୍ପଣ କରି ସାଧାରଣ ଜୀବନ ଯାପନ କରିବାରେ ସହାୟକ ପାଇଁ ତେଲେଙ୍ଗାନା ପୁଲିସ ପକ୍ଷରୁ "ଅପରେସନ୍ ଚେୟୁଥା" କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କୁ ସମସ୍ତ ସହାୟତା ପ୍ରଦାନ ସହ ଆର୍ଥିକ ସହାୟତା ପ୍ରଦାନ କରାଯାଉଥିବା ଭଦ୍ରାଦି କୋଥାଗୁଡେମ ଏସ୍ପି ପ୍ରକାଶ କରିଛନ୍ତି। ତେବେ ଚଳିତ ବର୍ଷ ଏପର୍ଯ୍ୟନ୍ତ, ମୋଟ ୨୮୨ ଜଣ ବିଭିନ୍ନ କ୍ୟାଡରର ମାଓବାଦୀ ପୁଲିସ ନିକଟରେ ଆତ୍ମସମର୍ପଣ କରିଥିବା କୁହାଯାଉଛି।

# ପଞ୍ଚାୟତ ସମିତି ବୈଠକ ବର୍ଜନ କଲେ ସରପଞ୍ଚ, ସମିତସଭ୍ୟ



ପଡିଆ, ୩୦।୫(ସମିସ) : ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ବ୍ଲକର ଆଠଗୋଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ମାନେ ଅନାସ୍ଥା ପ୍ରସ୍ତାବ ଆଣିବାର ଦୁଇ ମାସ ବିତିବାକୁ ବସିବା ସତ୍ତ୍ୱେ ମଧ୍ୟ ପ୍ରଶାସନ ପକ୍ଷରୁ ଅନାସ୍ଥା ଭୋଟ ଗ୍ରହଣ ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ଆଜି ପୁଣି ପଡିଆ ବ୍ଲକର ଆଠଗୋଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଏକଜୁଟ ହୋଇ ପ୍ରଶାସନ ବିରୋଧରେ ଗର୍ଜିଛନ୍ତି। ଏଥିପାଇଁ ଶୁକ୍ରବାର ଦିନ ପଡିଆ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ସମିତି ବୈଠକକୁ ବ୍ଲକର ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ମାନେ ବିରୋଧ କରି ସଭା ବର୍ଜନ କରିବା ସହ ବ୍ଲକ ସମ୍ମୁଖରେ ପ୍ରଶାସନ ବିରୋଧରେ ଗର୍ଜିଛନ୍ତି ସମସ୍ତ ଜନପ୍ରତିନିଧି। ଶୁକ୍ରବାର ସକାଳୁ ବ୍ଲକ ସମ୍ମିଳନୀ କକ୍ଷରେ ଚଳିତ ଋତୁ ପାଇଁ ସମିତି ବୈଠକ ଅନୁଷ୍ଠିତ ହେବାକୁ ଥିବା ବେଳେ ଏ ନେଇ ସୂଚନା ପାଇ ସମସ୍ତ ଆଠଗୋଟି ପଞ୍ଚାୟତର ସରପଞ୍ଚ ଓ ସମିତି ମେମ୍ବର ମାନେ ନିଜର ସମର୍ଥକଙ୍କ ସହ ପଡ଼ିଆ ବ୍ଲକ ସମ୍ମୁଖରେ ଧାରଣା ଦେବା ସହ ପ୍ରଶାସନ ଓ ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ନାରା ଦେଇଛନ୍ତି। ଏଥିସହ ଗତ ପ୍ରାୟ ଏକ ମାସରୁ ଅଧିକ ସମୟ ବିତି ଯାଇଥିବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ ଶିଥିଳତା ଭାବ ପ୍ରକାଶ କରାଯାଇ ସରକାରଙ୍କ ଦଳଗତ ଇସାରାରେ କାମ କରାଯାଉଥିବା ଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ପୂର୍ବରୁ ବ୍ଲକ ଅଧ୍ୟକ୍ଷା ଯମୁନା ମୁଣ୍ଡାକାନ୍ତ ବିଭିନ୍ନ ସମୟରେ ନିଜର କ୍ଷମତାର ଦୁରୁପଯୋଗ କରି ସମିତି ମେମ୍ବରଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ, ଦୁର୍ନୀତିରେ ଲିପ୍ତ ହେବା, ପାଇଲେ କାଉଣ୍ଟର ଦସ୍ତଖତ ବେଳେ ଅର୍ଥଦାବୀ କରିବା ଭଳି ଅଭିଯୋଗ ଆଣି ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ଲାଗି ପଡିଆ ବ୍ଲକର ସମସ୍ତ ସରପଞ୍ଚ ଓ ସମିତି ମେମ୍ବର ଜିଲ୍ଲାପାଳଙ୍କ ନିକଟରେ ଗୋଷ୍ଠୀ ହୋଇଥିଲେ। ତେବେ ଏହାରି ମଧ୍ୟରେ ଦୁଇ ମାସ ବିତିବାକୁ ଯାଉଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯାଇ ବିଭିନ୍ନ ଆଳ ଦେଖାଉଥିବା ଜନ ପ୍ରତିନିଧି ମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଶୁକ୍ରବାର ବ୍ଲକ ସମ୍ମିଳନୀ କକ୍ଷରେ ହେବାକୁ ଥିବା ସମିତି ବୈଠକକୁ ବର୍ଜନ କରି, ତୁରନ୍ତ ଅନାସ୍ଥା ପ୍ରସ୍ତାବ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ ସରପଞ୍ଚ ଓ ସମିତି ମେମ୍ବର ମାନେ ସମସ୍ତ ସରକାରୀ ବୈଠକକୁ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପଟେ ସରକାରଙ୍କ ପକ୍ଷରୁ ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ଗ୍ରାମାଞ୍ଚଳରେ ଆବଶ୍ୟକ ରହିଥିବା ପ୍ରକଳ୍ପ ଗୁଡିକୁ ମଞ୍ଜୁରୀ ଦିଗରେ ଜନ ପ୍ରତିନିଧିଙ୍କ ସହମତି ନିମନ୍ତେ ଡକାଇଥିଲା ବେଳେ ଏଭଳି ସ୍ଥିତି ରହିଲେ ଉନ୍ନୟନ ମୂଳକ କାମ ପ୍ରଭାବିତ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

# ସର୍ଜରୀ ବିଶେଷଜ୍ଞଙ୍କ ଡେପୁଟେସନ୍ ରଦ୍ଦ ପାଇଁ ଦାବିପତ୍ର

ରାମନାଗୁଡ଼ା,୩୦।୫(ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସର୍ଜରୀ ବିଶେଷଜ୍ଞ ଅଭିଷେକ ପଟନାୟକଙ୍କୁ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଡେପୁଟେସନ କରାଯାଇଥିବା ବେଳେ ସେହି ଡେପୁଟେସନ ତୁରନ୍ତ ରଦ୍ଦ କରିବା ପାଇଁ ରାମନାଗୁଡା ଅଞ୍ଚଳବାସୀଙ୍କ ପକ୍ଷରୁ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଫୁଲ୍ଲ କୁମାର ପାଢୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ରାମନାଗୁଡା ଜିଲ୍ଲା ପରିଷଦ ସଭ୍ୟ ଡାଙ୍ଗୁଡୁ ଶ୍ରୀଧର, ପାରୀକ୍ଷିତି ସରପଞ୍ଚ ସୂର୍ଯ୍ୟ ରାଓ କୁମ୍ବ୍ରିକା, ପୂର୍ବତନ ଭାଜପା ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଦେବାଶିଷ ପଣ୍ଡା,ଭାଜପାର ଗୁଣୁପୁର ନିର୍ବାଚନ ମଣ୍ଡଳୀ ସଂଯୋଜକ ଆଶିଷ କୁମାର ବେହେରା, ଆଇନଜୀବୀ ସରୋଜ କୁମାର ଦାଶ ଯୁବ ନେତା ଶକ୍ତି ପ୍ରସାଦ ପାତ୍ର, ସଂଜୀବ କୁମାର ଦାଶ, ସୁଧୀର ମିଶାଲ,ଜଗନ ପାତ୍ରଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ। ରାମନାଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରଙ୍କ ମରୁଡି ଥିବା ବେଳେ ରାମନାଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ରାମନାଗୁଡା ପଞ୍ଚାୟତ ସମିତି ସମେତ ଏହାର ଆଖପାଖ ବ୍ଲକର ଲୋକମାନେ ନିର୍ଭର କରୁଛନ୍ତି। ରାଜ୍ୟ ସରକାରଙ୍କୁ ବାରମ୍ବାର ଅନୁରୋଧ କରିବା ପରେ ଅଞ୍ଚଳବାସୀଙ୍କ ଅନୁରୋଧକୁ ରକ୍ଷା କରି ରାମନାଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଗୋଟିଏ ବିଶେଷଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଥିଲା। ବର୍ତ୍ତମାନ ରାମନାଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ସମୁଦାୟ ପାଞ୍ଚଜଣ ଡାକ୍ତର ଅଛନ୍ତି। ଆଉ ଗୋଟିଏ ବୋଲି ବିଶେଷଜ୍ଞ ଡାକ୍ତର ଅଭିଷେକ ପଟ୍ଟନାୟକଙ୍କୁ ତତ୍କାଳୀନ ଜିଲ୍ଲା ମୁଖ୍ୟ ଚିକିତ୍ସାକାରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଗତ ଏକ ମାସ ହେଲା ଡେପୁଟେସନ୍ କରିଥିଲେ । ଏହା ଫଳରେ ଅଞ୍ଚଳର ନିରୀହ ଆଦିବାସୀ ଉତ୍ତମ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି । ସର୍ଜରୀ ବିଶେଷଜ୍ଞ ଅଭିଷେକ ପଟନାୟକଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରାମନାଗୁଡାର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ରୂପେ ନିଯୁକ୍ତି ପାଇବା ପରଠାରୁ ରୋଗୀଙ୍କୁ ଉତ୍ତମ ଚିକିତ୍ସା ଯୋଗାଇବା ସହ ସେ ନିଜ ଦାୟିତ୍ୱକୁ ସୂଚାରୁରୂପେ ତୁଲାଇ ଆସିଛନ୍ତି। ରାମନାଗୁଡ଼ା ଗସ୍ତରେ ଆସିଥିବା ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ମଧ୍ୟ ଅଞ୍ଚଳବାସୀ ବ୍ଲକରେ ସ୍ୱାସ୍ଥ୍ୟ ସେବା ସମସ୍ୟା ବିଷୟରେ ଦୃଷ୍ଟି ଆକର୍ଷଣ କରିଥିଲେ। ଯାହାକୁ ନେଇ ମନ୍ତ୍ରୀ ଜିଲ୍ଲା ସ୍ୱାସ୍ଥ୍ୟ ସମିତିକୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ନିମନ୍ତେ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ । କିନ୍ତୁ ମନ୍ତ୍ରୀଙ୍କ ଆଦେଶକୁ ମଧ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପାଳନ କରି ନ ଥିବା ଜଣାପଡୁଛି । ଯଦି ସିଏଚସିରେ ଥିବା ସମସ୍ୟାକୁ ସମାଧାନ ନ କରି କେବଳ ଜିଲ୍ଲା ମୁଖ୍ୟାଳୟର ସ୍ୱାର୍ଥ ଚିନ୍ତା କରାଯିବ, ତେବେ ଖୁବ୍ ଶୀଘ୍ର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସାମ୍ନାରେ ଧାରଣାରେ ବସିବା ନିମନ୍ତେ ନିଷ୍ପତି ନେବାକୁ ବାଧ୍ୟ ହେବେ ବୋଲି ରାମନାଗୁଡା ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ବିଶେଷଜ୍ଞ ଡାକ୍ତର ଅଭିଷେକ ପଟନାୟକଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଡେପୁଟେସନ୍ ଆଦେଶ ରଦ୍ଦ ନ ହେଲେ ରାମନାଗୁଡାରେ ଦୋକାନ ବଜାର, ଅଖ ଚକ ବନ୍ଦ କରାଯିବ ବୋଲି ଅଞ୍ଚଳ ବାସୀ କହିଛନ୍ତି।

# ମାଓବାଦୀ ଖଞ୍ଜିଥିବା ବୋମା ବିସ୍ଫୋରଣ, ୩ ଗୁରୁତର





ମାଲକାନଗିରି, ୩୦।୫(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତରେ ମାଓବାଦୀଙ୍କ ଦ୍ୱାରା ଖଞ୍ଜା ଯାଇଥିବା ଆଇଡି ବୋମା ବିସ୍ଫୋରଣ ଯୋଗୁଁ ୩ ଜଣ ଗ୍ରାମବାସୀ ଗୁରୁତର ହୋଇଛନ୍ତି। ଆହତଙ୍କ ମଧ୍ୟରେ ଜଣେ ନାବାଳକ ରହିଥିବା ବେଳେ ସମସ୍ତଙ୍କ ଚିକିତ୍ସା ଜାରି ରହିଛି। ସୂଚନା ଅନୁଯାୟୀ ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାର ମଦେଡ ଥାନା ଅନ୍ତର୍ଗତ ବନ୍ଦେପାରା ଅଞ୍ଚଳରେ ମାଓବାଦୀ ମାନେ ଯବାନଙ୍କୁ ଟାର୍ଗେଟ କରି ଆଇଡି ବୋମା ଖଞ୍ଜିଥିଲେ। ସେହି ଅଞ୍ଚଳରେ ଏରାଗୁପା ଅଞ୍ଚଳର କିଛି ଗ୍ରାମବାସୀ ଯାଉଥିବା ବେଳେ ଖଞ୍ଜାଯାଇଥିବା ବୋମାଟି ବିସ୍ଫୋରଣ ଘଟିଥିଲା। ଫଳରେ ଏରାଗୁଫା ଗ୍ରାମର ଗୋଟେ ଜଗା(୪୫), ବେ‡ ସୁନୀଲ(୨୦) ଏବଂ ନାବାଳକ ବିବେକ ଢୋଡି(୧୭) ଗୁରୁତର ହୋଇଛନ୍ତି। ବୋମା ବିସ୍ଫୋରଣର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଜଙ୍ଗଲ ମଧ୍ୟରେ ପହଞ୍ଚି ଆହତ ତିନି ଜଣଙ୍କୁ ଉଦ୍ଧାର କରିଥିଲେ। ସମସ୍ତ ଆହତଙ୍କୁ ବିଜାପୁର ମେଡିକାଲକୁ ନେଇ ଚିକିତ୍ସା କରାଯାଉଥିବା ଜଣାପଡିଛି। ଅପର ପକ୍ଷରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ସହ ତଲାସି ଅଭିଯାନ ଜାରି ରଖିଛି।

# ନିର୍ବାଚିତ ପ୍ରତିନିଧିଙ୍କୁ ଅଣଦେଖା ନେଇ ଅସନ୍ତୋଷ

ପଟ୍ଟାଙ୍ଗି, ୩୦।୫(ସମିସ): ପଟ୍ଟାଙ୍ଗି ପଞ୍ଚାୟତ ସମିତି ସଭାଗୃହ ଠାରେ ସପ୍ତମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଅଧ୍ୟକ୍ଷା କଳ୍ପନା ପାଙ୍ଗି ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମକୃଷ୍ଣ ନାୟକ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ ପରିଚାଳନା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ଶୁକ୍ରା ଖରା, ବିଧାୟକ ପ୍ରତିନିଧି ଅର୍ଜୁନ ବାଙ୍କା, ଜିଲ୍ଲା ପରିଷଦ ସଦସ୍ୟା ଟିକାଇ ଗେମେଲ, ଜିଲ୍ଲା ପରିଷଦ ସଦସ୍ୟ ଲଇଛନ ଖରା, ବ୍ଲକ ଉପାଧ୍ୟକ୍ଷ ତ୍ରିନାଥ କୋଟା ଏବଂ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ସଭ୍ୟା ପ୍ରମୁଖ ଉପସ୍ଥିତ ରହିଥିଲେ। ଜିପିଓ ଚନ୍ଦ୍ର ସାହୁ ପୂର୍ବ ସମିତି ବୈଠକର ବିବରଣୀ ପାଠ କରିଥିଲେ। ଆଲୋଚନାରେ ପଟ୍ଟାଙ୍ଗିଠାରେ ଏମ୍‌ଜିଏନ୍‌ଆରଜିଏ କାର୍ଯ୍ୟ କାହିଁକି ଆରମ୍ଭ ହୋଇପାରୁନାହିଁ, ସେ ନେଇ ସ୍ଥାନୀୟ ସରପଞ୍ଚ ଅଭିଯୋଗ କରିଥିଲେ। ପଟ୍ଟାଙ୍ଗି ସରପଞ୍ଚ ବ୍ଲକ ଅଧ୍ୟକ୍ଷାଙ୍କୁ କାହିଁକି ବିଗତ ବୈଠକ ଗୁଡ଼ିକର ସମସ୍ୟା ସମାଧାନ ହୋଇ ପାରୁନାହିଁ ବୋଲି ପ୍ରଶ୍ନ କରିଥିଲେ। ପଞ୍ଚାୟତ ଗୁଡିକରେ ଭଲ ଏଡିଓ ମାନଙ୍କୁ ଦିଆ ଯାଉନାହାନ୍ତି ବୋଲି ପ୍ରତିନିଧି ଗଣ ମଧ୍ୟ ଅଭିଯୋଗ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ କୃଷ୍ଣ ଆସନ୍ତା ୧୫ ତାରିଖ ପୂର୍ବରୁ ଉନ୍ନୟନମୂଳକ କାର୍ଯ୍ୟ ପ୍ରାରମ୍ଭ କରା ନଗଲେ ପଞ୍ଚାୟତ ଅଧିକାରୀଙ୍କ ଦରମା ବନ୍ଦ କରାଯିବ ବୋଲି ନିର୍ଦ୍ଦେଶ ଦେଇଥିଲେ। ଦେଓପଟ୍ଟାଙ୍ଗି ପଞ୍ଚାୟତରେ ସ୍ଥାନୀୟ ଜନ ପ୍ରତିନିଧିଙ୍କ ବିନା ଅବଗତିରେ ଜଣେ ଠିକାଦାର କାମ କରୁଥିବା ସ୍ଥାନୀୟ ସମିତି ସଭ୍ୟା ଅଭିଯୋଗ କରିଥିଲେ। ଦେଓପଟ୍ଟାଙ୍ଗି ପଞ୍ଚାୟତରେ ଆସୁଥିବା ଉନ୍ନୟନମୂଳକ କାର୍ଯ୍ୟ ଗୁଡ଼ିକୁ ବିକ୍ରି କରାଯାଇ ଅନ୍ୟ ଠିକାଦାରଙ୍କୁ ବିକ୍ରି ହେଉଥିବା ନେଇ ଅଭିଯୋଗ ଆସିଥିଲା। ବ୍ଲକର କିଛି ବିଭାଗୀୟ ଅଧିକାରୀ ବୈଠକକୁ ଆସୁନଥିବା ନେଇ ଅଭିଯୋଗ ହୋଇଛି। ପଟ୍ଟାଙ୍ଗି ମୁଖ୍ୟ ସହର ପାଶ୍ୱର୍ରେ ରହିଥିବା ଡ୍ରେନ୍ ଗୁଡ଼ିକୁ ଆରଡି ବିଭାଗ ସଫା କରୁନଥିବା କାରଣରୁ ସ୍ଥାନୀୟ ଜନ ପ୍ରତିନିଧିଙ୍କ ସହ ଆଲୋଚନା କରି ବ୍ଲକ ମାଧ୍ୟମରେ ସଫେଇ କରାଯିବ ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ କହିଥିଲେ। ପ୍ରତ୍ୟେକ ପଞ୍ଚାୟତରେ ପାନୀୟ ଜଳ ଯୋଗାଣରୁ ଆସୁଥିବା ବିଦ୍ୟୁତ୍ ବିଲ ଏବଂ ମରାମତି କାର୍ଯ୍ୟ ନିମନ୍ତେ ଲୋକଙ୍କ ଠାରୁ ଅର୍ଥ ଆଦାୟ କରି ଉକ୍ତ ପ୍ରକଳ୍ପ ପରିଚାଳନା କଲେ ପାନୀୟ ଜଳ ପ୍ରକଳ୍ପ ସଠିକ୍ ରୂପେ ଚାଲି ପାରିବ ବୋଲି ବିଧାୟକ ପ୍ରତିନିଧି ଶ୍ରୀ ବାଙ୍କା ପ୍ରସ୍ତାବ ଦେଇଥିଲେ। ପଟ୍ଟାଙ୍ଗି ବ୍ଲକର ବିଭିନ୍ନ ଗ୍ରାମରେ ବିଦ୍ୟୁତ ସଂଯୋଗ ନଥିବା ନେଇ ଅଭିଯୋଗ ହୋଇଥିଲା। ଗାଲିଗାବଦର ଠାରୁ କୋଟିଆ ମଧ୍ୟରେ ଜଙ୍ଗଲ ଗୁଡ଼ିକୁ କାଟି ସଫା କରାଯାଉଛି। ଏଥିନେଇ କାହିଁକି ପଦକ୍ଷେପ ଗ୍ରହଣ କରାଯାଇନଥିବା ନେଇ ଜିଲ୍ଲା ପରିଷଦ ଶ୍ରୀ ଖରା ଅଭିଯୋଗ କରିଛନ୍ତି। ଗ୍ରାମ କଲ୍ୟାଣ ସମିତି ଦ୍ୱାରା ଗ୍ରାମ ଗୁଡ଼ିକ ସଫେଇ ହେଉନଥିବା ନେଇ ଅଭିଯୋଗ ହୋଇଛି। ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗି କିଛି ଜନପ୍ରତିନିଧିଙ୍କୁ ଅଣଦେଖା କରୁଥିବା ଯୋଗୁଁ ସେମାନେ ସଭା ଛାଡି ଚାଲିଯାଇଥିବା କୁହାଯାଇଥିଲା।

# ଗୁପ୍ତେଶ୍ୱର ମନ୍ଦିର ଭିତରକୁ କୁକୁର ଧରି ପ୍ରବେଶ

## ● ଅସନ୍ତୋଷ ପ୍ରକାଶ କଲେ ବିଡିଓ

ବୈପାରୀଗୁଡ଼ା, ୩୦।୫(ସମିସ): ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱର ମନ୍ଦିରରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ମନ୍ଦିର ଭିତରେ କୁକୁର ଧରି ଲୋକେ ପ୍ରବେଶ କରିବାରୁ ଶ୍ରଦ୍ଧାଳୁ ମହଲରେ ତୀବ୍ର ପ୍ରତିକ୍ରିୟ ପ୍ରକାଶ ପାଇଛି। ଘଟଣାସ୍ଥଳରେ ଉପସ୍ଥିତ କିଛି ଶ୍ରଦ୍ଧାଳୁ ଏହାକୁ ତୀବ୍ର ବିରୋଧ କରିଥିଲେ। କିନ୍ତୁ ଦୁଇଟି କୁକୁର ସହ ମନ୍ଦିର ଭିତରେ ପଶିଥିବା ଏହି ଦୁଇ ଜଣ ବ୍ୟକ୍ତି ଏହାକୁ ଖାତିର କରିନଥିଲେ। ଏହି ଦୁଇ ବ୍ୟକ୍ତି କିଏ ତାହା ଜଣାପଡିନାହିଁ।



ଭିଡିଓ ଭାଇରାଲ ପରେ ଦେବୋତ୍ତର ବିଭାଗ ଏମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି। ମନ୍ଦିରରେ ସୁରକ୍ଷା ଯାଞ୍ଚ ବ୍ୟବସ୍ଥା ନଥିବାରୁ ଏମିତି ଘଟଣା ଘଟିଛି ବୋଲି ସାଧାରଣରେ ଆଲୋଚନା ହେଉଛି। ତେବେ ଏହି ଘଟଣା ଶ୍ରଦ୍ଧାଳୁଙ୍କ ମନରେ ଶକ୍ତ ଆଘାତ ଦେଇଛି। ଏହି ଘଟଣାକୁ ନେଇ ବୈପାରୀଗୁଡ଼ା ବିଡିଓ ଅଭିମନ୍ୟୁ କବି ଶତପଥି ମଧ୍ୟ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ମନ୍ଦିର ପ୍ରବେଶ ପାଇଁ ଟିକେଟ୍ କାଟୁଥିବା ବ୍ୟକ୍ତିଙ୍କୁ ଦାୟୀ କରିଛନ୍ତି। ଏନେଇ ଦେବୋତ୍ତର ବିଭାଗର ଦୃଷ୍ଟି ଆକର୍ଷଣ କରାଯିବ ବୋଲି ମଧ୍ୟ ସେ କହିଛନ୍ତି।

# ଟ୍ରକ୍‌ରୁ ଗଞ୍ଜେଇ ଜବତ : ୨ ଗିରଫ

ଜୟପୁର,୩୦।୫(ସମିସ) : ଜୟପୁର ଟାଉନଥାନା ପୁଲିସ ଗତବୁଧବାର ମଧ୍ୟରାତ୍ରୀରେ ପେଟ୍ରୋଲିଂ ଗାଡି ପକ୍ଷରୁ ସହରର ଗାନ୍ଧୀଛକରୁ କୋରାପୁଟ ପଟକୁ ୨୬ ନମ୍ବର ଜାତୀୟ ରାଜପଥରେ ଏକ ଟ୍ରକ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପରେ ପିଛା କରିଥିଲେ। କିନ୍ତୁ ଟ୍ରକଟି ପୁଲିସ ଗାଡିକୁ ଦେଖି ଦ୍ରୁତ ଚାଲିଯାଉଥିବା ବେଳେ ଏହାକୁ ସ୍ଥାନୀୟ ଗେଟଗୁଡା ଏକ ପୁରୁଣା ଗୋଦାମ ନିକଟରେ ଅଟକାଇ ଯାଞ୍ଚ କରାଯାଇଥିଲା। ଏଥିରେ ୧୩ କୁଇଣ୍ଟାଲ ୧୮ କୋଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଥିବା ବେଳେ ଏହି ମାମଲାରେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଜୟପୁର ସଦରଥାନା ବାମୁଣି ଗାଁର ଦୁର୍ଗା ବାହାଦୁର (୩୫) ଏବଂ କୁସୁମପୁଟ ଗ୍ରାମ ର ମୀନ ବାରିକ୍ (୩୫) । ଉଭୟଙ୍କୁ ଆଜି କୋର୍ଟ ଚାଲାଣ କାଯାଇଥିବା ଥାନା ଅଧିକାରୀ ଉଲ୍ଲାସ ରଞ୍ଜନ ରାଉତ ସୂଚନା ଦେଇଚନ୍ତି।

# ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଅଧିକାରୀଙ୍କ ନନ୍ଦପୁର ବ୍ଲକ୍ ପରିଦର୍ଶନ

ନନ୍ଦପୁର,୩୦।୫ (ସମିସ): ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତରାଜ ପ୍ରତିଷ୍ଠାନର ଏକ ପ୍ରତିନିଧି ଦଳ ନନ୍ଦପୁର ବ୍ଲକର ନନ୍ଦପୁର ସଦର ପଞ୍ଚାୟତ ଓ ରାଇସି ଗ୍ରାମ ପଞ୍ଚାୟତ ପରିଦର୍ଶନ କରି ପଞ୍ଚାୟତର ଭିତ୍ତିଭୂମିର ସମୀକ୍ଷା କରିବା ସହ ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିଥିଲେ। ପ୍ରତିନିଧି ଦଳରେ କୋରାପୁଟ ଜିଲ୍ଲା ପାଇଁ ଆସିଥିବା ଅଧିକାରୀ ସୁନିତ ଦଶଙ୍କ ସହ କୋରାପୁଟ ଜିଲ୍ଲା ପେଶା କୋର୍ଡିନେଟର ପ୍ରଶାନ୍ତ କୁମାର ପଟ୍ଟନାୟକ ଉପସ୍ଥିତି ଥିଲେ। ନନ୍ଦପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପହଞ୍ଚିବା ପରେ ସରପଞ୍ଚ ସାଜେନ୍ତୀକ୍ରି ସାନି, ନିର୍ବାହୀ ଅଧିକାରୀ କୋମଳ ରାଓ ସ୍ମିତଙ୍କ ସମେତ ନନ୍ଦପୁର ବ୍ଲକ୍ ଜିପିଓ ବେଦାନ୍ତ କୁମାର ମାଝୀଙ୍କ ସହ ସମସ୍ତ ନିର୍ବାଚିତ ପ୍ରତିଧିନି ଉପସ୍ଥିତ ରହିଥିଲେ। ତେବେ ନନ୍ଦପୁର ପଞ୍ଚାୟତ ପରିସର ବିଭିନ୍ନ ଭିତ୍ତିଭୂମିର ସମୀକ୍ଷା, କାର୍ଯ୍ୟକ୍ଷମ ପାଇଁ ଉପଯୁକ୍ତ ବ୍ୟବସ୍ଥା ରହିଛି କି ନାହିଁ ତାହା ତର୍ଜମା କରି ଫେରିଥିବା ଜଣାପଡିଛି

# ଶୋକାକୁଳ ପରିବେଶରେ ଭୀମସେନଙ୍କ ଅନ୍ତିମ ସତ୍କାର

ମାଥିଲି, ୩୦।୫ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ କୁଟୁଣୀ ପାଲ୍ଲୀ ପଞ୍ଚାୟତ ନିକଟସ୍ଥ ଦଳପତି ପୁଟ ଗ୍ରାମର ଭୀମସେନ ପ୍ରଧାନୀ ନବରଙ୍ଗପୁର ଜିଲ୍ଲାର କଷାଗୁମୁଡା ବ୍ଲକ୍‌ରେ ପିଇଓ ଭାବେ କାମ କରୁଥିଲେ। ଆସନ୍ତାକାଲି ସେ ଚାକିରିରୁ ଅବସର ନେଇଥାନ୍ତେ। କିନ୍ତୁ ତା ପୂର୍ବରୁ ତାଙ୍କର ପରଲୋକ ହୋଇଯାଇଛି। ସେ ଜଣେ ଆଦିବାସୀ ଅଦ୍ୟୁଷିତ ଅଞ୍ଚଳ ମାଥିଲି ବ୍ଲକରେ ସମାଜସେବୀ ଭାବେ ପରିଚିତ ଥିଲେ। ବୃତ୍ତିରେ ସେ ଜଣେ ସରକାରୀ କର୍ମଚାରୀ। ସେ ପ୍ରଥମେ ମାଥିଲି ବ୍ଲକର କୁଟୁଣୀ ପାଲ୍ଲୀ ପଞ୍ଚାୟତରେ କାର୍ଯ୍ୟରତ ଥିଲେ ଏବଂ ତାଙ୍କ ବଦଳି ହୋଇଥିଲା ନବରଙ୍ଗପୁର ପୁର ଜିଲ୍ଲାର କଷା ଗୁମୁଡା ବ୍ଲକକୁ। ତାଙ୍କ ମୃତ ଶରୀରକୁ ଆଜି ଦଳପତିପୁଟକୁ ଆଣିଥିଲେ ପରିବାର ଲୋକେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ଆଜି ଶୋକାକୁଳ ପରିବେଶ ମଧ୍ୟରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି।

# ଦୁର୍ନୀତିରେ ଉବୁଟୁବୁ ନବରଙ୍ଗପୁର ପୌରପାଳିକା : ପ୍ରଦୀପ ମାଝୀ

## ସାମ୍ବାଦିକ ସମ୍ମିଳନୀରେ ପ୍ରମାଣ ଉପସ୍ଥାପନ କଲେ କାଉନ୍‌ସିଲର



ନବରଙ୍ଗପୁର, ୩୦।୫(ସମିସ): ନବରଙ୍ଗପୁର ପୌର ପାଳିକାରେ ଦୁର୍ନୀତି ବଢି ଚାଲିଥିବା ନେଇ ଅଭିଯୋଗ ଆଣିଛି ନବରଙ୍ଗପୁର ଜିଲ୍ଲା ବିଜୁ ଜନତା ଦଳ। ପୂର୍ବତନ ସାଂସଦ ତଥା ବିଜେଡି ରାଷ୍ଟ୍ରୀୟ ପ୍ରବକ୍ତା ତଥା ବରିଷ୍ଠ ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମାଝୀଙ୍କ ନେତୃତ୍ୱରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୌରପାଳିକାର ଉପାଧ୍ୟକ୍ଷା ସୋମ୍ୟା ମହାପାତ୍ର ଏବଂ ବହୁ କାଉନସିଲର ମାନେ ଉପସ୍ଥିତ ରହି ପୌରପାଳିକାର ବିଭିନ ଦୁର୍ନୀତିର ପର୍ଦ୍ଦାଫାସ କରିଥିଲେ। ପରିମଳ, ଗ୍ରୀନ୍‌ଫିଲ୍ଡ, ଷ୍ଟଲ୍ ଆବଣ୍ଟନରେ ଦୁର୍ନୀତିକୁ ନେଇ ପୂର୍ବତନ ସାଂସଦ ପ୍ରଦୀପ କୁମାର ମାଝୀ ଗଣ ମାଧ୍ୟମକୁ କହିଥିଲେ। ଶୁକ୍ରବାର ହୋଟେଲ ଗ୍ଲେଜ୍‌ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରଦୀପ ମାଝୀ କହିଥିଲେ ଯେ, ପୌରପାଳିକାର ଅନିୟମିତତାକୁ ନେଇ ବିଜେଡି ପାରିଷଦ ମାନେ ବିଭିନ୍ନ ସମୟରେ ବିରୋଧ କରିଆସୁଛନ୍ତି। ଅଭିଯୋଗକୁ ପୌର ଅଧ୍ୟକ୍ଷ କିମ୍ବା ପୌର ନିର୍ବାହୀ ଅଧିକାରୀ କୌଣସି କର୍ଣ୍ଣପାତ କରୁନାହାନ୍ତି। ପରିମଳ ବ୍ୟବସ୍ଥା ପୌରପାଳିକାର ସବୁଠୁ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହ ସହରରୁ ବାହାରୁଥିବା ବର୍ଜ୍ୟ ବସ୍ତୁକୁ ପରିଚାଳନା କରାଯାଇଥାଏ। ଏହି ପରିଚାଳନା ପାଇଁ ଆସିଥିବା ଅର୍ଥରୁ ୨୬ ଲକ୍ଷ ଟଙ୍କା ଆତ୍ମସାତ୍ କରାଯାଇଛି। ଆରଟିଓଙ୍କ କାର୍ଯ୍ୟାଳୟ ନିକଟରେ ଡମ୍ପିଂୟାର୍ଡରେ ଖାଲ କରିବା ପାଇଁ ଆସିଥିବା ଟଙ୍କାକୁ ମଧ୍ୟ ଛାଡ଼ି ନାହାନ୍ତି। ବର୍ତ୍ତମାନ ଉକ୍ତ ସ୍ଥାନରେ ନା ଗର୍ତ୍ତ ଅଛି ନା ଗର୍ତ୍ତ ଖୋଳା ଯାଇଥିବା ମାଟି ରହିଛି। ଉକ୍ତ ସ୍ଥାନରେ ଗର୍ତ୍ତ ଖୋଳିବାରେ ଇଞ୍ଚେ ମଧ୍ୟ ମାଟି ପଡ଼ି ନାହିଁ। ବର୍ଗଂ୪ଟି ପର୍ଯ୍ୟାୟରେ ୬ ଲକ୍ଷରୁ ଅଧିକ ଲେଖାଏଁ ଟଙ୍କା ବିଲ୍ କରି ହଡ଼ପ କରାଯାଇଛି। ବର୍ଜ୍ୟ ବସ୍ତୁକୁ ଅଲଗା କରିବା ପାଇଁ ୪ଟି ଏସ୍‌ଏଚ୍‌ଜି ଗ୍ରୁପକୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ସେମାନଙ୍କୁ ୬ ମାସର ଦରମା ପ୍ରଦାନ କରାଯାଇ ନଥିଲା। ପରବର୍ତ୍ତୀ ସମୟରେ ହୋ ହାଲ୍ଲା କରିବା ପରେ ସେମାନଙ୍କୁ ୧୫ ଲକ୍ଷ ଟଙ୍କା ପୈଠ କରାଯାଇଛି। ସମାନ କାର୍ଯ୍ୟକୁ ଦୁଇଥର ବିଲ୍ କରାଯାଇଛି। ସେହିଭଳି ୧୭ଟି ୱାର୍ଡର ପରିମଳ ପାଇଁ ୩ କୋଟି ୩୪ ଲକ୍ଷ ୮୫ ହଜାର ୯୦୩ ଟଙ୍କା ପୈଠ କରାଯାଇଥିବା ବେଳେ ୧୩୫ ଜଣ ଶ୍ରମିକ, ୧୨ଟି ଟ୍ରାକ୍ଟର ନିଯୋଜିତ କରାଯିବା କଥା। ଏହା ବଦଳରେ କେବଳ ୭୫ ଜଣଶ୍ରମିକ ଓ ୮ ଟିଟ୍ରାକ୍ଟର ନିୟୋଜିତ କରାଯାଇଛି। ବଳକା ଟଙ୍କା କୁଆଡ଼େ ଯାଇଛି ବୋଲି ପ୍ରଦୀପ ପ୍ରଶ୍ନ କରିଛନ୍ତି। ଫିନାଇଲ୍ ଗ୍ୟାମାକ୍ସିନ, ମଶା ତେଲ, ବ୍ଲିଚିଙ୍ଗ ପାଉଡର, ଆଇ ଭିନ୍‌ନଟ୍ ପାଉଡର ଇତ୍ୟାଦି ପରିମଳ ସାମଗ୍ରୀ ସମ୍ବଲପୁର ଠାରୁ ମିଥ୍ୟା ଭାଉଚର ଆଣି ବିଲ୍ କରାଯାଉଛି। ଡ୍ରେନ୍ ସଫେଇ ବାବଦକୁ ପ୍ରତି ବର୍ଷ ୨୨ ଲକ୍ଷ ୨୯ ହଜାର ୮୨୦ ଟଙ୍କା ପୈଠ କରାଯାଉଛି। ଡ୍ରେନ୍ ସଫେଇ ଦୂରରେ ଥାଉ ଡ୍ରେନ୍‌ରୁ ପଚାସଢ଼ା ଗ୍ୟାସ ନିର୍ଗତ ହେଉଛି। ସେହିଭଳି କାଦୁଅ ପଚପଚ ଅଞ୍ଚଳରେ ଫେବର୍ ରାସ୍ତା ନିର୍ମାଣ କରାଯାଏ। କିନ୍ତୁ ସହରର ଦଶହରାପଦା ଗଳି, ଶୁଭ ଅଭିନନ୍ଦନ କଲ୍ୟାଣ ମଣ୍ଡପ ପାଶ୍ୱର୍ବର୍ତ୍ତୀ ଅଞ୍ଚଳ. ଉତ୍କଳ କଲେଜ ପଛପଟ ରାସ୍ତା ଆଦି ନିମ୍ନମାନର ନିର୍ମାଣ ହୋଇଛି ବୋଲି ଅଭିଯୋଗ କରାଯାଇଛି। ଷ୍ଟଲ ବଣ୍ଟନରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଅଧିକାଂଶ ଧନୀ ଶ୍ରେଣୀର ବ୍ୟକ୍ତି ମାନେ ଷ୍ଟଲ ପିଛା ଲକ୍ଷେରୁ ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାରବାର କରି ହାତେଇଛନ୍ତି। ଏହି ସମସ୍ତ ଦୁର୍ନୀତିକୁ ନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ କିଛି କାର୍ଯ୍ୟନୁଷ୍ଠାନ ଗ୍ରହଣ ନକରିବାରୁ ବିଜେଡି ପକ୍ଷରୁ ପୂର୍ବତନ କାଉନସିଲର ଉତ୍ତମ ତ୍ରିପାଠୀ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଛନ୍ତି ବୋଲି ପ୍ରଦୀପ ସୂଚନା ଦେଇଥିଲେ। ନିକଟରେ ନୂତନ ପୌର ନିର୍ବାହୀ ଅଧିକାରୀ ସମରେଶ ମହାନ୍ତି ପୌରାଞ୍ଚଳରେ ସବ୍‌ଲିଜ୍‌ରେ ଥିବା ଦୋକାନୀ ମାନଙ୍କ ଠାରୁ ଷ୍ଟଲ ପିଛା ଏକ ଲକ୍ଷରୁ ଅଧିକ ଟଙ୍କା ଆଦାୟ କରି ସେମାନଙ୍କ ନାମରେ ଷ୍ଟଲ୍ କରିଛନ୍ତି। ଏହା ସମ୍ପୂର୍ଣ୍ଣ ବେଆଇନ। ସବ୍ ଲିଜ୍ ଦେଇଥିବା ବ୍ୟକ୍ତିଙ୍କ ଷ୍ଟଲ୍ ଲିଜ ବାତିଲ କରି ପୂର୍ବରୁ ଅପେକ୍ଷା କରିଥିବା ବ୍ୟକ୍ତି ମାନଙ୍କୁ ଷ୍ଟଲ୍ ପ୍ରଦାନ କରିବା ନିୟମ ରହିଛି ବୋଲି ପୂର୍ବତନ କାଉନସିଲର ଉତ୍ତମ ତ୍ରିପାଠୀ କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ଅବିଭକ୍ତ କୋରାପୁଟ ଜିଲ୍ଲା ଯୁବ ବିଜେଡ଼ି ସଭାପତି ତାପସ ତ୍ରିପାଠୀ, ନଗର ବିଜେଡି ସଭାପତି ପ୍ରମୋଦ କୁମାର ରଥ, କାଉନ୍‌ସିଲର ପି କେଶବ ରାଜୁ , କାଉନ୍‌ସିଲର ପୁରୁଷୋତ୍ତମ ହରିଜନ , କାଉନସିଲର ଅଲେଖ ସୌରା, ପୂର୍ବତନ କାଉନ୍‌ସିଲର ଭୀମ ହରିଜନ, କୁନା ପାଢ଼ୀ, ସରୋଜ ପାତ୍ର, ପିଣ୍ଟୁ ଲେଙ୍କା, ସଞ୍ଜୟ ନାୟକ , ଲାଲୁ ତ୍ରିପାଠୀ , ସୁମିତ ପାଳ, ବୁଲୁ ପଟ୍ଟନାୟକ , ସୁମିତ ପୂଜାରୀ ପ୍ରମୁଖଙ୍କ ସମେତ ବହୁ ବିଜେଡି କର୍ମୀ ଓ ନେତା ଉପସ୍ଥିତ ରହିଥିଲେ।

**ଆଦିବାସୀ ନାବାଳିକା ଦୁଷ୍କର୍ମ ମାମଲା**

# ଜାତୀୟ ଏସ୍‌ଟି କମିଶନଙ୍କୁ ଭେଟିଲା ବିଜେଡି

**ନିରପେକ୍ଷ ତଦନ୍ତ ଦାବି କରି**

**ଭୁବନେଶ୍ୱର, ୩୦।୫(ସମିସ):** କୋରାପୁଟ ଜିଲ୍ଲାର ଜଣେ ଆଦିବାସୀ ନାବାଳିକାକୁ ଦୁଷ୍କର୍ମ ଓ ଏଥିଯୋଗୁଁ ନାବାଳିକାଜଣଙ୍କ ଗର୍ଭବତୀ ହେବା ଭଳି ଏକ ସ୍ପର୍ଶକାତର ଘଟଣାରେ ଜାତୀୟ ଏସ୍‌ଟି କମିସନ୍‌ଙ୍କ ହସ୍ତକ୍ଷେପ ଲୋଡ଼ିଛି ବିଜେଡି। ଶୁକ୍ରବାର ବିଜୁ ଜନତା ଦଳ ପକ୍ଷରୁ ଜାତୀୟ ଏସ୍‌ଟି କମିସନଙ୍କ ଉଦ୍ଦେଶ୍ୟରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଉକ୍ତ ସ୍ମାରକପତ୍ରରେ ଦର୍ଶାଯାଇଛି ଯେ ଜୟପୁର ମହିଳା ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, କୋରାପୁଟ ବୋରିଗୁମ୍ମା ବ୍ଲକ୍ ସାନପୁରିଆ ପଞ୍ଚାୟତର ସନିଗୁଡ଼ା ଗ୍ରାମର ରାଜେନ୍ଦ୍ର ଭତ୍ରା ଏହି ଜଘନ୍ୟ କାଣ୍ଡର ଅଭିଯୁକ୍ତ। ସେ ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧିଙ୍କ ପୁଅ। ରାଜେନ୍ଦ୍ର ଏକ ବିବାହ ଭୋଜିରେ ନାବାଳିକାଙ୍କୁ ଭେଟିବା ପରେ ବିବାହର ମିଥ୍ୟା ପ୍ରଲୋଭନ ଦେଇ ଦୀର୍ଘ ୨ବର୍ଷ ଧରି ତାଙ୍କୁ ଦୁଷ୍କର୍ମ କରି ଆସୁଥିଲା। ତେବେ ଏଥିରେ ନାବାଳିକାଜଣଙ୍କ ପାଞ୍ଚ ମାସର ଗର୍ଭବତୀ ହୋଇଯିବାରୁ ଘଟଣା ଲୋକଲୋଚନକୁ ଆସିଥିଲା। କିନ୍ତୁ ଅଭିଯୁକ୍ତଙ୍କ ପିତା ଜଣେ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ବ୍ୟକ୍ତି ହୋଇଥିବାରୁ ଘଟଣାକୁ ଚାପିଦେବା ପାଇଁ ପ୍ରଶାସନିକସ୍ତରରେ ଚେଷ୍ଟା କରାଯାଉଛି। ଏଥିଯୋଗୁଁ ଜଣେ ଆଦିବାସୀ ନାବାଳିକା ନ୍ୟାୟ ପାଇବାରୁ ବଞ୍ଚିତ ହେବ ବୋଲି ବିଜେଡି ଅଭିଯୋଗରେ ଦର୍ଶାଇଛି। ତେଣୁ ପୀଡ଼ିତା ନାବାଳିକାଙ୍କୁ ଉପଯୁକ୍ତ ନ୍ୟାୟ ଦେବା ସହ ଅଭିଯୁକ୍ତକୁ ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଛି। ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ବିଜେଡି ତା'ର ସଂଗ୍ରାମ ଜାରି ରଖିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

ଏହି ପ୍ରତିନିଧିମଣ୍ଡଳୀରେ ବିଜେଡି ମିଡିଆ ସହ ସଂଯୋଜକ ତଥା ମୁଖପାତ୍ର ଡଃ ଲେନିନ୍ ମହାନ୍ତି, ଡଃ ପ୍ରିୟବ୍ରତ ମାଝୀ, ମୁଖପାତ୍ର ତୁମ୍ବନାଥ ପଣ୍ଡା, ମିହିର ରାୟ, ନାରାୟଣ ଜେନା, ଇପ୍ସିତା ସାହୁ, ବିଶ୍ୱପ୍ରତାପ ସାହୁ, ଅରୂପ ଶ୍ରୀଚନ୍ଦନ ଓ ସୋଫିଆ ଆଲାମ ପ୍ରମୁଖ ଉପସ୍ଥିତ ଥିଲେ।

**ସହଯୋଗୀର ଗୁଳିରେ ଶିକାରୀ ମୃତ**

# ଜୁଇରୁ ଦରପୋଡ଼ା ଶବ ଉଠାଇଆଣିଲା ପୁଲିସ୍



**■ ୧୦ରୁ ଊର୍ଦ୍ଧ୍ୱ ଅଟକ; ୨ ଶିକାରୀ ଫେରାର୍**

**■ କଙ୍ଗାରୁକୋର୍ଟରେ ହତ୍ୟା ଘଟଣା ରଫାଦଫା**

**ନୟାଗଡ଼/ଶରଣକୁଳ, ୩୦।୫ (ସମିସ):** ଶିକାରୀ ଗୁଳିରେ ପ୍ରାଣ ହରାଇଥିବା ଜଣେ ଆଦିବାସୀ ଯୁବକଙ୍କୁ ଅତି ସନ୍ତର୍ପଣରେ ପୋଡ଼ିଦେବା ବେଳେ ଧରିଲା ପୁଲିସ୍। ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା ଅଞ୍ଚଳରେ ଗୁରୁବାର ବିଳମ୍ବିତ ରାତିରେ ଘଟିଥିବା ଏହି ଘଟଣା ଆଜି ପଦାକୁ ଆସିବା ପରେ ଚର୍ଚ୍ଚାର ବିଷୟ ହୋଇଛି। ମୃତକ ହେଲେ, ନୟାଗଡ଼ ବନଖଣ୍ଡ ଅନ୍ତର୍ଗତ ପଞ୍ଚରିଡ଼ା ବନାଞ୍ଚଳ ଗୋଛା ଗ୍ରାମର ସୂର୍ଯ୍ୟମଣି ପ୍ରଧାନ ଓରଫ୍ ହୀନ। ପୁଲିସ୍ ତାଙ୍କ ଦରପୋଡ଼ା ଶବକୁ ଜୁଇରୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ୍ ମୋଟ ୧୦ଜଣଙ୍କୁ ଅଟକ ରଖିଥିବା ବେଳେ ଅଭିଯୁକ୍ତ ଦୁଇ ଶିକାରୀ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛନ୍ତି। ପୁଲିସ୍ ସେମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

ପୁଲିସ୍ ସୂଚନାନୁଯାୟୀ, ଗୁରୁବାର ରାତିରେ ନିକଟସ୍ଥ ବଧିସାହି ଗ୍ରାମର ସନ୍ତୋଷ ସାହୁ ଓ ମିଟୁ ପ୍ରଧାନ ଗୋଛା ଗ୍ରାମର ହୀନଙ୍କୁ ଡାକି ଶିକାର ଉଦ୍ଦେଶ୍ୟରେ ଗୋଛା ସଂରକ୍ଷିତ ଜଙ୍ଗଲକୁ ଯାଇଥିଲେ। ଶିକାର ସମୟରେ ଅସାବଧାନତାରୁ ଗୋଟିଏ ଗୁଳି ହୀନଙ୍କ ମୁଣ୍ଡରେ ବାଜିବାରୁ ସେହିଠାରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଶୁକ୍ରବାର ସକାଳୁ ଏହି ଖବର ପ୍ରଘଟ ହେବା ପରେ ଶିକାରୀମାନେ ଗୋଛା ଗ୍ରାମବାସୀଙ୍କୁ ପ୍ରଲୋଭିତ କରିଥିଲେ। ଗୋଛା ଗ୍ରାମବାସୀ ଗାଁରେ ଡକରା ଦେଇ କଙ୍ଗାରୁକୋର୍ଟ କରିଥିଲେ। ଏହି ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରାଯାଇଥିଲା। ହୀନଙ୍କ ପରିବାରଲୋକଙ୍କୁ ୪ଲକ୍ଷ ଟଙ୍କା ଓ ୩ମାଣ ଜମି ଦେଇ ତାଙ୍କୁ ମୁହଁ ବନ୍ଦ ରଖିବା ପାଇଁ କୁହାଯାଇଥିଲା। ଆପୋଷ ସମାଧାନରେ ସେମାନେ ସଫଳ ହେବା ପରେ ହୀନଙ୍କ ଶବକୁ ଜଙ୍ଗଲକୁ ନେଇ ନିଆଁ ଲଗାଇ ଦେଇଥିଲେ। କାଠ ସଂଗ୍ରହ କରି ଗ୍ରାମବାସୀ ଶବକୁ ନିଆଁ ଲଗାଇ ସାରିଥିଲେ।

ତେବେ କୌଣସି ସୂତ୍ରରୁ ଖବର ପାଇ ଶରଣକୁଳ ଏସ୍‌ଡିପିଓ ଦୀପ୍ତିକାନ୍ତ ପ୍ରଧାନ ଓ ଥାନା ଅଧିକାରୀ ପରମାନନ୍ଦ ଦଳେଇ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ବହୁ ଖୋଜାଖୋଜି କରିବା ପରେ ଜଙ୍ଗଲ ଭିତରୁ ଦରପୋଡ଼ା ଶବ ଜବତ କରିଥିଲେ। ନିଆଁ ଲିଭାଇ ଶବକୁ ଉଦ୍ଧାର କରିବା ପାଇଁ ପୁଲିସ୍ ଚେଷ୍ଟା କରିବା ବେଳେ ଗ୍ରାମବାସୀ ବିରୋଧ କରିଥିଲେ। ଶେଷରେ, ପୁଲିସ ଗ୍ରାମବାସୀଙ୍କୁ ବୁଝାସୁଝା କରି ଦରପୋଡ଼ା ଶବ ଜବତ କରିବାରେ ସଫଳ ହୋଇଥିଲା। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ଛାନ୍‌ଭିନ୍ କରିଛି। ଶବ ବ୍ୟବଚ୍ଛେଦ ପାଇଁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ତଥା ଶବ ପୋଡୁଥିବା ଗୋଛା ଗ୍ରାମର ୧୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ପୁଲିସ ଅଟକ ରଖିଛି। ଅପରପକ୍ଷେ, ଶିକାରୀ ଦୁଇଜଣ ବଧିସାହି ଗ୍ରାମର ସନ୍ତୋଷ ସାହୁ ଓ ମିଟୁ ପ୍ରଧାନ ଫେରାର୍ ହୋଇଯାଇଥିବା ସୂଚନା ମିଳିଛି। ଏହି ଘଟଣାରେ ଶରଣକୁଳ ଏସ୍‌ଡିପିଓ ଦୀପ୍ତିକାନ୍ତ ପ୍ରଧାନଙ୍କ ମତାମତ ନେବାରେ ଦରପୋଡ଼ା ଶବ ଜବତ ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା କହିଛନ୍ତି। ଘଟଣାର ଅନୁସନ୍ଧାନ ଚାଲିଛି, ତଦନ୍ତ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

**ଓଏଏସ୍ ସ୍ତରରେ ଏକ ଛୋଟ ଅଦଳବଦଳ**

## ବଦଳିରେ ବ୍ରହ୍ମପୁର ମହାନଗର ନିଗମ କମିସନର

**ଭୁବନେଶ୍ୱର, ୩୦।୫(ସମିସ):** ଓଏଏସ୍ ସ୍ତରରେ ଏକ ଛୋଟ ଅଦଳ ବଦଳ ହୋଇଛି। ଏନେଇ ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ପର୍ଯ୍ୟଟନ ବିଭାଗ ସ୍ୱତନ୍ତ୍ର ସଚିବ ବାଳମୁକୁନ୍ଦ ଭୂୟାଁଙ୍କୁ ପ୍ରାଥମିକ ଶିକ୍ଷାର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ଏହାସହିତ ମହିଳା ଓ ଶିଶୁ ବିକାଶ ବିଭାଗ ଅତିରିକ୍ତ ସଚିବ ସମ୍ବିତ କୁମାର ନାୟକଙ୍କୁ ପୁସ୍ତକ ପ୍ରକାଶନ ଓ ମାର୍କେଟିଂ ନିର୍ଦ୍ଦେଶକ ଭାବେ ବଦଳି ହୋଇଥିବା ବେଳେ ବ୍ରହ୍ମପୁର ମହାନଗର ନିଗମର କମିସନର ଭବାନୀ ପ୍ରଶାଦ ମିଶ୍ରଙ୍କୁ ପିଏମ୍ ପୋଷଣ ଓ ଏମ୍ଏମ୍ ପୋଷଣର ରାଜ୍ୟ ନୋଡାଲ୍ ଅଧିକାରୀ ଭାବେ ବଦଳି କରାଯାଇଛି। ଏହାସହିତ ଗତ ୨୩ ତାରିଖରେ ସୁରେନ୍ଦ୍ର କୁମାର ପଣ୍ଡାଙ୍କୁ ପିଏମ୍ ପୋଷଣ ଓ ଏମ୍ଏମ୍ ପୋଷଣର ନୋଡାଲ ଅଧିକାରୀ ଭାବେ ହୋଇଥିବା ବଦଳି ନିର୍ଦ୍ଦେଶକୁ ବାତିଲ କରାଯାଇଛି। ୩୧ ତାରିଖ ସୁଦ୍ଧା ଏହି ଅଧିକାରୀମାନଙ୍କୁ ରିଲିଭ ହେବା ସହ ନିଜର ନୂତନ କାର୍ଯ୍ୟସ୍ଥଳୀରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଉଚ୍ଚ ଶିକ୍ଷାନୁଷ୍ଠାନରେ ଅସୁରକ୍ଷିତ ଛାତ୍ରୀ

**ଅଧ୍ୟାପକଙ୍କ ବିରୋଧରେ ବଢୁଛି ନିର୍ଯାତନା ମାମଲା**

**ହେଉନି କାର୍ଯ୍ୟାନୁଷ୍ଠାନ; ଆଇସିସି ଗଠନକୁ ହେୟଜ୍ଞାନ**

**ଭୁବନେଶ୍ୱର, ୩୦।୫(ସମିସ):** ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଅସୁରକ୍ଷିତ ଛାତ୍ରୀ। ଖୋଦ୍ ଅଧ୍ୟାପକ ଓ ପ୍ରାଧ୍ୟାପକମାନଙ୍କ ବିରୋଧରେ ଆସୁଛି ଅସଦାଚରଣ ଅଭିଯୋଗ। ପ୍ରତିଟି ଅଭିଯୋଗର ଆଧାର ମଧ୍ୟ ରହିଛି। କେତେବେଳେ ସିସିଟିଭି ଭିଡିଓ ସାମ୍ନାକୁ ଆସୁଛି ତ ଆଉ କେତେବେଳେ ପ୍ରେମ ନିବେଦନର ଅଡିଓ ଭାଇରାଲ୍ ହେଉଛି। ଗତ ୨୦୨୪-୨୫ ଶିକ୍ଷାବର୍ଷରେ ଏପରି ମାମଲା ସଂଖ୍ୟା ଅଧିକ ବଢ଼ିଛି। ଏହାକୁ ନେଇ ଅଭିଭାବକଙ୍କ ମନରେ ଅକୁହା ଭୟ ଘାରିଥିବାବେଳେ ସରକାର ଆଖିବୁଜିଆ କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି। ଏପରିକି ବାଧ୍ୟତାମୂଳକ କରାଯାଇଥିବା ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ମଧ୍ୟ ବହୁ ଉଚ୍ଚଶିକ୍ଷାନୁଷ୍ଠାନରେ ଗଠନ କରା ନ ଯିବା ଛାତ୍ରୀଙ୍କ ସୁରକ୍ଷାକୁ ଅଧିକ ବିପନ୍ନ କରିଛି।

ନିକଟରେ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ଜଣେ ଆସୋସିଏଟ୍ ପ୍ରଫେସରଙ୍କ ବିରୋଧରେ ଜଣେ ପିଏଚ୍‌ଡି ଛାତ୍ରୀ ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ଏହାପୂର୍ବରୁ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ତତ୍କାଳୀନ କମ୍ପ୍ୟୁଟର ସାଇନ୍ସ ବିଭାଗର ଜଣେ ଅଧ୍ୟାପକଙ୍କ ବିରୋଧରେ ଇଗ୍ନୋରେ ପଢୁଥିବା ଜଣେ ଛାତ୍ରୀ ସଙ୍ଗିନ ଅଭିଯୋଗ ଆଣିବା ପରେ ବିଭାଗ ପକ୍ଷରୁ ତଦନ୍ତ କରାଯାଇ ସମ୍ପୃକ୍ତ ଅଧ୍ୟାପକଙ୍କୁ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟକୁ ବଦଳି କରାଯାଇଛି। ସେହିପରି ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ମହାବିଦ୍ୟାଳୟର ଜଣେ ଅଧ୍ୟାପକ ସିସିଟିଭିକୁ ଉପରମୁହାଁ କରି ଅନୈତିକ କାର୍ଯ୍ୟ କରୁଥିବା ପରି ଗୁରୁତର ଅଭିଯୋଗ ହୋଇଥିଲା। ତେବେ ଏହାର ସିସିଟିଭି ଭିଡିଓ ଭାଇରାଲ୍ ହେବା ପରେ ଛାତ୍ରଛାତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇବା ସହ ଅଧ୍ୟାପକଙ୍କ ବହିଷ୍କାର ଦାବି କରିଥିଲେ। ଅନୁରୂପ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ବି ଯୌନ ନିର୍ଯାତନାର ଅଭିଯୋଗ ଆସିଥିଲା। ଅର୍ଥନୀତି ବିଭାଗର ଅଧ୍ୟାପକ ସେହି ବିଭାଗର ଜଣେ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସେହିପରି ବରଗଡ଼ ଜିଲ୍ଲା ପଦମ୍ପୁର ଅଞ୍ଚଳ ମହାବିଦ୍ୟାଳୟର ଅର୍ଥନୀତି ପ୍ରାଧ୍ୟାପକ ଛାତ୍ରୀଙ୍କୁ ଅଶ୍ଳୀଳ ମେସେଜ୍ କରି ବିବାଦୀୟ ହୋଇଥିଲେ। ନିଜ ବିଭାଗର ଛାତ୍ରୀଙ୍କ ସହ ସମ୍ପୃକ୍ତ ପ୍ରାଧ୍ୟାପକଙ୍କ ଚାଟିଂର ସ୍କ୍ରିନ୍‌ସଟ୍ ପ୍ରଘଟ ହୋଇଥିଲା। ଏକାଧିକ ଛାତ୍ରୀଙ୍କ ସହ ସେ ଏଭଳି ଚାଟିଂ କରିଥିବା ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବିରେ ଛାତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ।

ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ଦିନକୁ ଦିନ ବିପନ୍ନ ହେଉଥିବାବେଳେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ବା ଆଇସିସି ମଧ୍ୟ ଗଠନ କରୁ ନାହାନ୍ତି। ରାଜ୍ୟର ଏକମାତ୍ର ମହିଳା ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ୪୮ଟି ମହିଳା ମହାବିଦ୍ୟାଳୟ ମଧ୍ୟରୁ ୨୪ଟିରେ ଗତ ଫେବୃଆରୀ ଶେଷ ସୁଦ୍ଧା ଆଇସିସି ଗଠନ ହୋଇ ନ ଥିଲା। ସେହିପରି ବହୁ ଉଚ୍ଚ ଶିକ୍ଷାନୁଷ୍ଠାନରେ ମଧ୍ୟ ଆଇସିସି ନାହିଁ। ଏଣୁ ଅନେକ ଅସଦାଚରଣ ଘଟଣା ପଦାକୁ ନ ଆସି ଚାପିହୋଇ ରହିଯାଉଛି। ଛାତ୍ର-ଶିକ୍ଷକ ସମ୍ପର୍କରେ କଳଙ୍କ ଲାଗୁଛି। ଅଧ୍ୟାପକଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ ବଢୁଥିବାବେଳେ ତ୍ୱରିତ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ଅଭିଭାବକ ଓ ଶିକ୍ଷାବିତ୍‌ମାନେ ଦାବି କରିଛନ୍ତି।

# ପୂର୍ବତନ ବିଧାୟକ ପ୍ରସନ୍ନ ପଟ୍ଟନାୟକଙ୍କ ପରଲୋକ

**ଶୋକ ବ୍ୟକ୍ତ କଲେ ବାଚସ୍ପତି, ମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳ ନେତା**



**କାମାକ୍ଷାନଗର, ୩୦।୫ (ସମିସ):** କାମାକ୍ଷାନଗର ନିର୍ବାଚନମଣ୍ଡଳୀରୁ ୩ଥର ବିଧାୟକ ନିର୍ବାଚିତ ହୋଇଥିବା ପ୍ରସନ୍ନ କୁମାର ପଟ୍ଟନାୟକଙ୍କ ପରଲୋକ ହୋଇଛି। ଅସୁସ୍ଥତା ଯୋଗୁଁ କିଛି ଦିନ ଧରି ସେ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଥିଲେ। ଗୁରୁବାର ବିଳମ୍ବିତ ରାତିରେ ସେଠାରେ ତାଙ୍କର ଦେହାନ୍ତ ହୋଇଯାଇଥିଲା। ଶୁକ୍ରବାର ତାଙ୍କ ମରଶରୀର କାମାକ୍ଷାନଗରସ୍ଥିତ ବାସଭବନରେ ପହଞ୍ଚିବା ପରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଓ ସାଧାରଣ ଲୋକ ପ୍ରବଳ ବର୍ଷା ସତ୍ତ୍ୱେ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର କରାଯିବ ବୋଲି ସୂଚନା ମିଳିଛି।

ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ବାଚସ୍ପତି ସୁରମା ପାଢ଼ୀଙ୍କ ସମେତ ବହୁ ରାଜନୈତିକ ବ୍ୟକ୍ତିବିଶେଷ ନିଜର ଶୋକ ପ୍ରକଟ କରିଛନ୍ତି। ବାଚସ୍ପତି ଶ୍ରୀମତୀ ପାଢ଼ୀ ଏକ ଶୋକବାର୍ତ୍ତାରେ କହିଛନ୍ତି ଯେ ଜନସେବା କ୍ଷେତ୍ରରେ ସ୍ୱର୍ଗତ ପଟ୍ଟନାୟକଙ୍କ ବହୁମୂଲ୍ୟ ଅବଦାନ ସବୁଦିନ ପାଇଁ ମନେ ରହିବ। ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସେ ଗଭୀର ସମବେଦନା ଜଣାଇଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକବ୍ୟକ୍ତ କରି କହିଛନ୍ତି ଯେ ଜଣେ କର୍ମଯୋଗୀ ନେତାଙ୍କୁ ଓଡ଼ିଶା ମାଟି ହରାଇଲା। ଶିକ୍ଷା, ସାମାଜିକ ସେବା ଏବଂ ରାଜନୈତିକ କ୍ଷେତ୍ରକୁ ଓଡ଼ିଶାର ପ୍ରଥମ ବିଜେପି ବିଧାୟକ ପ୍ରସନ୍ନ ପଟ୍ଟନାୟକଙ୍କ ଅବଦାନ ଅତୁଳନୀୟ। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୋକବ୍ୟକ୍ତ କରି କହିଛନ୍ତି, ପରଲୋକ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଉଛି ବୋଲି ନିଜ ଏକ୍ସ ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି।

ଛାତ୍ର ଜୀବନରୁ ରାଜନୀତିରେ ବେଶ୍ ସକ୍ରିୟ ଥିବା ପ୍ରସନ୍ନ ୧୯୭୭ରେ ସିଧାସଳଖ ରାଜନୀତିରେ ପ୍ରବେଶ କରିଥିଲେ। ମାତ୍ର ୨୮ ବର୍ଷ ବୟସରେ ଜନତା ପାର୍ଟିରୁ ସେ ବିଧାନସଭାରେ କାମାକ୍ଷାନଗରକୁ ପ୍ରଥମଥର ପ୍ରତିନିଧିତ୍ୱ କରିଥିଲେ। ପରେ, ୧୯୮୫ରେ ବିଜେପି ଟିକଟରେ ପ୍ରାର୍ଥୀ ହୋଇ ରାଜ୍ୟର ପ୍ରଥମ ବିଜେପି ବିଧାୟକ ଭାବେ ବିଜୟୀ ହୋଇଥିଲେ। ୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ସେ ଜନତା ଦଳ ଟିକଟରେ ନିର୍ବାଚିତ ହୋଇଥିଲେ।

# ସୂଚନା ନ ଦେବା ଅଧିକାରୀଙ୍କୁ ମହଙ୍ଗା ପଡ଼ିଲା

**■ ଅବସର ପରେ ବି ହେଲେ ଦଣ୍ଡିତ ହେଲେ**

**■ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ**

**ଭୁବନେଶ୍ୱର, ୩୦।୫(ସମିସ):** ସୂଚନା ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରିବା ସୂଚନା ଅଧିକାରୀଙ୍କୁ ମହଙ୍ଗା ପଡ଼ିଛି। ଅଧିକାରୀଙ୍କ ଅବସର ପରେ ବି ସୂଚନା ଆୟୁକ୍ତଙ୍କ ପାଖରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏଥିପାଇଁ ୧୦ ହଜାର ଟଙ୍କାର ଦଣ୍ଡବିଧାନ ମଧ୍ୟ କରାଯାଇଛି। ଏହି ଜରିମାନା ରାଶି ତୁରନ୍ତ ଦାଖଲ କରିବାକୁ କୁହାଯାଇଛି। ଜରିମାନା ଅର୍ଥ ନ ଭରିଲେ, ତାଙ୍କ ସରକାରୀ ପ୍ରାପ୍ୟରୁ କାଟି ରଖିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯାଜପୁର ଜିଲ୍ଲାରେ ଘଟିଛି ଏଭଳି ଘଟଣା। ଏହା ସାରା ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ସୂଚନା ଦେବାରେ ଅବହେଳା କରୁଥିବା ଅଧିକାରୀଙ୍କ ଭିତରେ ଛାନିଆ ପଶିଛି।

ସୂଚନାନୁସାରେ, ଯାଜପୁର ଜିଲ୍ଲା ଦିଆନପାଟନାର ଅରୂପ କୁମାର ପତି ଗତ ୨୯ ଅକ୍ଟୋବର ୨୦୨୦ରେ କେତେକ ତଥ୍ୟ ପାଇଁ ଦଶରଥପୁର ବିଡିଓ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ତତ୍କାଳୀନ ସୂଚନା ଅଧିକାରୀ ଏହାକୁ ନନ୍ଦିପୁର ଗ୍ରାମ ପଞ୍ଚାୟତ ସୂଚନା ଅଧିକାରୀଙ୍କ ନିକଟକୁ ହସ୍ତାନ୍ତର କରିଥିଲେ। ମାତ୍ର ଆବେଦନକାରୀଙ୍କୁ ସୂଚନା ଅଧିକାରୀ ରଞ୍ଜନ କୁମାର ବେହେରା ନିର୍ଦ୍ଧାରିତ ସମୟରେ ସୂଚନା ଦେଇନଥିଲେ। ଆବେଦନକାରୀ ସୂଚନା ଆୟୁକ୍ତଙ୍କ ନିକଟରେ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଥିଲେ। ଏହାପରେ ଆୟୁକ୍ତ ସମ୍ପୃକ୍ତ ଅଧିକାରୀ ନୋଟିସ୍ କରିଥିଲେ। ମାତ୍ର ଶ୍ରୀ ବେହେରା ହାଜର ହୋଇ ନିଜର ପକ୍ଷ ରଖିନଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ପକ୍ଷରେ ସେ ଉଲ୍ଲେଖ କରିଥିଲେ, କରୋନା ସମୟରେ ସେ ୩ଟି ପଞ୍ଚାୟତ ଦାୟିତ୍ୱରେ ଥିଲେ। ସୂଚନା ଦେବା ନିମିତ୍ତ ସେ ଆବେଦନକାରୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ ହେଁ ସମ୍ଭବ ହୋଇନଥିଲା। ପରେ ୨୦୨୧ ଏପ୍ରିଲ୍‌ରେ ଅଗ୍ନିକାଣ୍ଡ ଯୋଗୁଁ ସମସ୍ତ କାଗଜପତ୍ର ପୋଡ଼ି ଯାଇଥିଲା। ହେଲେ ରାଜ୍ୟ ସୂଚନା ଆୟୁକ୍ତ ସୁକାନ୍ତ କୁମାର ମହାନ୍ତି ପୂର୍ବତନ ଅଧିକାରୀଙ୍କ ଏହି କଥାକୁ ଗ୍ରହଣ କରିନଥିଲେ।

# ବିଧାୟକ ଯୋଗେଶ ସିଂହଙ୍କ ଅଟକକୁ ନିନ୍ଦାକଲା ବିଜେଡି

**ଭୁବନେଶ୍ୱର, ୩୦।୫(ସମିସ):** ସୁନ୍ଦରଗଡ଼ ଜିଲ୍ଲା ହେମଗିରି ବ୍ଲକର ବରପାଲି ଗ୍ରାମରେ, ଅଙ୍ଗନବାଡ଼ି, ସ୍କୁଲ ଓ ଗ୍ରାମାଞ୍ଚଳ ରାସ୍ତାରେ କୋଇଲା ବୋଝେଇ ଟ୍ରକ ପରିବହନକୁ ବିରୋଧ କରି ଓ ନିକଟସ୍ଥ କୋଇଲା ସାଇଡିଂର ସ୍ଥାନାନ୍ତର ଦାବିରେ ଧାରଣାରେ ବସିଥିବା ସୁନ୍ଦରଗଡ଼ ସଦର ବିଧାୟକ ଯୋଗେଶ ସିଂହ ଓ ଅନ୍ୟ ୬୬ ଜଣ ଗ୍ରାମବାସୀଙ୍କୁ ପୁଲିସ ଉଠାଇନେଇ ଅଟକ ରଖିବା ଘଟଣାକୁ ବିଜୁ ଜନତା ଦଳ ନିନ୍ଦା କରିଛି। ଶଙ୍ଖ ଭବନ ଠାରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଓ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡଃ ଲେନିନ ମହାନ୍ତି କହିଛନ୍ତି, ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିଥିବା ଗ୍ରାମବାସୀ ଓ ବିଧାୟକଙ୍କୁ ଏପରି ଉଠାଇନେବା ସମ୍ପୂର୍ଣ୍ଣ ଭାବେ ଅଗଣତାନ୍ତ୍ରିକ। ଏହି ଅଞ୍ଚଳରେ ଏକ କୋଇଲା ସାଇଡିଂ ନିର୍ମାଣ କରାଯାଇ ଶହ ଶହ କୋଇଲା ବୋଝେଇ ଟ୍ରକ ଗ୍ରାମାଞ୍ଚଳ ରାସ୍ତା ଦେଇ ଯିବା ଆସିବା କରୁଛି। ଏହି ସାଇଡିଂ ନିର୍ମାଣ ପାଇଁ ଗ୍ରାମସଭା ଆୟୋଜନ ହୋଇନାହିଁ। ପ୍ରତିଦିନ ଶହ ଶହ କୋଇଲା ବୋଝେଇ ଟ୍ରକ ଗ୍ରାମାଞ୍ଚଳ ରାସ୍ତା ଦେଇ ଯିବା ଆସିବା କରୁଥିବାରୁ, ସ୍ଥାନୀୟ ବାସିନ୍ଦା ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ, ସୁନ୍ଦରଗଡ଼ ବିଧାୟକ ଯୋଗେଶ ସିଂହ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହିତ ଏହି ରାସ୍ତାର ଦାୟିତ୍ୱରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଚିଠି ଲେଖି ଏହି ରାସ୍ତା କୋଇଲା ବୋଝେଇ ଟ୍ରକ ଯିବାପାଇଁ ଉପଯୋଗୀ ନୁହେଁ ବୋଲି ଜଣାଇଥିଲେ। ଶ୍ରୀ ମିଶ୍ର ଆହୁରି କହିଥିଲେ, ଏହି ସମ୍ବନ୍ଧରେ ଗ୍ରାମବାସୀଙ୍କ ତରଫରୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଏକ ମାମଲା ରୁଜୁ ହୋଇଥିଲା। ଯାହାର ଶୁଣାଣି ଆସନ୍ତା ଜୁନ ୨୫ ତାରିଖକୁ ଧାର୍ଯ୍ୟ ହୋଇଛି। ମାମଲା ଉଚ୍ଚ ନ୍ୟାୟାଳୟରେ ଶୁଣାଣି ହେବାକୁ ଥିବାବେଳେ ଓ ଗ୍ରାମବାସୀ ମାନେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବା ବେଳେ, ଗ୍ରାମବାସୀଙ୍କ ସହ ଜଣେ ଲୋକ ପ୍ରତିନିଧିଙ୍କୁ ଯେଉଁଭଳି ଭାବେ ଉଠାଇ ନିଆଯାଇଛି, ତାହା ଗଣତନ୍ତ୍ର ପ୍ରତି କୁଠାରଘାତ। କାହା ଇଙ୍ଗିତରେ ଏହି ଅଗଣତାନ୍ତ୍ରିକ କାର୍ଯ୍ୟ ହୋଇଛି ତାହା ସ୍ପଷ୍ଟ ହେବା ଦରକାର ବୋଲି ଶ୍ରୀ ମିଶ୍ର ପ୍ରଶ୍ନ କରିଛନ୍ତି। ଡଃ ଲେନିନ ମହାନ୍ତି କହିଥିଲେ, ଜଣେ ଜନ ପ୍ରତିନିଧିଙ୍କୁ ଏପରି ଅଗଣତାନ୍ତ୍ରିକ ଭାବେ ଅଟକ ରଖିବାକୁ ବିଜୁ ଜନତା ଦଳ ତୀବ୍ର ନିନ୍ଦା କରୁଛି। ଗ୍ରାମବାସୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ, ବେନିୟମ ଭାବେ ସାଇଡିଂ ନିର୍ମାଣ କାହା ସ୍ୱାର୍ଥରେ ବୋଲି ଡଃ ମହାନ୍ତି ପ୍ରଶ୍ନ କରିଛନ୍ତି।

**ରଥଯାତ୍ରା ଖର୍ଚ୍ଚ ୩୪ କୋଟି**

# ମାଉସୀ ମା'ର ପୋଡ଼ପିଠା ପାଇଁ ଟଙ୍କା ନିଅଣ୍ଟ



**ପୋଡ଼ପିଠା ବାବଦ ଖେଇ ମିଳୁଛି ୩୫୦୦ ଟଙ୍କା**

**ଅର୍ଥରାଶି ବୃଦ୍ଧିକୁ ଶ୍ରୀମନ୍ଦିର ପ୍ରଶାସନର ଅଣଦେଖା**

**ପୁରୀ, ୩୦।୫ (ସମିସ):** ରଥଯାତ୍ରା ପାଇଁ ପ୍ରତିବର୍ଷ ବଜେଟ୍ ବଢୁଛି। ଗତବର୍ଷ ଏହା ୨୩କୋଟିରେ ସୀମିତ ଥିବା ବେଳେ ଏବର୍ଷ ୩୪କୋଟିରେ ପହଞ୍ଚିଛି। ଅର୍ଥାତ୍ ଗୋଟିଏ ବର୍ଷରେ ବଜେଟ୍ ବଢ଼ିଛି ୧୧କୋଟି। କିନ୍ତୁ ରଥଯାତ୍ରାର ଗୋଟିଏ ଅଂଶ ମାଉସୀ ମା'ର ପୋଡ଼ପିଠା ପାଇଁ ଖର୍ଚ୍ଚ ବଢୁନି। ୨୦୧୫ରେ ଛେନା, ଘିଅ, ଚିନି ଆଦି ଦାମ୍ ଯାହା ଥିଲା, ତାହା ହିଁ ରହିଛି। ୧୦ବର୍ଷରେ କୌଣସି ସାମଗ୍ରୀର ଖର୍ଚ୍ଚ ବଢ଼ିନି। ଏକଥା ଆମେ କହୁନୁ; କହୁଛି ଶ୍ରୀମନ୍ଦିର ପ୍ରଶାସନ। ପ୍ରତିବର୍ଷ ସେବକଙ୍କ ପ୍ରାପ୍ୟ ପାଉଣା ଏବଂ ଖେଇ ବଢ଼ି ଚାଲିଥିବା ବେଳେ ମାଉସୀ ମା'ଙ୍କ ସ୍ନେହର ପୋଡ଼ପିଠା ପ୍ରତି କିନ୍ତୁ ଅବହେଳା ଏବଂ ଅଣଦେଖା କରାଯାଉଛି। ପ୍ରତିବର୍ଷ ମନ୍ଦିର ପକ୍ଷରୁ ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କୁ ଖେଇ ବୃଦ୍ଧି ପାଇଁ ଚିଠି କରାଯାଉଛି। ହେଲେ, ନୀତି ପ୍ରଶାସକ ସାଜିଛନ୍ତି ନିଦାବିଷ୍ଣୁ। ତଥାପି, ପୋଡ଼ପିଠା ମାନରେ କି ପରିମାଣରେ ହ୍ରାସ କରାଯାଉନି ବରଂ ଚାହିଦାକୁ ଦେଖି ବଢ଼ିବଢ଼ି ଚାଲିଛି।

ମହାପ୍ରଭୁ ହେଉଛନ୍ତି ଭୋଜନପ୍ରିୟ। ସେଥିପାଇଁ ଠାକୁରଙ୍କ ନିକଟରେ ଷାଠିଏ ପଉଟି ଭୋଗ ଓ ଛପନ ପ୍ରକାର ବ୍ୟଞ୍ଜନର ବ୍ୟବସ୍ଥା ରହିଛି। ତଥାପି ପିଠା ଖାଇବା ପାଇଁ ମହାପ୍ରଭୁଙ୍କର ଥାଏ ବିଶେଷ ଅଭିରୁଚି। ଭାଦ୍ରବ ଅମାବାସ୍ୟା ପୂର୍ବଦିନ ମହାପ୍ରଭୁ ଦେବୀ ଦକ୍ଷିଣକାଳୀଙ୍କୁ ଆଜ୍ଞାମାଳ ଦେଇ ସାତପୁରୀ ପିଠା କରିବା ପାଇଁ ଆଜ୍ଞା ଦେଇଥା'ନ୍ତି। ତାଙ୍କ ଆଜ୍ଞାକୁ ପାଳନ କରି ମା' ଦକ୍ଷିଣକାଳୀ ଅମାବାସ୍ୟା ଦିନ ତିନିଟି ତାଡ଼ରେ ୭ ପ୍ରକାର ପୂରଦିଆ ସୁଆଦିଆ ପିଠା ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ଖୁଆଇଥା'ନ୍ତି। ସେହିପରି ମକର ସଂକ୍ରାନ୍ତି ଦିନ ସ୍ୱୟଂ ମହାଲକ୍ଷ୍ମୀ ୮୪ପ୍ରକାରର ପିଠା ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ମଣୋହି କରାଇଥା'ନ୍ତି। ଏହାବ୍ୟତୀତ ପ୍ରତିଦିନ ବିଭିନ୍ନ ପ୍ରକାର ପିଠା ଠାକୁରଙ୍କୁ ଭୋଗ ଲାଗିଥାଏ। ଏହା ସତ୍ତ୍ୱେ ମାଉସୀ ମା'ଙ୍କଠାରୁ ପୋଡ଼ପିଠା ଖାଇବା ପାଇଁ ଅପେକ୍ଷା କରିଥା'ନ୍ତି ମହାପ୍ରଭୁ। ଶ୍ରୀଗୁଣ୍ଡିଚା ଯାତ୍ରାରେ ଯାଇ ବାହୁଡ଼ିବା ବେଳେ ମହାପ୍ରଭୁ ମାଉସୀ ମା' ଘରେ ପୋଡ଼ପିଠା ଖାଇ ଶ୍ରୀମନ୍ଦିର ଫେରିଥା'ନ୍ତି ବୋଲି ଜନଶ୍ରୁତି ରହିଛି। ମହାପ୍ରଭୁଙ୍କ ମାନବୀୟ ଲୀଳାରେ ଏହି ପରମ୍ପରା କେଉଁ ଅନାଦି କାଳରୁ ରହିଆସିଛି।

ପ୍ରତିବର୍ଷ ହେରାପଞ୍ଚମୀଠାରୁ ମାଉସୀ ମା' ମନ୍ଦିରରେ ପୋଡ଼ପିଠା ପ୍ରସ୍ତୁତି ଆରମ୍ଭ ହୋଇଥାଏ। ଛେନା, ଅଟା, ଚିନି, ଲବଙ୍ଗ, ପିସ୍ତାବାଦାମ ଏବଂ ଦେଶୀ ଗାଈ ଘିଅ ମିଶାଯାଇ ଏକ ମିଶ୍ରଣ ପ୍ରସ୍ତୁତ କରାଯାଇଥାଏ। ବାହୁଡ଼ା ଦିନ ରଥ ମାଉସୀ ମା' ମନ୍ଦିର ନିକଟରେ ଅଟକିବା ପରେ ପୂଜାପଣ୍ଡା ସାମନ୍ତ ଆସି ମାଉସୀ ମା' ନିକଟରେ ଭୋଗ କରିବା ପରେ ରଥାରୂଢ଼ ଠାକୁରଙ୍କୁ ଏହାକୁ ସମର୍ପଣ କରିଥା'ନ୍ତି। ଏହାକୁ ସର୍ପମଣୋହୀ ଭୋଗ କୁହାଯାଏ। ବର୍ଷକୁ ଥରେ ଏହି ପୋଡ଼ପିଠା ମିଳୁଥିବାରୁ ଏହାକୁ ପାଇବା ପାଇଁ ଭକ୍ତଙ୍କ ମଧ୍ୟରେ ନାହିଁ ନ ଥିବା ଆଗ୍ରହ ଦେଖିବାକୁ ମିଳେ।

ପୋଡ଼ପିଠା ପ୍ରସ୍ତୁତି ପାଇଁ ପୂର୍ବରୁ ମାତ୍ର ୫୦୦ ଟଙ୍କା ଶ୍ରୀମନ୍ଦିର ପ୍ରଶାସନ ଖେଇ ଆକାରରେ ଦେଉଥିଲା। ୨୦୧୫ନବକଳେବର ବର୍ଷ ଏହି ଖେଇ ଅର୍ଥ ୩୫୦୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ଇତିମଧ୍ୟରେ ୧୦ବର୍ଷ ବିତିଗଲାଣି; ପୋଡ଼ପିଠା ପାଇଁ ଆବଶ୍ୟକ ସାମଗ୍ରୀ ଯଥା- ଛେନା, ଶୁଦ୍ଧ ଘିଅ, ଲବଙ୍ଗ, ଅଳେଇଚ, ଅଟା, ପିସ୍ତା, ଜାଳେଣୀ କାଠର ଦରବୃଦ୍ଧି ପାଉଥିଲେ ମଧ୍ୟ ଖେଇ ରାଶି ବଢୁନି। ଏନେଇ ପ୍ରତିବର୍ଷ ମାଉସୀ ମା' ମନ୍ଦିର ପକ୍ଷରୁ ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କୁ ପୋଡ଼ପିଠା ବାବଦ ଖେଇ ଅର୍ଥ ବୃଦ୍ଧି ପାଇଁ ଚିଠି କରାଯାଉଛି। ଅତି କମ୍‌ରେ ୨୦ହଜାର ଟଙ୍କା ଖର୍ଚ୍ଚ ହେଉଛି। ତଥାପି ଭକ୍ତଙ୍କ ଚାହିଦା ପୂରଣ ହୋଇପାରୁନାହିଁ। ତେଣୁ ଏ ବାବଦ ଅର୍ଥରାଶି ବୃଦ୍ଧି କରାଗଲେ ଅଧିକ ପରିମାଣର ପୋଡ଼ପିଠା ପ୍ରସ୍ତୁତ କରାଯାଇ ଶ୍ରଦ୍ଧାଳୁଙ୍କୁ ପ୍ରଦାନ କରାଯାଇପାରନ୍ତା ବୋଲି ଅନୁରୋଧ କରାଯାଉଛି। ହେଲେ ନୀତି ପ୍ରଶାସକ କିଛି ଶୁଣୁନାହାନ୍ତି। ଯେଉଁଠି ରଥଯାତ୍ରା ପାଇଁ ୩୪ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି, ସେଠି ମାଉସୀ ମା'ର ପୋଡ଼ପିଠା ପାଇଁ ଟଙ୍କା ନିଅଣ୍ଟ ପଡ଼ିବା ହାସ୍ୟାସ୍ପଦ ବୋଲି ଚର୍ଚ୍ଚା ହେଉଛି।

# ନିଶ୍ଚିନ୍ତକୋଇଲି ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଖାରଜ

**ଭୁବନେଶ୍ୱର, ୩୦।୫ (ସମିସ):** ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ରୋଜୀ ସେଠୀଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ କାଟ୍ ଖାଇଛି। କୋରମ୍ ଅଭାବରୁ ଏହି ଅନାସ୍ଥା ପ୍ରସ୍ତାବ ଖାରଜ ହୋଇଯାଇଛି। ସମୁଦାୟ ୮୬ ଜଣ ସଦସ୍ୟଙ୍କ ମଧ୍ୟରୁ କେବଳ ୬ଜଣ ଆଜିର ଅନାସ୍ଥା ବୈଠକରେ ଉପସ୍ଥିତ ରହିବାରୁ ଏହି ଅନାସ୍ଥା କାଟ୍ ଖାଇବା ସହ ବିଜୁ ଜନତା ଦଳ ସମର୍ଥିତ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ସେଠୀ ନିଜ ପଦବୀ ବଜାୟ ରଖିଛନ୍ତି ବୋଲି ବିଜେଡି ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡଃ ଲେନିନ୍ ମହାନ୍ତି ସୂଚନା ଦେଇଛନ୍ତି।

ଡଃ ମହାନ୍ତି କହିଛନ୍ତି ଯେ ମାହାଙ୍ଗା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତିରେ ରାଜନୈତିକ ଅସ୍ଥିରତା ସୃଷ୍ଟି କରିବା ପାଇଁ ଉଦ୍ୟମ ହୋଇ ଆସୁଥିଲା। ସ୍ୱାଧୀନ ବିଧାୟକ ସାରଦା ପ୍ରଧାନଙ୍କ ଚାପରେ ଆଗତ ଅନାସ୍ଥା ପ୍ରସ୍ତାବ ପାଇଁ ମେ' ୧୩ ତାରିଖରେ ଦିନ ଧାର୍ଯ୍ୟ ହୋଇଥିଲେ ମଧ୍ୟ ଆବଶ୍ୟକ ସମର୍ଥନ ଜୁଟାଇ ନ ପାରିବା କାରଣରୁ କିଛି ସଦସ୍ୟଙ୍କ ସ୍ୱାସ୍ଥ୍ୟ ଖରାପ ଆଳ ଦେଖାଇ ଏହାକୁ ଷଡ଼ଯନ୍ତ୍ର ପୂର୍ବକ ଘୁଞ୍ଚାଇ ଦିଆଯାଇଥିଲା। ଆଜି ନିର୍ବାଚନ ଅଧିକାରୀ ଅନାସ୍ଥା ପ୍ରସ୍ତାବ ଆଲୋଚନା ପାଇଁ ଦିନ ଧାର୍ଯ୍ୟ କରିଥିଲେ। କିନ୍ତୁ ଅନାସ୍ଥା ପ୍ରସ୍ତାବ ଆଗତ କରିଥିବା ସଭ୍ୟସଭ୍ୟାମାନେ ମଧ୍ୟ ବୈଠକରେ ଉପସ୍ଥିତ ରହି ନ ଥିଲେ। ୮୬ ଜଣ ଭୋଟରଙ୍କ ମଧ୍ୟରୁ କେବଳ ୬ଜଣ ଉପସ୍ଥିତ ଥିବା କାରଣରୁ ଅନାସ୍ଥା ପ୍ରସ୍ତାବ ଆଲୋଚନା ହୋଇପାରିଲା ନାହିଁ। ଡଃ ମହାନ୍ତି ଆହୁରି ମଧ୍ୟ କହିଛନ୍ତି ଯେ ପଞ୍ଚାୟତ ସମିତିରେ ବେନିୟମ ଓ ଦୁର୍ନୀତି କରିବା ପାଇଁ ବିଧାୟକ ସାରଦା ପ୍ରଧାନଙ୍କ ଚାପ ଆଗରେ ମୁଣ୍ଡ ନ ନୁଆଁଇବାରୁ ଅଧ୍ୟକ୍ଷା ଶ୍ରୀମତୀ ସେଠୀଙ୍କ ବିରୋଧରେ ଏହି ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଥିଲା। କିନ୍ତୁ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତିର ପିଆର୍‌ଆଇ ସଦସ୍ୟମାନେ ବିଧାୟକଙ୍କ ଏହି ଷଡ଼ଯନ୍ତ୍ରକୁ ବୁଝିପାରି ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଭୋଟ ଦାନରୁ ବିରତ ରହିଲେ।



## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ବ୍ୟବହାରରେ ଖୁସି ହେବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ କିଣାକିଣିରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବାଦବିବାଦ ତଥା ଧାରକରଜରୁ ଦୂରେଇ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟାର ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ। ସନ୍ତାନ ସୁଖ ପ୍ରାପ୍ତ ହେବ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ବନ୍ଧରେ ତିକ୍ତତା ଦେଖା ଦେବ। ଜୀବନସାଥୀଙ୍କଠାରୁ ଉପହାର ପାଇବେ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝାମଣା ଦୂର ହେବ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଛାତ୍ରଛାତ୍ରୀଙ୍କୁ ପରିଶ୍ରମର ଉଚିତ ଫଳ ମିଳିବ।

**ତୁଳା:** ବୁଝିବିଚାରି ନିଷ୍ପତ୍ତି ନିଅନ୍ତୁ। କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହେବ।

**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। ତୈଳାକ୍ତ ଖାଦ୍ୟ ପଦାର୍ଥରୁ ଦୂରେଇ ରହିବେ।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଆର୍ଥିକ ସ୍ଥିତି ମଜଭୁତ ହେବ। ପରିବାର ସଦସ୍ୟଙ୍କୁ ସମୟ ଦେବେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବିରୋଧୀଙ୍କଠାରୁ ଦୂରେଇ ରହିବେ। ଅଧିକ ଖର୍ଚ୍ଚାନ୍ତ ହେବେ।


**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୭୨୫-ଭାରତୀୟ ବୀରରମଣୀ ଅହଲ୍ୟାବାଇ ହୋଲ୍‌କରଙ୍କ ଜନ୍ମ।
- ୧୯୫୯- ତିବ୍ବତୀୟ ଧର୍ମଗୁରୁ ଦଲାଇଲାମା ଭାରତରେ ଶରଣ ନେଲେ।
- ୧୯୬୪- ବମ୍ବେରେ ଇଲେକ୍ଟ୍ରିକ୍ ଟ୍ରାମ୍ ଶେଷଥର ପାଇଁ ଚାଲିଲା।
- ୧୯୯୬- ବେଞ୍ଜାମିନ୍ ନେତାନ୍ୟାହୁ ଇସ୍ରାଏଲର ପ୍ରଧାନମନ୍ତ୍ରୀ ହେଲେ।
- ୨୦୦୮ - ବିଶ୍ୱର ମହାନ୍ ସ୍ପ୍ରିଣ୍ଟର୍ ଉସେନ୍ ବୋଲ୍ଟ ୯.୭୨ ସେକେଣ୍ଡରେ ୧୦୦ ମିଟର ଦୌଡ଼ି ବିଶ୍ୱ ରେକର୍ଡ କଲେ।

# ବିଶ୍ୱ ତମାଖୁ ବର୍ଜନ ଦିବସ

## ଧୂଆଁ ନେଉଛି ଜୀବନ



ସ୍ୱାସ୍ଥ୍ୟ ଉପରେ ତମାଖୁର କୁପ୍ରଭାବ ବିଷୟରେ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ ୩୧ ତାରିଖକୁ 'ବିଶ୍ୱ ତମାଖୁ ବର୍ଜନ ଦିବସ' ବା 'ୱାର୍ଲ୍ଡ୍ ନୋ ଟୋବାକୋ ଡେ' ଭାବେ ପାଳନ କରାଯାଏ। ତମାଖୁ ସେବନ ଏବେ ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଭାବେ ଉଭା ହେବା ସହ ଏହା ବାର୍ଷିକ ଲକ୍ଷ ଲକ୍ଷ ଲୋକଙ୍କ ମୃତ୍ୟୁର କାରଣ ପାଲଟିଛି। ତମାଖୁ ସେବନର ବ୍ୟାପକତା ଓ ଜନସ୍ୱାସ୍ଥ୍ୟ ଉପରେ ଏହାର ନକାରାତ୍ମକ ପ୍ରଭାବକୁ ଦୃଷ୍ଟିରେ ରଖି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ୧୯୮୭ ମସିହାରୁ ତମାଖୁ ବର୍ଜନ ଦିବସ ପାଳନର ପରିକଳ୍ପନା କରିଥିଲା। ୧୯୮୮ ମସିହା ମେ ୩୧ ତାରିଖରେ ପ୍ରଥମ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଥିଲା। ତମାଖୁ ସେବନ ନିୟନ୍ତ୍ରଣ ପାଇଁ ଆଗୁଆ ପଦକ୍ଷେପ ଗ୍ରହଣ କରିବା ଏବଂ ଧୂମପାନ କରୁଥିବା ବ୍ୟକ୍ତିଙ୍କୁ ଏଥିରୁ ନିବୃତ୍ତ ରହିବାରେ ସାହାଯ୍ୟ କରିବା ଏହି ଦିବସ ପାଳନ କରିବାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଲୋକଙ୍କୁ ତମାଖୁ ସେବନ ଜନିତ ସ୍ୱାସ୍ଥ୍ୟ ସମସ୍ୟା, ଏହାର ଭୟାବହତା ଏବଂ ଏଥିରୁ ଦୂରେଇ ରହିବା ପାଇଁ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସର ମୂଳ ଉଦ୍ଦେଶ୍ୟ। ତମାଖୁ ସେବନ ଶରୀର ପ୍ରତି କ୍ଷତିକାରକ ଥିଲେ ମଧ୍ୟ କିଛି ଲୋକ ଜାଣିଶୁଣି ଏହାକୁ ସେବନ କରୁଛନ୍ତି, ଆଉ କିଛି ଲୋକ ସଚେତନତାର ଅଭାବ ଯୋଗୁ ଖରାପ ପ୍ରଭାବ ବିଷୟରେ ଜାଣି ନ ପାରି ସେବନ କରୁଛନ୍ତି। ତମାଖୁ ଦ୍ୱାରା ଆମ ଶରୀରରେ ଅନେକ ପ୍ରାଣଘାତୀ ରୋଗ ହୋଇଥାଏ। ଏହାଦ୍ୱାରା କର୍କଟ, ହୃଦ୍‌ରୋଗ, ଶ୍ୱାସରୋଗ ଆଦି ରୋଗ ହେବା ଆଶଙ୍କା ଥାଏ। ତମାଖୁ କେବଳ ଆମର ସ୍ୱାସ୍ଥ୍ୟ ନୁହେଁ, ବରଂ ପରିବେଶକୁ କ୍ଷତିଗ୍ରସ୍ତ କରିଥାଏ। ଏଥିରେ ମୁଖ୍ୟ ରସାୟନ ହେଉଛି ନିକୋଟିନ୍। ଯାହାର ଅତ୍ୟଧିକ ସେବନ ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟ ଉପରେ ମଧ୍ୟ ଏହା ପ୍ରଭାବ ପକାଇଥାଏ। ଗର୍ଭପାତ, ସମୟ ପୂର୍ବରୁ ଜନ୍ମ ଓ ମୃତ ଛୁଆ ମଧ୍ୟ ଜନ୍ମ ହେବାର ଆଶଙ୍କା ରହିଛି। ଅନ୍ୟପଟେ କ୍ରମାଗତ ତମାଖୁ ସେବନ ଦ୍ୱାରା ମଣିଷର ପ୍ରତିଟି ଅଙ୍ଗ ପ୍ରଭାବିତ ହୁଏ। ଯାହାଫଳରେ ବ୍ୟକ୍ତି ମୃତ୍ୟୁମୁଖରେ ପଡ଼େ। ଏ ଦୃଷ୍ଟିରୁ ଏହାକୁ 'ନିରବ ଘାତକ' ବୋଲି ମଧ୍ୟ କୁହାଯାଏ। ତମାଖୁର ହାନିକାରକ ପ୍ରଭାବ କେବଳ ଧୂମପାନ କରୁଥିବା ବ୍ୟକ୍ତିଙ୍କ ମଧ୍ୟରେ ସୀମିତ ନାହିଁ; ଯେଉଁ ଲୋକେ ଏହାକୁ ସେବନ ନ କରି ମଧ୍ୟ ଧୂଆଁ ସଂସ୍ପର୍ଶରେ ଆସୁଛନ୍ତି ସେମାନଙ୍କର ମଧ୍ୟ ହୃଦ୍‌ରୋଗ, ଶ୍ୱାସକ୍ରିୟାରେ ସମସ୍ୟା, କର୍କଟରେ ଆକ୍ରାନ୍ତ ହେବା ଆଶଙ୍କା ରହୁଛି। ପ୍ରତିବର୍ଷ ଏହି ଦିବସ ପାଇଁ ଏକ ସ୍ୱତନ୍ତ୍ର ଥିମ୍ ରହିଥାଏ। ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି, "Unmasking the Appeal: Exposing Industry Tactics on Tobacco and Nicotine Products."

## ପ୍ରକୃତ ମାନବତା


# ଖରାରୁ ବଳଦକୁ ଦେଲେ ସୁରକ୍ଷା

ଏକଦା ଗ୍ରାମାଞ୍ଚଳରେ ଯାତାୟତ ଏବଂ ଜିନିଷ ପରିବହନର ମାଧ୍ୟମ ଥିଲା ବଳଦ ଗାଡ଼ି। ଏବେ କାଁ ଭାଁ ବଳଦ ଗାଡ଼ି ଦେଖିବାକୁ ମିଳୁଛି। ଏହାରି ଭିତରେ ସାମାଜିକ ଗଣମାଧ୍ୟମରେ ଏମିତି ଏକ ବଳଦ ଗାଡ଼ିର ଫଟୋ ସେୟାର୍ କରାଯାଇଛି; ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ତେବେ ଏହି ଫଟୋଟି ମାନବତା ଏବଂ ପ୍ରାଣୀଙ୍କ ପ୍ରତି ସମ୍ବେଦନଶୀଳତାର ଏକ ସୁନ୍ଦର ଉଦାହରଣ ସୃଷ୍ଟି କରିଛି। ସେହିପରି ବଳଦ ଗାଡ଼ି ଉପରେ ବନ୍ଧା ଯାଇଥିବା ଅଖା ହେଉଛି ଏହାର ମୁଖ୍ୟ ଆକର୍ଷଣ। କାରଣ ବଳଦଟିକୁ ଖରାରୁ ସୁରକ୍ଷା ଦେବା ଲାଗି ଏହି ବ୍ୟବସ୍ଥା କରାଯାଇଛି। ଅନ୍ୟପଟେ ବଳଦଗାଡ଼ି ମାଲିକଙ୍କ ଏହି ବ୍ୟବସ୍ଥାକୁ ଦେଖି ତାଙ୍କର ଖୁବ୍ ପ୍ରଶଂସା କରାଯାଉଛି। ଫଟୋରୁ ଦେଖିବାକୁ ମିଳୁଛି ଯେ, ବଳଦଗାଡ଼ିରେ ବାଉଁଶ ଲାଗିଛି ଏବଂ ଏହା ଉପରେ ଅଖାକୁ ବନ୍ଧା ଯାଇଛି। ଯେଭଳି ଏହା ବଳଦକୁ ଖରାରୁ ଛାୟା ପ୍ରଦାନ କରିବ। ଅବଶ୍ୟ ଏହି ବ୍ୟବସ୍ଥା ଯୋଗୁଁ ଖରାରେ ବି ବଳଦଟି ଗାଡ଼ିକୁ ଆରାମରେ ଟାଣିପାରିବ ବୋଲି କୁହାଯାଉଛି। ଅନ୍ୟପଟେ ଏହି ବ୍ୟବସ୍ଥା ପ୍ରକୃତ ମାନବତାର ଉଦାହରଣ ସୃଷ୍ଟି କରିଛି। ସେହିପରି ପ୍ରାଣୀଙ୍କୁ କେବଳ କାମରେ ନୁହେଁ, ବରଂ ସେମାନଙ୍କର ଯତ୍ନ ନେବା ଦରକାର ବୋଲି ଲୋକେ କହିଛନ୍ତି।



# ଦୀପିକାଙ୍କ ଉପରେ ଖପ୍ପା ସନ୍ଦୀପ

ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍ ସବୁବେଳେ ବିବାଦରୁ ଦୂରେଇ ରହିଥାନ୍ତି। ଏବେ କିନ୍ତୁ ଦୀପିକାଙ୍କ ନାମ ଏକ ବଡ଼ ବିବାଦ ମଧ୍ୟରେ ଛନ୍ଦି ହୋଇଯାଇଛି। ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କ ଅଭିନୀତ 'ସ୍ପିରିଟ୍'ରୁ ଦୀପିକାଙ୍କୁ ବାଦ୍ ଦିଆଯାଇଛି ବୋଲି ନିକଟରେ କିଛି ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଥିଲା। ଏହାପରେ ଫିଲ୍ମର କାହାଣୀ ଲିକ୍ ହୋଇଥିବା ଚର୍ଚ୍ଚା ହେବାକୁ ଲାଗିଲା। ଏଥିପାଇଁ ସନ୍ଦୀପ ଏବେ ଦୀପିକାଙ୍କ ଉପରେ ଖପ୍ପା। ଏଥିପାଇଁ ସେ ଦୀପିକା ଏବଂ ତାଙ୍କ ପିଆର୍ ସଂସ୍ଥାକୁ ଦାୟୀ କରିଛନ୍ତି। ସନ୍ଦୀପ ଦୀପିକାଙ୍କ ନାଁ ନ ନେଇ ଟ୍ୱିଟ୍ ମାଧ୍ୟମରେ ତାଙ୍କୁ ଟାର୍ଗେଟ୍ କରିଛନ୍ତି। ସେ ଏଥିରେ ଉଲ୍ଲେଖ କରିଛନ୍ତି ଯେ- 'ଯେତେବେଳେ ମୁଁ କୌଣସି କଳାକାରଙ୍କୁ ଫିଲ୍ମର କାହାଣୀ ଶୁଣାଏ ସେତେବେଳେ ତାଙ୍କ ଉପରେ ଶତ ପ୍ରତିଶତ ଭରସା କରେ। ଆମେ ଭିତରେ NDA(Non Disclosure Agreement) ହୋଇଥାଏ। ତୁମଠାରୁ ଜଣେ ଛୋଟ ଅଭିନେତ୍ରୀଙ୍କୁ ନୀଚା ଦେଖାଇ ତଥା ମୋ କାହାଣୀକୁ ପ୍ରକାଶ କରି ତୁମେ କେମିତିକା ମଣିଷ ଜଣେଇ ଦେଲ। ଜଣେ ଫିଲ୍ମ ନିର୍ମାତା ଭାବେ ମୁଁ ମୋର କାହାଣୀ ଲାଗି ବର୍ଷ ବର୍ଷ ଧରି ପରିଶ୍ରମ କରିଛି, ମୋ ପାଇଁ ଫିଲ୍ମ ନିର୍ମାଣ ସବୁଠୁ ବଡ଼ କଥା। ତୁମେ ଏସବୁ ବୁଝିପାରିବ ନାହିଁ। ଆଗକୁ ପୂରା କାହାଣୀ କହିଦେବ। କାରଣ ମୋତେ ଏସବୁରୁ କିଛି ଫରକ ପଡ଼େନା।' ଏଠାରେ ପ୍ରକାଶ ଥାଉ କି, ଦୀପିକାଙ୍କ କିଛି ସର୍ତ୍ତ ପାଇଁ ସନ୍ଦୀପ ତାଙ୍କୁ ଫିଲ୍ମରୁ ବାଦ୍ ଦେଇଥିଲେ ବୋଲି ଅନେକ ରିପୋର୍ଟରେ ପ୍ରକାଶ ପାଇଥିଲା। ସିଫ୍ଟରେ ୮ ଘଣ୍ଟା କାମ କରିବେ, ତେଲୁଗୁ ସଂଳାପ କହିବେ ନାହିଁ, ଅଧିକ ପାରିଶ୍ରମିକ ନେବେ, ଲାଭରୁ ମଧ୍ୟ ସେୟାର୍ ନେବେ ବୋଲି ଦୀପିକା ସନ୍ଦୀପଙ୍କ ନିକଟରେ ସର୍ତ୍ତ ରଖିଥିଲେ ବୋଲି କୁହାଯାଉଛି। ଏନେଇ ବିଧିବଦ୍ଧ ଭାବେ କେହି କିଛି କହି ନ ଥିଲେ ସୁଦ୍ଧା ଦୀପିକାଙ୍କୁ 'ସ୍ପିରିଟ୍'ରୁ ବାଦ୍ ଦେଇ ସନ୍ଦୀପ ତ୍ରିପ୍ତି ଦିମ୍‌ରିଙ୍କୁ ସାଇନ୍ କରିଥିଲେ। ତେବେ ଦୀପିକା ବୋଲଡ୍ ସିନ୍ ପାଇଁ ଏହି ଫିଲ୍ମ ଛାଡ଼ି ଦେଇଥିବା କିଛି ରିପୋର୍ଟରେ ପ୍ରକାଶ ପାଇଛି।



# ସୁମନ

### ସକାଳ ଶିଶୁ କୁଇଜ୍-୧୬୬

(୧) କେଉଁ ଯନ୍ତ୍ର ସାହାଯ୍ୟରେ ଦୁଗ୍ଧର ଘନତ୍ୱ ମପାଯାଏ?
ଉତ୍ତର: ____________

(୨) ଭାରତର ପ୍ରଥମ ମହିଳା ରାଜ୍ୟପାଳଙ୍କ ନାମ କ'ଣ?
ଉତ୍ତର: ____________

(୩) 'ବୈଦେହୀଶ ବିଳାସ'ର ରଚୟିତା କିଏ?
ଉତ୍ତର: ____________

(୪) ଜାତୀୟ ହସ୍ତତନ୍ତ ଦିବସ କେବେ ପାଳନ କରାଯାଏ?
ଉତ୍ତର: ____________

(୫) ଲିଓନେଲ ମେସିଙ୍କର କେଉଁ ଖେଳ ସହ ସମ୍ପର୍କ ରହିଛି?
ଉତ୍ତର: ____________

**ଗତ ସପ୍ତାହର କୁଇଜ୍ ବିଜେତା**
- ଅବିନାଶ ପାତ୍ର, ଧୁସୁରୀ, ଭଦ୍ରକ
- ଆଶିଷ କୁମାର ଜେନା, ମାହାଙ୍ଗା
- ଲିପ୍‌ସା ପଟ୍ଟନାୟକ, ବାରିପଦା

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

## ଶିବ ବିବାହ



ଜଗଦୀଶ ସାହୁ

ବିବାହ କରିବେ ଦେବ ଦମ୍ପତି
ଭକତ ଜନଙ୍କ ପୂଣ୍ୟ ସମ୍ପତ୍ତି
ବରବେଶ ହେବେ ଭୋଳା ଶଙ୍କର
ମାତା ପାର୍ବତୀ କନିଆଁ ତାଙ୍କର
ଆନ ଦେବା ଦେବୀ ବରଯାତିରୀ
ନାଚ ଗୀତ ପାଇଁ ନାହିଁ ଖାତିରି
ବାଜୁଥିବ ବାଜା ଢୋଲ ନିଶାଣ
ଭାବରେ ତରଳି ଯିବ ପାଷାଣ
ଶୋଭା ଦରଶନେ ଆଖି ଝଲସି
ଭକ୍ତ ମନ ପ୍ରାଣ ଉଠେ ଉଲସି
ଶିବ କୃପାବିନା ସବୁ ଅସାର
ପ୍ରଭୁ ଆଶିଷରେ ହସୁ ସଂସାର ।

ସଞ୍ଜପଡ଼ା, ହିନ୍ଦୋଳ
ଢେଙ୍କାନାଳ
ମୋ- ୯୦୭୮୧୮୫୬୧୬

## ଥିଲେ ଘରେ ବୋଉ ଝରେ ହସମହୁ

ସବୁଠୁ ସୁନ୍ଦର ଲିପାପୋଛା ଘର
ଝୋଟି ଚିତାଥାଏ କାନ୍ଥେ
ଘରକୁ କରଇ ମନ୍ଦିର ଠୁ ଭଲ
ବୋଉ ତା'ର ଦୁଇହାତେ ॥
ଘର ପଛପଟେ ସୁନ୍ଦର ବଗିଚା
ଗଛରେ ଫୁଟଇ ଫୁଲ
ଉଡ଼ିଆସି ନିତି ଫୁଲକୁ କରନ୍ତି
ଛିଟ ପ୍ରଜାପତି ଗେଲ ॥
ଘରଆଗେ ଥିବା ଚଉରାରେ ଦିଏ
ସଞ୍ଜରେ ଦୀପାଳି ବୋଉ
ପୁଅ ଝିଅଙ୍କର ସୁଖ ମନାସୀ ସେ
ଢାଳଇ ହସର ମହୁ ॥
ବୋଉ ତ ପଢ଼ାଏ ପାଠ ବହିଧରି
ମାଆ ସରସ୍ୱତୀ ସାଜି
ଖୁଆଏ ଆହାର ତଡ଼େ ପେଟ ଭୋକ
ଭଲ ଚିଜ ଆଣେ ଖୋଜି ॥
ବୋଉ ଢାଙ୍କିଦିଏ ମଥାରେ ଓଢ଼ଣି
କହେ ସେ ମଧୁର କଥା
ରୋଗ ଜର ବେଳେ ଦେହେ ହାତ ବୋଳେ
ଦୂରହେଇଯାଏ ବଥା ॥
ଥିଲେ ଘରେ ବୋଉ ଝରେ ହସମହୁ
ସୁଖର ସରସୀ ଫୁଟେ
ହଟେ ଅମାରାତି ଫୁଲିଉଠେ ଛାତି
ଆକାଶରେ ଜହ୍ନ ଉଠେ ॥

କୁଞ୍ଜର –ସଙ୍ଗଳାଇ, ପିପିଲି, ପୁରୀ
ମୋ- ୯୬୭୮୮୨୨୧୯୦



ପ୍ରଶାନ୍ତ କୁମାର ଦାଶ



## ମହୁମାଛି ଦେଲା ଶିକ୍ଷା






ସୁବ୍ରତ କୁମାର ଦାସ

ପ୍ରତିଦିନ ପରି ମହୁମାଛିଟି ମନ ହରଷରେ ଗୁଣୁଗୁଣୁ କରି ଏ ଫୁଲରୁ ସେ ଫୁଲକୁ ଉଡ଼ି ମହୁ ସଂଗ୍ରହ କରୁଥାଏ। ଜଙ୍ଗଲରେ ଘୂରି ବୋଲି ବିଭିନ୍ନ ଫୁଲ, ଫଳରୁ ମହୁ ସଂଗ୍ରହ କରି ଏକ ଝଙ୍କାଳିଆ ଆମ୍ବ ଗଛ ଅଗ ଡାଳରେ ବସାଟିଏ ବାନ୍ଧିଥାଏ। ସେହି ମହୁ ବସାରେ ସଞ୍ଚିଥିବା ମହୁ ଯାକ ଠୁଳ କରି ତାରି ଛୋଟ ଛୋଟ କୋଠରୀ ଭିତରେ ଖୁବ୍ ଯତ୍ନ ସହକାରେ ରଖିଥାଏ। ସବୁ ମହୁମାଛିମାନଙ୍କ ଭିତରେ ରାଣୀ ମହୁମାଛିଟି ସମସ୍ତଙ୍କୁ ମହୁ ସଂଗ୍ରହ କରିବା ପାଇଁ ପରାମର୍ଶ ଦେଉଥାଏ। ଦିନେ ସେହି ଝଙ୍କାଳିଆ ଆମ୍ବ ଗଛ ଡାଳରେ ଆଉ ଏକ କପୋତୀଟିଏ ବସା ବାନ୍ଧିଲା। ସବୁଦିନ ଚଢ଼େଇଟି ତା ବସା ପାଇଁ କାଠି, କୁଟା, ଆଣି ବସା ବାନ୍ଧୁଥାଏ। ଦିନେ କପୋତୀଟି ଲକ୍ଷ୍ୟ କଲା ସବୁ ମହୁମାଛିମାନେ କିପରି ଗୁଣୁଗୁଣୁ ହୋଇ ମହୁବସା ଚାରିପଟେ ଘେରି ରହିଥାନ୍ତି। ମହୁଗୁଡ଼ିକୁ ଖୁବ୍ ଆଦର, ଯତ୍ନ ସହକାରେ ଛୋଟ ଛୋଟ କୋଠରୀ ଭିତରେ ରଖି ତାକୁ ଜଗି ରହିଥାନ୍ତି। ଯେପରି କୌଣସି ପ୍ରାଣୀ ସହଜରେ ତାଙ୍କର ବସାକୁ କ୍ଷତି ନ ପହଞ୍ଚାଇବ, ସେଥିପାଇଁ ଗଛର ଖୁବ୍ ଅଗ୍ରଭାଗରେ ବସା ତିଆରି କରିଥାନ୍ତି। ଦିନେ କପୋତୀଟି ବସାକୁ ସଅଳ ଫେରି ଆସି ରାଣୀ ମହୁମାଛି ପାଖକୁ ଗଲା। ରାଣୀ ମହୁମାଛି କପୋତୀକୁ ଦେଖି ପଚାରିଲା, ଭଉଣୀ ଆଜି ଏତେ ସଅଳ ଫେରି ଆସିଲ ଯେ! କପୋତୀଟି ଉତ୍ତର ଦେଲା, କିଛି ଦୁଷ୍ଟ ମାଙ୍କଡ଼ ଦଳ ଆସି ଏ ଡାଳରୁ ସେ ଡାଳକୁ ଡେଉଁଛନ୍ତି। ତେଣୁ ମୋ ବସାକୁ ଭାଙ୍ଗି ଦେବେ ଭାବି ମୁଁ ସଅଳ ଫେରି ଆସିଲି। କିନ୍ତୁ ରାଣୀ ଗୋଟିଏ କଥା ମୋ ମନକୁ ପ୍ରଶ୍ନ ଆସୁଛି। ରାଣୀ ମହୁମାଛି ପଚାରିଲା, କହୁନା ଭଉଣୀ। କପୋତୀ ପଚାରିଲା; ଆଚ୍ଛା ରାଣୀ ମହୁମାଛି କହିଲ, ତୁମେ ଏତେ ପରିଶ୍ରମ କରି ଏ ଫୁଲରୁ ସେ ଫୁଲକୁ ଉଡ଼ି, କେତେ ଫୁଲରୁ ମହୁ ସଂଗ୍ରହ କରି ଆଣି ସଞ୍ଚୟ କରି ରଖୁଛ, ହେଲେ ଶେଷରେ ଏ ମଣିଷମାନେ ତୁମ ବସା ଭାଙ୍ଗି ଦେଇ ମହୁ ସବୁ ଚୋରି କରି ନେଉଛନ୍ତି। ତୁମର ଏତେ ଦିନର ପରିଶ୍ରମ, ଚେଷ୍ଟା ସବୁ ତ ବୃଥା ହେଉଛି। ରାଣୀ ମହୁମାଛି ଉତ୍ତର ଦେଲା, ତୁମେ ଠିକ୍ କଥା କହୁଛ ଭଉଣୀ; ହେଲେ ଆମେ ତ ଛୋଟ ପ୍ରାଣୀ, କ'ଣ କରିପାରିବୁ। ଯାହାର ସ୍ୱଭାବ ଯାହା, ତାକୁ କ'ଣ ବଦଳାଇ ହେବ। ମଣିଷମାନେ ଏହାକୁ ଚୋରି କରି ନେଉଛନ୍ତି ସତ, ହେଲେ ମହୁ ତିଆରି କରିବାର ଗୁଣ ବା କୌଶଳ ତ ଚୋରି କରି ପାରୁନାହାନ୍ତି। ତେଣୁ ସେହି ଗୁଣ ବା କୌଶଳ ବଳରେ ଆମେ ପୁଣି ମହୁ ତିଆରି କରି ସଞ୍ଚିପାରୁଛୁ। ଯାହାକୁ କୌଶଳ ଜଣାଥିବ, ସେ କେବେ ହାରିବ ନାହିଁ। ମହୁମାଛି ଏକ ଉତ୍ତମ ଶିକ୍ଷା ଦେଲା ବୋଲି କପୋତୀଟି ବୁଝି ପାରିଲା ଏବଂ ମନେ ମନେ ମହୁମାଛିଙ୍କ ଅସୀମ ଧୈର୍ଯ୍ୟ ଆଉ ଗୁଣ ପାଇଁ ପ୍ରଶଂସା କଲା।


ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ
ମୋ: ୯୪୩୭ ୭୩୧୯୦୩

## ତୁମ ଆଙ୍କିବା ଛବି






**ପ୍ରିୟସ୍ମିତା ଶୁଭଦର୍ଶିନୀ**
ଅଷ୍ଟମ ଶ୍ରେଣୀ
କେନ୍ଦ୍ରୀୟ ବିଦ୍ୟାଳୟ ନଂ-୩
ମଞ୍ଚେଶ୍ୱର, ଭୁବନେଶ୍ୱର






**ରାହୁଲ ଡାକୁଆ**
ସପ୍ତମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଭୀମଟାଙ୍ଗି, ଭୁବନେଶ୍ୱର





**ପ୍ରତୀକ ଅଦାବର**
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁବିଦ୍ୟାମନ୍ଦିର
ବୀରମହାରାଜପୁର, ସୁବର୍ଣ୍ଣପୁର





**କ୍ରିଷ୍ଟାଲ ପଣ୍ଡା**
ଦ୍ୱିତୀୟ ଶ୍ରେଣୀ
ବ୍ରିଜୱେଲ ଗ୍ଲୋବାଲ ସ୍କୁଲ
ସରକଣା, ଖୋର୍ଦ୍ଧା

## ପ୍ରହେଳିକା

- ବହି ଖାତା ଝରକଲମ ଆଦି
ତା'ଦେହେ ରଖନ୍ତି ପିଲା ସାଇତି
ନାନା ରଙ୍ଗ ତା'ର ରୂପ ସୁନ୍ଦର
ପିଲାଏ କରନ୍ତି ତାକୁ ଆଦର
କାନ୍ଧରେ ଝୁଲଇ ସେହି
ବହି ଖାତା ପାଇଁ ତା'ପେଟ ଫୁଲଇ
ପାରିବ ତା'ନାମ କହି।
ଉତ୍ତର-ବସ୍ତାନୀ





- ମିତ ସାଜି ସିଏ ସାହାଯ୍ୟ କରେ
ତାକୁ ଦେଖି ଖରା ବରଷା ଡରେ
ରହିଥାଏ ସିଏ ମଥା ଉପରେ
ଖରା ବରଷାକୁ ସରାଗେ ଧରେ
ଆମକୁ ସୁରକ୍ଷା ଦିଏ
ଆମ ହିତ ପାଇଁ ଜନମ ତାହାର
ନାମଟି କହିବ କିଏ।
ଉତ୍ତର-ଛତା

- ପାଦ ତଳେ ଶୋହେ ଦରବଟିଏ
ଆମ ପାଇଁ ସିଏ କଷଣ ସହେ
ରବର ଚମଡ଼ା ଆଦିରୁ ଜାତ
କରିଥାଏ ସିଏ ସଭିଙ୍କ ହିତ
ଗୋଡ଼ି କଣ୍ଟା ଅବା ଗ୍ରୀଷମ ଉଷ୍ମ
ରକ୍ଷାକରେ ସିଏ ପାଦକୁ ଆମ
କରଇ ମହତ କାମ
ମନ୍ଦିର ବାହାରେ ଥୁଆ ହୁଏ ସିଏ
କୁହ ଦେଖି ତା'ର ନାମ।
ଉତ୍ତର-ଜୋତା

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ- ୭୩୫୫୬୩୪୩୪୬

■ ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ

## କରୁନ ନାୟାରଙ୍କ ଶତକ

**କାଣ୍ଟରବରୀ, ୩୦।୫ (ଏଜେନ୍ସି):** ଇଂଲଣ୍ଡ-ଏ ବିପକ୍ଷ ପ୍ରଥମ ଅନଅଫିସିଆଲ ଟେଷ୍ଟ ମ୍ୟାଚ୍ ସ୍ଥାନୀୟ ଲରେନ୍ସ ଗ୍ରାଉଣ୍ଡରେ ଆଜିଠାରୁ ଆରମ୍ଭ ହୋଇଛି। ଏହି ମ୍ୟାଚ୍‌ରେ ଟସ୍ ଜିତି ଇଂଲଣ୍ଡ ଲାୟନ୍ସ ଭାରତ-ଏ'କୁ ପ୍ରଥମେ ବ୍ୟାଟିଂ ଲାଗି ଆମନ୍ତ୍ରଣ କରିଥିଲା। ପ୍ରଥମଦିନ ଶେଷ ଖବର ସୁଦ୍ଧା ଭାରତ-ଏ' ୬୩ ଓଭରରେ ୩ ୱିକେଟ ହରାଇ ୨୫୮ ରନ୍ ସଂଗ୍ରହ କରିନେଇଥିଲା। ଦଳ ପକ୍ଷରୁ କରୁନ ନାୟାର ୧୧୪ (୧୬୫ ବଲ୍, ୧୭ ଚୌକା) ଓ ଧ୍ରୁବ ଜୁରେଲ ୮ ରନ୍‌ରେ ବ୍ୟାଟିଂ କରୁଥିଲେ। ଦୁଇ ଓପନର ଯଶସ୍ୱୀ ଜୟସ୍ୱାଲ ୨୪ ଓ ଅଭିମନ୍ୟୁ ଈଶ୍ୱରନ ୮ ରନ୍‌ରେ ଆଉଟ ହୋଇଥିଲେ। ସର୍ଫରାଜ ଖାନ ୯୨ ରନ୍‌ରେ ଦଳୀୟ ସ୍କୋର ୫୧ ରନ୍‌ରେ ଦଳ ଦ୍ୱିତୀୟ ୱିକେଟ ହରାଇଥିଲା।

**ଭାରତ-ଏ ଏକାଦଶ :** ଅଭିମନ୍ୟୁ ଈଶ୍ୱରନ (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, କରୁନ ନାୟାର, ସର୍ଫରାଜ ଖାନ୍, ଧ୍ରୁବ ଜୁରେଲ (ୱିକେଟରକ୍ଷକ), ନୀତୀଶ କୁମାର ରେଡ୍ଡି, ଶାର୍ଦ୍ଦୁଳ ଠାକୁର, ହର୍ଷ ଦୁବେ, ଅଂଶୁଲ କାମ୍ବୋଜ, ହର୍ଷିତ ରାଣା, ମୁକେଶ କୁମାର।

## ଦ୍ୱିତୀୟ ଅନ୍‌ଅଫିସିଆଲ୍ ଟେଷ୍ଟ ଖେଳିବେ ରାହୁଲ

**ନୂଆଦିଲ୍ଲୀ,୩୦।୫ (ଏଜେନ୍ସି):** ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ୧୮ ଜଣିଆ ଦଳରେ ମନୋନୀତ ହୋଇଥିବା ଅଭିଜ୍ଞ ବ୍ୟାଟର ଲୋକେଶ ରାହୁଲ ଭାରତ-ଏ' ପକ୍ଷରୁ ଇଂଲଣ୍ଡ ଲାୟନ୍ସ ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ଖେଳିବେ। ଦିଲ୍ଲୀ କ୍ୟାପିଟାଲ୍ସ ପ୍ଲେ ଅଫ୍‌କୁ ଉନ୍ନିତ ନ ହେବାରୁ ରାହୁଲ ଲଣ୍ଡନ ଯିବାକୁ ପ୍ରସ୍ତୁତ ହୋଇଥିଲେ। ଏ ସମ୍ପର୍କରେ ସେ ବିସିସିଆଇକୁ ଅବଗତ କରିଥିଲେ। ଏଥିଲାଗି ବିସିସିଆଇ ସୋମବାର ରାହୁଲଙ୍କୁ ଲଣ୍ଡନ ପଠାଇବା ଲାଗି ସ୍ଥିର କରିଛି। ଭାରତ-ଏ ବନାମ ଇଂଲଣ୍ଡ ଲାୟନ୍ସ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଜୁନ୍ ୬ରୁ ଆରମ୍ଭ ହେବ। ଏହାର ଅର୍ଥ ଜୁନ୍ ୨୦ରେ ଇଂଲଣ୍ଡ ସହ ଭାରତ ପ୍ରଥମ ଟେଷ୍ଟ ଖେଳିବା ପୂର୍ବରୁ କୌଣସି ଅଭ୍ୟାସ ମ୍ୟାଚ୍ ଖେଳିବ ନାହିଁ।

## ଆଉ ନାହାନ୍ତି 'ସୁଲତାନ ଅଫ୍ ସୁଇଂ'

**ମୁମ୍ବାଇ, ୩୦।୫ (ଏଜେନ୍ସି):** ଭାରତୀୟ ଘରୋଇ କ୍ରିକେଟ୍‌ର ଜଣାଶୁଣା ଦ୍ରୁତ ବୋଲର ଅବଦୁଲ୍ ଇସମାଇଲ୍‌ଙ୍କ ଶୁକ୍ରବାର ସନ୍ଧ୍ୟାରେ ହୃଦ୍‌ଘାତରେ ବିୟୋଗ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୯ ବର୍ଷ ହୋଇଥିଲା। ଇସମାଇଲ୍ ୭୦ ଦଶକରେ ମୁମ୍ବାଇ (ସେତେବେଳର ବମ୍ବେ ଦଳ) ରଣଜୀ ଦଳର ଦ୍ରୁତ ବୋଲିଂର ନେତୃତ୍ୱ ସମ୍ଭାଳୁଥିଲେ। ବଲକୁ ଉଭୟ ଦିଗରେ ସୁଇଂ କରିବାରେ ବେଶ୍ ମାହରି ଥିବା ଇସମାଇଲ 'ସୁଲ୍‌ତାନ ଅଫ୍ ସୁଇଂ' ନାମରେ ସାଥୀ କ୍ରିକେଟର୍‌ଙ୍କ ଗହଣରେ ପରିଚିତ ଥିଲେ। ମୁମ୍ବାଇ ପାଇଁ ପାଖାପାଖି ୧୦ ବର୍ଷ ଖେଳିଥିବା ଅବଦୁଲ ୭୫ ପ୍ରଥମଶ୍ରେଣୀ ମ୍ୟାଚରେ ୧୮.୦୪ ଆଭରେଜରେ ୨୪୪ ୱିକେଟ୍ ନେଇଥିଲେ। ସେହିଭଳି ତାଙ୍କ ସମୟରେ ମୁମ୍ବାଇ ୫ଥର ରଣଜୀ ଟ୍ରଫି ଟାଇଟ୍ ଜିତିଥିଲା। ପ୍ରଭାବୀ ବୋଲିଂ ସତ୍ତ୍ୱେ ଦୁର୍ଭାଗ୍ୟଜନକ ଭାବେ ତାଙ୍କୁ ଭାରତୀୟ ଦଳରୁ ଖେଳିବାର ସୁଯୋଗ ମିଳି ନ ଥିଲା। ଅବସର ପରେ ସେ ପ୍ରଶିକ୍ଷକ ଓ ମୁମ୍ବାଇ ଦଳର ଚୟନକର୍ତ୍ତା ଭାବେ ମଧ୍ୟ କିଛି ବର୍ଷ ଦାୟିତ୍ୱ ସମ୍ଭାଳିଥିଲେ।

ଆଇପିଏଲ୍-୧୮ : ଏଲିମିନେଟର୍‌ରେ ହାରି ଗୁଜରାଟ ବିଦା

# କ୍ୱାଲିଫାୟର-୨ରେ ମୁମ୍ବାଇ-ପଞ୍ଜାବ ଲଢ଼େଇ



**ମୁଲାନପୁର, ଚଣ୍ଡିଗଡ, ୩୦।୫ (ଏଜେନ୍ସି)**

ଗୁଜରାଟ ଟାଇଟନ୍ସକୁ ୨୦ ରନରେ ପରାସ୍ତ କରି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱାଧୀନ ମୁମ୍ବାଇ ଇଣ୍ଡିଆନ୍ସ ଚଳିତ ଆଇପିଏଲ୍-୧୮'ର କ୍ୱାଲିଫାୟର-୨ରେ ପ୍ରବେଶ କରିଛି। ଶୁକ୍ରବାର ଏଠାରେ ଅନୁଷ୍ଠିତ ଏଲିମିନେଟର୍ ମୁକାବିଲାରେ ମୁମ୍ବାଇ ପ୍ରଥମେ ବ୍ୟାଟିଂ କରି ୫ ୱିକେଟ୍‌ରେ ୨୨୮ ରନ କରିଥିଲା। ଜବାବରେ ଗୁଜରାଟ ନିର୍ଦ୍ଧାରିତ ଓଭରରେ ୬ ୱିକେଟ୍‌ରେ ୨୦୮ ରନ କରିଥିଲା। ପରାଜୟ ସହ ଶୁବମନ ଗିଲ୍‌ଙ୍କ ଗୁଜରାଟ ଆଇପିଏଲ୍‌ରୁ ବିଦା ନେଇଛି। ଅପରପକ୍ଷରେ ବିଜୟ ସହ ମୁମ୍ବାଇ କ୍ୱାଲିଫାୟର-୨ରେ ପହଞ୍ଚିଛି। ରବିବାର ପଞ୍ଜାବ କିଙ୍ଗ୍‌ସ ଓ ମୁମ୍ବାଇ ମଧ୍ୟରେ କ୍ୱାଲିଫାୟର-୨ ଖେଳାଯିବ। ଏହି ମ୍ୟାଚରେ ଯେଉଁ ଦଳ ଜିତିବ ଜୁନ୍ ୩ (ମଙ୍ଗଳବାର)ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସହ ଫାଇନାଲ ଖେଳିବ। ପୂର୍ବରୁ କ୍ୱାଲିଫାୟର-୧ରେ ବେଙ୍ଗାଲୁରୁ ୮ ୱିକେଟ୍‌ରେ ପଞ୍ଜାବକୁ ହରାଇଥିଲା।

୨୨୯ ରନ୍‌ର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଗୁଜରାଟ ଇନଫର୍ମ ଓପନର୍ ସାଇ ସୁଦର୍ଶନଙ୍କ ଦମ୍‌ଦାର ୮୦ ରନ (୪୯ ବଲ୍, ୧୦ ଚୌକା ଓ ୧ ଛକା) ରନ ସତ୍ତ୍ୱେ ବିଜୟୀ ହୋଇପାରି ନ ଥିଲା। ଅନ୍ୟମାନଙ୍କ ମଧ୍ୟରେ ୱାଶିଂଟନ ସୁନ୍ଦର ୨୪ ବଲରେ ୪୮, କୁଶଲ ମେଣ୍ଡିସ ୨୦, ସିର୍ଫାନ ରଦରଫୋର୍ଡ ୨୪ ରନ କରିଥିଲେ। ଅଧିନାୟକ ଶୁବମନ ଗିଲ୍ ୧ ରନ କରି ନିରାଶ କରିଥିଲେ। ବୋଲିଂରେ ମୁମ୍ବାଇ ପାଇଁ ଟ୍ରେଣ୍ଟ ବୋଲ୍ଟ ସର୍ବାଧିକ ୨ଟି ଏବଂ ଅଶ୍ୱୀନ କୁମାର, ଯସ୍‌ପ୍ରିତ୍ ବୁମ୍‌ରା ଓ ଗ୍ଲେସନ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ।

ପୂର୍ବରୁ ଏହି ମ୍ୟାଚରେ ଟସ୍ ଜିତି ମୁମ୍ବାଇ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ଓପନର୍ ରୋହିତ୍ ଶର୍ମାଙ୍କ ଦମ୍‌ଦାର ଅର୍ଦ୍ଧଶତକ ବଳରେ ଦଳ ୫ ୱିକେଟ୍‌ରେ ୨୨୮ ରନର ବିଶାଳ ସ୍କୋର କରିଥିଲା। ରୋହିତ ସର୍ବାଧିକ ୮୧ ରନ କରିଥିଲେ। ସେହିଭଳି ଜନି ବେୟାରଷ୍ଟୋ ୨୨ ବଲ୍‌ରୁ ୪୭ ରନ୍ କରି ଆଉଟ ହୋଇଥିଲେ। ଏହି ସ୍କୋରରେ ବେୟାରଷ୍ଟୋ ୪ଟି ଚୌକା ଓ ୩ଟି ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟକୁମାର ଯାଦବ ୩୩, ତିଳକ ବର୍ମା ୨୫ ଓ ହାର୍ଦ୍ଦିକ ପାଣ୍ଡ୍ୟା ୨୨ ରନ୍ କରିଥିଲେ। ପ୍ରସିଦ୍ଧ କ୍ରିଷ୍ଣା ଓ ସାଇ କିଶୋରଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଛି।

### ରୋହିତ୍‌ଙ୍କ ଆଇପିଏଲ୍ କୀର୍ତ୍ତିମାନ

ପ୍ରଥମ ଭାରତୀୟ ବ୍ୟାଟର୍ ଭାବେ ରୋହିତ୍ ଶର୍ମା ଆଇପିଏଲ୍‌ରେ ୩୦୦ ଛକା ମାରିବାର କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଶୁକ୍ରବାର ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚରେ ରୋହିତ ୫୦ ବଲରେ ୮୧ ରନର ପାଳି ଖେଳିଥିଲେ। ଯେଉଁଥିରେ ୪ ଛକା ଓ ୯ ଚୌକା ସାମିଲ ଥିଲା। ଏଥିସହ ଆଇପିଏଲ୍‌ରେ ରୋହିତ୍‌ଙ୍କ ଛକା ସଂଖ୍ୟା ୩୦୨ରେ ପହଞ୍ଚିଛି। ୨୭୧ତମ ଆଇପିଏଲ୍ ମ୍ୟାଚରେ ସେ ଏହି ମାଇଲଖୁଣ୍ଟ ଛୁଇଁଛନ୍ତି। ଅନ୍ୟ ଭାରତୀୟଙ୍କ ମଧ୍ୟରେ ବିରାଟ କୋହଲି ୨୯୧, ମହେନ୍ଦ୍ର ସିଂ ଧୋନି ୨୬୪ ଛକା ମାରିଛନ୍ତି। ଆଇପିଏଲ୍‌ରେ ସର୍ବାଧିକ ଛକା ମାରିବାର ରେକର୍ଡ କ୍ରିସ୍ ଗେଲ୍‌ଙ୍କ ନାମରେ ରହିଛି। ଗେଲ୍ ୩୫୭ ଛକା ମାରିଛନ୍ତି। ଏହି ଅର୍ଦ୍ଧଶତକୀୟ ପାଳି ଅବସରରେ ରୋହିତ୍‌ଙ୍କ ଆଇପିଏଲ୍ ରନ୍ ସଂଖ୍ୟା ୭ ହଜାର ଟପିଛି। ବର୍ତ୍ତମାନ ସୁଦ୍ଧା ସେ ଆଇପିଏଲ୍‌ରେ ୨୯.୮୨ ହାରରେ ୭୦୩୮ ରନ କରିଛନ୍ତି। ଆଇପିଏଲ୍‌ରେ ୭ ହଜାର ରନ କ୍ଲବରେ ସାମିଲ ହେବାରେ ବିରାଟ କୋହଲି (୮୬୧୮)ଙ୍କ ପରେ ରୋହିତ୍ ଦ୍ୱିତୀୟ ଭାରତୀୟ ହୋଇଛନ୍ତି।

କ୍ୱାଲିଫାୟର-୧ ଜିତିଥିବା ଦଳ ୧୧ଥର ଚାମ୍ପିଅନ

## ବେଙ୍ଗାଲୁରୁକୁ ସୁହାଉଛି ଇତିହାସ

**ଚଣ୍ଡିଗଡ଼, ୩୦।୫ (ଏଜେନ୍ସି):** ଚଳିତ ଆଇପିଏଲ୍‌ରେ ପ୍ରଥମ ଦଳ ଭାବେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଫାଇନାଲରେ ପ୍ରବେଶ କରିଛି। ଦଳର ଏହା ଚତୁର୍ଥ ଫାଇନାଲ। ପୂର୍ବରୁ ୨୦୦୯, ୨୦୧୧ ଓ ୨୦୧୬ରେ ଦଳ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଏବେ ବେଙ୍ଗାଲୁରୁକୁ ସୁହାଉଛି ଇତିହାସ। ପ୍ଲେ ଅଫ୍ ସିଷ୍ଟମ ଆରମ୍ଭ ହେବାପରଠାରୁ କ୍ୱାଲିଫାୟର-୧ ଜିତିଥିବା ଦଳ ୧୧ଥର ଚାମ୍ପିଅନ ହୋଇଛି। ଏବେ ବେଙ୍ଗାଲୁରୁ କ୍ୱାଲିଫାୟର-୧'କୁ ପ୍ରଭାବୀ ଢ଼ଙ୍ଗରେ ଜିତିଛି ଓ ପୂର୍ବ ଧାରାକୁ ଦେଖିଲେ ଦଳ ପ୍ରଥମ ଟାଇଟଲ ଜିତିବା ରାସ୍ତାରେ ରହିଛି। ୨୦୧୧ରୁ ଆଇପିଏଲ୍‌ରେ ପ୍ଲେ ଅଫ୍ ଫର୍ମାଟ ଆରମ୍ଭ ହୋଇଥିଲା। ଏଥିରେ ଲିଗ୍ ପଏଣ୍ଟ ଟେବଲରେ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିବା ଦଳକୁ ଫାଇନାଲରେ ପ୍ରବେଶ କରିବାକୁ ଦୁଇଟି ସୁଯୋଗ ଦିଆଯାଇଥିଲା। ପ୍ଲେ ଅଫ୍ ଲାଗୁ ହେବା ପରେ ୧୪ଟି ଫାଇନାଲ ଖେଳାଯାଇଛି ଓ କ୍ୱାଲିଫାୟର-୧ ରେ ଜିତିଥିବା ଦଳ ମାତ୍ର ୩ଟି ଫାଇନାଲରେ ପରାଜିତ ହୋଇଛନ୍ତି। ୨୦୧୮ ରୁ ୨୦୨୪ର ଫାଇନାଲ ରେକର୍ଡକୁ ଦେଖିଲେ ଚେନ୍ନାଇ ସୁପର କିଙ୍ଗ୍‌ସ ୨୦୧୮, ୨୦୨୧, ୨୦୨୩, ମୁମ୍ବାଇ ଇଣ୍ଡିଆନ୍ସ ୨୦୧୯ ଓ ୨୦୨୦, ଗୁଜରାଟ ଟାଇଟନ୍ସ ୨୦୨୨ ଓ କୋଲକାତା ନାଇଟ୍ ରାଇଡର୍ସ ୨୦୨୪ରେ କ୍ୱାଲିଫାୟର-୧ ଜିତିବା ପରେ ଟାଇଟଲ ହାସଲ କରିଥିଲେ। ଏହି ଟ୍ରେଣ୍ଡକୁ ଦେଖିଲେ ଅହମ୍ମଦାବାଦ୍‌ରେ ଜୁନ୍ ୩ ତାରିଖ ଫାଇନାଲରେ ରଜତ ପାଟିଦାରଙ୍କ ନେତୃତ୍ୱରେ ଓ ବିରାଟ କୋହଲିଙ୍କ ଉତ୍ସାହରେ ବେଙ୍ଗାଲୁରୁ ପ୍ରଥମ ଟାଇଟଲ ଜିତିବାକୁ ଦୃଢ଼ ଆଶା ପୋଷଣ କରିଛି। ଫାଇନାଲ ଖେଳିବା ପୂର୍ବରୁ ଦଳକୁ ଭଲ ବିଶ୍ରାମ ମିଳିଛି ଓ ବେଙ୍ଗାଲୁରୁ ଏଥିରୁ ଫାଇଦା ନେବ ବୋଲି ଆଶା କରାଯାଉଛି।

୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ୍

## ମିଶୁଙ୍କ ଅର୍ଦ୍ଧଶତକ; ପାରାଦୀପ ବିଜୟୀ



**କଟକ,୩୦।୫(ସମିସ):** ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆଜି ଅନୁଷ୍ଠିତ ଏକ ମ୍ୟାଚ୍‌ରେ ପାରାଦୀପ ୫ ୱିକେଟରେ ଗଞ୍ଜାମକୁ ପରାସ୍ତ କରିଛି। ଅଡଶପୁର ଗ୍ରାଉଣ୍ଡରେ ଗଞ୍ଜାମ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଓଦା ପଡ଼ିଆ ଯୋଗୁଁ ମ୍ୟାଚ୍ ୩୬ ଓଭର ବିଶିଷ୍ଟ ଖେଳାଯାଇଥିଲା। ନରସିଂହ ତ୍ରିପାଠୀଙ୍କ ୪୮ରନ, ଆଦର୍ଶ ପଟ୍ଟନାୟକଙ୍କ ୩୬ରନ ସହାୟତାରେ ଗଞ୍ଜାମ ସମସ୍ତ ୱିକେଟ ହରାଇ ୧୫୩ରନ ସଂଗ୍ରହ କରିଥିଲା। ପାରାଦୀପର ଜ୍ୟୋତି ସାମନ୍ତରାୟ ଏବଂ ଆୟୂଷ ପରିଡ଼ା ୩ଟି ଲେଖାଏ ୱିକେଟ ଦଖଲ କରିଥିଲେ। ୩୩.୪ ଓଭରରେ ୫ ୱିକେଟ ହରାଇ ପାରାଦୀପ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ମିଶୁ ସିଂହ ୮୭ବଲରୁ ଅପରାଜିତ ୯୦ରନ ସଂଗ୍ରହ କରି ଦଳକୁ ଜିତାଇଥିଲେ। ମିଶୁଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଛି।

ଡ୍ରିମସ କ୍ରିକେଟ ଗ୍ରାଉଣ୍ଡରେ କଟକ-ଏ ୧୬୬ରନରେ ପୁରୀକୁ ହରାଇଥିଲା। ଆଦିତ୍ୟ ରାୟଙ୍କ ୯୨ରନ ବଳରେ କଟକ-ଏ ସମସ୍ତ ୱିକେଟ ହରାଇ ୨୦୬ରନ କରିଥିଲା। ଅନୀଲ ସାହୁ ୪୦ରନ କରିଥିଲେ। ପୁରୀ ତରଫରୁ ବାବୁଶାନ ମାଝୀ ୪ଟି ୱିକେଟ ଅକ୍ତିଆର କରିଥିଲେ। ତେବେ ୨୦୭ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ପୁରୀ ମାତ୍ର ୪୦ରନରେ ଅଲଆଉଟ ହୋଇଥିଲା। କଟକ-ଏର ପିୟୂଷ ମନ୍ତ୍ରୀ ୩ଟି, ସତ୍ୟଜିତ ସାହୁ ଓ ଜନ୍ମେଜୟ ଜେନା ୨ଟି ଲେଖାଏ ୱିକେଟ ହାସଲ କରିଥିଲେ। ରେଭେନ୍ସା ଗ୍ରାଉଣ୍ଡ-୧ରେ ଭୁବନେଶ୍ୱର-ଏ ୮ ୱିକେଟରେ ନୂଆପଡାକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ନୂଆପଡାର ଇନିଂସ୍ ୮୪ରନରେ ସୀମିତ ରହିଥିଲା। ଭୁବନେଶ୍ୱର-ଏର ଦିବ୍ୟେନ୍ଦୁ ପଣ୍ଡା ୧୦ରନ ବିନିମୟରେ ୪ଟି ୱିକେଟ ଦଖଲ କରିଥିଲେ। ୨୨.୧ ଓଭରରେ ଭୁବନେଶ୍ୱର-ଏ ଦୁଇ ୱିକେଟ ହରାଇ ବିଜୟୀ ହୋଇଥିଲା। ଦିବ୍ୟେନ୍ଦୁଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଛି। ବିଡାନାସୀ ଗ୍ରାଉଣ୍ଡରେ କନ୍ଧମାଳ ଡିଏଲଏସ୍ ପଦ୍ଧତିରେ ୩ ରନରେ ବାଲେଶ୍ୱରକୁ ହରାଇଥିଲା। ବାଲେଶ୍ୱର ୧୬୪ରନରେ ଅଲଆଉଟ ହୋଇଥିଲା। ଜବାବରେ କନ୍ଧମାଳ ୪୪ଓଭର ସୁଦ୍ଧା ୭ ୱିକେଟ ହରାଇ ୧୬୨ରନ କରିଥିବା ବେଳେ ବର୍ଷା ଯୋଗୁଁ ଖେଳ ବାତିଲ ହୋଇଥିଲା। ଅନ୍ୟ ଏକ ମ୍ୟାଚ୍‌ରେ ବରଗଡ ୩୯ରନରେ ରାଉରକେଲାକୁ ହରାଇଥିଲା।

## ଏସୀୟ ଭାରୋତ୍ତୋଳନ ଟ୍ରାଏଲ୍ସରେ ୬ ଓଡ଼ିଆ



**ଭୁବନେଶ୍ୱର,୩୦।୫ (ସମିସ):** କାଜାଖସ୍ତାନରେ ଜୁଲାଇ ୨ରୁ ୧୦ ତାରିଖଯାଏ ହେବାକୁ ଥିବା ଏସୀୟ ଯୁବ ଓ କନିଷ୍ଠ ଭାରୋତ୍ତୋଳନ ଚାମ୍ପିଅନସିପ୍ ଟ୍ରାଏଲ୍ସ ଲାଗି ଲାଗି ଓଡ଼ିଶାରୁ ୬ଜଣ ପ୍ରତିଯୋଗୀ ମନୋନୀତ ହୋଇଛନ୍ତି। ପଟିଆଲାରେ ଏହି ଟ୍ରାଏଲ୍ସ ଜୁନ୍ ୧ ଓ ୨ରେ ଖେଳାଯିବ। ଏଥିରେ ଭାଗନେବାକୁ ମନୋନୀତ ହୋଇଥିବା ପ୍ରତିଯୋଗୀମାନେ ହେଲେ ୫୬ କେଜି ୟୁଥ୍‌ରେ ମୁକେଶ ଗମାଙ୍ଗ, ୬୦ କେଜି କନିଷ୍ଠରେ ସଦାନନ୍ଦ ବରିହା, ୭୯ କେଜି କନିଷ୍ଠ ବାଳକ ବିଭାଗରେ ହୃଦାନନ୍ଦ ଦାସ, ୪୪ କେଜି ୟୁଥ୍‌ରେ ଜ୍ୟୋତ୍ସ୍ନା ଶବର, ୫୮ କେଜି ବାଳିକାରେ ମିନା ସାନ୍ତା (ଏ) ଓ ୬୩ କେଜି କନିଷ୍ଠ ବିଭାଗରେ ବିଦୁସ୍ମିତା ଭୋଇ।

ସର୍ବଭାରତୀୟ ସିଭିଲ ସର୍ଭିସ ଚେସ୍

## ଓଡ଼ିଶାର ଉତ୍କଳ ଚାମ୍ପିଅନ




**ଭୁବନେଶ୍ୱର, ୩୦।୫ (ସମିସ):** ଓଡ଼ିଶାର ଆଇଏମ୍ ଉତ୍କଳ ରଞ୍ଜନ ସାହୁ ଗୋଆରେ ଅନୁଷ୍ଠିତ ସର୍ବଭାରତୀୟ ସିଭିଲ ସର୍ଭିସ ଚେସ୍ ଚାମ୍ପିଅନ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ସେ ଏକକ ବିଭାଗରେ ୯ ରାଉଣ୍ଡରୁ ସର୍ବାଧିକ ୮ ପଏଣ୍ଟ ପାଇଥିଲେ। ଏଥିରେ ସେ ୭ଟି ବିଜୟ ଥିଲାବେଳେ ୨ ରାଉଣ୍ଡ ଖେଳ ଡ୍ର ରହିଥିଲା। ଗତବର୍ଷ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ମଧ୍ୟ ଉତ୍କଳ ଟାଇଟଲ ବିଜୟୀ ହୋଇଥିଲେ। କିନ୍ତୁ ଓଡ଼ିଶାର ତାରକା ଖଚିତ ଖେଳାଳି ରଞ୍ଜନ ମହାନ୍ତି, ମନୋଜ ପାଣିଗ୍ରାହୀ, ସୌମ୍ୟରଞ୍ଜନ ମିଶ୍ର ଓ ଉତ୍କଳଙ୍କୁ ନେଇ ଗଠିତ ଟିମ ଦଳଗତ ବିଭାଗରେ ପଦକ ଜିତିବାରେ ଅସମର୍ଥ ହୋଇଥିଲେ। ଅବଶ୍ୟ ଏଥିରେ ଉତ୍କଳ ସମସ୍ତ ମ୍ୟାଚ୍‌ରେ ବିଜୟୀ ହୋଇ ଆଉ ଏକ ସ୍ୱର୍ଣ୍ଣ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଅଲ୍ ଓଡ଼ିଶା ଚେସ ସଂଘ ସମ୍ପାଦକ ଦେବବ୍ରତ ଭଞ୍ଜ ଉତ୍କଳଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ସାଟେଲାଇଟ୍ କପ୍ ଫେନସିଂ

## ଫ୍ରାନ୍ସ ଗସ୍ତରେ ୯ ଓଡ଼ିଆ ପାରା ଖେଳାଳି




**ଭୁବନେଶ୍ୱର,୩୦।୫ (ସମିସ):** ଫ୍ରାନ୍ସରେ ହେବାକୁ ଯାଉଥିବା ସାଟେଲାଇଟ କପ୍ ଫେନସିଂ ପ୍ରତିଯୋଗିତା ଲାଗି ୯ଜଣ ଓଡ଼ିଆ ପାରା ଫେନ୍ସର ମନୋନୀତ ହୋଇଛନ୍ତି। ଏଥିରେ ଭାରତରୁ ୧୭ଜଣ ପ୍ରତିଯୋଗୀ ଭାଗ ନେଉଛନ୍ତି। ଓଡ଼ିଆ ଫେନ୍ସରମାନେ ହେଲେ ଭି ରମେଶ ରାଓ, ରାଖାଲ ସେଠୀ, ପୂଜାସ୍ୱିନୀ ନାୟକ, ମାଳତୀ ପାନୌରେ, ସିଲା ମନ୍ତ୍ରୀ, ପବିତ୍ର ସାହୁ, ମଧୁସ୍ମିତା ସାହୁ, ଓମ୍ପ୍ରକାଶ ବେହେରା ଓ ରୁଦ୍ରନାରାୟଣ ବେହେରା। ସମସ୍ତ ଖେଳାଳିଙ୍କୁ ଓଡ଼ିଶା ପାରା ସ୍ପୋର୍ଟ୍ସ ଆସୋସିଏସନ ସଭାପତି ଶୁଭମନାସିଛନ୍ତି।

ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍

## ଗୁଲ୍‌ବୀରଙ୍କ ଡବଲ୍; ପୂଜାଙ୍କୁ ଐତିହାସିକ ସ୍ୱର୍ଣ୍ଣ

**ଗୁମି, ୩୦।୫ (ଏଜେନ୍ସି)**



ଦକ୍ଷିଣକୋରିଆରେ ଚାଲିଥିବା ୨୬ତମ ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ଶୁକ୍ରବାର ଭାରତ ୩ଟି ସ୍ୱର୍ଣ୍ଣପଦକ ଜିତି ଚତୁର୍ଥ ଦିବସକୁ ସ୍ମରଣୀୟ କରିଛି। ପୂଜା ସିଂ, ଗୁଲ୍‌ବୀର ସିଂହ ଓ ଆଗାସାରା ନନ୍ଦିନୀ ପୋଡିୟମର ପ୍ରଥମ ସ୍ଥାନରେ ରହି ଦେଶକୁ ଗୌରବାନ୍ୱିତ କରିଛନ୍ତି।

ପୂଜା ମହିଳା ହାଇଜମ୍ପରେ କ୍ୟାରିୟର ଶ୍ରେଷ୍ଠ ୧.୮୯ ମିଟର ଉଚ୍ଚକୁ ଡେଇଁ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ଏହି ସମ୍ମାନଜନକ ଚାମ୍ପିଅନସିପ୍ ଇତିହାସରେ ୨ୟ ଭାରତୀୟ ମହିଳା ହାଇଜମ୍ପର ଭାବେ ସେ ଏହି ସଫଳତା ପାଇଛନ୍ତି। ପୂଜାଙ୍କ ପୂର୍ବରୁ ୨୦୦୦ ସଂସ୍କରଣରେ ବବି ଆଲୋସିୟସ ପ୍ରଥମ ଭାରତୀୟ ମହିଳା ଭାବେ ଏହି କ୍ରୀଡ଼ାର ହାଇଜମ୍ପରେ ସ୍ୱର୍ଣ୍ଣପଦକ ଜିତିଥିଲେ। ସେହିଭଳି ପୁରୁଷ ୫୦୦୦ ମିଟର ଦୌଡ଼କୁ ଗୁଲ୍‌ବୀର ସିଂହ ୧୩ ମିନିଟ୍ ୨୪.୭୭ ସେକେଣ୍ଡରେ ଫିନିଶ କରି ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ଥାଇଲାଣ୍ଡର କିଏରନା ତୁନ୍ତିଭାଟେ (୧୩:୨୪.୯୭) ୨ୟ ଓ ଜାପାନର ନାଗିୟା ମୋରି (୧୩:୨୫.୦୬) ୩ୟ ସ୍ଥାନ ହାସଲ କରିଥିଲେ। ଗୁଲ୍‌ବୀର ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିଅନସିପର ଚଳିତ ସଂସ୍କରଣରେ ୨ୟ ସ୍ୱର୍ଣ୍ଣପଦକ ଜିତି ବିରଳ ସଫଳତା ପାଇଛନ୍ତି। ପ୍ରଥମ ଦିବସରେ ସେ ୧୦ ହଜାର ମିଟରରେ ଚାମ୍ପିଅନ ହୋଇଥିଲେ। ଦିବସରେ ଦେଶକୁ ତୃତୀୟ ସ୍ୱର୍ଣ୍ଣପଦକ ମହିଳା ହେପ୍ଟାଥଲନରେ ନନ୍ଦିନୀ ଆଗାସାରା ଭେଟି ଦେଇଥିଲେ। ନନ୍ଦିନୀ ମୋଟ୍ ୫୯୪୧ ସ୍କୋର କରି ପୋଡିୟମର ପ୍ରଥମ ସ୍ଥାନ ହାସଲ କରିଥିଲେ। ଏଥିରେ ଚୀନର ଲିଉ ଜିଙ୍ଗି (୫୮୬୯) ରୌପ୍ୟ ପଦକ ଜିତିଥିଲେ। ଅପରପକ୍ଷରେ ପୁରୁଷ ୪ ଗୁଣା ୧୦୦ ମିଟର ରିଲେ ରେସ୍‌ରେ ଭାରତୀୟ ଦଳ ଅଯୋଗ୍ୟ ଘୋଷିତ ହୋଇଥିଲା। ପଦକ ଦାବିଦାର ଥିବା ଭାରତୀୟ ରିଲେ ଦଳ ଧାର୍ଯ୍ୟ (୨୦ ମିଟର) ଦୂରତା ଭିତରେ ବାଟନ ଅଦଳବଦଳ କରିବାରେ ବିଫଳ ହୋଇଥିଲେ।

### ଆଜି ସ୍ୱର୍ଣ୍ଣ ପାଇଁ ଦୌଡ଼ିବେ ଅନିମେଶ



ଓଡ଼ିଶାର ତାରକା ଧାବକ ଅନିମେଶ କୁଜୁର ପୁରୁଷ ୨୦୦ ମିଟର ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଜାତୀୟ ରେକର୍ଡ ଅଧିକାରୀ ଅନିମେଶ ଏହି ଦୂରତାକୁ ୨୦.୮୧ ସେକେଣ୍ଡରେ ଫିନିଶ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ପ୍ୟାରିସ ଅଲିମ୍ପିକ୍ସ ସେମିଫାଇନାଲିଷ୍ଟ ଜାପାନର ଉଜୱା ତୋୱା ୨୦.୬୭ ସେକେଣ୍ଡ ସହ ପ୍ରଥମ ସ୍ଥାନରେ ରହି ଫାଇନାଲରେ ପହଞ୍ଚିଛନ୍ତି। ଶନିବାର ଫାଇନାଲ ଅନୁଷ୍ଠିତ ହେବ।

ଫ୍ରେଞ୍ଚ ଓପନ୍

## ୩ୟ ରାଉଣ୍ଡରେ ଜୋକୋଭିଚ୍



**ପ୍ୟାରିସ, ୩୦।୫ (ଏଜେନ୍ସି):** ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ତଥା ଫ୍ରେଞ୍ଚ ଓପନ୍‌ର ୧୨୪ତମ ସଂସ୍କରଣରେ ବିଶ୍ୱର ଏକ ନମ୍ବର ଖେଳାଳି ଆରିନା ସାବାଲେଙ୍କା ବିଜୟ ଅଭିଯାନ ଜାରି ରଖି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ମହିଳା ଏକକ ତୃତୀୟ ରାଉଣ୍ଡ ମୁକାବିଲାରେ ବେଲାରୁଷର ସାବାଲେଙ୍କା ୬-୨, ୬-୩ ସିଧାସଳଖ ସେଟ୍‌ରେ ସର୍ବିୟାର ଓଲଗା ଡାନିଲୋଭିକଙ୍କୁ ହରାଇଛନ୍ତି। କ୍ରମାଗତ ୪୦ ସପ୍ତାହ ଧରି ଏକ ନମ୍ବର ର୍‍ୟାଙ୍କ୍ ବଜାୟ ରଖିଥିବା ସାବାଲେଙ୍କା ପ୍ରି-କ୍ୱାର୍ଟରରେ ଆମେରିକାର ଆମାଣ୍ଡା ଆନିଶିମୋଭାଙ୍କୁ ଭେଟିବେ। ସେହିଭଳି ମହିଳା ବିଭାଗର ଅନ୍ୟ ଏକ ମ୍ୟାଚରେ ଇଗା ସ୍ୱିଆଟେକ ମଧ୍ୟ ସହଜ ବିଜୟ ସହିତ ପ୍ରି-କ୍ୱାର୍ଟରରେ ପହଞ୍ଚିଛନ୍ତି। ତୃତୀୟ ରାଉଣ୍ଡର ଏହି ମ୍ୟାଚରେ ପୋଲାଣ୍ଡର ସ୍ୱିଆଟେକ ୬-୨, ୭-୫ ସେଟ୍‌ରେ ରୋମାନିଆର ଜ୍ୟାକଲିନ୍ କ୍ରିଷ୍ଟିଆନଙ୍କୁ ପରାସ୍ତ କରିଥିଲେ। ରୁଷିଆର ଲିଉଡମିଲା ସାମସୋନୋଭା ମଧ୍ୟ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ପୁରୁଷ ବିଭାଗରେ ୨୪ଥରର ଗ୍ରାଣ୍ଡସ୍ଲାମ ବିଜେତା ସର୍ବିୟାର ନୋଭାକ ଜୋକୋଭିଚ ତୃତୀୟ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି। ଗୁରୁବାର ରାତିରେ ଅନୁଷ୍ଠିତ ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ଜୋକୋଭିଚ୍ ୬-୩, ୬-୨, ୭-୬ (୧) ସେଟ୍‌ରେ ଫ୍ରାନ୍ସର କ୍ରୋଏଣ୍ଟିନା ମୌତେତ୍‌ଙ୍କୁ ମାତ୍ ଦେଇଥିଲେ। ପୁରୁଷ ବିଭାଗରେ ଅନ୍ୟ ଖେଳାଳିଙ୍କ ମଧ୍ୟରେ ବିଶ୍ୱର ଏକ ନମ୍ବର ମାନ୍ୟତା ଜାନ୍ନିକ ସିନ୍ନର, ନରୱେର କାସ୍ପର ରୁଡ୍, ଇଟାଲୀର ଲୋରେଞ୍ଜୋ ମୁସେଟ୍ଟି ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି।

## ସିଙ୍ଗାପୁର ଓପନ ସେମିରେ ସାତ୍ତ୍ୱିକ-ଚିରାଗ

**ସିଙ୍ଗାପୁର,୩୦।୫ (ଏଜେନ୍ସି):** ଭାରତର ଏକ ନମ୍ବର ଯୋଡି ସାତ୍ତ୍ୱିକ ସାଇରାଜ ର୍‍ୟାଙ୍କିରେଡ୍ଡି ଓ ଚିରାଗ ସେଟ୍ଟୀ ଏଠାରେ ଚାଲିଥିବା ସିଙ୍ଗାପୁର ଓପନ ବ୍ୟାଡ୍‌ମିଣ୍ଟନ ପୁରୁଷ ଡବଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଭାରତର ଏହି ଯୋଡି ୨୧-୧୭, ୨୧-୧୫ରେ ବିଶ୍ୱର ନଂ-୧ ଯୋଡି ଗୋ ଜେ ଫେଇ ଓ ନୁର ଇଜ୍ଜୁଦ୍ଦିନଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍‌ଟି ୩୯ ମିନିଟ୍‌ରେ ଶେଷ ହୋଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS